# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୧/୨୦୨୧ (୧୬ ପୃଷ୍ଠା) | Sambalpur, Wednesday, September 1/2021 | ★★

୧୭ଶ ଭାଗ ୨୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





## ପଞ୍ଜଶିରରେ ୩୦ ତାଲିବାନୀ ନିହତ

ଆଫଗାନିସ୍ତାନର ପଞ୍ଜଶିର ଉପତ୍ୟକାରେ ତାଲିବାନ ଓ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ସୋମବାର ରାତିରେ ସଂଘର୍ଷ ହୋଇଛି। ଏଥିରେ ୩୦ ତାଲିବାନୀ ନିହତ ହୋଇଥିବା ଅହମ୍ମଦ ମାସୁଦ୍‌ଙ୍କ ନେତୃତ୍ୱାଧୀନ ଜାତୀୟ ପ୍ରତିରୋଧୀ ବଳର ମୁଖପାତ୍ର ଫହିମ୍ ଦାସ୍ତି କହିଛନ୍ତି। ବିଦ୍ରୋହୀ ଗୋଷ୍ଠୀର ଦୁଇ ଜଣ ଆହତ ହୋଇଛନ୍ତି।



## ସଂକ୍ଷେପରେ

### ଆଫଗାନିସ୍ତାନକୁ ଆତଙ୍କବାଦ ପାଇଁ ବ୍ୟବହାର କରନାହିଁ: ଭାରତ

ନୂଆଦିଲ୍ଲୀ,୩୧।୮: କାତାର ରାଜଧାନୀ ଦୋହାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଦୀପକ ମିତ୍ତଲ ମଙ୍ଗଳବାର ତାଲିବାନ୍ ନେତା ଶେର ମହମ୍ମଦ ଅବ୍ବାସ ଷ୍ଟାନେକ୍‌ଜାଇଙ୍କୁ ଭେଟିଛନ୍ତି। ଆଲୋଚନା ବେଳେ ମିତ୍ତଲ ଭାରତର ପକ୍ଷ ରଖି କହିଥିଲେ, ଆଫଗାନିସ୍ତାନ ମାଟିକୁ ତାଲିବାନ୍ ଆତଙ୍କବାଦ ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବା ଅନୁଚିତ। ଦୁହିଁଙ୍କ ମଧ୍ୟରେ ଆଫଗାନିସ୍ତାନରେ ଫସିଥିବା ଭାରତୀୟଙ୍କୁ ଶୀଘ୍ର ଓ ସୁରକ୍ଷିତ ସ୍ଥାନାନ୍ତର ଏବଂ ଭାରତକୁ ଆସିବାକୁ ଚାହୁଁଥିବା ଆଫଗାନ ନାଗରିକଙ୍କୁ ଯାତ୍ରା ଅନୁମତି ଦେବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏଦିଗରେ ସକାରାତ୍ମକ ସମାଧାନ କରାଯିବ ବୋଲି ଦୋହାସ୍ଥିତ ତାଲିବାନ୍‌ର ରାଜନୈତିକ ଅଫିସ ମୁଖ୍ୟ ଷ୍ଟାନେକ୍‌ଜାଇ ମିତ୍ତଲଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତାଲିବାନ୍‌ର ଅନୁରୋଧକ୍ରମେ ଭାରତୀୟ ଦୂତାବାସରେ ଏହି ବୈଠକ ହୋଇଥିଲା।

### ସରକାର ଗଢ଼ିବାକୁ କହିଲା ଚାଇନା

ବେଜିଂ,୩୧।୮: ଆତଙ୍କବାଦରୁ ସମ୍ପୂର୍ଣ୍ଣ ଭାବେ ଓହରି ନୂଆ ସରକାର ଗଢ଼। ସବୁ ବର୍ଗର ଲୋକଙ୍କୁ ନେଇ ଏପରି ସରକାର ଗଢ଼ାଯିବା ଦରକାର, ଯାହା ମଧ୍ୟମପନ୍ଥୀ ନୀତିକୁ ଅନୁସରଣ କରିବ। ଏଭଳି କଲେ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିପାରିବ। କାବୁଲ ତାଲିବାନ୍‌ର ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଚାଲିଯିବା ପରେ ମଙ୍ଗଳବାର ଚାଇନା ଆତଙ୍କବାଦୀ ସଙ୍ଗଠନକୁ ଏପରି ପରାମର୍ଶ ଦେଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ ମଙ୍ଗଳବାର ପଡ଼ୋଶୀ ଦେଶରେ ଆମେରିକୀୟ ସେନାର ହସ୍ତକ୍ଷେପକୁ ନିନ୍ଦା କରିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ଆଫଗାନିସ୍ତାନ ଏବେ ବିଦେଶୀ ସାମରିକ ହସ୍ତକ୍ଷେପରୁ ମୁକ୍ତ ହୋଇଛି। ଆଫଗାନମାନେ ଦେଶରେ ଶାନ୍ତି ଓ ପୁନଃ ପ୍ରତିଷ୍ଠା ଲାଗି ଏକ ନୂଆ ବିନ୍ଦୁରେ ଛିଡ଼ା ହୋଇଛନ୍ତି।

### ଭ୍ୟାନ୍-ଟ୍ରକ୍ ଧକ୍କା, ୧୧ ମୃତ

ଜୟପୁର, ୩୧।୮: ରାଜସ୍ଥାନର ନାଗପୁର ଜିଲା ବିକାନେର-ଯୋଧପୁର ରାଜପଥରେ ମଙ୍ଗଳବାର ଏକ ଭ୍ୟାନ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି। ଦୁର୍ଘଟଣାରେ ୧୧ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶର ଉଜ୍ଜୈନ ଜିଲାରୁ ଯାତ୍ରୀମାନେ ରାମଦେଵ୍ରା ଏବଂ କର୍ନି ମାତା ମନ୍ଦିର ଦର୍ଶନ କରି ଘରକୁ ଫେରିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଆହୁରି ୧୧ ଜଣ ଆହତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘଟଣାରେ ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ଏବଂ ଆହତଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ମଧ୍ୟ ମୃତକଙ୍କ ପାଇଁ ଶୋକ ପ୍ରକାଶ କରିବା ସହ ଆହତଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି।

### ଦଳିତ ନାବାଳିକାଙ୍କୁ ବଳାତ୍କାର, ହତ୍ୟା

ଘର ମାଲିକାଣୀଙ୍କ ସମ୍ପର୍କୀୟ ଗିରଫ

ଗୁରୁଗାଓଁ, ୩୧।୮: ଦିଲ୍ଲୀର ଜଣେ ୧୩ ବର୍ଷୀୟା ଦଳିତ ବାଳିକାଙ୍କୁ ଗୁରୁଗାଓଁରେ ବଳାତ୍କାର ପରେ ହତ୍ୟା କରାଯାଇଛି। ଘର ମାଲିକାଣୀଙ୍କ ସମ୍ପର୍କୀୟ ପ୍ରବୀଣ ବର୍ମାଙ୍କୁ ପୋକ୍ସୋ ଆଇନ ବଳରେ ଗିରଫ କରାଯାଇଥିବା ମଙ୍ଗଳବାର ଗୁରୁଗାଓଁ ପୋଲିସ ସୂଚନା ଦେଇଛି। ପୀଡ଼ିତାଙ୍କ ବାପା ଜଣେ ଦିନ ମଜୁରିଆ। ସେ ସପରିବାର ଦିଲ୍ଲୀରେ ଭଡ଼ା ଘରେ ରୁହନ୍ତି। ଗତ ମାସରେ ଘର ମାଲିକଙ୍କ ସ୍ତ୍ରୀ ତାଙ୍କ ଝିଅକୁ ଗୁରୁଗାଓଁ ପଠାଇବାକୁ କହିଥିଲେ। ସେଠାରେ ଘର ମାଲିକାଣୀଙ୍କ ଭାଇ ପ୍ରବୀଣ ରୁହନ୍ତି। ପ୍ରବୀଣଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିବାରୁ ସେଠାକୁ ଯାଇ ନାବାଳିକା ଜଣକ କିଛି ଦିନ ରହିବା ସହ ଛୋଟ ଝିଅ ସାଙ୍ଗରେ ଖେଳିପାରିବେ ବୋଲି ଘର ମାଲିକାଣୀ କହିଥିଲେ। ଜୁଲାଇ ୧୭ରେ ଘର ମାଲିକାଣୀ ଉକ୍ତ ଝିଅକୁ ଗୁରୁଗାଓଁ ନେଇଯାଇଥିଲେ। ଅଗଷ୍ଟ ୨୩ ଅପରାହ୍ନରେ ଘର ମାଲିକ ଝିଅର ବାପାଙ୍କୁ ଫୋନ୍ କରିଥିଲେ। ଖାଦ୍ୟ ବିଷକ୍ରିୟା ଯୋଗୁ ନାବାଳିକାଙ୍କର ମୃତ୍ୟୁ ହୋଇଥିବା ନେଇ ତାଙ୍କୁ କହିଥିଲେ। ପ୍ରାୟ ୪ ଘଣ୍ଟା ପରେ ପ୍ରବୀଣ, ଘର ମାଲିକଙ୍କ ସ୍ତ୍ରୀ ଏବଂ ଆଉ ୨ ଜଣ ଏକ ଘରୋଇ ଆମ୍ବୁଲାନ୍ସରେ ନାବାଳିକାଙ୍କ ମୃତଦେହକୁ ଦିଲ୍ଲୀ ଆଣିଥିଲେ। ତୁରନ୍ତ ସତ୍କାର କାମ ଶେଷ କରିବାକୁ ଅଭିଯୁକ୍ତମାନେ ପୀଡ଼ିତାଙ୍କ ବାପାଙ୍କ ଉପରେ ଚାପ ପକାଇଥିଲେ। ଝିଅର ଶରୀରରେ କ୍ଷତ ଚିହ୍ନ ଥିବାରୁ ପୀଡ଼ିତାଙ୍କ ବାପା ପୋଲିସକୁ ଖବର ଦେଇଥିଲେ। ବଳାତ୍କାର ସମ୍ପର୍କରେ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି।

ଆଧୁନିକ ବିଶ୍ୱର ଅନ୍ୟତମ ଲମ୍ବା ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ। ଜୀବନର ୨ ଦଶନ୍ଧି ବିତାଇବା ପରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଆମେରିକୀୟ ସୈନ୍ୟ। ଆଫଗାନିସ୍ତାନ ମାଟିରେ ଛାଡ଼ି ଯାଇଛନ୍ତି ଅନେକ ସନ୍ତକ, ଅଭୁଲା ଅତୀତ। ଯେଉଁ ତାଲିବାନ୍‌ଠୁ ଆରମ୍ଭ ହୋଇଥିଲା କାହାଣୀ ସେଇ ତାଲିବାନ୍ ହାତରେ ଆଜି ଇସ୍‌ଲାମିକ୍ ଏମିରେଟ୍ସ ଅଫ୍ ଆଫଗାନିସ୍ତାନର ଶାସନ। ଏଥର ତାଲିବାନ ଆସିଛି ନେଇ ନୂଆ ଚେହେରା ନୂତନ ସଂସ୍କରଣ ସହ। ସବୁଠି ଚର୍ଚ୍ଚାରେ ଆତଙ୍କବାଦୀ ସଙ୍ଗଠନର ମିଥ୍ୟା ଅହିଂସା ଘୋଷଣା ଓ ତଦ୍‌ଜନିତ ଭଦ୍ର ଅଭିନୟ। ଯା’ ଭିତରେ ଛିଡ଼ା ହୋଇଛି ଗୋଟିଏ ପ୍ରଶ୍ନ: ଆମେରିକା ବିରୋଧରେ ଯୁଦ୍ଧ ଶେଷ ହୋଇଗଲା ସିନା; ଦାରିଦ୍ର୍ୟ, ଦୁର୍ନୀତି, ଆତଙ୍କ, ଅସ୍ଥିରତା ବିରୋଧରେ ଚ୍ୟାଲେଞ୍ଜକୁ କିପରି ସାମ୍ନା କରିବ ଆଫଗାନିସ୍ତାନ।



ଆମେରିକା ସୈନ୍ୟ ଫେରିଯିବା ପରେ କାବୁଲ ଏୟାରପୋର୍ଟରେ ତାଲିବାନ୍ ନେତା।

# ଯୁଦ୍ଧ ଶେଷ, ଆହ୍ୱାନ ଆରମ୍ଭ



କାବୁଲ/ୱାଶିଂଟନ,୩୧।୮

ଆମେରିକାର ଶେଷ ୬,୦୦୦ ସୈନ୍ୟ ସ୍ୱଦେଶକୁ ଫେରିଯିବା ପରେ ମଙ୍ଗଳବାର ଆଫଗାନିସ୍ତାନରେ ଉଇଁଛି ନୂଆ ସୂର୍ଯ୍ୟ। ରାଜଧାନୀ କାବୁଲସ୍ଥିତ ହମିଦ୍ କାର୍‌ଜାଇ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସୂର୍ଯ୍ୟାଲୋକ ଛୁଇଁବା ପୂର୍ବରୁ ଦଖଲ କରିଛି ତାଲିବାନ୍। ସଶସ୍ତ୍ର ଫାଇଟର୍‌ମାନେ ଏୟାରପୋର୍ଟକୁ ମାଡ଼ିଆସିଥିବାବେଳେ ତାଲିବାନ୍ ନେତାମାନେ ରନ୍‌ୱେ’ରେ ପ୍ରତୀକାତ୍ମକ ଭାବେ ଚାଲି ଚାଲି କରିଛନ୍ତି ବିଜୟ ଘୋଷଣା। ସେମାନେ ଗୁଳି ଫୁଟାଇ ମନାଇଛନ୍ତି ଉତ୍ସବ। ଆତଙ୍କବାଦୀ ସଙ୍ଗଠନ ଏହାକୁ ମହାଶକ୍ତି ଆମେରିକାର ପରାଜୟ ଭାବେ ଅଭିହିତ କରି ନିଜକୁ ବିଜେତା ଘୋଷଣା କରିଛି। ନିଜର ପ୍ରଥମ ପାଳି ଶାସନ (୧୯୯୬-୨୦୦୧) ତୁଳନାରେ ଆଫଗାନିସ୍ତାନବାସୀ ଏଥର ଏକ ସହିଷ୍ଣୁ ଓ ଶାନ୍ତ ତାଲିବାନ୍‌କୁ ଦେଖିବେ ବୋଲି ସଙ୍ଗଠନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

ଯୁଦ୍ଧରେ ଛିନ୍ନଛତ୍ର ଆଫଗାନିସ୍ତାନରେ ଦୁଇ ଦଶନ୍ଧି ପରେ ପୁଣି କ୍ଷମତାକୁ ଫେରିଛି ଆତଙ୍କବାଦୀ ସଙ୍ଗଠନ। ତାଲିବାନୀ ଲଢ଼ୁଆମାନେ କାବୁଲ ଏୟାରପୋର୍ଟରେ ପରସ୍ପରକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ କହିଛନ୍ତି, ଆମେରିକାର ପରାଜୟ ଅନ୍ୟ ଆକ୍ରମଣକାରୀମାନଙ୍କ ପାଇଁ ଏକ ଶିକ୍ଷା। ଆମେରିକା ସମେତ ବିଶ୍ୱ ସମୁଦାୟ ସହ ଆମେ ସୁସମ୍ପର୍କ ଚାହୁଁ। ସେମାନଙ୍କ ସହିତ କୂଟନୈତିକ ସମ୍ପର୍କକୁ ଆମେ ସ୍ୱାଗତ କରୁଛୁ। ଅନ୍ୟପକ୍ଷେ ପୂର୍ବ ଶାସନ ବେଳ ନ୍ୟାୟିକ ବ୍ୟବସ୍ଥାର ବର୍ବରତାକୁ ସ୍ମରଣ କରି ଶିହରି ଉଠୁଛନ୍ତି ଆଫଗାନ୍। ସ୍କୁଲରେ ଝିଅଙ୍କ ପାଠପଢ଼ା ଓ ମହିଳାଙ୍କ ସ୍ୱାଧୀନତା ଏବେ ବିପଦରେ। ତାଲିବାନ୍ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ହାତକୁ ନେବା ପରେ ଆଫଗାନିସ୍ତାନକୁ କିପରି ଚଳାଇବ ତା’ ଉପରେ ସମଗ୍ର ବିଶ୍ୱର ଧ୍ୟାନ କେନ୍ଦ୍ରୀଭୂତ ହୋଇଛି। ତାଲିବାନ୍ ଅନ୍ୟ ବିଦେଶୀମାନଙ୍କୁ ଦେଶକୁ ଆସିବାକୁ ଓ ଆଫଗାନ୍‌ମାନଙ୍କୁ ଦେଶଛାଡ଼ି ଚାଲିଯିବାକୁ ଅନୁମତି ଦେବ କି ନାହିଁ ତାହା ଜାଣିବା ପାଇଁ ଉତ୍ସୁକତା ଲାଗିରହିଛି। ଏବେ ଆଫଗାନିସ୍ତାନରେ ଆମେରିକାର ୨୦୦ରୁ କମ୍ ନାଗରିକ ଅଛନ୍ତି। ସେମାନେ ମଧ୍ୟ ଫେରିଆସିବେ ବୋଲି ବାଇଡେନ୍‌ଙ୍କ ବରିଷ୍ଠ କୂଟନୀତିଜ୍ଞ ତଥା ଆମେରିକାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି।

### ଆଫଗାନିସ୍ତାନରୁ ଓହରିଗଲା ଆମେରିକା

କାବୁଲରେ ଆମେରିକା ନିଜର ସବୁ କୂଟନୈତିକ ଉପସ୍ଥିତି ଶେଷ କରିଛି ଏବଂ କାତାରକୁ ଅପରେଶନ ସ୍ଥାନାନ୍ତର କରିଛି। ଏଥିସହ ଆମେରିକା-ଆଫଗାନିସ୍ତାନ ସମ୍ପର୍କର ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ପୂର୍ବରୁ ଆମେରିକା ସମର୍ଥିତ ସରକାରକୁ ସମର୍ଥନ କରିଥିବା ଆଫଗାନ୍‌ମାନେ ମଧ୍ୟ ଆତଙ୍କରେ ଅଛନ୍ତି। ସେମାନେ ବି ଦେଶ ଛାଡ଼ିଯିବା ପାଇଁ ଅପେକ୍ଷାରତ। ଏବେ ତାଲିବାନ୍ କାବୁଲ ଏୟାରପୋର୍ଟକୁ କିପରି ପରିଚାଳନା କରିବ ତାହା ମଧ୍ୟ ଏକ ବଡ଼ ଚିନ୍ତା। ଏନେଇ ତାଲିବାନ୍ ପକ୍ଷରୁ ତୁର୍କୀକୁ ଅନୁରୋଧ କରାଯାଇଥିଲେ ହେଁ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଦୋଗାନ୍ ତାକୁ ଗ୍ରହଣ କରିନାହାନ୍ତି। ସେହିପରି କାବୁଲ ବିମାନବନ୍ଦରରୁ କେଉଁ ଏୟାରଲାଇନ୍‌ର ବିମାନ ଚଳାଚଳ କରିବ ତାହା ମଧ୍ୟ ସ୍ଥିର ହୋଇନାହିଁ। ଇତିମଧ୍ୟରେ ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟର ଏୟାରଲିଫ୍ଟ ଅପରେଶନରେ ୧,୨୩,୦୦୦ରୁ ଊର୍ଦ୍ଧ୍ୱ ଜଣ କାବୁଲ ଏୟାରପୋର୍ଟରୁ ସୁରକ୍ଷିତ ଭାବେ ସ୍ଥାନାନ୍ତର ହୋଇଛନ୍ତି। ଅଗଷ୍ଟ ୧୫ରେ ତାଲିବାନ୍‌ର କାବୁଲ ଦଖଲ ପରଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆମେରିକାର ରିପବ୍ଲିକାନ୍ ସିନେଟର ରିକ୍ ସ୍କଟ କହିଛନ୍ତି, ଆମେ ଅସରନ୍ତି ଯୁଦ୍ଧ ଲଢ଼ିପାରିବା ନାହିଁ। କିନ୍ତୁ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ବିଫଳତା ଆମେରିକୀୟଙ୍କ ପାଇଁ ଲଜ୍ଜା ଆଣିଦେଇଛି।

### ତାଲିବାନ୍ ପାଇଁ ପାକିସ୍ତାନର ଓକିଲାତି

ଇସ୍‌ଲାମାବାଦ,୩୧।୮

ବିଶ୍ୱ ସମୁଦାୟ ଆଫଗାନିସ୍ତାନକୁ ଛାଡ଼ି ଦେଇପାରିବ ନାହିଁ। ଅତୀତର ଭୁଲ୍‌କୁ ଦୋହରାଇଲେ ଯୁଦ୍ଧ ପ୍ରଭାବିତ ପଡ଼ୋଶୀ ଦେଶରେ ସଙ୍କଟ ଆହୁରି ଜଟିଳ ହୋଇଯିବ ବୋଲି ପାକିସ୍ତାନ ଚେତାଇ ଦେଇଛି। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କ୍ୟୁରେଶୀ ମଙ୍ଗଳବାର ତାଙ୍କ ଜର୍ମାନ ପ୍ରତିପକ୍ଷ ହେଇକୋ ମାସ୍‌ଙ୍କ ସହ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆଫଗାନିସ୍ତାନ ଇତିହାସରେ ଏହା ଏକ ଘଡ଼ିସନ୍ଧି ମୁହୂର୍ତ୍ତ। ମାନବିକତା ଦୃଷ୍ଟିରୁ ଅନ୍ତର୍ଜାତୀୟ ସମୁଦାୟ ତାଲିବାନ୍ ସହ ଆଲୋଚନା କରୁ। ଆଫଗାନିସ୍ତାନରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ପାଇଁ ଏହା ଅପରିହାର୍ଯ୍ୟ ବୋଲି କ୍ୟୁରେଶୀ ମତ ଦେଇଛନ୍ତି।

### ହେଲିକପ୍ଟରରୁ ଝୁଲାଇ ଦେଲେ

କାନ୍ଦାହାର ପ୍ରଦେଶରେ ଆତଙ୍କବାଦୀଙ୍କ ଅକାଶମାର୍ଗରୁ ପାଟ୍ରୋଲିଂ। ଜଣେ ବ୍ୟକ୍ତିଙ୍କୁ ଦଉଡ଼ିରେ ବାନ୍ଧି ହେଲିକପ୍ଟରରୁ ଝୁଲାଇ ଦିଆଯାଇଛି। ହେଲିକପ୍ଟର ଉଡୁଛି ଓ ବ୍ୟକ୍ତି ଜଣକ ତଳକୁ ଝୁଲି ରହିଛନ୍ତି। କିଛି ସମୟ ପରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଛି। ଆମେରିକୀୟ ସୈନ୍ୟ ଫେରିଯିବା ପରେ ସେମାନେ ଛାଡ଼ିଯାଇଥିବା ବ୍ଲାକ୍ ହକ୍ ହେଲିକପ୍ଟରକୁ ବ୍ୟବହାର କରି ଲୋକଙ୍କୁ ଏମିତି ଶାସ୍ତି ଦେଉଛି ତାଲିବାନ୍।

#### ଫେରିଲା ବର୍ବରତା

ଏହି ହୃଦୟ ବିଦାରକ ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ଯେଉଁମାନେ ଆମେରିକୀୟ ସୈନ୍ୟଙ୍କୁ ସହଯୋଗ କରୁଥିଲେ ସେମାନଙ୍କ ଜୀବନ ପ୍ରତି ଏଭଳି ବିପଦ ଦେଖାଦେଇଛି। ସଶସ୍ତ୍ର ତାଲିବାନୀ ଘରେ ଘରେ ପଶି ଯାଞ୍ଚ କରୁଛନ୍ତି।



### ସେହି ତାଲିବାନ୍

ସେହି ୨୦ ବର୍ଷ ତଳର ତାଲିବାନ୍, ସେଇ ଆତଙ୍କର ସୌଦାଗର। ନା ବଦଳିଛି ନା କେବେ ବଦଳିବ ରକ୍ତପିପାସୁ ରାକ୍ଷସ। କଥା କଥାକେ ମୁଣ୍ଡକାଟ୍, ଏକେ-୪୭ ମୁନରେ ଶାସନ। କିଏ ବିଶ୍ୱାସ କରିବ ଏମାନେ ସର୍ବକ୍ଷମା ଦେବେ। ସବୁ ଯନ୍ତ୍ରଣାକୁ ଭୁଲିଯାଇଛୁ, ପ୍ରତିଶୋଧ ନିଆଯିବ ନାହିଁ ବୋଲି ଦୁନିଆ ଆଗରେ ଯେତେ ସଫେଇ ଦେଲେ ବି ଆଚରଣରେ ଫରକ୍ ଧରାପକାଇ ଦେଉଛି ଷ୍ଟୁଡେଣ୍ଟ ଅଫ୍ ଇସ୍‌ଲାମ୍‌କୁ। ଗଣମାଧ୍ୟମ ଷ୍ଟୁଡିଓରେ ମୁଖିଆଙ୍କ ନିର୍ଭୟ ପ୍ରତିଶ୍ରୁତି ଓ ରାସ୍ତାରେ ସଶସ୍ତ୍ର ବନ୍ଧୁକଧାରୀଙ୍କ ଆଚରଣ କହିଦେଉଛି ଆଗକୁ କ’ଣ ହେବାକୁ ଯାଉଛି ୩.୮ କୋଟି ଆଫଗାନ୍‌ଙ୍କ ସହ।

### ଅସହାୟ ଆଫଗାନ୍

ସ୍ୱାଧୀନତା ଆଶାରେ ଜୀବନକୁ ବାଜି ଲଗାଇ ଧାଇଁଥିଲୁ କାବୁଲ ଏୟାରପୋର୍ଟକୁ। ଗୁଳି ଫୁଟିଲା, ରକେଟ ଉଡ଼ିଲା। ହଜିଗଲା ଯାତ୍ରା ଦସ୍ତାବିଜ। କିଏ ବିଦେଶ ଗଲା ତ ଆଉ କିଏ ଆରପାରିକୁ। ଆମ ପାଇଁ ନା ଆସିଲା ପାଳି, ନା ମିଳିଲା ପଳାୟନର ସୁଯୋଗ। ବାଇଡେନ୍ ପ୍ରଶାସନ କହିଛି, ତୁମ କଥା ଏବେ ତୁମେ ବୁଝ। ଭାଗ୍ୟକୁ ଆଦରି ବସିବୁ କି ଲଢ଼େଇ କରିବୁ। ଆଫଗାନିସ୍ତାନ ନ ପାଲଟୁ ଆଉ ଏକ ଇରାକ୍ କି ସିରିଆ। ଆଲ୍ଲାଙ୍କ ନିକଟରେ ଏତିକି ପ୍ରାର୍ଥନା ବୋଲି ଛଳଛଳ ଆଖିରେ କହିଛନ୍ତି ଜଣେ ଆଫଗାନ୍।

### ଏହା ଦୁଃସ୍ୱପ୍ନ ହୋଇଥା’ନ୍ତା କି

ଆମକୁ ଘରୁ ବାହାରିବାକୁ ଦିଆଯିବନି, କାମକୁ ଯାଇପାରିବୁନି। ବନ୍ଦୀ ଜୀବନ କାଟିବୁ। ଏହା ଏକ ଦୁଃସ୍ୱପ୍ନ ହୋଇଥାନ୍ତା କି। କାବୁଲରେ ବଞ୍ଚିବା ଏବେ କଷ୍ଟକର। ନିଜ ଭିୟର୍ସଙ୍କଠାରୁ ଦୂରେଇ ଯିବା ପୂର୍ବରୁ ଏହା ମୋର ଶେଷ ଭିଡିଓ। କାବୁଲ ବିମାନବନ୍ଦର ନିକଟରେ ଆତଙ୍କବାଦୀ ଆକ୍ରମଣରେ ଜୀବନ ହରାଇବା ପୂର୍ବରୁ ଏହା ଥିଲା ଜଣେ ଆଫଗାନ୍ ମହିଳାଙ୍କ ଶେଷ ୟୁଟ୍ୟୁବ୍ ଭିଡିଓ। ଯେଉଁଥିରେ ତାଙ୍କ ପାଇଁ ପ୍ରାର୍ଥନା କରିବାକୁ ଦର୍ଶକଙ୍କୁ ନିବେଦନ କରିଥିଲେ ୨୦ ବର୍ଷୀୟା ନଜ୍‌ମା ସାଦ୍‌କି।

ନଜ୍‌ମା ସାମ୍ବାଦିକତାର ଶେଷ ବର୍ଷର ଛାତ୍ରୀ ଥିଲେ। ନିକଟରେ ସେ ଆଫଗାନ୍ ଇନ୍‌ସାଇଡର ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଥିଲେ। ଏଥିରେ ସେ ସାଙ୍ଗମାନଙ୍କ ସହ କାବୁଲ ଭ୍ରମଣ, ରୋଷେଇ, ଆଧୁନିକ ପୋଷାକ ପିନ୍ଧି ସଙ୍ଗୀତ, ନୃତ୍ୟ ଆଦି ଭିଡିଓ ଅପ୍‌ଲୋଡ୍ କରିଥାନ୍ତି। ତାଙ୍କ ଭିଡିଓକୁ ୨ କୋଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଭିୟୁ ଆସିଥାଏ। କିନ୍ତୁ ଶେଷ ଭିଡିଓରେ ତାଙ୍କ ମୁହଁରେ ପୂର୍ବର ଖୁସି ନ ଥିଲା। ମହିଳାଙ୍କ ଅଧିକାର ତାଲିବାନ୍ ଛଡ଼ାଇ ନେବ ବୋଲି ସେ ନିଶ୍ଚିତ ଥିବାରୁ ଦେଶ ଛାଡ଼ିବାକୁ ପହଞ୍ଚିଥିଲେ ବିମାନବନ୍ଦର ନିକଟରେ। ହେଲେ ତାଲିବାନ୍ ମାରିବା ପୂର୍ବରୁ ଆତଙ୍କବାଦୀ ଆକ୍ରମଣର ଶିକାର ହୋଇ ସେ ପ୍ରାଣ ହରାଇଛନ୍ତି।

#### ମୃତ୍ୟୁ ପୂର୍ବରୁ ଆଫଗାନ୍ ୟୁଟ୍ୟୁବରଙ୍କ ଶେଷ କଥା


ନଜ୍‌ମା ସାଦ୍‌କି

### ଭଙ୍ଗାଯିବ ସୁପରଟେକ୍ ଟୁଇନ୍ ଟାୱାର

ନୂଆଦିଲ୍ଲୀ, ୩୧।୮

ଏମେରାଲ୍ଡ କୋର୍ଟ ପ୍ରୋଜେକ୍ଟରେ ନୋଏଡାରେ ବେଆଇନ ଭାବେ ନିର୍ମାଣ ହୋଇଥିବା ୪୦ ମହଲା ବିଶିଷ୍ଟ ସୁପରଟେକ୍ ଟୁଇନ୍ ଟାୱାରକୁ ଭଙ୍ଗା ଯିବା ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନୋଏଡା କର୍ତ୍ତୃପକ୍ଷ ଏବଂ ଫ୍ଲାଟ ବିଲ୍ଡର ମିଶି ନିୟମ ଉଲ୍ଲଂଘନ କରି ଏହାର ନିର୍ମାଣ କରିଥିବା ଅଦାଲତ କହିଛନ୍ତି। ଦୁଇଟି ଯାକ ଟାୱାରରେ ୨ ହଜାର ଫ୍ଲାଟ ରହିଛି। ଫ୍ଲାଟ କିଣିଥିବା ବ୍ୟକ୍ତିଙ୍କୁ ସୁପରଟେକ୍ ୧୨ ପ୍ରତିଶତ ସୁଧରେ ସମସ୍ତ ଟଙ୍କା ଫେରାଇବାକୁ ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଟୁଇନ ଟାୱାର ନିର୍ମାଣବେଳେ ସମସ୍ୟା ଭୋଗିଥିବା ରେସିଡେନ୍ସ ୱେଲଫେୟାର ଆସୋସିଏଶନକୁ ୨ କୋଟି ଟଙ୍କା ପ୍ରଦାନ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪ରେ ଆଲ୍ଲାହାବାଦ୍ ହାଇକୋର୍ଟ ମଧ୍ୟ ସମାନ ନିର୍ଦ୍ଦେଶ ଦେଇଥିଲେ। ସୁପରଟେକ୍ ପକ୍ଷରୁ ସୁପ୍ରିମକୋର୍ଟରେ ଏହି ରାୟକୁ ଚ୍ୟାଲେଞ୍ଜ କରାଯାଇଥିଲା।



#### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

### ଇୟୁ ବୈଠକରେ ଶରଣାର୍ଥୀ ଚିନ୍ତା

ବ୍ରୁସେଲ୍ସ, ୩୧।୮

ଆଫଗାନିସ୍ତାନକୁ ତାଲିବାନ୍ ନିୟନ୍ତ୍ରଣକୁ ନେବା ପରେ ସେଠାରେ ସୃଷ୍ଟି ହୋଇଥିବା ଅସ୍ଥିରତା ଟାଳିବା ଏବଂ ଆଫଗାନ୍ ଶରଣାର୍ଥୀ ସଙ୍କଟ ରୋକିବା ଏବେ ବଡ଼ ଚ୍ୟାଲେଞ୍ଜ ହୋଇଛି। ୨୦୧୫ରେ ସିରିଆ ଗୃହଯୁଦ୍ଧ ପରେ ସୃଷ୍ଟି ହୋଇଥିବା ଶରଣାର୍ଥୀ ସମସ୍ୟାର ପୁନରାବୃତ୍ତି ରୋକିବାକୁ ଗୁରୁତ୍ୱ ଦେଇଛି ୟୁରୋପିଆନ ୟୁନିୟନ (ଇୟୁ)। ତେଣୁ ୨୭ ସଦସ୍ୟ ରାଷ୍ଟ୍ରକୁ ନେଇ ଗଠିତ ଇୟୁ ମଙ୍ଗଳବାର ଆଫଗାନ୍ ଶରଣାର୍ଥୀ ସଙ୍କଟ ଉପରେ ଏକ ବୈଠକରେ ଇୟୁ ନ୍ୟାୟ ଓ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀମାନେ ଆଲୋଚନା କରିଛନ୍ତି।

ସିରିଆ ଯୁଦ୍ଧବେଳେ ୧୦ ଲକ୍ଷରୁ ଅଧିକ ଶରଣାର୍ଥୀ ୟୁରୋପରେ ପହଞ୍ଚିବା ଯୋଗୁ ଇୟୁ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଏବେ ଆଫଗାନିସ୍ତାନରୁ ବହୁ ସଂଖ୍ୟାରେ ଶରଣାର୍ଥୀଙ୍କ ଆଗମନ ପୁଣି ଥରେ ସେପରି ସ୍ଥିତି ଉପଜାଇପାରେ ବୋଲି ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ୟୁରୋପ ଅଭିମୁଖେ ଆସୁଥିବା ଲୋକଙ୍କୁ ଆଫଗାନିସ୍ତାନ ସୀମାବର୍ତ୍ତୀ ଦେଶଗୁଡ଼ିକରେ ଥଇଥାନ ନିମନ୍ତେ ଇୟୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଆଲୋଚନା ହୋଇଛି। ମାନବ, ସଙ୍କଟ, ସ୍ଥାନାନ୍ତର ଏବଂ ଆଫଗାନିସ୍ତାନ ପଟୁ ସୁରକ୍ଷା ବ୍ୟବସ୍ଥା ଉପରେ ଥିବା ବିପଦକୁ ଏଡ଼ାଇବା ପାଇଁ ପଦକ୍ଷେପ ନେବାକୁ ପଡ଼ିବ ବୋଲି ଆଭ୍ୟନ୍ତରୀଣ ବ୍ୟାପାର ୟୁରୋପିଆନ୍ କମିଶନର ୟିଲ୍‌ଭା ଜୋହାନ୍‌ସନ୍ କହିଛନ୍ତି। ୨୦୧୫ଠାରୁ ପ୍ରାୟ ୫ ଲକ୍ଷ ୭୦ ହଜାର ଆଫଗାନ୍ ୟୁରୋପରେ ଆଶ୍ରୟ ପାଇଁ ଆବେଦନ କରିଥିବା ଇୟୁ ପକ୍ଷରୁ ସୂଚନା ଦିଆଯାଇଛି।



# ଧରିତ୍ରୀ
DHARITRI

ବୁଧବାର, ସେପ୍ଟେମ୍ବର ୧/୨୦୨୧ | Wednesday, September 1/2021 | ପୃଷ୍ଠା-୧




**ଅବସର ନେଲେ ଫାଷ୍ଟ ବୋଲର ଷ୍ଟେଇନ**

ଦକ୍ଷିଣ ଆଫ୍ରିକା ଫାଷ୍ଟ ବୋଲର ଡେଲ୍ ଷ୍ଟେଇନ କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି।

୧୪

୧୨

**ଜଣେ ଝିଅ ପାଇଁ ମାଡ଼ ଖାଇଥିଲେ ରାଜକୁମାର**

କଲେଜରେ ପ୍ରେମରେ ପଡ଼ିଥିବାବେଳେ ସେହି ଝିଅର ପ୍ରେମିକ ଓ ସହଯୋଗୀଙ୍କଠାରୁ ମାଡ଼ ଖାଇଥିଲେ ବଲିଉଡ୍ ଅଭିନେତା ରାଜକୁମାର ରାଓ।



# ହଟିଲା ସପ୍ତାହାନ୍ତ ଶଟ୍‌ଡାଉନ




ଭୁବନେଶ୍ୱର,୩୧।୮ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ରାଜ୍ୟ ସରକାର କଟକଣାକୁ ଆହୁରି କୋହଳ କରିଛନ୍ତି। ଗତ ୪ ମାସ ଧରି ଜାରି ରହିଥିବା ସାପ୍ତାହିକ ଶଟ୍‌ଡାଉନକୁ ସମ୍ପୂର୍ଣ୍ଣ ଉଠାଇ ଦିଆଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ବ୍ୟବସାୟୀଙ୍କୁ ଆଶ୍ୱସ୍ତ କରିଛି। ରାଜ୍ୟ ସରକାର ମଙ୍ଗଳବାର ସେପ୍ଟେମ୍ବର ମାସ ସକାଶେ ସଂଶୋଧିତ କୋଭିଡ୍ ଗାଇଡ୍‌ଲାଇନ ଜାରି କରିଛନ୍ତି। ଏହି ଗାଇଡ୍‌ଲାଇନ ଅନୁସାରେ ବିବାହ, ବ୍ରତ ଓ ଶୁଦ୍ଧିକାର୍ଯ୍ୟ ପାଇଁ ଥିବା କଟକଣାକୁ ଆହୁରି କୋହଳ କରାଯାଇଛି। ପୂର୍ବରୁ ବିବାହ କାର୍ଯ୍ୟରେ ୨୫ ଜଣ ଓ ଶୁଦ୍ଧିକାର୍ଯ୍ୟରେ ୨୦ ଜଣ ଯୋଗଦେବାକୁ ଅନୁମତି ଦିଆଯାଇଥିଲା। ଏବେ ଏହି ସାମାଜିକ କାର୍ଯ୍ୟରେ ସର୍ବାଧିକ ୨୫୦ଜଣ ଯୋଗ ଦେଇପାରିବେ। ବାହାଘର ରୋଶଣି ବା ବର ଶୋଭାଯାତ୍ରାରେ ସର୍ବାଧିକ ୫୦ଜଣ ବ୍ୟାଣ୍ଡ-ବାଜା ବଜାଇ ଯାଇପାରିବେ। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ କୁମାର ଜେନା ଏ ନେଇ ସୂଚନା ଦେଇଛନ୍ତି। ଏହି ନୂତନ ଗାଇଡ୍‌ଲାଇନ ସେପ୍ଟେମ୍ବର ୧ ସକାଳ ୬ଟାରୁ ଅକ୍ଟୋବର ୧ ସକାଳ ୬ଟା ଯାଏ ବଳବତ୍ତର ରହିବ।

ଏସ୍‌ଆରସି କହିଛନ୍ତି ଯେ, ସମସ୍ତ ସହରାଞ୍ଚଳରେ ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି ରହିବ। ତେବେ ଏହି ସମୟରେ ଜରୁରିକାଳୀନ ସେବା, ସ୍ୱାସ୍ଥ୍ୟସେବା, କୋଭିଡ୍ ପରୀକ୍ଷା ଓ ଟିକାକରଣ ଆଦି କାର୍ଯ୍ୟ ଚାଲୁରହିବ। ବିଦ୍ୟୁତ୍, ବିମାନବନ୍ଦର, ପରିବହନ ଏବଂ ଜରୁରିକାଳୀନ ସେବାରେ ନିୟୋଜିତ ବ୍ୟକ୍ତିମାନେ ନିଜର ☞ପୃଷ୍ଠା-୯




ମଙ୍ଗଳବାର ଟୋକିଓ ପାରାଲିମ୍ପିକ୍ସ ମହିଳା ୨୦୦ମିଟର ଟି୬୪ ଫାଇନାଲରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

## ୧୧ରେ ନୂଆଖାଇ ଧାର୍ଯ୍ୟ ହେଲା ଲଗ୍ନ

ସମ୍ବଲପୁର,୩୧।୮ (ବ୍ୟୁରୋ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଲାଗି ମଙ୍ଗଳବାର ସମ୍ବଲପୁର ଆରଣ୍ୟକ ମଞ୍ଚଠାରେ ଲଗ୍ନ ଧାର୍ଯ୍ୟ ହୋଇଛି। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଝାଡୁଆପଡ଼ା ବଡ଼ଦୁଆରଠାରେ ପଣ୍ଡିତମାନେ ଆଲୋଚନା କରି ସମୟ ସ୍ଥିର କରିଛନ୍ତି। ସେପ୍ଟେମ୍ବର ୧୧ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଶନିବାର ପୂର୍ବାହ୍ନ ୧୦ଟା ୧୫ ମିନିଟରୁ ୧୦ଟା ୨୫ ମିନିଟ ମଧ୍ୟରେ ସମୟ ନିର୍ଘଣ୍ଟ କରାଯାଇଛି। ପ୍ରସସ୍ତ ତୁଳା ଲଗ୍ନେ ଇଷ୍ଟଦେବୀ ମା' ସମଲେଇଙ୍କଠାରେ ନବାନ୍ନ ଭୋଗ ଅର୍ପଣ କରାଯିବ। ☞ପୃଷ୍ଠା-୯

## ପ୍ରଥମ ତ୍ରୈମାସ ଜିଡିପି ୨୦.୧% ବଢ଼ିଲା

ନୂଆଦିଲ୍ଲୀ,୩୧।୮: ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ରେକର୍ଡ ଉଚ୍ଚ ସ୍ତର ଛୁଇଁବାକୁ ସକ୍ଷମ ହୋଇଛି। ଗତ ବର୍ଷ କରୋନା ଯୋଗୁ ଜିଡିପି ନକାରାତ୍ମକ ରହିଥିଲା। ଲୋ ବେସ୍ ଇଫେକ୍ଟ ଯୋଗୁ ଚଳିତ ବର୍ଷ ଏଥିରେ ବୃଦ୍ଧି ଘଟି ୨୦.୧% ଛୁଇଁଥିବା ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ଖାଉଟିଙ୍କ ଖର୍ଚ୍ଚ, ମାନୁଫାକ୍‌ଚରିଂରେ ବୃଦ୍ଧି ଏବଂ କରୋନା ସ୍ଥିତି ନିୟନ୍ତ୍ରଣକୁ ଆସିବାରୁ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଥିବା ଜଣାପଡିଛି। ଗତ ବର୍ଷ ସମାନ ଅବଧିରେ ଜିଡିପି ୨୪.୪% ନିମ୍ନରେ ରହିଥିଲା। ୨୦୨୦-୨୧ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଜିଡିପି ୨୬.୯୫ ଲକ୍ଷ କୋଟି ଟଙ୍କା ରହିଥିଲା। ଏହା ଚଳିତ ଆର୍ଥିକ ବର୍ଷ ସମାନ ଅବଧିରେ ☞ପୃଷ୍ଠା-୯


**ଆଜିର ସମ୍ପାଦକୀୟ**

ପ୍ରଶଂସାରେ ବିକାଶ ନାହିଁ


# ରାଜନୈତିକସ୍ତରରେ ସମାଧାନ କର

**କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅଧୀନ କୋଟିଆ ଗ୍ରାମପୁଞ୍ଜକୁ ନେଇ ସୃଷ୍ଟି ହୋଇଥିବା ସୀମା ବିବାଦକୁ ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ରାଜନୈତିକସ୍ତରରେ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ବିଚାରପତି ଏ. ଏମ୍. ଖାନ୍‌ୱିଲ୍‌କର, ସଞ୍ଜୀବ ଖାନ୍ନା ଏବଂ ଜେ.କେ. ମାହେଶ୍ୱରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଉଭୟ ପକ୍ଷଙ୍କୁ ଏନେଇ ୬ସପ୍ତାହ ସମୟ ଦେଇଛନ୍ତି।**




**କୋଟିଆ ବିବାଦ**

**ଉଭୟ ପକ୍ଷଙ୍କୁ ୬ ସପ୍ତାହ ସମୟ ଦେଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ, ୩୧।୮

ଓଡ଼ିଶା ପକ୍ଷରୁ ଆଇନଜୀବୀ ଶିବଶଙ୍କର ମିଶ୍ରଙ୍କ ଜରିଆରେ ସୁପ୍ରିମକୋର୍ଟରେ କରାଯାଇଥିବା ଆବେଦନରେ ୨୦୧୧ ଜନଗଣନା ଅନୁସାରେ ବିବାଦୀୟ ଗଞ୍ଜେଇପଦର, ଫାଟୁସେନେରି ଓ ଫଗୁଣସେନେରି ଗ୍ରାମ କୋଟିଆ ପଞ୍ଚାୟତ ଅଧୀନରେ ଆସୁଥିବା ଦର୍ଶାଯାଇଛି। ୧୯୬୮ ଡିସେମ୍ବର ୨ରେ ସର୍ବୋଚ୍ଚ ଅଦାଲତ ଦେଇଥିବା ନିର୍ଦ୍ଦେଶକୁ ଆନ୍ଧ୍ରପ୍ରଦେଶ ଖୋଲାଖୋଲି ଉଲ୍ଲଂଘନ କରୁଛି। ଏପରି କି ଓଡ଼ିଶାର ସୀମାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ଉଭୟ ରାଜ୍ୟ ସ୍ଥିତାବସ୍ଥା ଜାରି କରିବାକୁ ସୁପ୍ରିମକୋର୍ଟ ୨୦୦୬ ମାର୍ଚ୍ଚ ୩୦ରେ ଏକ ରାୟ ଦେଇଥିଲେ। ଉକ୍ତ ରାୟକୁ ମାନିବାକୁ ଉଭୟ ରାଜ୍ୟ ଅଣ୍ଡରଟେକିଂ ମଧ୍ୟ ଲେଖି ଦେଇଥିଲେ। ହେଲେ କୋର୍ଟଙ୍କ ଉକ୍ତ ନିର୍ଦ୍ଦେଶକୁ ଅବମାନନା କରି ଆନ୍ଧ୍ରପ୍ରଦେଶ କୋଟିଆ ଅଞ୍ଚଳରେ ☞ପୃଷ୍ଠା-୯

# ଦୁଇ ଅଙ୍କରେ ପଦକ ସଂଖ୍ୟା

ଟୋକିଓ,୩୧।୮

ଟୋକିଓ ପାରାଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ଐତିହାସିକ ସାବ୍ୟସ୍ତ ହୋଇଛି। ଏହି ମେଗା ଇଭେଣ୍ଟର ସପ୍ତମ ଦିବସରେ ଭାରତ ମଙ୍ଗଳବାର ଆଉ ୩ଟି ପଦକ ହାସଲ କରିଛି। ଫଳରେ ଭାରତ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୩ ବ୍ରୋଞ୍ଜ ହାସଲ କରି ମୋଟ ଉପରେ ୧୦ଟି ପଦକ ହାସଲ କରିଛି। ପ୍ରଥମଥର ପାଇଁ ପାରାଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ଡବଲ ଡିଜିଟ୍‌ରେ ପହଞ୍ଚିଛି। ପଦକ ସଂଖ୍ୟାରେ ଆହୁରି ଉନ୍ନତି ହେବ ବୋଲି ଆଶା କରାଯାଉଛି।

ମଙ୍ଗଳବାର ପୁରୁଷ ହାଇଜମ୍ପର ଟି୪୨ ଇଭେଣ୍ଟରେ ଭାରତର ମାରିୟାପ୍ପାନ ଥଙ୍ଗାଭେଲୁ ରୌପ୍ୟ ପଦକ ହାସଲ କରିଥିବା ବେଳେ ଶରଦ କୁମାର ବ୍ରୋଞ୍ଜ ଜିତିଛନ୍ତି। ତେବେ ଏହାପୂର୍ବରୁ ୧୦ ମିଟର ଏୟାର ପିସ୍ତଲ ଏସ୍‌ଏଚ୍୧ ଇଭେଣ୍ଟରେ ୩୯ ବର୍ଷୀୟ ସିଂହରାଜ ଆଦାନା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୂର୍ବରୁ ୨୦୧୬ ରିଓ ଅଲିମ୍ପିକ୍ସରେ ☞ପୃଷ୍ଠା-୯



ରୌପ୍ୟ ପଦକ ବିଜେତା ମାରିୟାପ୍ପାନ ଥଙ୍ଗାଭେଲୁ

**ଟୋକିଓ ପାରାଲିମ୍ପିକ୍ସ**

**ସୁପ୍ରିମକୋର୍ଟ ଇତିହାସରେ ପ୍ରଥମ**



ଉପର ଧାଡ଼ି
୧-ଅଭୟ ଶ୍ରୀନିବାସ୍ ଓକା
୨-ବିକ୍ରମ ନାଥ
୩-ଜେ. କେ. ମାହେଶ୍ୱରୀ
୪-ହିମା କୋହଲି
୫-ବି. ଭି. ନାଗରତ୍ନା
ତଳ ଧାଡ଼ି
୬-ସି. ଟି. ରବି କୁମାର
୭-ଏମ୍. ଏମ୍ ସୁନ୍ଦରେଶ୍
୮-ବେଲା ତ୍ରିବେଦୀ
୯-ପି. ଏସ୍. ନରସିହ୍ମା

## ଶପଥ ନେଲେ ୯ ବିଚାରପତି

ନୂଆଦିଲ୍ଲୀ, ୩୧।୮

ସୁପ୍ରିମକୋର୍ଟର ୩ ମହିଳାଙ୍କ ସମେତ ମୋଟ ୯ ଜଣ ବିଚାରପତି ମଙ୍ଗଳବାର ପ୍ରଥମ ଥର ପାଇଁ ଏକସଙ୍ଗେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ଭାରତର ପ୍ରଧାନ ବିଚାରପତି(ସିଜେଆଇ) ଏନ୍. ଭି. ରମନା ସୁପ୍ରିମକୋର୍ଟ ଅଡିଟୋରିୟମରେ ସମସ୍ତ ବିଚାରପତିଙ୍କୁ ଶପଥ ପାଠ କରାଇଥିଲେ। ଏକସଙ୍ଗରେ ଏତେ ସଂଖ୍ୟକ ବିଚାରପତି ☞ପୃଷ୍ଠା-୯

# ଆଜିଠୁ ବିଧାନସଭା

ଭୁବନେଶ୍ୱର,୩୧।୮ (ବ୍ୟୁରୋ)

**୮ ଦିନ ଚାଲିବ**

**ଶାସକ-ବିରୋଧୀ ପ୍ରସ୍ତୁତ**

ବୁଧବାରଠାରୁ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ସେପ୍ଟେମ୍ବର ୯ ଯାଏ ଚାଲିବ। ଏହି ଅଧିବେଶନରେ ୮ଟି କାର୍ଯ୍ୟଦିବସ ରହିଛି। ୮ ଦିନରୁ ୭ ଦିନ ସରକାରୀ ଦିବସ ପାଇଁ ସମୟ ନିର୍ଘଣ୍ଟ ହୋଇଥିବା ବେଳେ ଗୋଟିଏ ଦିନ ଅର୍ଥାତ୍ ସେପ୍ଟେମ୍ବର ୩କୁ ବେସରକାରୀ ଦିବସ ପାଇଁ ଦିନ ଧାର୍ଯ୍ୟ ହୋଇଛି। ୫ ତାରିଖ ରବିବାର ପାଇଁ ଛୁଟି ରହିବ।

ସେପ୍ଟେମ୍ବର ୧ ତାରିଖ ପୂର୍ବାହ୍ନ ୧୧ଟାରେ ବିଧାନସଭା ଅଧିବେଶନ ଆରମ୍ଭ ପାଇଁ ରାଜ୍ୟପାଳ ସମନ ଜାରି କରିଛନ୍ତି। ଚଳିତଥର ମଧ୍ୟ କୋଭିଡ୍ ଗାଇଡ୍‌ଲାଇନ ମଧ୍ୟରେ ଗୃହ ପରିଚାଳିତ ହେବ। ଅଧିବେଶନ ସମୟରେ ବିଧାନସଭାକୁ ଆସୁଥିବା ସମସ୍ତ ଜନପ୍ରତିନିଧି, ସେମାନଙ୍କ ଡ୍ରାଇଭର, ବିଧାନସଭା କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କର ଆଣ୍ଟିଜେନ, ଆରଟିପିସିଆର ଏବଂ ଆଣ୍ଟିବଡି ଟେଷ୍ଟ କରାଯାଇଛି। ଦୁଇଟି ସିଟିଂରେ ଏହି ଅଧିବେଶନ ଚାଲିବ। ☞ପୃଷ୍ଠା-୯

# ଗଜମରା ପାୱାର ପ୍ଲାଣ୍ଟକୁ ଧକ୍କା

**ଢେଙ୍କାନାଳ ସଦର ବ୍ଲକ ଗଜମରାରେ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି) ପକ୍ଷରୁ ପ୍ରସ୍ତାବିତ ପାୱାର ପ୍ଲାଣ୍ଟ ପ୍ରକଳ୍ପକୁ ଶକ୍ତ ଧକ୍କା ଲାଗିଛି। ବିଦ୍ୟୁତ୍ କ୍ରୟ, ଜମି ସ୍ୱତ୍ୱାଧିକାର ସମେତ ପ୍ରକଳ୍ପ ପରିଯୋଜନାରେ ସୃଷ୍ଟି ହୋଇଥିବା ଏକାଧିକ ସମସ୍ୟା କାରଣରୁ ଭିତ୍ତିପ୍ରସ୍ତର ପଡ଼ିବା ଆଗରୁ କମ୍ପାନୀ କର୍ତ୍ତୃପକ୍ଷ ଏଥିରୁ ଓହରିଯିବାକୁ ସଜବାଜ ହେଉଛନ୍ତି।**

- ଏନ୍‌ଟିପିସିକୁ ମିଳିଲାନି ଜମି ସ୍ୱତ୍ୱାଧିକାର
- ପ୍ରକଳ୍ପରୁ ଓହରିବାକୁ କର୍ତ୍ତୃପକ୍ଷ ସଜବାଜ
- ଅଧିଗ୍ରହଣ ବାବଦ ୧୨୭ କୋଟି ଫେରାଇବାକୁ ଚିଠି

ଢେଙ୍କାନାଳ ଅଫିସ, ୩୧।୮

ଏନ୍‌ଟିପିସି ପକ୍ଷରୁ ସମ୍ଭାବ୍ୟ କ୍ଷତିଗ୍ରସ୍ତ ୪ ଗ୍ରାମର ବାସିନ୍ଦାଙ୍କୁ ପ୍ରଦାନ କରାଯାଇଥିବା ଜମି ଅଧିଗ୍ରହଣ ବାବଦ ୧୨୭ କୋଟି ଟଙ୍କା ଫେରାଇ ଦେବାକୁ ସ୍ଥାନୀୟ ତହସିଲଦାରଙ୍କ ସମେତ ରାଜ୍ୟ ସରକାରଙ୍କ ପଦସ୍ଥ ଅଧିକାରୀଙ୍କୁ ଚିଠି ଲେଖାଯାଇଛି। ଚିଠିରେ ଉଲ୍ଲେଖ କରାଯାଇଛି, ଗଜମରା ପାୱାର ପ୍ଲାଣ୍ଟ ପାଇଁ ୨୦୧୨ରୁ ଆରମ୍ଭ ହୋଇଥିଲା ଜମି ଅଧିଗ୍ରହଣ ପ୍ରକ୍ରିୟା। ତଦନୁଯାୟୀ ପ୍ରଭାବିତ ହେବାକୁ ଥିବା ସିଆରିଆ, ପତ୍ରଭାଗ, ମାଣିପୁରା ଏବଂ ତାଳବରକୋଟ ଅଞ୍ଚଳର ୮୦% ଜମିହରାଙ୍କୁ ପ୍ରାୟ ୧୨୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ତେବେ ଅଦ୍ୟାବଧି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜମିର ଦଖଲନାମା କିମ୍ବା ସ୍ୱତ୍ୱାଧିକାର ପ୍ରଦାନ କରାଯାଇନାହିଁ। ତେଣୁ ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟୟ କରାଯାଇଥିବା ୧୨୭କୋଟି ଟଙ୍କା ଫେରାଇ ନେବା ଲାଗି ଏନ୍‌ଟିପିସି କର୍ତ୍ତୃପକ୍ଷ ଗତ ଜୁଲାଇ ୧୫ରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ସଚିବଙ୍କୁ ପତ୍ର ଲେଖିଥିଲେ। ଏହାର ନକଲ ମୁଖ୍ୟ ଶାସନ ସଚିବ, ଢେଙ୍କାନାଳ ଜିଲାପାଳ, ତହସିଲଦାର ତଥା ଜମି ଅଧିଗ୍ରହଣ ଅଧିକାରୀ ଏବଂ ଶକ୍ତି ବିଭାଗ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଫଳରେ ପ୍ଲାଣ୍ଟର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି।

ସୂଚନାଯୋଗ୍ୟ, ୨୦୦୮-୦୯ ବର୍ଷରେ ଏନ୍‌ଟିପିସି କର୍ତ୍ତୃପକ୍ଷ ଗଜମରାଠାରେ ଏକ ପାୱାର ପ୍ଲାଣ୍ଟ ସ୍ଥାପନ କରିବାକୁ ପ୍ରସ୍ତାବ ରଖିଥିଲେ। ତଦନୁଯାୟୀ ରାଜ୍ୟ ସରକାର ଏନ୍‌ଟିପିସି ନାମରେ ଧାରା-୪ (୧) ନୋଟିସ୍ ଜାରି କରିବା ସହିତ ୨୦୧୨ ଜୁଲାଇ ୧୨ରେ ୭୯୫. ୮୫ ଏକର ଜମି ଅଧିଗ୍ରହଣ ଲାଗି ପ୍ରକ୍ରିୟା ଆରମ୍ଭ କରିଥିଲେ। ଜମି ଅଧିଗ୍ରହଣ ପରେ ୨୦୧୬ ଡିସେମ୍ବର ୨୩ରେ କ୍ଷତିଗ୍ରସ୍ତଙ୍କୁ ☞ପୃଷ୍ଠା-୯



**ଆଜିର ମନ୍ତବ୍ୟ**

"ଜାଲିଆନୱାଲା ବାଗ ସ୍ମାରକୀର ପୁନଃନିର୍ମାଣ କରାଯିବା ଶହୀଦଙ୍କ ପ୍ରତି ଅପମାନ। ବଳିଦାନର ଅର୍ଥ ବୁଝୁ ନ ଥିବା ବ୍ୟକ୍ତି ହିଁ ଏପରି କାମ କରିପାରେ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଅଁର ରଙ୍ଗେଇଲା**
**ଦିନ ଦିନକର ଭାବ ପୀରତି**
**ଦଇବ ଭଙ୍ଗେଇଲା।**

ବେଳେବେଳେ ଅତି ସାମାନ୍ୟ ଘଟଣା ବା କଥା ସମ୍ପର୍କକୁ ବିଗାଡ଼ି ଦେଇଥାଏ। ସମ୍ପର୍କର ମୃତ୍ୟୁ ନାହିଁ, ପରନ୍ତୁ ମଣିଷର ସ୍ୱଭାବ, ବ୍ୟବହାର ତଥା ଅହଂଭାବ ଏହାକୁ ନଷ୍ଟ କରିଦିଏ। ବୁଝାମଣାରେ ବିଘ୍ନ ଘଟିଲେ ଭାବପୀରତି କ୍ଷଣସ୍ଥାୟୀ ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚେକା ମାରି ଯେ ନାରୀ ଖାଇ ବସେ**
**ବଡ଼ ପାଟିକରି ଦାଣ୍ଡରେ ହସେ**
**ପହରେ ବସି ଦୁଠେ ଗୋଡ଼ ଘଷେ**
**ମୁଣ୍ଡ ପୋତି ନଖେ ମହିକୁ ଘଷେ**
**ଅତି ଅଲକ୍ଷଣି ଦନାଇ ଭାସେ।**

ଖାଇ ବସିବାର କିଛିଟା ସଣ୍ଣା ରଖିବା ଉଚିତ। ବଡ଼ ପାଟିରେ ଦାଣ୍ଡରେ ହସିବା ନାରୀ ପକ୍ଷେ ଶୋଭା ପାଇନଥାଏ। ନଈ ଦୁଠରେ ଅଧିକ ସମୟ ବସି ଗୋଡ଼ ଘଷିବା ତଥା ମୁଣ୍ଡକୁ ପୋତି ଭୂମିଉପରେ ନଖରେ ଗାର ଟାଣିବା ନାରୀର ବଦପ୍ରକୃତିକୁ ସୂଚିତ କରିଥାଏ। ଏସମସ୍ତ ଅପସନ୍ଦ କଥା ହୋଇଥାଏ। ଏଭଳି ସ୍ୱଭାବଯୁକ୍ତା ନାରୀ ଅଲକ୍ଷଣୀ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ. କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ‘୭ ଦିନରେ ଉଠାସେଚ ପ୍ରକଳ୍ପ କାର୍ଯ୍ୟକ୍ଷମ କର’

■ **ସମ୍ଭାବ୍ୟ ମରୁଡ଼ି ପରିସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

ଜୁଲାଇ ଏବଂ ଅଗଷ୍ଟରେ ନିଅଣ୍ଟିଆ ବର୍ଷା ଯୋଗୁ ଓଡ଼ିଶାର ୨୬ ଜିଲାରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ମରୁଡ଼ି ଆଶଙ୍କା ସୃଷ୍ଟି ହୋଇଛି। ସମ୍ଭାବ୍ୟ ମରୁଡ଼ି ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ସମୀକ୍ଷା କରିଛନ୍ତି। ମରୁଡ଼ି ମୁକାବିଲା ଲାଗି ଜରୁରିକାଳୀନ ଫସଲ ଯୋଜନା କାର୍ଯ୍ୟକାରୀ କରିବା, ୭ଦିନ ମଧ୍ୟରେ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା, କ୍ଷୁଦ୍ର ଚାଷୀ ଓ କୃଷି ଶ୍ରମିକଙ୍କ ଜୀବିକାକୁ ପ୍ରାଥମିକତା ଦେବା ସହ ରୋଜଗାର ସୃଷ୍ଟି ଲାଗି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀକୁ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

ରାଜ୍ୟର ୨୧୩ ବ୍ଲକରେ ବର୍ଷାଭାବ ଦେଖାଦେଇଛି। ଦୈନିକ ପରିସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ କୃଷି ଓ କୃଷକ ସଶକ୍ତୀକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଜିଲାପାଳମାନେ କ୍ଷେତ୍ରସ୍ତରରେ ତୁରନ୍ତ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି। ଚାଷ ନଷ୍ଟ ହେଲେ ବିକଳ୍ପ ସ୍ୱରୂପ ଦ୍ୱିତୀୟ ଫସଲ ପାଇଁ ବିହନ ଓ ମିନିକିଟ୍ ବ୍ୟବସ୍ଥା, ଚାଷୀଙ୍କୁ ରିହାତି ଦରରେ ଡିଜେଲ ପମ୍ପସେଟ୍ ଯୋଗାଇ ଦେବା, ଗୋଟିଏ ଜାଗାରେ ଅଧ ଏକରରୁ ଅଧିକ ଚାଷ ଜମି ପାଇଁ ପୋଖରୀ (ଫାର୍ମ ପଣ୍ଡ) ଖୋଳିବା, ତଳିଆ ଅଞ୍ଚଳର ଚାଷୀଙ୍କ ପାଇଁ ଜଳ ଯୋଗାଣ ସୁନିଶ୍ଚିତ କରିବା, ଭୂତଳ ଜଳ ପୁନଃ ସଞ୍ଚରଣ ଦିଗରେ ପଦକ୍ଷେପ ନେବାକୁ ଜଳସମ୍ପଦ ବିଭାଗକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ଅଗଷ୍ଟ ସୁଦ୍ଧା ରାଜ୍ୟରେ ୩୦% କମ୍ ବର୍ଷା ହୋଇଛି। ଧାନ ଫସଲ ପାଇଁ ସମସ୍ୟା ଦେଖା ଦେଇଥିଲେ ମଧ୍ୟ ଅଣଧାନ ଫସଲ ପାଇଁ ବିଶେଷ ସମସ୍ୟା ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଅଧିକ କର୍ମନିଯୁକ୍ତି ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଜଳସମ୍ପଦ ବିଭାଗର ଅଧିକାରୀମାନେ ନିଜସ୍ୱ ବିକଳ୍ପ ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତଥ୍ୟ ଉପସ୍ଥାପନା ରଖିଥିଲେ। କଳାହାଣ୍ଡି, ସୁନ୍ଦରଗଡ଼, ଅନୁଗୋଳ ଏବଂ ରାୟଗଡ଼ାର ଜିଲାପାଳମାନେ ଜିଲାର ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଅନ୍ୟପଟେ ପାଣିପାଗ ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ରାଜ୍ୟରେ ବୃଷ୍ଟିପାତ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସେପ୍ଟେମ୍ବରରେ ବୃଷ୍ଟିପାତ ସ୍ୱାଭାବିକ ହେବ। ହାରାହାରି ୨୨୬.୬ ମି.ମି. ବର୍ଷା ହେବାର ସମ୍ଭାବନା ରହିଛି। ‘୫-ଟି’ ବିଭାଗ ସଚିବ ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ।

# ୬ରୁ ସବୁ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିବ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ):** ରାଜ୍ୟର ସବୁ ବୈଷୟିକ ଶିକ୍ଷାନୁଷ୍ଠାନ ଆସନ୍ତା ୬ତାରିଖରୁ ଖୋଲିବ। ଛାତ୍ରଛାତ୍ରୀଙ୍କର ଅଫ୍‌ଲାଇନ କ୍ଲାସ୍ ହେବ। କୋଭିଡ୍ କଟକଣାକୁ ପାଳନ କରି ଶିକ୍ଷାନୁଷ୍ଠାନ ଖୋଲିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମଙ୍ଗଳବାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଯୁଗ୍ମ ସଚିବ ଅଜୟ କୁମାର ନାୟକ ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ବିଭାଗ ଅଧୀନ ବୈଷୟିକ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ, ପଲିଟେକ୍‌ନିକ୍, ଡିପ୍ଲୋମା, ଆଇଟିଆଇ ଶିକ୍ଷାନୁଷ୍ଠାନର ୟୁଜି, ପିଜି, ଡିପ୍ଲୋମା, ଆଇଟିଆଇ ପିଲାଙ୍କ ପାଇଁ କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ହେବ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** — କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କଥା ସହକର୍ମୀ କିମ୍ବା ସମ୍ପର୍କୀୟଙ୍କ ମନରେ ଦୁଃଖ ଦେଇପାରେ। ଦୂରଦର୍ଶିତାବିହୀନ କାର୍ଯ୍ୟ କରିବା ଓ ପୁରାତନ ରୋଗପୀଡ଼ା ଯୋଗୁ ମାନସିକ ସୁସ୍ଥତା ହରାଇପାରନ୍ତି। ଫେରନ୍ତା ବାଟରେ ଜଣେ ନୀଚ ଜାତିର ଲୋକ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସମସ୍ୟା ସମାଧାନ ହୋଇଯିବ।

**ବୃଷ** — ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଅଯାଚିତ ଭାବେ ପାଖ ଲୋକମାନଙ୍କ ସହାୟତା ପାଇବେ, ଯାହା କି ବହୁତ କାମକୁ ଆସିବ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ନୂତନ ଗୃହୋପକରଣ କ୍ରୟ କରିବା ସକାଶେ ମନ ବଳାଇବେ।

**ମିଥୁନ** — ଆଜି ଯେତେ ଚେଷ୍ଟା କଲେ ମଧ୍ୟ ସମସ୍ୟା ସୁଧୁରିବା କଷ୍ଟକର ହେବ। ହାତକୁ ନେଇଥିବା କାମଟିରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ବନ୍ଧୁଙ୍କ ସହାୟତାରେ ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବ। ଆପଣଙ୍କ କାର୍ଯ୍ୟ ଦକ୍ଷତା ଓ ବିଚାର ଶୈଳୀକୁ ପଡ଼ୋଶୀମାନେ ଭୂରିଭୂରି ପ୍ରଶଂସା କରିପାରନ୍ତି।

**କର୍କଟ** — କେତେକ କାମ ଅଟକି ରହିଥିବା କାରଣରୁ ଆତ୍ମୀୟମାନେ ଶତ୍ରୁତା କରିବେ। ଉପରିସ୍ଥଙ୍କ ଆଦେଶାନୁସାରେ ଅଫିସରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଆଲୋଚନା କାଳରେ କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବନ୍ଧୁ ଅଭିମାନ କରିପାରନ୍ତି। ଆଜି କୌଣସି କାମ ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପଡ଼ିବ।

**ସିଂହ** — ପରିବାରରେ ଭୁଲ୍ ବୁଝାମଣା ହେତୁ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଗବେଷଣା, ଅନୁସନ୍ଧାନ, ରାଜନୀତି ଓ ସଭାସମିତିରେ ଚେଷ୍ଟା ସଫଳ ହେବେ। ବନ୍ଧୁ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି।

**କନ୍ୟା** — ପ୍ରତ୍ୟେକ ପରିସ୍ଥିତିରେ ଜଗି ରଖି ନ ଚଳିଲେ ନିଜ ଲୋକ ହଇରାଣ କରିପାରନ୍ତି। ପରିବାରର ବିଭିନ୍ନ ସମସ୍ୟା ଯୋଗୁ ମାନସିକ ସ୍ୱାସ୍ଥ୍ୟ ବ୍ୟାହତ ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମସ୍ୟାକୁ ଡାକିବା ପରି ହେବ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡିବା ସହଜସାଧ୍ୟ ହୋଇ ନ ପାରେ।

**ତୁଳା** — ଚେଷ୍ଟା କରୁଥିବା କାମଗୁଡ଼ିକ ସୁବିଧାରେ ନ ହେବା କାରଣରୁ ମନ ଭଲ ରହିବ ନାହିଁ। ସାମାଜିକ କ୍ଷେତ୍ରରେ ଭଲ କହିଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଆଜି ଦିନ ଭିତରେ ବିଶେଷ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କଳା, ସାହିତ୍ୟ ଓ ସଂଗୀତ ଏବଂ ସଭାସମିତିରେ ପ୍ରଶଂସିତ ହୋଇପାରନ୍ତି।

**ବିଛା** — ଆକସ୍ମିକ କେତେକ ସମସ୍ୟା ଉପସ୍ଥିତ ହେବାରୁ ପାଇବାକୁ ଥିବା ଆଶା ପୁଣି ମଉଳି ଯିବ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବକେୟା ଆଦାୟରେ ସକ୍ଷମ ହେବେ କିନ୍ତୁ ବ୍ୟବସାୟ ଓ ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି। ପାଖ ପଡୋଶୀଙ୍କ ସହାୟତାରେ ବିବାଦୀୟ ଘଟଣାର ଅବସାନ ଘଟିବାର ଆଶା ରହିଛି।

**ଧନୁ** — ଅସୁସ୍ଥତାଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। କର୍ମକ୍ଷେତ୍ରରେ ମଧ୍ୟ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବନ୍ଧୁ ଓ ପରିଜନଙ୍କ ସହିତ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଦୀର୍ଘ ଦିନରୁ ଲାଗି ରହିଥିବା ଘରୋଇ ମାମଲା ଚିନ୍ତାର କାରଣ ହୋଇପାରେ।

**ମକର** — ବନ୍ଧୁଙ୍କ କଥାରେ ପଡ଼ି କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଖଳଲୋକମାନେ ଅପପ୍ରଚାର କରିବା ଫଳରେ ଆପଣ ନିଜଲୋକଙ୍କଠାରୁ ଆସ୍ଥା ହରାଇବେ। କଳା, ସାହିତ୍ୟ, ସଙ୍ଗୀତାଦି କାର୍ଯ୍ୟକ୍ରମ କିମ୍ବା ଖେଳକୁଦରେ ପ୍ରଶଂସା ପାଇବେ। ସଭା ସମିତି, ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ।

**କୁମ୍ଭ** — ପ୍ରତ୍ୟେକ କ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ କାମ କରି ଚାଲିଲେ ସବୁ ଠିକ୍ ହୋଇଯିବ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସାମ୍ବାଦିକତା ଓ ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ।

**ମୀନ** — ପାରିବାରିକ ଅଶାନ୍ତି କାରଣରୁ ମନରେ ଦୁର୍ଭାବନା ବଢ଼ିଚାଲିବ ଫଳରେ ଶାନ୍ତିରେ ରହିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

# କାଠଚୋରି ମାମଲା: ୩୪ ବର୍ଷ ପରେ ଦଣ୍ଡ

■ **୯ ଜଣ ଦୋଷୀ**

**ଜୟପୁର, ୩୧।୮ (ନି.ପ୍ର.)**

ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ୩୪ ବର୍ଷ ତଳର ଏକ କାଠଚୋରି ମାମଲାର ରାୟ ପ୍ରକାଶ ପାଇଛି। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ରାଜେଶ ଏକ୍କା ମଙ୍ଗଳବାର ୯ ଅଭିଯୁକ୍ତଙ୍କୁ ୩ବର୍ଷ ଲେଖାଏ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ମଧ୍ୟ ସେମାନଙ୍କୁ ଅର୍ଥ ଦଣ୍ଡ ଦେଇଛନ୍ତି। ଅର୍ଥ ଅନାଦାୟ କ୍ଷେତ୍ରରେ ୨ ମାସ ଅଧିକ ଦଣ୍ଡ ଭୋଗିବାକୁ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଦଣ୍ଡିତ ହୋଇଥିବା ଅଭିଯୁକ୍ତମାନେ ହେଲେ ଗଞ୍ଜାମର ଯୋଗୀନ୍ଦ୍ର ନାଥ ସ୍ୱାଇଁ, ଜୟପୁରର ଭାଲମଜି ପୁରୁଷୋତ୍ତମ (୭୦), ମାଲକାନଗିରିର ଚିତ୍ତରଞ୍ଜନ ସାମଲ (୬୮) କୁଳମଣି ବାରିକ (୬୦), ବିଦ୍ୟାଧର ଜେନା (୬୫), ବୈପାରିଗୁଡାର ଭଗବାନ ଗଲ୍ଲରି (୬୮), ଆନ୍ଧ୍ର ପ୍ରଦେଶର କାର୍ତ୍ତିକ ନାଗେଶ୍ୱର ରାଓ (୬୨), ଶିବଶଙ୍କର (୬୦) ଏବଂ ଚିତ୍ରବତି ଗାନ୍ଧୀ (୬୮)। ଜୟପୁର ଟାଙ୍ଗୁଗୁଡାର ବଳରାମ ପଟ୍ଟନାୟକ ଓ ବି.ସାଇବାବାଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ବେଣୁ ଚରଣ ପ୍ରଧାନ, ରବୀନ୍ଦ୍ରନାଥ ମଣ୍ଡଳଙ୍କ ସମେତ ଅନ୍ୟ ୨ଜଣ ଇତି ମଧ୍ୟରେ ମୃତ୍ୟୁବରଣ କରି ସାରିଛନ୍ତି। ମୋଟ ୧୫ ଜଣଙ୍କ ବିରୋଧରେ ସେତେବେଳେ ମାମଲା ରୁଜୁ ହୋଇଥିଲା।

ମାମଲା ବିବରଣୀରୁ ପ୍ରକାଶ ଚିତ୍ରକୋଣ୍ଡା ଜଙ୍ଗଲରେ ବର୍ଷା ଓ ବାତ୍ୟାରେ ଉପୁଡ଼ିଯାଇଥିବା ଗଛକୁ ବିକ୍ରୟ କରିବା ପାଇଁ ସରକାରଙ୍କ ପକ୍ଷରୁ ଟେଣ୍ଡର ପ୍ରକାଶ ପାଇଥିଲା। ସେହି ଟେଣ୍ଡର ଆନ୍ଧ୍ରର ଜଣେ ଠିକାଦର ପାଇଥିଲେ। ପରେ ସରକାରୀ ବନ କର୍ମଚାରୀ ଓ ଠିକାଦାର ମିଶି ସରକାର ଟେଣ୍ଡର ଡାକିଥିବା କାଠ ନ ନେଇ ଭଲଭଲ ଗଛକୁ କାଟି ଆନ୍ଧ୍ରକୁ ଚାଲାଣ କରିଥିଲେ। ସେମାନେ ପାଖାପାଖି ୪୩ ଲକ୍ଷ ୫୨ ହଜାର ୮୩୧ ଟଙ୍କାର ମୂଲ୍ୟବାନ ଗଛ ଲୁଟ୍ କରିଥିଲେ। ଗତ ୮।୩।୮୪ରୁ ୧୪।୫।୮୬ ମଧ୍ୟରେ ଏହି ଜଙ୍ଗଲ ଲୁଟ୍ ହୋଇଥିଲା। ଏନେଇ ୨୧।୨।୮୭ରେ ଭିଜିଲାନ୍ସ ଡିଏସ୍‌ପି ନିରଞ୍ଜନ ଜେନା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ପ୍ରଥମେ ଏହାର ବିଚାର ପ୍ରକ୍ରିୟା ସମ୍ବଲପୁର ପରେ ବ୍ରହ୍ମପୁରରେ ଚାଲୁଥିଲା। ତେବେ ୨୦୦୭ରେ ଜୟପୁରରେ ଭିଜିଲାନ୍ସ କୋର୍ଟ ସ୍ଥାପନ ହେବା ପରେ ଉକ୍ତ ମାମଲା ଜୟପୁର ସ୍ଥାନାନ୍ତର ହୋଇଥିଲା। ମାମଲାରେ ୨୪ ଜଣଙ୍କ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ମାମଲାକୁ ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି ଏମ୍. ବାଲାଜୀ ରାଓ ପରିଚାଳନା କରିଥିଲେ। ଭିଜିଲାନ୍ସ କୋର୍ଟର ଏହି ରାୟ ବିରୋଧରେ ଅଭିଯୁକ୍ତମାନେ ହାଇକୋର୍ଟରେ ଅପିଲ କରିବାକୁ ଚାହିଁବାରୁ ବିଚାରପତି ସେମାନଙ୍କୁ ଜାମିନରେ ଛାଡିଥିବା ଜଣାଯାଇଛି।

# ପାରିବାରିକ ବିବାଦ ମାମଲା | ବର୍ଷାଙ୍କ ପିଟିଶନ ଖାରଜ

**କଟକ ଅଫିସ,୩୧।୮:** କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ମାମଲାର ଶୁଣାଣି ମଙ୍ଗଳବାର କଟକ ଜିଲା ପରିବାର ଅଦାଲତରେ ହୋଇଥିଲା। ତେବେ ବର୍ଷା ଗତ ଜୁଲାଇ ୨୭ରେ ରିଟ୍ ପିଟିଶନ ଦାଖଲ କରି ଦର୍ଶାଇଥିଲେ ଯେ, ଅନୁଭବଙ୍କ ଛାଡ଼ପତ୍ର ଆବେଦନ ତ୍ରୁଟିପୂର୍ଣ୍ଣ। ଏହା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ହେଲେ ଏହି ଯୁକ୍ତିକୁ କୋର୍ଟ ଖାରଜ କରିଦେଇଛନ୍ତି। ପରେ ମୂଳ ଦୁଇଟି ଆବେଦନର ଶୁଣାଣି ଆସନ୍ତା ୧୪ ତାରିଖକୁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ ଏସ୍. ଦାଶ ଏହି ମାମଲାର ଶୁଣାଣି କରିଥିବାବେଳେ ଅନୁଭବଙ୍କ ଓକିଲ ଆଲୋକ ମହାପାତ୍ର ଓ ବର୍ଷାଙ୍କ ଓକିଲ ଆର୍.କେ. ରଥ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବର୍ଷା-ଅନୁଭବ ପାରିବାରିକ ବିବାଦ ମାମଲାର ସମାଧାନ ପାଇଁ ପୂର୍ବରୁ କଟକ ପରିବାର ଅଦାଲତଙ୍କ ମଧ୍ୟସ୍ଥତା କେନ୍ଦ୍ରରେ ଉଭୟଙ୍କୁ କାଉନସେଲିଂ କରାଯାଇଥିଲା। କିନ୍ତୁ ସମାଧାନ ହୋଇ ନ ପାରିବାରୁ ବୁଝାମଣା ପ୍ରକ୍ରିୟାର ଅନ୍ତ ଘଟିଥିଲା। ପରେ ଅନୁଭବଙ୍କ ଛାଡ଼ପତ୍ର ଓ ବର୍ଷାଙ୍କ ପକ୍ଷରୁ ଏକାଠି ରହିବାକୁ କରାଯାଇଥିବା ମାମଲା କଟକ ଜିଲା ପରିବାର ଅଦାଲତରେ ଚାଲୁ ରହିଛି।

# ସେଲିବ୍ରିଟିଙ୍କ ଉପରେ ଚାଇନାର ଦମନଲୀଳା



**ସାଂଘାଇ, ୩୧।୮**

ସେଲିବ୍ରିଟି ସଂସ୍କୃତି ଏବଂ ବଡ଼ ବଡ଼ ଇଣ୍ଟରନେଟ୍ ସଂସ୍ଥାଗୁଡ଼ିକ ଉପରେ ଦମନଲୀଳା ଚଳାଇଛି ଚାଇନା। ଏପରି କରି ସରକାର ନିଜ ମୁଖ୍ୟ ଉଦ୍ଦେଶ୍ୟ ପୂରଣ ଏବଂ କମ୍ୟୁନିଷ୍ଟ ଆଦର୍ଶକୁ ବଜାୟ ରଖିବାକୁ ଚେଷ୍ଟା କରୁଥିବା ନେଇ ଚାଇନାରେ ବହୁଳ ପ୍ରସାରିତ ବ୍ଲଗ୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଚାଇନା ସରକାର ଏହାକୁ ବିଶୃଙ୍ଖଳିତ ଅନ୍‌ଲାଇନ୍ ଫ୍ୟାନ୍ କ୍ଲବ୍ ସଂସ୍କୃତି ବୋଲି ଅଭିହିତ କରିଛନ୍ତି। ଏହାସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଟିକସ ଫାଙ୍କିବା ଓ ଅନ୍ୟାନ୍ୟ ଅପରାଧ ବାହାନାରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଅର୍ଥନୀତିରେ ବ୍ୟାପକ ହସ୍ତକ୍ଷେପ ସହ ଦେଶରେ ଅସମାନତା, ଉଚ୍ଚ ଆୟ, ସମ୍ପତ୍ତି ମୂଲ୍ୟ ବୃଦ୍ଧି ଏବଂ ଲାଭ ଖୋଜୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ବିରୋଧରେ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ବେଜିଂ ପକ୍ଷରୁ କୁହାଯାଇଛି। ଲୋକଙ୍କ ପାଇଁ ସରକାର ଏକ ପରିବର୍ତ୍ତନର ଯୋଜନା କରୁଥିବା ଜାତୀୟତାବାଦୀ ଲେଖକ ଲି ଗୁଆଙ୍ଗମ୍ୟାନ୍ ତାଙ୍କ ଅଫିସିଆଲ୍ ୱେବ୍ ଚ୍ୟାନେଲରେ ପ୍ରକାଶ କରିଛନ୍ତି। ଚାଇନା ଏହାର ମୁଖ୍ୟ ଉଦ୍ଦେଶ୍ୟ ଓ କମ୍ୟୁନିଷ୍ଟ ଆଦର୍ଶକୁ ଫେରୁଛି। ଚାଇନା ପୁଞ୍ଜିପତିମାନଙ୍କୁ ରାତାରାତି ଧନୀ ହେବାକୁ ଅନୁମତି ଦେବ ନାହିଁ। ଏହା ସେଲିବ୍ରିଟିଙ୍କ ସ୍ୱର୍ଗ ହୋଇପାରିବନି କିମ୍ବା ଏହା ଉପରେ ଜନମତ ପାଶ୍ଚାତ୍ୟ ସଂସ୍କୃତିର ଉପାସନା ସ୍ଥଳ ହେବାକୁ ହେବାକୁ ଦିଆଯିବନି। ତେଣୁ ସମସ୍ତ ସାଂସ୍କୃତିକ ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ଏବଂ ଏକ ସୁସ୍ଥ ଓ ଜନଆଧାରିତ ସମାଜ ଗଠନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।


# classifieds

**Everyday 0674-2580101, 2549302**




**BRIDE WANTED**

Searching both Kaibarta Groom in Bhubaneswar for very Fair Bride & very Fair Bride for Kaibarta Groom (IAS Faculty) Mob: 9990161440. D-21476




**SALE**

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାରି ଜାଗା ବିକ୍ରିହେବ। (Single Owner). ଷ୍ଟାର ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। ଯୋଗାଯୋଗ- 8917413036. D-71141

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ Commercial Hub Grand Bazar ସମ୍ମୁଖରୁ 1 K.M. ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249310759. D-70893

ପାହାଳ, ନଖରା, ତମାଣ୍ଡୋରେ electri ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି ଘର କରନ୍ତୁ। 9776866520. D-70896

**2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254.** D-70886

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

Book 3BHK Apartment Sahid Nagar, near Bhawani Mall & 2BHK, 4BHK, Apartment Madhusudan Nagar near The World. Call- 9777017120. D-71144

ଭୁବନେଶ୍ୱର ଚନ୍ଦକାରେ BCCST College ପାଖରେ ରୋଡ୍, Electricity, Water ସୁବିଧା ଥାଇ ବାସୋପଯୋଗୀ possession ପ୍ଲଟ୍ ମିଳୁଛି। 7735922768, 7326820978. D-70897

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

Land Owner plot for sale Patrapada CV Raman College yellowzone, Price-999/-. 9437335686, 7008487006. D-21504

**3BHK new duplex with 3Toilets, Two Balcony, Three Phase electric line with gated community (land 1500sqft. construction 1700sqft. both floors) at Brahmeswar Patna is for sale directly buyer contact: 9776804190.** D-21498




**Construct your home with branded material. We provide plan approval, boring, vastu. 7789824989, 9040744989.** D-70891




Double storied house having Carpet Area of 1612+1668sqft. at NandanVihar Near Patia, Bigbazar for commercial/ residential purpose. Contact: 9437348595 D-70951




Swarna SPA newly open positively health benefits with expert therapist. 9556978408. D-71139

Newly open SPA Offer@ 799/-, positively health benefits. Jaydevbihar. 7846814019. D-71408

Newly open full body massage Ladies and Gents. 8658471570, 8658994614. D-70473

Newly open Saikrupa Panchakarma Spa positively health benefits with Expert. 8984068077. D-21451

Newly open therapy centre offer @ 799/-, positively health benefits. 7381172169. D-71410

Refreshing your mind, your body with tha best therapy at Lotus SPA. 8018891951. D-70474

Monalisa massage Club: All types Body massage with hiprofile smart lady rooms service available. 9708545108. D-21491

Refreshments rejuvenation body massage therapy with experience therapists, Bhubaneswar. 9668374480. D-71143




Join bhubaneswar massage club ladies and gents earn regular income contact- 7978441326. D-21489

Business opportunities for TMT Bar Angul, Dhenkanal, Nayagarh, Khordha. 6372804707. D-68280

**AFFIDAVIT**

By virtue of an affidavit before the Notary Public, Junagarh, I Nihar Ranjan Panda, S/o. Jagdish Panda, R/o. Vill- Junagarh, Dist.- Kalahandi declare that the khata No.148 of mouza Bhainiriguda is recorded in the name of my father. In which my father's name is wrongly mentioned as Jagannath Panda instead of Jagdish Panda. That Jagannath Panda and Jagdish Panda is one and same person. D-21511

I, am Haramohan Senapati, F/o- Rochikanta Senapati certify that my son Rochikanta's date of birth is 08.09.2005 according to his date of birth certificate. D-21512

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**



**ଅନନ୍ୟା (ଗୁନୁ)**

ଚାଙ୍ଗପଡ଼ା, କନ୍ଦରପୁର, କଟକ
ଆଜି ତୋର ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**-:ଶୁଭେଚ୍ଛା ସହ:-**

ବାବା, ମାମା, ଜେଜ, ମାଆ, ଦାଦା, ଖୁଡ଼ୀ, ଅପା, ପିଉସା, ସିଲି, ମିକି, ଅଙ୍କି, ଭୁଜି, ଲକି, ବାବୁନା ।

ଧ-୨୧୫୧୦

# ପିଲାଙ୍କୁ ହୃଦ୍‌ରୋଗ: ଠିକ୍ ସମୟରେ ଚିକିତ୍ସା ଜରୁରୀ


ଡା. ସନ୍ଦୀପ ମହାନ୍ତି

**ଆଜିକାଲି ହୃଦ୍‌ରୋଗ ସାଧାରଣ ରୋଗ ହୋଇଗଲାଣି। ଟେକ୍ନୋଲୋଜି ଯେତେ ଉନ୍ନତି ହେଉଛି ରୋଗୀଙ୍କ ସଂଖ୍ୟା ମଧ ସେଭଳି ବଢ଼ିଚାଲିଛି। ପୂର୍ବାପେକ୍ଷା ଏବେ ଅଧିକ ରୋଗୀ ଚିହ୍ନଟ ହେଉଛନ୍ତି। ଏହି ଭୟଙ୍କର ରୋଗ ଛୋଟ ପିଲାଙ୍କୁ ବି ଛାଡୁନି। ତେବେ ଉଚିତ ସମୟରେ ଚିକିତ୍ସା କରିଦେଲେ ପିଲାଟି ସାଧାରଣ ଜୀବନ ବିତାଇପାରିବ। ପିଲାଙ୍କୁ ହୃଦ୍‌ରୋଗ ହେବାର କାରଣ କ'ଣ, ନିରାକରଣ, ଚିକିତ୍ସା ସମ୍ପର୍କରେ ଶିଶୁ ହୃଦ୍‌ରୋଗ ବିଶେଷଜ୍ଞ ଡା. ସନ୍ଦୀପ ମହାନ୍ତିଙ୍କ ସହିତ ଧରିତ୍ରୀର ଅସମାପିକା ସାହୁଙ୍କ ଆଳାପ।**

ଧରିତ୍ରୀ ଆଳାପ

**ପ୍ରଶ୍ନ– କେତେ ପ୍ରତିଶତ ପିଲାଙ୍କ କ୍ଷେତ୍ରରେ ହୃଦ୍‌ରୋଗ ଦେଖାଯାଉଛି?**

ଉତ୍ତର– ଯଦି ୧୦୦ ପିଲା ଜନ୍ମ ହୁଅନ୍ତି, ସେଥିରୁ ଗୋଟିଏ ପିଲାର ହୃଦ୍‌ରୋଗ ରହୁଛି। ସେହିଭଳି ଯଦି ୧୦୦ ପିଲାଙ୍କର ହୃଦ୍‌ରୋଗ ରହିଛି, ସେଥିମଧ୍ୟରୁ ୨୫ ଜଣ ଏମିତି ଥିବେ, ଯେଉଁମାନଙ୍କ ପ୍ରଥମ ମାସ ଭିତରେ ଚିକିତ୍ସା ନ କଲେ ସେମାନଙ୍କ ଜୀବନ ପ୍ରତି ବିପଦ ଆସିବ।

**ପ୍ରଶ୍ନ– ପିଲାଙ୍କୁ ହୃଦ୍‌ରୋଗ ହେବାର କାରଣ କ'ଣ? ଏହା ଜେନେଟିକ୍ କି ?**

ଉତ୍ତର– କେତେଟା କେସ୍‌ରେ ଜେନେଟିକ୍ ପ୍ରୋବ୍ଲେମ ଥାଏ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେଭଳି କୌଣସି କାରଣ ନ ଥାଏ। ପିଲା ମା' ପେଟରେ ଥିବାବେଳେ ଅର୍ଗାନ ସବୁ ତିଆରି ହୁଏ। ଯେତେବେଳେ ହାର୍ଟ ତିଆରି ହୁଏ ସେତେବେଳେ ହିଁ ଅସୁବିଧା ହୋଇଥାଏ।

**ପ୍ରଶ୍ନ– ହୃଦ୍‌ରୋଗୀ ମହିଳା ସନ୍ତାନ ଜନ୍ମ କଲେ ଶିଶୁଙ୍କୁ ହୃଦ୍‌ରୋଗ ହୋଇପାରେ କି?**

ଉତ୍ତର– ୨ରୁ ୪% ପିଲାଙ୍କୁ ହେବା ଆଶଙ୍କା ଥାଏ। କିଛି ହୃଦ୍‌ରୋଗ ରହିଛି, ଯଦି ତାହା ମା'ଙ୍କୁ ହୋଇଥିବ, ତେବେ ପିଲାଙ୍କୁ ହେବାର ଆଶଙ୍କା ୧୫ରୁ ୪୦% ରହିଛି।

**ପ୍ରଶ୍ନ– ଛୋଟ ପିଲା ଶରୀର କଷ୍ଟ କହିପାରନ୍ତିନି। ସେ କ୍ଷେତ୍ରରେ ପିଲା ହୃଦ୍‌ରୋଗରେ ପୀଡ଼ିତ ବୋଲି ଅଭିଭାବକ ଜାଣିବେ କିପରି?**

ଉତ୍ତର– ପିଲା କ୍ଷୀର ଖାଇବା ବେଳେ ଧଇଁସଇଁ ହେଉଥିବ, ରହି ରହି କ୍ଷୀର ଖାଉଥିବ, ଖାଇଲା ବେଳେ ମୁଣ୍ଡରୁ ଝାଳ ବୋହୁଥିବ, ପିଲା ନୀଳ ପଡ଼ିଯାଉଥିବ, ଓଜନ ବଢ଼ିବା କମ୍ ହେଉଥିବା ଭଳି ଲକ୍ଷଣ ଦେଖାଯାଏ। ବେଳେବେଳେ ଶିଶୁ ବିଶେଷଜ୍ଞ ଯେତେବେଳେ ପିଲାଙ୍କୁ ଷ୍ଟେଥୋସ୍କୋପ ପକାଇ ଦେଖନ୍ତି, ସେତେବେଳେ ଏକ ସାଉଣ୍ଡ ଆସେ, ଯାହାକୁ ଆମେ ମର୍‌ମର ବୋଲି କହୁ। ଯଦି ସେହି ମର୍‌ମର୍ ଡିଟେକ୍ଟ ହୁଏ, ତେବେ ପିଲାକୁ ପେଡିଆର୍ଟିକ କାର୍ଡିଓଲୋଜିଷ୍ଟ ପାଖକୁ ପଠାଯାଏ।

**ପ୍ରଶ୍ନ– ହୃଦ୍‌ରୋଗ ଚିହ୍ନଟ ପାଇଁ କ'ଣ ସବୁ ଟେଷ୍ଟ କରାଯିବା ଉଚିତ?**

ଉତ୍ତର– ଇକୋ କାର୍ଡିଓଗ୍ରାଫି ଟେଷ୍ଟରେ ପୂରା ନିଶ୍ଚିତ ହୋଇପାରିବା। ତା' ସାଙ୍ଗରେ ଏକ୍ସ-ରେ, ଇସିଜି ଟେଷ୍ଟ ମଧ କରାଯାଏ।

**ପ୍ରଶ୍ନ– ପିଲା ବଡ଼ ହେଲା ପରେ ଯଦି ରୋଗ ବାହାରେ, ସେତେବେଳେ କ'ଣ ଲକ୍ଷଣ ଦେଖାଯାଏ?**

ଉତ୍ତର– ତିନୋଟି ଗ୍ରୁପ୍ ଅଛି। ଗୋଟେ ଗ୍ରୁପ୍‌ରେ କୌଣସି ଲକ୍ଷଣ ଦେଖାଯାଏ ନାହିଁ। କେବଳ ଷ୍ଟେଥୋସ୍କୋପ ପକାଇଲେ ସେହି ମର୍‌ମର୍ ସାଉଣ୍ଡ ଜାଣିହେବ। ଦ୍ୱିତୀୟ ଗ୍ରୁପ୍, ଯେଉଁମାନେ ଧଇଁସଇଁ ହେଉଥିବେ। ତୃତୀୟ ଗ୍ରୁପ୍ ହେଲା ଯେଉଁ ପିଲାମାନେ ଛୋଟବେଳେ ନିମୋନିଆ ହୋଇ ବାରମ୍ବାର ହସ୍ପିଟାଲରେ ଭର୍ତ୍ତି ହୋଇଥିବେ, ସେମାନେ ବଡ଼ ହେଲା ପରେ ଚାଲିବା ଓ ଦୌଡ଼ିବା ବେଳେ ଧଇଁସଇଁ ହେବା ପରି ଲକ୍ଷଣ ଦେଖାଯାଏ।

**ପ୍ରଶ୍ନ– ପିଲାଙ୍କ ଚିକିତ୍ସା ପଦ୍ଧତି ବଡ଼ମାନଙ୍କଠାରୁ ଅଲଗା ନା ସମାନ ଥାଏ ?**

ଉତ୍ତର– ସାଧାରଣତଃ ପିଲାମାନଙ୍କଠାରେ କଞ୍ଜେନିଟାଲ ଓ ବଡ଼ମାନଙ୍କର କରୋନାରି ଆର୍ଟେରି ଡିଜିଜ୍ ଦେଖାଯାଏ। ଦୁଇଟି ରୋଗ ଯେହେତୁ ଅଲଗା, ତେଣୁ ଏହାର ଚିକିତ୍ସା ପଦ୍ଧତି ମଧ ଅଲଗା। ପିଲାମାନଙ୍କର କଞ୍ଜେନିଟାଲ ଡିଜିଜ୍‌କୁ ଦୁଇ ପ୍ରକାର ପଦ୍ଧତିରେ ଚିକିତ୍ସା କରିହେବ। ଗୋଟେ ହେଲା ପର୍କୁଟାନିଅସ୍ ଟ୍ରିଟ୍‌ମେଣ୍ଟ, ଯେଉଁଥିରେ ଡିଭାଇସ୍‌କୁ ବ୍ୟବହାର କରି ଚିକିତ୍ସା କରଯାଏ। ଆଉ ଗୋଟେ ହେଲା ଓପନ ହାର୍ଟ ସର୍ଜରି।

**ପ୍ରଶ୍ନ– ପିଲାଙ୍କ କ୍ଷେତ୍ରରେ ସର୍ଜରି କେତେବେଳେ ଆବଶ୍ୟକ ପଡ଼େ?**

ଉତ୍ତର– ତାହା ପିଲାର ରୋଗ ଉପରେ ନିର୍ଭର କରେ। କେତେଟା କ୍ଷେତ୍ରରେ ଜନ୍ମ ହେବାର ଗୋଟେ ବର୍ଷ ମଧ୍ୟରେ କରିବାକୁ ପଡ଼ିପାରେ। ଆଉ କିଛି କ୍ଷେତ୍ରରେ ଜନ୍ମ ହେବାର ପ୍ରଥମ ମାସ ଭିତରେ ବି କରିବାକୁ ପଡ଼ିଥାଏ।

**ପ୍ରଶ୍ନ– ଅଭିଭାବକଙ୍କ ପାଖରେ ସେଭଳି କିଛି ଭ୍ରାନ୍ତଧାରଣା ଦେଖିଛନ୍ତି କି?**

ଉତ୍ତର– ହଁ। ଯେତେବେଳେ ଡାକ୍ତର ତାଙ୍କୁ କୁହନ୍ତି ଯେ ପିଲାର ହାର୍ଟରେ କଣା ଅଛି, ତାଙ୍କ ମନରେ ଛନକା ପଶିଯାଏ। କିନ୍ତୁ ଅଭିଭାବକମାନେ ତାହା ବୁଝିବା ଦରକାର ଯେ, ଏହାର ଚିକିତ୍ସା ହୋଇପାରିବ। ସେହି କଣାକୁ ଅସ୍ତ୍ରୋପଚାର କରି ବନ୍ଦ କରିହେବ। ଏହାପରେ ପିଲା ସାଧାରଣ ଜୀବନ ବିତେଇପାରିବ ଏବଂ କୌଣସି ଅସୁବିଧା ହେବ ନାହିଁ।

**ପ୍ରଶ୍ନ– ଏକ ସଫଳ ଚିକିତ୍ସା ସମ୍ପର୍କରେ କିଛି କହିବେ?**

ଉତ୍ତର– ଏକ ୭ମାସର ପିଲା ଆସିଥିଲା। ଧଇଁସଇଁ ହେବା ସହ ଖାଇପାରୁ ନ ଥିଲା, କାନ୍ଦିଲେ ରାହା ଦେଇକି ରହିଯାଉଥିବା ଭଳି ଲକ୍ଷଣ ଦେଖାଯାଉଥିଲା। ତାର ହାର୍ଟ ପମ୍ପିଂ ରେଟ୍ ବହୁତ୍ କମ୍ ଥିଲା। ସାଧାରଣତଃ ୫୫% କିମ୍ବା ତା'ଠାରୁ ଅଧିକ ରହେ। କିନ୍ତୁ ପିଲାଟିର ୨୦% ଥିଲା। ଆଓର୍ଟାରୁ ଅକ୍ସିଜେନେଟେଡ୍ ବ୍ଲଡ୍ ହାର୍ଟକୁ କରୋନାରି ଆର୍ଟେରି ସପ୍ଲାଏ କରେ। କିନ୍ତୁ ପିଲାର ଲଙ୍ଗ୍‌ସକୁ ବ୍ଲଡ୍ ସପ୍ଲାଏ କରୁଥିବା ପଲମୋନାରି ଆର୍ଟେରିରୁ କରୋନାରି ଆର୍ଟେରି ବାହାରିଥିଲା। ରୋଗ ଚିହ୍ନଟ ହେବା ପରେ ତା'ର ସର୍ଜରି କରିଲୁ। ଏବେ ସେ ସୁସ୍ଥ ଅଛି। ଏହିଭଳି ରୋଗ ବହୁତ କମ୍ ଦେଖାଯାଏ।

**ପ୍ରଶ୍ନ– ପିଲାଙ୍କୁ ହୃଦ୍‌ରୋଗ ନ ହେବା ପାଇଁ ଖାଦ୍ୟଶୈଳୀ ଉପରେ କିଛି କଟକଣା ଅଛି କି ?**

ଉତ୍ତର– ନା, ସେମିତି କିଛି ନାହିଁ। ହାର୍ଟ ଡିଜିଜ୍‌ର ଖାଦ୍ୟ ସହିତ କିଛି ସମ୍ପର୍କ ନାହିଁ।

**ପ୍ରଶ୍ନ– ସମୟ ମିଳିଲେ କ'ଣ କରନ୍ତି?**

ଉତ୍ତର– ଗୀତ ଶୁଣିବାକୁ ଭଲଲାଗେ। ଓଡ଼ିଆରେ ହ୍ୟୁମାନ ସାଗର, ଅସୀମା ପଣ୍ଡା ଏବଂ ହିନ୍ଦୀରେ ଲତା ମଙ୍ଗେସକର, ଅଲ୍‌କା ୟାଗନିକ୍ ଓ ଶ୍ରେୟା ଘୋଷାଲଙ୍କ ଗୀତ ଭଲଲାଗେ।

**ପ୍ରଶ୍ନ– ଟିଭିରେ କ'ଣ ଦେଖିବାକୁ ଭଲଲାଗେ?**

ଉତ୍ତର– ଟିଭି ବେଶି ଦେଖେନି। ଯଦିବି ଦେଖେ କେବଳ ନ୍ୟୁଜ୍ ହିଁ ଦେଖେ।

## ୩ରୁ ପ୍ରବଳ ବର୍ଷା

**ଭୁବନେଶ୍ୱର, ୩୧।୮(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୩ତାରିଖରୁ ପ୍ରବଳ ବର୍ଷା ହେବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପ୍ରବଳ ବର୍ଷା ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୩ତାରିଖରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବ। ସେହିପରି ୪ରେ କୋରାପୁଟ, ରାୟଗଡ଼ା, ମାଲକାନଗିରି, ଗଜପତି, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଦୁଇଦିନ ଏସବୁ ଜିଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସହିତ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମଙ୍ଗଳବାର ବଲାଙ୍ଗୀରରେ ୧୪.୨ମିମି, ଛତ୍ରପୁରରେ ୧୪, ରାୟଗଡ଼ା ୭.୭, କେନ୍ଦୁଝରରେ ୫ମିମି ବର୍ଷା ରେକର୍ଡ କରାଯାଇଛି। ଭୁବନେଶ୍ୱର, କଟକ, ପାରାଦୀପ, ପୁରୀ, ଗୋପାଳପୁର, ଅନୁଗୋଳ, ବାରିପଦା, ସମ୍ବଲପୁର, କୋରାପୁଟ, ଭବାନୀପାଟଣା, ମାଲକାନଗିରି, ଦାରିଙ୍ଗବାଡ଼ିରେ ବର୍ଷା ହୋଇଥିବା ଜଣାପଡ଼ିଛି।

# ଦ୍ୱିତୀୟ ଲହରରେ ୩୭ ପିଲାଙ୍କ ମୃତ୍ୟୁ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ରାଜ୍ୟରେ କରୋନା ପୁଣି ଜଣେ ଶିଶୁର ଜୀବନ ନେଇଛି। ଏଥିସହ ୬୮ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏମାନଙ୍କ ମଧ୍ୟରେ କଟକରୁ ସର୍ବାଧିକ ୨୨ଜଣ ଥିବାବେଳେ ଅନୁଗୋଳରୁ ୧୧, ଜଗତସିଂହପୁର ୮, କେନ୍ଦ୍ରାପଡ଼ା ୬, ବାଲେଶ୍ୱର ୫, ଢେଙ୍କାନାଳ ୪, ଭଦ୍ରକ ଓ ପୁରୀରୁ ୩ ଜଣ ଲେଖାଏ, ଯାଜପୁର, ଖୋର୍ଦ୍ଧା ଓ ମୟୂରଭଞ୍ଜରୁ ୨ଜଣ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଏହି ୬୮ଜଣଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାର ଜଣେ ଦୁଇମାସ ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେ ଅନ୍ୟ କୌଣସି ରୋଗରେ ପୀଡ଼ିତ ନ ଥିଲେ। କେବଳ କରୋନାରେ ଶିଶୁଟିର ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ କହିଛି। ଏହାକୁ ମିଶାଇ ରାଜ୍ୟରେ ଦ୍ୱିତୀୟ ଲହରରେ ମୋଟ ୩୭ ଶିଶୁଙ୍କ ମୃତ୍ୟୁ ଘଟିଛି। ଅଗଷ୍ଟ ୧୦ରୁ ୩୧ ତାରିଖ ମଧ୍ୟରେ ୧୮ବର୍ଷରୁ କମ୍ ବୟସର ୧୩ ପିଲାଙ୍କର ଏହି ମହାମାରୀରେ ଜୀବନ ଯାଇଛି।

ସେହିପରି ରାଜ୍ୟରେ ୬୮ଜଣଙ୍କ ଜୀବନ ଯିବାପରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୭,୯୬୯କୁ ବୃଦ୍ଧି ପାଇଛି। କେବଳ ଅଗଷ୍ଟ ମାସରେ ୨,୦୬୭ଜଣଙ୍କ ମୃତ୍ୟୁ ତଥ୍ୟ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ତେବେ ଏହା ନିର୍ଦ୍ଦିଷ୍ଟ କେଉଁ ସମୟର ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇନାହିଁ। କରୋନା ପିକ୍‌ରେ ଥିବାବେଳେ ମୃତ୍ୟୁ ହୋଇଥିବା କୁହାଯାଉଛି। ଏବେ ଅଡିଟ୍ କରି ତଥ୍ୟ ଦିଆଯାଉଥିବା ବିଭାଗ ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ, ମେ' ମାସରେ ୬୬୦ ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିଲା। ଏହାପରେ ଜୁନ୍‌ରେ ତାହା ବଢ଼ିଯାଇ ୧,୨୭୨ରେ ପହଞ୍ଚିଥିଲା ଏବଂ ଜୁଲାଇରେ ପୁଣି ବଢ଼ି ୧,୮୮୪ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

### ପୁଣି ଗଲା ୨ମାସ ଶିଶୁର ଜୀବନ

- ଆଉ ୧୧୦ ପିଲା ସଂକ୍ରମିତ
- ସକ୍ରିୟ ରୋଗୀ ସଂଖ୍ୟାରେ ୟେଲୋ ଜୋନ୍‌କୁ ଗଲା ଖୋର୍ଦ୍ଧା

ଅନ୍ୟପଟେ ରାଜ୍ୟରେ ପୁଣି ଶିଶୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଛି। ଗତ କିଛିଦିନ ହେବ ପ୍ରାୟ ୧୫ ପ୍ରତିଶତ ଭିତରେ ଦୈନିକ ପିଲା ଚିହ୍ନଟ ହେଉଥିବା ବେଳେ ଏବେ ୧୭% ଉପରକୁ ବଢ଼ିଯାଇଛି। ଗତ ୨୪ଘଣ୍ଟାରେ ୫୭,୨୮୦ ନମୁନା ପରୀକ୍ଷା କରାଯାଇଥିବା ବେଳେ ୬୩୮ ପଜିଟିଭ୍ ବାହାରିଛନ୍ତି। ସେମାନଙ୍କ ମଧ୍ୟରେ କେବଳ ୧୮ବର୍ଷରୁ କମ୍ ବୟସର ୧୧୦ଜଣ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ କହିଛି, ଯାହା ମୋଟ ସଂକ୍ରମଣର ୧୭.୨୪%। ଗୋଟିଏ ପଟେ ପିଲାଙ୍କ ସଂକ୍ରମଣ ସଂଖ୍ୟା ବୃଦ୍ଧି ଓ ଅନ୍ୟପଟେ ଶିଶୁ ମୃତ୍ୟୁ ଏବେ ରାଜ୍ୟବାସୀଙ୍କୁ ଚିନ୍ତାରେ ପକାଇଦେଇଛି। ତେବେ ତୃତୀୟ ଲହର ମୁକାବିଲା ଓ ବିଶେଷ କରି ଶିଶୁଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ରାଜ୍ୟ ସରକାର କହିଛନ୍ତି। ସକ୍ରିୟ ରୋଗୀ ସଂଖ୍ୟାରେ ରେଡ୍ ଜୋନ୍‌ରେ ଥିବା ଖୋର୍ଦ୍ଧା ଜିଲା ଏବେ ୟେଲୋ ଜୋନ୍‌କୁ ଆସିଯାଇଛି।



### ଡିସେମ୍ବର ସୁଦ୍ଧା ସରିବ ଟିକାକରଣ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ରାଜ୍ୟରେ ଡିସେମ୍ବର ମାସ ସୁଦ୍ଧା ଟିକାକରଣ ସରିବ। ଯଦି ଟିକା ଆସିବାରେ କୌଣସି ସମସ୍ୟା ନ ହୁଏ, ତା'ହେଲେ ଆସନ୍ତା ୪ ମାସ ମଧ୍ୟରେ ଟିକାକରଣ ଶେଷ ହେବ ବୋଲି ମଙ୍ଗଳବାର ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ରାଜ୍ୟରେ ଟିକାକରଣ ସମ୍ପର୍କରେ ସୂଚନା ଦେଇ ଡା. ପାଣିଗ୍ରାହୀ କହିଛନ୍ତି, ରାଜ୍ୟରେ ଏବେ ଟିକାର କିଛି ସମସ୍ୟା ନାହିଁ। ବର୍ତ୍ତମାନ ସୁଦ୍ଧା ୨ କୋଟି ୨୦ ଲକ୍ଷ ଡୋଜ୍ ଟିକା ଦିଆଯାଇସାରିଛି। ପ୍ରଥମ ଡୋଜ୍ ୧ କୋଟି ୬୬ ଲକ୍ଷ ଓ ଦ୍ୱିତୀୟ ଡୋଜ୍ ୫୩ ଲକ୍ଷ ଲୋକ ନେଇସାରିଛନ୍ତି। ମୋଟ୍ ୫୪ ପ୍ରତିଶତ ପ୍ରଥମ ଡୋଜ୍ ପାଇଛନ୍ତି। ଆମ ପାଖରେ ଏବେ ୨୮ ଲକ୍ଷ ୫୪ ହଜାର ଡୋଜ୍ କୋଭିଶିଲ୍ଡ ଏବଂ ୪ ଲକ୍ଷ ୫୪ ହଜାର ଡୋଜ୍ କୋଭାକ୍ସିନ ମହଜୁଦ ରହିଛି। ଯେଉଁମାନଙ୍କର ଦ୍ୱିତୀୟ ଡୋଜ୍ ଟିକା ନେବାର ଅଛି, ପ୍ରାଥମିକତା ଭିତ୍ତିରେ ଦେବା ପାଇଁ ଜିଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଦ୍ୱିତୀୟ ଡୋଜ୍ ନେବାକୁ ଥିବା ଲୋକଙ୍କ ସହିତ ଶିକ୍ଷକମାନଙ୍କୁ ଟିକାକରଣ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୫ ସୁଦ୍ଧା ଶିକ୍ଷକଙ୍କ ଟିକାକରଣ ଶେଷ ହେବ। କେବଳ ଶିକ୍ଷକମାନଙ୍କୁ ଟିକା ଦେବା ପାଇଁ କିଛି ସ୍ୱତନ୍ତ୍ର କେନ୍ଦ୍ର ଖୋଲାଯାଇଛି। ମଙ୍ଗଳବାର ୧୪୦୦ କେନ୍ଦ୍ରରେ ଟିକାକରଣ ହୋଇଛି। ସେହିପରି ୧ ଲକ୍ଷ ଗର୍ଭବତୀ ମହିଳାଙ୍କୁ ଟିକାକରଣ କରାଯାଇଛି। ଦ୍ୱିତୀୟ ଲହରରେ ଜୁଲାଇ ସୁଦ୍ଧା ୧୦ ପ୍ରତିଶତ ଶିଶୁ ସଂକ୍ରମିତ ହୋଇଥିଲେ। ନୂଆ ଭାରିଆଣ୍ଟ ସି-୧-୨କୁ ନେଇ ସବିଶେଷ ତଥ୍ୟ ନାହିଁ। ଭାରତରେ ଏଭଳି ଭାରିଆଣ୍ଟ ଚିହ୍ନଟ ହୋଇନାହିଁ ବୋଲି ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି।









ଭଗବାନ ଆମର ଚେତନାରେ ପ୍ରେମରୂପେ, ମନରେ ଜ୍ଞାନ ରୂପେ, ପ୍ରାଣରେ ଶକ୍ତି ରୂପେ ଏବଂ ଶରୀରରେ ସୌନ୍ଦର୍ଯ୍ୟ ରୂପେ ପ୍ରକାଶିତ ହୁଅନ୍ତି। -ଶ୍ରୀମା



# ପ୍ରଶଂସାରେ ବିକାଶ ନାହିଁ

ଟୋକିଓ ଅଲିମ୍ପିକ୍ସ ୨୦୨୦ରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ସଫଳତା ପରେ ଏବେ ପାରାଲିମ୍ପିକ୍ସରେ ଗତ ୩ ଦିନରେ ଦୁଇଟି ସ୍ୱର୍ଣ୍ଣ ସହ ୧୦ ପଦକ ହାସଲ କରି ପାରା ଆଥ୍‌ଲେଟ୍‌ମାନେ ଏବେ ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଅବନୀ ଲେଖରା ୧୦ ମିଟର ଏୟାର ରାଇଫଲ୍ସ ଷ୍ଟାଣ୍ଡିଂ ଏସ୍‌ଏଚ୍‌ଆଇ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଜାଭେଲିନ୍ ଥ୍ରୋରେ ସୁମିତ ଆଣ୍ଟିଲ ସ୍ୱର୍ଣ୍ଣ ପଦକ ଜିତିବା ସହ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେହିପରି ଜାଭେଲିନ୍ ଥ୍ରୋରେ ଦେବେନ୍ଦ୍ର ଝାଝରିଆ ଓ ଡିସ୍କସ୍ ଥ୍ରୋରେ ଯୋଗେଶ କାଥୁନିୟା ରୌପ୍ୟ ପଦକ ଜିତିଛନ୍ତି। ଅନୁରୂପ ଭାବେ ମହିଳା ସିଙ୍ଗଲ୍ସ କ୍ଲାସ ୪ ଟେବୁଲ ଟେନିସରେ ଭାବିନାବେନ୍ ପଟେଲ ରୌପ୍ୟ, ଟି ୪୬/୪୭ ପୁରୁଷ ହାଇଜମ୍ପରେ ନିଶାଦ କୁମାର ରୌପ୍ୟ, ଟି ୪୨ ହାଇଜମ୍ପରେ ମାରିଆପ୍ପାନ୍ ରୌପ୍ୟ ଜିତିଥିବା ବେଳେ ଶରଦ କୁମାର ବ୍ରୋଞ୍ଜ, ଜାଭେଲିନ୍ ଥ୍ରୋରେ ସୁନ୍ଦର ସିଂ ଗୁର୍ଜର ଓ ୧୦ ମିଟର ଏୟାର ପିସ୍ତଲରେ ସିଂହରାଜ ଆଦାନା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଗତ ୫୩ ବର୍ଷ ମଧ୍ୟରେ ଭାରତୀୟ ପାରା ଆଥ୍‌ଲେଟମାନେ ସମୁଦାୟ ୧୨ଟି ପଦକ ଜିତିଥିବା ବେଳେ ଟୋକିଓ ପାରାଲିମ୍ପିକ୍ସରେ ଅଦ୍ୟାବଧି ୧୦ଟି ପଦକ ଜିତିବା ଉତ୍ସାହଜନକ। ଲୋକସଂଖ୍ୟା ଦୃଷ୍ଟିରୁ ଭାରତୀୟ ପାରା ଆଥଲେଟ୍‌ଙ୍କ ପଦକ ହାସଲ ବିଶ୍ୱସ୍ତରରେ ଆଶାନୁରୂପ ହୋଇପାରି ନାହିଁ। ପଡ଼ୋଶୀ ଚାଇନା ୬୨ଟି ସ୍ୱର୍ଣ୍ଣ ସହ ୧୩୨ ପଦକ ହାସଲ କରି ଶୀର୍ଷ ସ୍ଥାନରେ ରହିଛି।

ସକ୍ଷମ କ୍ରୀଡ଼ାବିତ୍‌ଙ୍କ ପାଇଁ ଭାରତରେ ପର୍ଯ୍ୟାପ୍ତ ଭିତ୍ତିଭୂମି ସୃଷ୍ଟି କରାଯାଇପାରି ନାହିଁ। ଏଭଳିସ୍ଥଳେ ପାରା ଆଥ୍‌ଲେଟ୍‌ଙ୍କ ପାଇଁ ସେମାନଙ୍କ ଶାରୀରିକ ଓ ମାନସିକ ଆବଶ୍ୟକତାକୁ ପୂରଣ କଲାଭଳି ଅନୁକୂଳ ଭିତ୍ତିଭୂମି ଓ ସେହି ଧରଣର ପ୍ରଶିକ୍ଷଣ କଥା କଳ୍ପନା କରିବା କଷ୍ଟକର। ଭାରତରେ ଜାତୀୟ ସ୍ତରରେ ତାହାର ଘୋର ଅଭାବ ରହିଛି। ଯଦି ରାଜ୍ୟଗୁଡ଼ିକୁ ଦେଖାଯାଏ, ସେଠାରେ ସାଙ୍ଗଠନିକ ଢାଞ୍ଚା ଅଦ୍ୟାବଧି ବ୍ୟବସ୍ଥିତ ହୋଇପାରି ନାହିଁ। ଭିନ୍ନକ୍ଷମଙ୍କ ଗମନାଗମନ, ଶିକ୍ଷାନୁଷ୍ଠାନଠାରୁ ଆରମ୍ଭକରି କାର୍ଯ୍ୟାଳୟ ଯାଏ ସେଭଳି ଉନ୍ନତ ସୁବିଧା ଯୋଗାଇ ଦିଆଯାଇପାରୁ ନାହିଁ। ଏପରିକି ଅନେକ ସ୍ଥାନରେ ଦିବ୍ୟାଙ୍ଗମାନଙ୍କ ପାଇଁ ଭଲ ଶୌଚାଳୟଟିଏ ମଧ୍ୟ ନାହିଁ। ତେଣୁ କୁହାଯାଇପାରେ ଯେ, ଆଜି ଯେଉଁମାନେ ରାଜ୍ୟ ସ୍ତରରେ କ୍ରୀଡ଼ା କ୍ଷେତ୍ରରେ ନାମ ଅର୍ଜନ କରି ଜାତୀୟ ସ୍ତର ଯାଏ ପହଞ୍ଚିଛନ୍ତି, ତାହା ବ୍ୟକ୍ତିଗତ ଉଦ୍ୟମ ଯୋଗୁ ସମ୍ଭବ ହୋଇପାରିଛି। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ପାରା ଆଥ୍‌ଲେଟମାନଙ୍କ ଚୟନ ଓ ପ୍ରଶିକ୍ଷଣ ଦାୟିତ୍ୱ ନେଇଥାଏ। ଦୁଃଖର ବିଷୟ ଯେ, କେତେକ ରାଜ୍ୟରେ ଦିବ୍ୟାଙ୍ଗ କ୍ରୀଡ଼ାବିତ୍‌ଙ୍କ ପାଇଁ ତୃଣମୂଳ ସ୍ତରରେ ଖୁବ୍ କମ୍ ସୁବିଧା ଯୋଗାଇ ଦିଆଯାଉଛି। ଜିଲାଠାରୁ ରାଜ୍ୟ ସ୍ତର ଯାଏ ସେମାନଙ୍କ ଚୟନ ଓ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଦକ୍ଷ ଦିବ୍ୟାଙ୍ଗ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବା ପାଇଁ ବାଟ ପାଇପାରୁନାହାନ୍ତି। ପରିବାରଠାରୁ ଆରମ୍ଭକରି ସାମାଜିକ ବ୍ୟବସ୍ଥାରେ ଜଣେ ଦିବ୍ୟାଙ୍ଗଙ୍କ ରୁଚି ଓ ପସନ୍ଦକୁ କୌଣସି ପ୍ରାଧାନ୍ୟ ଦିଆଯାଉ ନାହିଁ। ସରକାରୀ ସ୍ତରରେ ଗୋଟିଏ କୋଠରିରେ ଯଦି ର୍ୟାମ୍ପ ନିର୍ମାଣ କରି ଦିଆଯାଉଛି, ତେବେ ତାହାକୁ ଦିବ୍ୟାଙ୍ଗ ଅନୁକୂଳ ବୋଲି ଦର୍ଶାଯାଉଛି। ବାସ୍ତବରେ ସୁବିଧା ସେଇଠି ଶେଷ ହୁଏ ନାହିଁ। ତାହା କେବଳ ମାତ୍ର ଏକ କ୍ଷୁଦ୍ର ଆରମ୍ଭ। କିନ୍ତୁ ସବୁ ପ୍ରକାର ଅସୁବିଧା ସତ୍ତ୍ୱେ ଯେତେବେଳେ ନିଜ ସାମର୍ଥ୍ୟ ବଳରେ ଜଣେ ଦିବ୍ୟାଙ୍ଗ ଅନ୍ତର୍ଜାତୀୟ ସ୍ତରରେ ନିଜର ଉତ୍କର୍ଷ ପ୍ରତିପାଦନ କରୁଛନ୍ତି, ସେତେବେଳେ ତାଙ୍କୁ ପିସିଆଇ ଓ ଆନୁଷଙ୍ଗିକ ରାଜ୍ୟସ୍ତରୀୟ ସଙ୍ଗଠନଗୁଡ଼ିକ ଗୁରୁତ୍ୱ ଦେଉଛନ୍ତି।

୨୦୧୧ ଜନଗଣନା ଅନୁଯାୟୀ ଭାରତରେ ୧୨୧ କୋଟି ଲୋକସଂଖ୍ୟାରେ ୨ କୋଟି ୬୮ ଲକ୍ଷ ଦିବ୍ୟାଙ୍ଗ ଅଛନ୍ତି। ବିଗତ ୧୦ ବର୍ଷ ମଧ୍ୟରେ ଏମାନଙ୍କ ସଂଖ୍ୟା ନିଶ୍ଚୟ ବଢ଼ିଥିବ। ପାରା ଆଥ୍‌ଲେଟଙ୍କ ସଫଳତା ପରେ ସେମାନଙ୍କୁ ବିଭିନ୍ନ ରାଜ୍ୟ ସରକାର ପୁରସ୍କାର ଆକାରରେ ଅର୍ଥ ରାଶି ଘୋଷଣା କରୁଛନ୍ତି। ସମ୍ପ୍ରତି ପାରାଲିମ୍ପିକ୍ସ ସରିଗଲା ପରେ 'କାଶିଆ କିଏ ନା କପିଳା କିଏ' ନ୍ୟାୟରେ ସରକାର ଓ କ୍ରୀଡ଼ା ସଙ୍ଗଠନଗୁଡ଼ିକ ସବୁ କିଛି ଭୁଲି ଯାଉଥିବା ଉଦାହରଣ ପୂର୍ବରୁ ଦେଖିଆସିଛୁ। ଫଳରେ ସେମାନଙ୍କ କ୍ରୀଡ଼ା ଦକ୍ଷତାର ସାମଗ୍ରିକ ବିକାଶ ହୋଇପାରୁ ନାହିଁ। କ୍ରୀଡ଼ା ବାହାରକୁ ଯାଇ ଦେଖିଲେ ଅନେକ ଦିବ୍ୟାଙ୍ଗ ଉପଯୁକ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇବାରେ ବାଛବିଚାରର ଶିକାର ହେଉଛନ୍ତି। ଏକ ଜନମଙ୍ଗଳ ରାଷ୍ଟ୍ରରେ ଏହି ବର୍ଗ ଅନ୍ୟମାନଙ୍କ ଭଳି ସମାନ ପ୍ରକାର ସୁବିଧା ଓ ସୁଯୋଗ ପାଇବା ପାଇଁ ହକ୍‌ଦାର। ବିଶେଷକରି ଏମାନଙ୍କ ପ୍ରତି ସର୍ବଙ୍କ ମନୋଭାବରେ ପରିବର୍ତ୍ତନ ଆସିବା ସହ ଏମାନଙ୍କ ପାଇଁ ପ୍ରଣୀତ ନୀତିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାର ସମୟ ଉପନୀତ। କେବଳ ସାମୟିକ ପ୍ରଶଂସା କଲେ ଭିତ୍ତିଭୂମି, କର୍ମନିଯୁକ୍ତିଠାରୁ ଆରମ୍ଭକରି ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ ଆପେ ଆପେ ହୋଇପାରିବ ନାହିଁ।

# ରାଜନୀତିରେ ଅପରାଧ ତତ୍ତ୍ୱ



ସୌଭାଗ୍ୟ ସୁନ୍ଦରରାୟ

ମାତ୍ର ୨ ବର୍ଷରେ ଦେଶର ଜନପ୍ରତିନିଧିଙ୍କ ଆପରାଧିକ ମାମଲା ୧୭% ବୃଦ୍ଧି ପାଇଛି। ଜନପ୍ରତିନିଧିଙ୍କ ବିରୋଧରେ ଥିବା ଆପରାଧିକ ମାମଲାର ତ୍ୱରିତ୍ ଶୁଣାଣି ପାଇଁ ସୁପ୍ରିମକୋର୍ଟରେ ଦାଏର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଗତ ୯ ତାରିଖରେ ଉପସ୍ଥାପିତ କରାଯାଇଥିବା ତଥ୍ୟରୁ ଏହି ବିଷୟ ଜଣାପଡ଼ିଛି। ୨୦୧୮ ଡିସେମ୍ବର ସୁଦ୍ଧା ଦେଶର ବିଧାୟକ ଓ ସାଂସଦଙ୍କ ବିରୋଧରେ ୪,୧୨୨ଟି ଆପରାଧିକ ମାମଲା ରହିଥିବାବେଳେ ୨୦୨୦ ସେପ୍ଟେମ୍ବର ସୁଦ୍ଧା ଏହି ସଂଖ୍ୟା ୪୮୫୯ରେ ପହଞ୍ଚିଛି।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ନିକଟରେ ପୂର୍ବତନ ଜନପ୍ରତିନିଧିଙ୍କୁ ମିଶାଇ ଦେଶର ୧୨୨ ଜନପ୍ରତିନିଧିଙ୍କ ବିରୋଧରେ ଅର୍ଥ ଚାଲାଣ ମାମଲା ରହିଛି। ଏଥିରେ ଦେଶର ଜଣାଶୁଣା ରାଜନେତା ରହିଛନ୍ତି। ଏମାନଙ୍କ ତାଲିକା ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି। ତାଲିକାରେ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ସମେତ ପି. ଚିଦାମ୍ବରମ, ଫାରୁକ ଅବଦୁଲ୍ଲା, ଦୟାନିଧି ମାରାନ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀଙ୍କ ସହ ଅନେକ ରାଜନେତାଙ୍କ ନାମ ରହିଛି। ଜଗନମୋହନଙ୍କ ବିରୋଧରେ ଏକାଧିକ ଫୌଜଦାରି ମାମଲା ମଧ୍ୟ ରହିଛି।

ବିଡ଼ମ୍ବନାର ବିଷୟ ଯେ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଫୌଜଦାରି ମାମଲାଗୁଡ଼ିକର ସ୍ଥିତାବସ୍ଥା ରିପୋର୍ଟ ଦାଖଲ ପାଇଁ ସୁପ୍ରିମକୋର୍ଟ ପକ୍ଷରୁ ତିନି ଥର କୁହାଯାଇଥିଲେ ମଧ୍ୟ ସଂସ୍ଥା ତାହା ଦାଖଲ କରିବାରେ ବିଫଳ ହୋଇଥିଲା। କିନ୍ତୁ ଅଦାଲତ ତାଗିଦ ଯୋଗୁ ସିବିଆଇ ନିଜ ସତ୍ୟପାଠରେ ସଂସ୍ଥା ନିକଟରେ ୧୫୧ଟି ମାମଲା ରହିଥିବା ଦର୍ଶାଇଛନ୍ତି। ଏହି ମାମଲାରେ କେତେକରେ ଆଜୀବନ କାରାଦଣ୍ଡ ଦଫା ରହିଥିବା ଜଣାପଡ଼ିଛି। ରାଜନୈତିକ ନେତୃବୃନ୍ଦଙ୍କ ବିରୋଧରେ ଏହି ମାମଲାର ପରିଣାମ କ'ଣ ହେବ ତାହା ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଜଣାପଡ଼ିବ ନାହିଁ। କିନ୍ତୁ ବିଚାର ବିଳମ୍ବିତ ହୋଇଚାଲିଛି।

ଗୋଟିଏ ବିଷୟ ସ୍ପଷ୍ଟ ଯେ, ସମୟକ୍ରମେ ରାଜନୀତିର ଅପରାଧୀକରଣ ହୋଇଛି। ଏହା ଆର୍ଥିକ ଅପରାଧ ବା ଫୌଜଦାରି ଅପରାଧ ହୋଇପାରେ ଅଥବା ନୈତିକ ଅପରାଧ । ରାଜନୀତିରେ ଆଦର୍ଶ ଓ ନୈତିକତାର ଅବକ୍ଷୟ ଘଟିଛି। ଭୋଟରଙ୍କ ଆବଶ୍ୟକତା ହେଉ ବା କ୍ଷମତାରେ ରହିବା ଆକର୍ଷଣ ହେଉ, ଏଥିପାଇଁ ଅନୈତିକ ପନ୍ଥାର ଆଶ୍ରୟ ନେବାକୁ ପଡୁଛି। ଗୋଖାଦ୍ୟ ଦୁର୍ନୀତି ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ଜେଲଦଣ୍ଡ ଭୋଗିଛନ୍ତି। ଶାରୀରିକ ଅସୁସ୍ଥତା କାରଣରୁ ଲାଲୁପ୍ରସାଦ ଜେଲରୁ ବାହାରକୁ ଆସିବା ପରେ ଏବେ ରାଜନୀତିରେ ସକ୍ରିୟ ହେଲେଣି। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶ୍ରୀ ଜୟଲଳିଥା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନିମ୍ନ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କିଛିଦିନ ସେ ଜେଲରେ ରହିଲେ। ସୁପ୍ରିମକୋର୍ଟରୁ ଜାମିନ ପାଇଲେ। ପୁଣି ମୁଖ୍ୟମନ୍ତ୍ରୀ ହେଲେ। ପରିଶେଷରେ କର୍ଣ୍ଣାଟକ ହାଇକୋର୍ଟ ଦ୍ୱାରା ଦୋଷମୁକ୍ତ ହେଲେ। କର୍ଣ୍ଣାଟକ ହାଇକୋର୍ଟ ରାୟ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବା ସମୟରେ ତାଙ୍କର ପରଲୋକ ଘଟିଲା। ପରେ ପରେ ଜୟଲଳିଥାଙ୍କ ବାନ୍ଧବୀ ତଥା ଏଆଇଏଡିଏମ୍‌କେ ଦଳର ନେତ୍ରୀ ଭି.କେ. ଶଶୀକଳା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁପ୍ରିମକୋର୍ଟରେ ଦଣ୍ଡିତ ହୋଇ ୪ ବର୍ଷ ଦଣ୍ଡ ଭୋଗିବା ପରେ ଜେଲରୁ ମୁକ୍ତ ହୋଇଛନ୍ତି। ସେହିପରି ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍‌ପ୍ରକାଶ ଚୌତାଲା ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ଦ୍ୱାରା ଦଣ୍ଡିତ ହୋଇ ଦୀର୍ଘ ୯ ବର୍ଷ ଜେଲରେ କଟାଇଥିଲେ।

ଉଚ୍ଚ ଆସନରେ ଥିବା ରାଜନେତାଙ୍କ ଦୁର୍ନୀତିର ଏହା ଏକ ଉପକ୍ରମଣିକା ମାତ୍ର। ଏହି ପରିପ୍ରେକ୍ଷୀରେ ତଳ ସ୍ତରର ରାଜନେତା ବା କର୍ମୀଙ୍କ ଦ୍ୱାରା ଦେଶରେ ବ୍ୟାପକ ଦୁର୍ନୀତି ଘଟିଚାଲିଛି। ଏହା ଅଜଣା ବା ଅଛପା ନୁହେଁ। ସାଧାରଣ ଜନତା ଏହା ଦେଖୁଛନ୍ତି, ଅଙ୍ଗେ ନିଭାଉଛନ୍ତି। କିନ୍ତୁ କିଛି କରିପାରୁ ନାହାନ୍ତି। କାରଣ ସୁବ୍ରମଣ୍ୟମ ସ୍ୱାମୀଙ୍କ ପରି ସମସ୍ତଙ୍କର ଦକ୍ଷତା ବା ସାଧନ ନାହିଁ, ଯେ ଜୟଲଳିଥାଙ୍କୁ ଜେଲ ପଠାଇବାରେ ସମର୍ଥ ହୋଇପାରିଲେ। ଏହି ମର୍ମରେ କ୍ଷୋଭ ପ୍ରକାଶ କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ମାମଲା ଶୁଣାଣିରେ ସିବିଆଇ ବା ଆଇବି ନିକଟରୁ ସେମାନଙ୍କୁ ଆବଶ୍ୟକ ସହଯୋଗ ମିଳୁନାହିଁ।

ରାଜନେତାର ଆଚରଣ ସମ୍ପର୍କରେ ଆମ ପ୍ରାଚୀନ ସାହିତ୍ୟ ଓ ପୁରାଣରେ ବହୁ ମାତ୍ରାରେ ଦେଖିବାକୁ ମିଳିଥାଏ। ଅଯୋଧ୍ୟାରେ ରାଜା ଥିଲେ ରାମଚନ୍ଦ୍ର। ପ୍ରଜାଙ୍କ ନିକଟରେ ନିଜକୁ ଦୋଷମୁକ୍ତ କରିବା ନିମନ୍ତେ ସମସ୍ତ ପ୍ରକାର ପାରିବାରିକ ତ୍ୟାଗ ସ୍ୱୀକାର କରିଥିଲେ । ଥିଲେ ଜଣେ ଅଧିପତି ଦ୍ୱାରକାପୁରୀରେ। ବଂଶର ଗର୍ବ ତଥା ଅହଂକାରଜନିତ ଅନ୍ୟାୟରୁ ମୁକ୍ତ ହେବା ନିମନ୍ତେ ସେ ସମଗ୍ର ବଂଶର ବିନାଶ ପରିକଳ୍ପନା କରିଥିଲେ। ଥିଲେ ଜଣେ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ। ନିଜର ସାଧୁତା ଓ ସରଳ ଜୀବନଯାପନ ପାଇଁ ବେଶ୍ ଜଣାଶୁଣା। ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ମନ୍ତ୍ରିମଣ୍ଡଳରେ ରେଳମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିବା ସମୟରେ ରେଳ ଦୁର୍ଘଟଣାର ନୈତିକ ଦାୟିତ୍ୱ ଗ୍ରହଣ କରି ପଦବୀରୁ ଇସ୍ତଫା ଦେଇଥିଲେ। ତାଙ୍କ ନିକଟରେ ବିଶେଷ ସମ୍ପତ୍ତି ନ ଥିଲା। ଓଡ଼ିଶାରେ ଥିଲେ ଜଣେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ। ଜୀବନର ଶେଷ ବେଳକୁ ସେ କପର୍ଦ୍ଦକଶୂନ୍ୟ ଥିଲେ। ରାଜନୀତିରେ ସାଧୁତାର ଏପରି ଅନେକ ଦୃଷ୍ଟାନ୍ତ ଆମ ଦେଶରେ ରହିଛି।

ତେବେ ସମୟ ଆଗକୁ ବଢ଼ିବା ସହ ରାଜନୀତିର ସଂଜ୍ଞା ମଧ୍ୟ ବଦଳିବାରେ ଲାଗିଛି। ଯେଉଁ ରାଜନୀତିକୁ ଶ୍ରେଷ୍ଠ ନୀତି ଭାବେ ବିବେଚନା କରାଯାଇଥାଏ ତାହା କଳୁଷିତ ହେବାରେ ଲାଗିଛି। ବର୍ତ୍ତମାନ ରାଜନୀତି ମଧ୍ୟକୁ ବାହୁବଳ ଅର୍ଥବଳ ଆଦି ପ୍ରବେଶ କରିଛି। ନିର୍ବାଚନ ରାଜନୀତିରେ ଏହି ଦୁଇଟି ବିଷୟ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ନିଜର ଭୋଟରଙ୍କୁ ବାନ୍ଧି ରଖିବା ବା ଅନ୍ୟ ଦଳର ସମର୍ଥକଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିପୁଳ ଅର୍ଥ କାରବାର କରାଯାଉଛି। ନିର୍ବାଚନରେ ବ୍ୟୟ କରିବା ନିମନ୍ତେ ନିର୍ବାଚନ କମିଶନ ଯେଉଁ ପରିମାଣ ଅର୍ଥ ବରାଦ କରୁଛନ୍ତି ତା'ଠାରୁ ବହୁଗୁଣ ଅଧିକ ବ୍ୟୟ କରାଯାଉଛି। ଏହି ବ୍ୟୟ ଆନୁଷ୍ଠାନିକ ହିସାବ ବାହାରେ ରହୁଛି। ନିର୍ବାଚନରେ ମାଳମାଳ ଅତ୍ୟାଧୁନିକ ଗାଡ଼ି ବ୍ୟବହାର କରାଯାଉଥିବା ପରିଲକ୍ଷିତ ହେଉଛି। ମାଦକଦ୍ରବ୍ୟ, ଭୋଜି ଓ ସରକାରୀ ସୁବିଧା ପ୍ରଦାନ କରାଯାଇ ଭୋଟ କ୍ରୟ କରିବା ନିମନ୍ତେ ବ୍ୟବସ୍ଥା କରାଯାଉଛି। ବିଭିନ୍ନ ସମୟରେ ବାହୁବଳର ମଧ୍ୟ ଉପଯୋଗ କରାଯାଉଛି। ବାହୁବଳରେ ସାଧାରଣତଃ ଶାସକ ଦଳର ସଦସ୍ୟ ଆଗୁଆ ରହିଥାନ୍ତି। କାରଣ ଶାସକ ଦଳ କର୍ମୀ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ପ୍ରଶାସନ କୋହଳ ମନୋଭାବ ପୋଷଣ କରିଥାନ୍ତି।

ଆସୋସିଏଶନ ଫର ଡେମୋକ୍ରାଟିକ ରିଫର୍ମସ(ଏଡିଆର) ରିପୋର୍ଟ ଅନୁଯାୟୀ ୨୦୦୯ ନିର୍ବାଚନରେ ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କ ସଂଖ୍ୟା ୧୫% ଥିବାବେଳେ ୨୦୧୪ ନିର୍ବାଚନ ବେଳକୁ ଏହି ସଂଖ୍ୟା ୧୭% ଓ ୨୦୧୯ ନିର୍ବାଚନବେଳକୁ ଏହି ସଂଖ୍ୟା ୧୯%ରେ ପହଞ୍ଚିଛି। ଅର୍ଥାତ୍ ପ୍ରତି ୫ ବର୍ଷ ବ୍ୟବଧାନରେ ଅପରାଧ ପୃଷ୍ଠଭୂମି ଥିବା ରାଜନେତାଙ୍କ ସଂଖ୍ୟା ୨% ହାରରେ ବୃଦ୍ଧି ପାଉଛି। ଏହା ନିଶ୍ଚିତ ଭାବେ ଉଦ୍‌ବେଗର ବିଷୟ। ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ ଭାରତୀୟ ନିର୍ବାଚନ କମିଶନ ଓ ନ୍ୟାୟପାଳିକା କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଦୋଷୀ ସାବ୍ୟସ୍ତ କାରଣରୁ କେତେକ ରାଜନେତାଙ୍କ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା ଉପରେ ସୁପ୍ରିମକୋର୍ଟ ଅତୀତରେ ଅଙ୍କୁଶ ଲଗାଇଥିବା ଜଣାଯାଏ। ଇତିମଧ୍ୟରେ ଅଦାଲତ ଏକ ନିର୍ଦ୍ଦେଶନାମାରେ ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କ ବିବରଣୀ ମନୋନୟନର ୪୮ ଘଣ୍ଟା ମଧ୍ୟରେ ସାର୍ବଜନୀନ କରିବା ନିମନ୍ତେ ରାଜନୈତିକ ଦଳଗୁଡ଼ିକୁ କହିଛନ୍ତି। ଅପରାଧୀମୁକ୍ତ ରାଜନୈତିକ ପରିବେଶ ସୃଷ୍ଟି ଦିଗରେ ଅଦାଲତଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ, ଏଦିଗରେ ରାଜନୈତିକ ଦଳ ଯେଉଁ ପ୍ରକାର ସାଧୁତା ଓ ନୈତିକତା ପ୍ରଦର୍ଶନ କରିବା ଆବଶ୍ୟକ ତାହା ହୋଇପାରୁ ନାହିଁ । ସବୁ ରାଜନୈତିକ ଦଳ ନୈତିକତା ବାହାରେ ବିଭିନ୍ନ ବାଟରେ ଭୋଟ ହାତେଇବା ପାଇଁ ଚେଷ୍ଟିତ। ଏହି କାରଣରୁ ସେମାନେ ନିର୍ବାଚନ କମିଶନ ଓ ନ୍ୟାୟପାଳିକା ଉପରେ ସବୁ ବୋଝ ଲଦିଦେଇ ନିଜେ ଏଥିରୁ ଓହରି ଯାଉଛନ୍ତି। ଜନପ୍ରତିନିଧିଙ୍କ ବିରୋଧରେ ଥିବା ଆପରାଧିକ ମାମଲାର ସ୍ୱତନ୍ତ୍ର ଅଦାଲତରେ ତ୍ୱରିତ୍ ଶୁଣାଣି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବିଚାରପତି ଅଭାବରୁ ତାହା ହୋଇପାରୁ ନାହିଁ। ଭାରତୀୟ ଗଣତନ୍ତ୍ର ୭୫ ବର୍ଷରେ ପଦାର୍ପଣ କଲାଣି। ଏ ସମୟରେ ଦେଶର ନିର୍ବାଚନ ଧାରା ଯେତେ ମୂଲ୍ୟବୋଧଭିତ୍ତିକ ହେବ ଗଣତନ୍ତ୍ର ସେତେ ଉଜ୍ଜ୍ୱଳ ହୋଇପାରିବ।

ମୋ:୯୪୩୭୨୨୯୨୩୩

# ବୈକୁଣ୍ଠ ସମାନ ଘର



ଅଲେଖ ଚନ୍ଦ୍ର ମିଶ୍ର

ଆଜିକାଲି ସମାଜରେ ପାରିବାରିକ ଅବୁଝାମଣା ଏକ ସଂକ୍ରାମକ ବ୍ୟାଧି ଭଳି ବ୍ୟାପୀ ଚାଲିଛି। କେହି କାହା କଥା ଶୁଣିବାକୁ ନାରାଜ, ବୁଝିବାକୁ ଅମଙ୍ଗ। ଯିଏ ଯାହା ହାତରେ ଚଉଦ ପା'। ବରିଷ୍ଠଙ୍କୁ ଖାତିର ନାହିଁ କି କନିଷ୍ଠଙ୍କୁ ଆଦର ନାହିଁ। ପତ୍ନୀପତିଙ୍କ ମଧ୍ୟରେ ମନାନ୍ତର, ମାତାପିତା ଓ ସନ୍ତାନସନ୍ତତିଙ୍କ ଭିତରେ ମତାନ୍ତର ଏକ ସାଧାରଣ କଥାରେ ପରିଣତ ହୋଇଗଲାଣି। ପ୍ରାୟତଃ ଯୁବ ସମ୍ପ୍ରଦାୟ ଏଭଳି ମାନସିକତା ଦ୍ୱାରା ବିଶେଷ ଭାବରେ ପ୍ରଭାବିତ। କାରଣ ଏମାନେ ସ୍ୱାର୍ଥାନ୍ଧ ହୋଇ ପଡୁଛନ୍ତି। ଯୁବତୀଟିଏ ତା'ର ସାଥୀ ପାଇଗଲେ ପରିବାର ସହିତ ପନ୍ଦର କୋଡ଼ିଏ ବର୍ଷର ସମ୍ପର୍କକୁ ଛିନ୍ନ କରିଦେଇ ସେମାନଙ୍କର ଅଜ୍ଞାତସାରରେ ତା' ସହିତ ଚାଲିଯାଉଛି। ଯୁବକଟିଏ ବାହା ହେଲା ପରେ ପରେ ନବବଧୂକୁ ସାଙ୍ଗରେ ନେଇ ତା'ର କର୍ମକ୍ଷେତ୍ରକୁ ଚାଲିଯାଇ ସମସ୍ତଙ୍କୁ ଭୁଲିଯାଉଛି। ଏପରି କି ତା'ର ବସାଘରକୁ ମାତାପିତା କିମ୍ବା ନିକଟ ସମ୍ପର୍କୀୟ ଯେ କେହି ବୁଲିଆସିଲେ ବି ସେମାନଙ୍କ ଉପସ୍ଥିତିରେ ସେ ଭିନ୍ନ ଅନୁଭବ କରୁଛି। କାରଣ ଏହା ତା'ର ପ୍ରାଇଭେସିରେ ଆଞ୍ଚ୍ ଆଣେ। ସିଧା କଥାରେ କହିଲେ, ସେ ସମସ୍ତ ପ୍ରିୟପରିଜନଙ୍କଠାରୁ ଦୂରେଇ ଯାଇ ଏକା ରହିବାକୁ ପସନ୍ଦ କରୁଛି। ଅବଶ୍ୟ ଏହାର କିଞ୍ଚିତ୍ ବ୍ୟତିକ୍ରମ ରହିଛି।

କିନ୍ତୁ ଏ ପ୍ରକାରର ଘଟଣା ପ୍ରବାହ ବିଗତ ପାଞ୍ଚ ଛଅ ଦଶନ୍ଧିର ଅବଦାନ। ପୂର୍ବରୁ ଏପରି ନ ଥିଲା। ପାରିବାରିକ ଆକର୍ଷଣ, ଶୃଙ୍ଖଳା, କଟକଣା, ଆକଟ, ମର୍ଯ୍ୟାଦା, ମୁରବିପଣିଆ ଆଦି ମୂଲ୍ୟବୋଧ ପରିବାରର ସମସ୍ତ ସଦସ୍ୟଙ୍କୁ ଏକାଠି ବାନ୍ଧି ରଖୁଥିଲା ; ଯାହାକୁ ଏଡ଼େଇବା ଅତ୍ୟନ୍ତ କଷ୍ଟସାଧ ଥିଲା। ମୁରବିଙ୍କର ତାଡ଼ନା ଓ ଭର୍ତ୍ସନାରେ ବି ଆନନ୍ଦ ମିଳୁଥିଲା, କାରଣ ସେସବୁର ଉଦ୍ଦେଶ୍ୟ ମହତ୍ ଥିଲା। ହେଲେ ଏବର ପିଲାମାନେ ତାହା ବୁଝୁନାହାନ୍ତି। ସେମାନେ ଅଧିକ ସ୍ୱାଧୀନଚେତା ଓ ଆତ୍ମକେନ୍ଦ୍ରିକ ହେବାରୁ ଏପରି ଜୀବନ ବିତେଇବାକୁ ଚାହୁଁଛନ୍ତି, ଯେଉଁଠି ସେମାନଙ୍କୁ କାହାରି ଅଧୀନତା, ଅଧିକାର କିମ୍ବା ବଶ୍ୟତା ସ୍ୱୀକାର କରିବାକୁ ପଡ଼ିବନି। ନିଜ ଇଚ୍ଛାର ମାଲିକ ହେବା ସେମାନଙ୍କର ଧ୍ୟେୟ। ଏହିଭଳି ଚିନ୍ତାଧାରା ଯୋଗୁ ଚିରାଚରିତ ଆମର ଯୌଥ ପରିବାର ଭାଙ୍ଗି ଚୂର୍‌ମାର୍ ହୋଇଗଲା ଏବଂ ତା'ର ସ୍ଥାନ ନେଲା ଅଣୁ ପରିବାର। ଏବେ ଅଣୁ ପରିବାର ବି ରୂପାନ୍ତରିତ ହେଉଛି ଦମ୍ପତି ପରିବାରକୁ, ଯାହାର ମାତ୍ର ଦୁଇଜଣ ସଦସ୍ୟ ହେଲେ ପତି ଓ ପତ୍ନୀ।

ଆଗେ ପାରିବାରିକ ଅବୁଝାମଣା ଏଭଳି ନ ଥିଲା। ଯାହା ଥିଲା, ତାହା ହେଲା ସମ୍ପର୍କରେ ସାମୟିକ ଶିଥିଳତା ଏବଂ ସେସବୁ ଯୌଥ ପରିବାରର ହସ୍ତକ୍ଷେପ ଫଳରେ ତତ୍‌କ୍ଷଣାତ୍ ସମାଧାନ ହୋଇ ଯାଉଥିଲା। ମାତାପିତା, ଜେଜେ, ଜେଜେମା'ଙ୍କର ନିଃସ୍ୱାର୍ଥ ଓ ଅନାବିଳ ଶ୍ରଦ୍ଧାର ବିକଳ୍ପ ନାହିଁ। ସେମାନଙ୍କ ଆକଟ ଭିତରେ କେତେ ଯେ ସ୍ନେହ ଓ ମମତା ନିହିତ ଥାଏ, ତାହା କେବଳ ଅନୁଭବର କଥା। ମଣିଷ ଯଦି କ୍ଷଣକ ପାଇଁ ଭାବନ୍ତା ଯେ ସେମାନେ ତା'ର ଅତି ଆପଣାର ଏବଂ ସେମାନଙ୍କର କହିବାର ଅଧିକାର ଅଛି, ଯାହାକୁ ଗ୍ରହଣ କରିନେବା ତା'ର କର୍ତ୍ତବ୍ୟ, ତେବେ ହୁଏତ ପରିସ୍ଥିତି ଭିନ୍ନ ହୁଅନ୍ତା। ପରିବାର ଭିତରେ ପରା ତା'ର ଜନ୍ମ, ସ୍ଥିତି ଓ ବିଲୟ। ତାକୁ ଛାଡ଼ି ସେ ବଞ୍ଚିବ କେମିତି। ଅତଏବ ସମାଜ ଓ ପରିବାର ପାଇଁ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଓ ଦାୟିତ୍ୱର ବଳୟରେ ସେ ଆବଦ୍ଧ ଏବଂ ସେହି ବନ୍ଧନ ହିଁ ଏକ ମଧୁର ଆକର୍ଷଣ। ପରିବାରଠାରୁ ଅଧିକ ନିରାପଦ ଓ ନିର୍ଭରଯୋଗ୍ୟ ସ୍ଥାନ ଆଉ କାହିଁ? ସେଥିପାଇଁ ତ ଉତ୍କଳମଣି ଲେଖିଯାଇଛନ୍ତି,''ରହିଣ ବିଷମ ଜଞ୍ଜାଳ ଜଗତେ, ସଂସାରୀ ସୋଦର ବାନ୍ଧବ ସହିତେ /ଇଚ୍ଛାମତେ କାହୁଁ ଚଳିବ ବା ଜନ, ସଂସାରେ ନିଜର ନୁହେଁ ନିଜ ମନ।'' କିମ୍ବା ପ୍ରଖ୍ୟାତ ଇଂଲିଶ୍ କବି ଉଇଲିୟମ୍ କାଉପରଙ୍କର ''ସୋସାଇଟି, ଫ୍ରେଣ୍ଡଶିପ୍ ଆଣ୍ଡ୍ ଲଭ୍ ଡିଭାଇନ୍‌ଲି ବିଷ୍ଟୋଡ୍ ଅପନ୍ ମ୍ୟାନ୍।'' (ଭକ୍ତକବିଙ୍କ ଭାଷାରେ, ''କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର, ଯା'ର ପ୍ରାପତି ଯୋଗୁ ଦେବତା ନର।'')

ମନେରଖିବା ଉଚିତ୍ ଯେ, 'ମୁଁ' ଏବଂ 'ଆମେ' ଭିତରେ ଅନେକ ପ୍ରଭେଦ। ଏକାକୀ ମୁଁ କହିପାରେ, କିନ୍ତୁ ଆମେ ମିଳିମିଶି କଥାବାର୍ତ୍ତା କରୁ (ଏଲୋନ୍ ଆଇ କ୍ୟାନ୍ ସେ, ଟୁଗେଦର ଉଇ ଟକ୍), ଏକାକୀ ମୁଁ ଭୋଗ କରିପାରେ ; କିନ୍ତୁ ମିଳିମିଶି ଆମେ ଉପଭୋଗ କରୁ (ଏଲୋନ୍ ଆଇ କ୍ୟାନ୍ ଏଞ୍ଜୟ, ଟୁଗେଦର ଉଇ ସେଲିବ୍ରେଟ୍), ଏକାକୀ ମୁଁ ମୁରୁକି ହସିପାରେ, କିନ୍ତୁ ମିଳିମିଶି ଆମେ ହସୁ (ଏଲୋନ୍ ଆଇ କ୍ୟାନ୍ ସ୍ମାଇଲ୍, ଟୁଗେଦର ଉଇ ଲାଫ୍)। ଏହାହିଁ ମଣିଷ–ମଣିଷ ମଧ୍ୟରେ ସମ୍ପର୍କର ନିଦର୍ଶନ ଏବଂ ବନ୍ଧନର ଆକର୍ଷଣ। ''ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।'' ପାରିବାରିକ ବନ୍ଧନର ଏକ ସୁନ୍ଦର ଉପାଖ୍ୟାନ ଏଠାରେ ଉପସ୍ଥାପନା କରିବା ସମୀଚୀନ ମନେହୁଏ।

କୌଣସି ଏକ ଗ୍ରାମରେ ଥିଲେ ଏକ ଦରିଦ୍ର ଦମ୍ପତି। ସେମାନେ କିଛି ପାଠଶାଠ ପଢ଼ି ନ ଥିଲେ। କିନ୍ତୁ ତାଙ୍କ ପରିବାର ଥିଲା ସେ ଅଞ୍ଚଳରେ ସବୁଠାରୁ ସୁଖୀ। କାରଣ ପତ୍ନୀପତି ଦୁହେଁ ପରସ୍ପରକୁ ଖାଲି ଭଲ ପାଉ ନ ଥିଲେ, ଉଚିତ ସମ୍ମାନ ବି ଦେଉଥିଲେ। ତେଣୁ ତାଙ୍କର ପଚାଶ ବର୍ଷର ଦାମ୍ପତ୍ୟ ଜୀବନରେ ଥରୁଟିଏ ବି କଳିଝଗଡ଼ା ହୋଇ ନ ଥିଲା। ଏକଥା ରାଜାଙ୍କ କାନକୁ ଗଲା। ସେ ଏହାର ସତ୍ୟାସତ୍ୟ ପରୀକ୍ଷା କରିବାକୁ ଜଣେ ଗୁପ୍ତଚର ନିଯୁକ୍ତ କଲେ। ଦିନକର କଥା। ପତ୍ନୀ ପତିଙ୍କୁ କହିଲେ– ''ଆଗକୁ ବଡ଼ ପର୍ବଟିଏ ଆସୁଛି। ପିଲାମାନଙ୍କ ପାଇଁ ପୋଷାକପତ୍ର କିଣିବାକୁ ପଡ଼ିବ। ହାତରେ ତ ପଇସାଟିଏ ନାହିଁ। ଆମ ଗାଈଟିକୁ ବିକ୍ରି କରିଦେଲେ ଯାହା କିଛି ଟଙ୍କା ମିଳନ୍ତା, ସେଇଥିରେ ଖର୍ଚ୍ଚ ତୁଲାନ୍ତେ।'' ପତି କହିଲେ– ''ହଁ ହଁ, ଠିକ୍ କଥା କହିଛ, ସେୟା କରିବା।'' ସେ ଗାଈଟିକୁ ଗୋରୁହାଟକୁ ନେଇ ଚାଲିଗଲେ। ସଞ୍ଜବେଳକୁ ଘରକୁ ଫେରିଲା ପରେ ସ୍ତ୍ରୀ ପଚାରିଲେ, ''କ'ଣ ଗାଈ ବିକ୍ରି ହେଲା ?'' ପତି – ''ହଁ ବିକ୍ରି ହେଲା।'' ପତ୍ନୀ– ''କେତେ ଟଙ୍କା ମିଳିଲା ?'' ପତି – ''ଶହେ ଟଙ୍କା।'' ପତ୍ନୀ– ''କାହିଁ ଦେଖେଇଲ ?''ଟଙ୍କା କ'ଣ ଅଛିଯେ ଦେଖେଇବି! ସେ ଟଙ୍କାରେ ପରା ମୁଁ ଗୋଟିଏ ଛେଳି କିଣିଦେଲି।''ତା'ହେଲେ ତ ବଢ଼ିଆ ହେଲା। ଛେଳି ଛ' ମାସରେ ଥରେ ଛୁଆ ଜନ୍ମ କରିବ। ବର୍ଷ କେଇଟା ଭିତରେ ତାଙ୍କୁ ବିକି ଆମେ ଅନେକ ଟଙ୍କା ପାଇବା କହିଲା ପତ୍ନୀ। ପତି କହିଲେ–ହେଲାଯେ, ଛେଳିଟି କ'ଣ ଅଛି ? ତାକୁ ବିକିଦେଇ ତ କୁକୁଡ଼ାଟିଏ କିଣିଦେଲି।

''ଇଏତ ଆହୁରି ଭଲ ହେଲା। କୁକୁଡ଼ା ଏକାଥରକେ ଅନେକ ଅଣ୍ଡା ଦେବ। ସେଥିରୁ ଛୁଆ ହେବେ। ଅଣ୍ଡା ଓ ଛୁଆ ବିକିଲେ ଆମକୁ ବହୁତ ପଇସା ମିଳିବ।''ପୁଣି ପତି କହିଲେ –କୁକୁଡ଼ା ଥିଲେ ତ ମିଳିବ ? ତାକୁ ବିକ୍ରି କରି ଟଙ୍କା ଆଣୁଥିଲି। ବାଟରେ ବହୁତ ଭୋକ ଲାଗିଲା। ସେଇ ଟଙ୍କାରେ ହୋଟେଲ୍‌ରେ ପେଟେ ଖାଇଦେଲି। ଇଏତ ସବୁଠାରୁ ଭଲ ହେଲା। ଖାଇବାଠାରୁ ବଳି ବଡ଼କଥା ଆଉ କ'ଣ ଅଛି ? ତୁମେ ମନ ଖୁସିରେ ଖାଇଲ ସେଇ ମୋର ଖୁସି। ତୁମଠାରୁ କ'ଣ ଟଙ୍କା ବେଶୀ ବୋଲି କହିଲେ ପତ୍ନୀ। ରାଜା ଶୀଘ୍ର ଏ ଖବର ପାଇଗଲେ। ସେ ଉକ୍ତ ଦମ୍ପତିଙ୍କୁ ଦରବାରକୁ ଡକେଇ ଏପରି ପୁରସ୍କୃତ କଲେ ଯେ, ତାଙ୍କ ଦାରିଦ୍ର୍ୟ ଚିରଦିନ ପାଇଁ ଉଭେଇଗଲା।

ଶାସ୍ତ୍ରୀନଗର, ୟୁନିଟ–୪, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ପରିବେଶ ପ୍ରଦୂଷଣ ଦୂର କରିବା ଲାଗି ଅଭିନବ ପଦ୍ଧତି ସାମ୍ନାକୁ ଆଣୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ କର୍ଣ୍ଣାଟକର ଧନଞ୍ଜୟ ହେଗେଡ ଅନ୍ୟତମ। ଧନଞ୍ଜୟ ଜଣେ ଅବସରପ୍ରାପ୍ତ ମେକାନିକାଲ ଇଞ୍ଜିନିୟର ଓ ରହନ୍ତି ଉତ୍ତର କନ୍ନଡ ଜିଲାର କରୱାର ସହରରେ। ସେ ୧୦ କେ.ଜି. ଓଜନର ଜିନିଷ ନେବା ଭଳି କାଗଜ ବ୍ୟାଗ ତିଆରି କରିଛନ୍ତି। ଏଥିରେ ଡ୍ୟାମ୍ପ ଆଇଟମ୍ ଯଥା ମାଛ, ମାଂସ, କ୍ଷୀର ପ୍ୟାକେଟ ଭଳି ଜିନିଷ ନେଇ ହେଉଛି। ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ନିଷିଦ୍ଧ କରାଯାଇଥିଲେ ମଧ୍ୟ ମାଛ ଓ ମାଂସ ଦୋକାନୀ ଏହାର ବ୍ୟବହାର କରି ପରିବେଶ ପ୍ରଦୂଷଣ କରୁଛନ୍ତି। ଏଣୁ ଏହାର ବିକଳ୍ପ ପାଇଁ ଏହି କାଗଜ ବ୍ୟାଗ୍ ବ୍ୟବହାର କରାଯାଇପାରିବ ବୋଲି କହନ୍ତି ଧନଞ୍ଜୟ। ମାଛ ମାଂସ ଏବଂ ଏଭଳି ଅନ୍ୟ ଜିନିଷ ଆଣିବା ଦ୍ୱାରା ସହଜରେ ଉକ୍ତ ବ୍ୟାଗ ଓଦା ହୋଇ ନଷ୍ଟ ହେଉନାହିଁ। ଖବରକାଗଜକୁ ଏକ ନିଆରା ପଦ୍ଧତିରେ ସିଲାଇ କରି ଓ କର୍ନ ପାଉଡର ମିଶାଇ ସେ ଏହି ବ୍ୟାଗ୍ କରୁଛନ୍ତି। ବ୍ୟାଗର ମୂଲ୍ୟ ରଖିଛନ୍ତି ୨ ଟଙ୍କା। ଯେଉଁ ମେଶିନରେ ବ୍ୟାଗ ତିଆରି କରାଯାଉଛି ତାହାକୁ ମଧ୍ୟ ସେ ନିର୍ମାଣ କରିଛନ୍ତି। ଏଥିରେ ଦିନକୁ ୩୦୦ ବ୍ୟାଗ କରାଯାଇପାରୁଛି। ପ୍ରଦୂଷଣ ରୋକିବା ପାଇଁ ସେ ଅଧିକ ବ୍ୟାଗ ତିଆରି କରି ଦେଶର ସବୁଆଡ଼କୁ ପଠାଇବା ଲାଗି ଯୋଜନା କରିଛନ୍ତି। ଏବେ ସେ ବର୍ଜ୍ୟ କାଗଜ ସହ ଏଥିରେ କଦଳୀ ଗଛର ତନ୍ତୁ ଉପଯୋଗ କରି ବ୍ୟାଗକୁ ଆହୁରି ମଜଭୁତ କରିବାକୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ବ୍ୟାଗ ନେବା ଲାଗି ତାଙ୍କୁ ୩୫ ଜଣ ବ୍ୟବସାୟୀ ଅର୍ଡର ଦେଇଛନ୍ତି।

## ଚିରନ୍ତନୀ

''ଦୀପର ତଇଳ ଦେଖ
କ୍ଷଣେ କ୍ଷଣେ ଯାଉଅଛି ସରି
''ଲାଗଇ କି ବୃକ୍ଷେ ଆଉ
ଥରେ ଯେଉଁ ପତ୍ର ପଡ଼େ ଝରି ?
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୯୬

- ନେପାଳରେ ବର୍ଷା, ବନ୍ୟା ଓ ଭୂମି ଅତଡ଼ା ଖସି ୨୪୪ ଜଣଙ୍କ ମୃତ୍ୟୁ।
- ଓଡ଼ିଶା–ଆନ୍ଧ୍ର ସୀମାନ୍ତବର୍ତ୍ତୀ ବେରେଡ଼ା କୁନେରୁ ଗ୍ରାମ ନିକଟରେ ନାଗାବଳୀ ନଦୀରେ ନୌକା ବୁଡ଼ିଯିବା ଫଳରେ ୩୦ ଜଣ ଯାତ୍ରୀ ମୃତ।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ଆଇନଜୀବୀ ଅଶୋକ ସେନ୍‌ଙ୍କର ୮୩ ବର୍ଷ ବୟସରେ ପରଲୋକ।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ନାଥୁରାମ ମିର୍ଦ୍ଧାଙ୍କ ୭୫ ବର୍ଷ ବୟସରେ ପରଲୋକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 7 | | | | | |
| | | | | | 9 | 6 | 4 | |
| 8 | | 4 | | | | | | |
| | 6 | 2 | | | | | 8 | |
| | | | 1 | | 8 | | | |
| 5 | | | | | 4 | 7 | 6 | |
| 4 | | 7 | | 1 | | | 3 | |
| | | 5 | | | | | 7 | |
| 6 | | | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 8 | 4 | 9 | 6 | 3 | 2 | 5 |
| 6 | 9 | 3 | 2 | 5 | 1 | 4 | 8 | 7 |
| 2 | 4 | 5 | 3 | 8 | 7 | 1 | 9 | 6 |
| 3 | 2 | 6 | 8 | 7 | 9 | 5 | 4 | 1 |
| 7 | 8 | 1 | 5 | 4 | 2 | 6 | 3 | 9 |
| 9 | 5 | 4 | 6 | 1 | 3 | 8 | 7 | 2 |
| 8 | 1 | 2 | 9 | 6 | 4 | 7 | 5 | 3 |
| 5 | 6 | 9 | 7 | 3 | 8 | 2 | 1 | 4 |
| 4 | 3 | 7 | 1 | 2 | 5 | 9 | 6 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରେ ପଛୁଆବର୍ଗ

ମହାଶୟ,

ଆଗାମୀ ପଞ୍ଚାୟତ ନିର୍ବାଚନରେ ୨୭ ପ୍ରତିଶତ ଆସନରେ ପଛୁଆବର୍ଗଙ୍କୁ ପ୍ରାର୍ଥୀ କରାଯିବା ପାଇଁ ବିଜୁ ଜନତା ଦଳ ଘୋଷଣା କରିଛି। ଏଥିରେ ପଛୁଆବର୍ଗର ଲୋକଙ୍କ ଭାଗୀଦାରି ବଢ଼ିବ ବୋଲି କୁହାଯାଉଛି। ଏହି ନିଷ୍ପତ୍ତିକୁ ଶାସକ ଦଳର ଏକ ମାଷ୍ଟର ଷ୍ଟ୍ରୋକ୍ ଭାବେ ଗଣମାଧ୍ୟମଗୁଡ଼ିକ ବର୍ଣ୍ଣନା କରିଛନ୍ତି। ଏହାକୁ ନେଇ ରାଜନୈତିକ ଦଳଙ୍କ ମଧ୍ୟରେ ବିତର୍କର ଝଡ଼ ଆରମ୍ଭ ହୋଇଯାଇଛି। ତେବେ ଏଭଳି ନିଷ୍ପତ୍ତିରେ କୌଣସି ନୂତନତ୍ୱ ନ ଥିବାରୁ ଏହାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ନାହିଁ। ପଞ୍ଚାୟତ ନିର୍ବାଚନରେ କେବଳ ଜିଲା ପରିଷଦ ସଭ୍ୟ ପଦ ପାଇଁ ନିର୍ବାଚନ ଦଳୀୟ ଚିହ୍ନରେ ହୁଏ। ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟ ପଦ ପାଇଁ ନୁହେଁ। ଗତ ଜିଲା ପରିଷଦ ନିର୍ବାଚନରେ ପାଖାପାଖି ୫୭ ପ୍ରତିଶତ ପଛୁଆବର୍ଗରୁ ନିର୍ବାଚିତ ହୋଇଥିଲେ। ଅଧିକାଂଶ ଦଳ ମଧ୍ୟ ୫୦ ପ୍ରତିଶତରୁ ଅଧିକ ଏହି ବର୍ଗଙ୍କୁ ପ୍ରାର୍ଥୀ କରିଥିଲେ। ଏହାଛଡ଼ା ଜନସଂଖ୍ୟାର ସିଂହଭାଗ କୁହାଯାଉଥିବା ପଛୁଆ ବର୍ଗର ଲୋକଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ଦ୍ୱାରା ସେମାନେ ଉପକୃତ ହେବାର ସମ୍ଭାବନା ନାହିଁ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧ ସେପ୍ଟେମ୍ବର, ୨୦୨୧



**ଜନ୍ମାଷ୍ଟମୀ, ନନ୍ଦୋତ୍ସବରେ ଶୋଭାଯାତ୍ରା**

ବିନିକା,(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଂଘିଯୁବା ଉପରପଡା, ତଳିପଡା, ହାଇସ୍କୁଲ ପଡା ଓ କଲୋନୀପଡାରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଉପରପଡାରେ ଆଶିଷ ରଞ୍ଜନ ଦାଶ, ତଳିପଡାରେ ବୈଶାଖୁ ସାହୁ, ହାଇସ୍କୁଲ ପଡା ଓ କଲୋନୀ ପଡାରେ ବିପ୍ଳବ ରଞ୍ଜନ ଦାଶ ଓ ପୁରୋତ୍ତମ ନେପାକ ଆଚାର୍ଯ୍ୟଭାବେ ଯୋଗଦେଇଥିଲେ। ରୀତିନୀତି ଅନୁସାରେ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ଓ ହରିବଂଶ ପୁରାଣ ପଠନ କରାଯାଇଥିଲା।ମଙ୍ଗଳବାର ସଂଘିଯୁବାର ବିଭିନ୍ନ ପଡାରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଆଧାରିତ ଦହିଚୋରି, ମାଠିଆ ଭଙ୍ଗା ଲୀଳା ଓ କୃଷ୍ଣ-ବଳରାମଙ୍କ ନଗର ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଜି କ'ଣ କେଉଁଠି

କଣ୍ଟାବାଞ୍ଜି
- ଜେଏମଏଫସି କୋର୍ଟ ଉଦ୍ଘାଟନ, ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୯।୩୦

## ସଂକ୍ଷେପରେ

### ରେଳ ଧାରଣାରୁ ମୃତଦେହ ଜବତ

**ଅତାବିରା/ସରଣ୍ଡା,୩୧।୮:** ବରଗଡ଼ ଜିଲା ଅତାବିରା ବ୍ଲକ ଲରାସରା ପଞ୍ଚାୟତର ଚକୁଳିଫାର୍ମ ରେଳ ଲାଇନ୍‌ର ଖୁଣ୍ଟି ନଂ-୫୯୨/୯ରେ ମଙ୍ଗଳବାର ସକାଳେ ଜଣେ ଅଜଣା ଲୋକଙ୍କ ମୃତଦେହ ଜବତ ହୋଇଛି। ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଜିଆରପି ସବ୍‌ଇନ୍ସପେକ୍ଟର ଜି. କେ ପ୍ରଧାନ ସଦଳବଳ ସେଠାକୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲାକୁ ପଠାଇଥିଲେ।

### ବାଇକ୍ ଦୁର୍ଘଟଣା, ୩ ଗୁରୁତର

**ସରଣ୍ଡା,୩୧।୮(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଲାଦରପାଲି ଛକ ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ହୋଇଥିଲା । ରାସ୍ତାରେ ଥିବା ହମ୍ପସରେ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଗୋଟିଏ ପରିବାରର ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅତାବିରା ଥାନା କର୍ଣ୍ଣଟିକ୍ରାର କୌତୁକ ପ୍ରଧାନ(୪୫), ପୁଅ ରଶ୍ମିରଞ୍ଜନ ପ୍ରଧାନ(୧୩) ଏବଂ ପୁତୁରା ପ୍ରିୟରଞ୍ଜନ ପ୍ରଧାନ(୧୨) । ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଭୀମସାର ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

### ବାଇକ୍ ଚୋରି, ୨ ଗିରଫ

**ବରଗଡ଼ ଅଫିସ୍,୩୧।୮:** ବରଗଡ଼ ଜିଲା ସୋହେଲା ଥାନା ପୋଲିସ ମଙ୍ଗଳବାର ବାଇକ୍ ଚୋରି ମାମଲାରେ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରପାଲି ଥାନା କେବାଡ଼ ଗ୍ରାମର ମାଲୁ ମେହେର ଏବଂ ମନୋଜ ନାୟକ। ସେମାନଙ୍କ ପାଖରୁ ୨ଟି ବାଇକ୍ ଜବତ ହୋଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୧୫୯/୨୧) ରୁଜୁ ହୋଇଛି। ପ୍ରକାଶ ଯେ, ଗତ ୨୮ ତାରିଖରେ ସୋହେଲାର ଦୀପକ କୁମାର ପ୍ରଧାନଙ୍କ ଏକ ବାଇକ୍ (ନଂ.ଓଡ଼ି୧୭ବି/୯୦୯୦) ଚୋରି ହୋଇଥିଲା। ଏ ନେଇ ସେ ସୋହେଲା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ତନାଘନା କରିବା ସହିତ ଚୋରି ବାଇକକୁ ଉଦ୍ଧାର କରିଥିଲା। ଏହା ସହିତ ଅଭିଯୁକ୍ତଙ୍କ ପାଖରୁ ଅନ୍ୟ ଏକ ବାଇକ୍ ମଧ୍ୟ ପୋଲିସ ଜବତ କରିଛି।

# ରାସ୍ତା ଉପରେ ଗଣଧାରଣା

**ଡାକ୍ତରଙ୍କ ବଦଳିକୁ ବିରୋଧ**
- ଆନ୍ତଃ ରାଜ୍ୟ ଗାଡ଼ି ଚଳାଚଳ ଠପ୍
- ୮ ଘଣ୍ଟା ପରେ ହଟିଲା ଗଣଧାରଣା
- ସିଡ଼ିଏମ୍ଓଙ୍କୁ ଭେଟିଲେ ପ୍ରତିନିଧି ଦଳ

**ବରଗଡ଼ ଅଫିସ୍/ଅମ୍ବାଭୋନା,୩୧।୮**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ହିତାକାଂକ୍ଷୀ ପ୍ରଧାନଙ୍କୁ ବରଗଡ଼ ଜିଲା ପୁରୁଣା ମୁଖ୍ୟ ଡାକ୍ତରଖାନା (ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର)କୁ ବଦଳି ହୋଇଛି। ତେବେ ଡା. ପ୍ରଧାନଙ୍କ ବଦଳି ସୂଚନା ପାଇବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବଦଳି ଆଦେଶକୁ ପ୍ରତ୍ୟାହାର କରିବା ଦାବି ନେଇ ମଙ୍ଗଳବାର ପୂର୍ବାହ୍ନ ୯ଟାରୁ ଅଞ୍ଚଳର ସଚେତନ ନାଗରିକମାନେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତାରେ ଗଣଧାରଣା ଦେଇଥିଲେ। ଫଳରେ ବରଗଡ଼-ଛତିଶଗଡ଼ ଆନ୍ତରାଜ୍ୟ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ସ୍ଥାନୀୟ ତହସିଲଦାର ସୀତାରାମ



ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତାରେ ଗଣଧାରଣା।

ଭୋଇ, ବିଡ଼ିଓ ଆଲଫ୍ରାନ୍ସ ବିଲୁଙ୍ଗ, ଥାନା ଅଧିକାରୀ ଆକାଶ ବେହେରା ପ୍ରମୁଖ ଧାରଣାସ୍ଥଳକୁ ପହଞ୍ଚି ଆଲୋଚନା କରିଥିଲେ। ଅଞ୍ଚଳର ଏକ ପ୍ରତିନିଧି ଦଳ ଏ ନେଇ ଆଲୋଚନା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡ଼ିଏମ୍ଓ)ଙ୍କ ପାଖକୁ ଯାଇଥିଲେ ଏବଂ ଅପରାହ୍ନ ପ୍ରାୟ ୫ଟାରେ ଲୋକେ ଗଣଧାରଣାରୁ ଉଠିଥିଲେ। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ନପୂର୍ଣ୍ଣା ବ୍ୟବସାୟିକ ସଂଘ ସଭାପତି ଗୌରିଶଙ୍କର ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ଠାକୁରରାମ ପଟେଲ, ବିଜେଡ଼ି ବ୍ଲକ ସଭାପତି ରଘୁନାଥ ପଟେଲ, ଭୁକ୍ତା ସରପଞ୍ଚ ସୁରେନ୍ଦ୍ର ପ୍ରଧାନ, କଣ୍ଡପଲା ସରପଞ୍ଚ ଡୋଲାମଣି ପଟେଲ, ରାଜକିଶୋର ପୁରୋହିତ, ପୂର୍ଣ୍ଣାନନ୍ଦ ବଡ଼େଇ, ପରେଶ ମହାନନ୍ଦ, ଶଶିଭୂଷଣ ପ୍ରଧାନ, ସୁଧୀର ପ୍ରଧାନ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ଅତାବିରାରେ କିଷାନ ରଥର ଶୁଭାରମ୍ଭ



ଅତାବିରାରେ କିଶାନ ରଥର ଶୁଭାରମ୍ଭ କରାଯାଉଛି।

**ଅତାବିରା,୩୧।୮(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଆର୍‌ଏମ୍‌ସି ପରିସରରେ ମଙ୍ଗଳବାର କିଶାନ ରଥର ଶୁଭାରମ୍ଭ ହୋଇଛି। ଆରଏମ୍‌ସି ଉପାଧ୍ୟକ୍ଷ ସୁଦାମ ଜାଲ, ସମ୍ପାଦକ ପ୍ରଦୀପ କୁମାର ବେସନ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଅତାବିରା ଆରଏମ୍‌ସି ଅଧୀନ ଚାଷୀ, ବ୍ୟବସାୟୀ ଏବଂ ପରିବହନ ସଂସ୍ଥାକୁ କିଶାନ ରଥର ସୁବିଧା ସୁଯୋଗ ଉପରେ ତଥ୍ୟ ବଣ୍ଟନ କରାଯିବା କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ହିସାବ ରକ୍ଷକ ଭୋଲାନାଥ ଦାଶ, କମ୍ପ୍ୟୁଟର ଅପରେଟର ଭଗବାନ ମିଶ୍ର, ଇ-ନାମ ମଣ୍ଡି ଆନାଲିଷ୍ଟ ପ୍ରତୀକ ରଞ୍ଜନ ବାରିକ, କେମିଷ୍ଟ ସୁଦାମ କୁମାର ପାଣିଗ୍ରାହୀ, ଡିଇଓ ସୁଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, କୃଷିଜାତ ଦ୍ରବ୍ୟର ପରିବହନ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ କିଶାନ ରଥ ମୋବାଇଲ ଆପ୍ଲିକେଶନର ଆରମ୍ଭ ହୋଇଛି।

# 'ସ୍ୱାଧୀନତାର ଅମୃତକୁ ସଂରକ୍ଷିତ ରଖିବାକୁ ହେବ'

**ବଳାଙ୍ଗୀର ଅଫିସ, ୩୧।୮**

ବଳାଙ୍ଗୀର କୋଶଳ କଳାମଣ୍ଡଳ ପଡିଆସ୍ଥିତ ସଂସ୍କୃତି ଭବନରେ ଜିଲା ସଂସ୍କୃତି ଭବନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମିଳିତ ଆନୁକୂଲ୍ୟରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ସ୍ୱାଧୀନତାର ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଆଲୋଚକ ଭାବେ ପ୍ରଫେସର ଡ ଶିବପ୍ରସାଦ ନନ୍ଦ, ପ୍ରଫେସର ଡ. ଯଦୁମଣି ମହାପାତ୍ର, ସମ୍ମାନିତ ଅତିଥି ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଦେବେନ୍ଦ୍ର ସେଠ୍ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ କବି ଆନନ୍ଦଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ଜାତିର ପିତା ମାହତ୍ମା ଗାନ୍ଧୀଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ମାନ ଜଣାଇଥିଲେ। ଏହାପରେ ପଞ୍ଚମ ଅନୁଷ୍ଠାନର କଳାକାରମାନେ ରାଷ୍ଟ୍ରଗାନ ବନ୍ଦେ ମାତରମ୍ ଗାନ ଓ ଦେଶାତ୍ମବୋଧକ ନୃତ୍ୟସଙ୍ଗୀତ ପରିବେଷଣ କରିଥିଲେ।

ସଭାରେ ପ୍ରଫେସର ନନ୍ଦ ବଳାଙ୍ଗୀରର ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଆଲୋଚନା କରିଥିଲେ।



ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ସ୍ୱାଧୀନତାର ଅମୃତ ମହୋତ୍ସବରେ ମଞ୍ଚାସୀନ ଅତିଥି।

**ବଳାଙ୍ଗୀରରେ ସ୍ୱାଧୀନତାର ଅମୃତ ମହୋତ୍ସବ**

ପରାଧିନ ଭାରତର ଗ୍ରାମାଞ୍ଚଳ ଓ ବଳାଙ୍ଗୀର ଭଳି ଆଭ୍ୟାନ୍ତରଣ ଅଞ୍ଚଳରେ କେଉଁ ପ୍ରକାର ସ୍ୱାଧୀନତା ସଂଗ୍ରାମ ହୋଇଥିଲା ଓ ସେଥିରେ ସ୍ୱାଧୀନତା ସଂଗ୍ରାମୀଙ୍କ କିଭଳି ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଥିଲା ତାହା କହିଥିଲେ। ଅନ୍ୟତମ ଆଲୋଚକ ପଶ୍ଚିମ ଓଡିଶାରେ ନାରୀ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ସ୍ୱାଧୀନତାର ମୂଲ୍ୟ ନ ବୁଝିଲେ ପିଢ଼ି ପିଢ଼ି ଧରି ବହୁତ ବଡ ମୂଲ୍ୟ ଦେବାକୁ ହୋଇଥାଏ । ଏଣୁ ସ୍ୱାଧୀନତାର ଅମୃତକୁ ସଂରକ୍ଷିତ ରଖିବା ଜରୁରୀ ବୋଲି ଆଲୋଚକମାନେ କହିଥିଲେ। ଏହି ସଭାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ସଫଳ ରୂପାୟନ ନିମନ୍ତେ ନିଆଯାଇଥିବା କାର୍ଯ୍ୟକ୍ରମ ଉପରେ ବିଭାଗୀୟ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସେଠ୍ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଳାଙ୍ଗୀର ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ ଟିଟିଲାଗଡ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କୁମାର ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ବୀରେନ୍ଦ୍ର କୁମାର ତ୍ରିପାଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସକାଳେ ସଂସ୍କୃତି ଭବନ ପକ୍ଷରୁ ଗାନ୍ଧୀନଗର ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିରେ ଜିଲାପାଳ ଚଞ୍ଚଳ ରାଣା ପୁଷ୍ପମାଲ୍ଯ ପ୍ରଦାନ କରିବା ପରେ ଏକ ସାଇକେଲ ରାଲି ସହର ପରିକ୍ରମା କରି ସୁବାସ ବୋଷ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲେ।

# ଲୁଚାଛପାରେ ଚାଲିଛି ମଦ କାରବାର

**ଲାଠୋର, ୩୧।୮(ଡି.ଏନ .ଏ.)**

ବଳାଙ୍ଗୀର ଓଏସବିସି ଡିପୋରୁ ଏକ ପିକ୍‌ଅପରେ ୮୫ ପେଟି ବିଦେଶୀ ମଦ ମଙ୍ଗଳବାର ନୂଆପଡା ଜିଲା ଲଖନାକୁ ଯାଉଥିଲା। ପିକଅପ ଡ୍ରାଇଭର ଏବଂ ମ୍ୟାନେଜର ବଳାଙ୍ଗୀର ଜିଲା ଲାଠୋର ଥାନା ଜାମଚୁଆ ନିକଟରେ ଗାଡି ରଖି ଜଣେ ବ୍ୟକ୍ତିଙ୍କୁ ବେଆଇନଭାବେ ବିକ୍ରି କରୁଥିଲେ। ଏହି ସମୟରେ ସେମାନଙ୍କୁ ପିଛା କରୁଥିବା ସ୍ଥାନୀୟ ଏକ ମଦ ଦୋକାନୀର ଦୁଇଜଣ କର୍ମଚାରୀ ଏହା ଦେଖି ଲାଠୋର ଥାନା ଏବଂ ପଟଣାଗଡ ଅବକାରୀ ବିଭାଗକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଏବଂ ଅବକାରୀ ସବଇନ୍ସପେକ୍ଟର ବିଶ୍ୱନାଥ ପରିଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ମଦ ବୋଝେଇ ପିକ୍‌ଅପ୍‌କୁ ପାଟଣାଗଡ ଅବକାରୀ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏନେଇ ଅବକାରୀ ସବଇନ୍ସପେକ୍ଟର ପରିଡାଙ୍କୁ ପଚାରିବାରୁ କହିଛନ୍ତି ଯେ, ଗାଡି ଡ୍ରାଇଭର ଚା ଖାଇବା ପାଇଁ ବାଟରେ ଅଟକିଥିଲେ। ମଦ ବିକ୍ରି କରିବାର ପ୍ରମାଣ ମିଳିନାହିଁ। ତେବେ ନିୟମିତଭାବେ ଏପରିପରି ଚାଲିଥିବାରୁ ଘଟଣାର ତଦନ୍ତ କରିବାକୁ ଦାବି ହେଉଛି।

# ବିକ୍ଷୋଭ ପ୍ରଦର୍ଶନ କଲା ବିଏସ୍‌ପି




ବଳାତ୍କାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିଏସ୍‌ପିର ବିକ୍ଷୋଭ ଶୋଭାଯାତ୍ରା।

**ବରଗଡ଼ ଅଫିସ୍,୩୧।୮**

**ଦଳିତ ମହିଳାଙ୍କୁ ଗଣବଳାତ୍କାର ମାମଲା**

ବରଗଡ଼ ଜିଲା ଗାଇସିଲେଟ ଥାନା ଅଞ୍ଚଳରେ ଘଟିଥିବା ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ଘରପୋଡ଼ି ମାମଲାକୁ ନେଇ ଆନ୍ଦୋଳନ ଜୋର ଧରିଛି। ଉକ୍ତ ମାମଲାରେ ୧୨ଜଣ ଅଭିଯୁକ୍ତ ଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ୭ଜଣଙ୍କୁ ଗିରଫ କରିଛି। ତେବେ ଅନ୍ୟ ୫ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯିବା ସହିତ ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ଅନୁକମ୍ପା ରାଶି ପ୍ରଦାନ ଦାବିରେ ମଙ୍ଗଳବାର ବହୁଜନ ସମାଜ ପାର୍ଟି ବିକ୍ଷୋଭ କରିଥିଲା। ବିଏସପିର କର୍ମୀମାନେ ବରଗଡ଼ ସହରସ୍ଥିତ ଆମ୍ବେଡ଼କର ପ୍ରତିମୂର୍ତ୍ତି ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ସେଠାକୁ ପହଞ୍ଚିବା ପରେ ତାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିଏସ୍‌ପି ଜିଲା ସଭାପତି ଜୟରାମ ବାଘ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନାରାୟଣ ଭେସ୍ରା, ଜୋନ୍ ପ୍ରଭାରୀ ରାଜୁ ନନ୍ଦ, ପ୍ରମୋଦ ଲୁହୁରା, ବଳାଙ୍ଗୀର ସଭାପତି ଦ୍ରୋଣ କୁମ୍ଭାର, ଝାରସୁଗୁଡ଼ା ସଭାପତି କାର୍ତ୍ତିକ ଗୁଗର, ସୋନପୁର ସଭାପତି ଅନୀଲ କୁମାର ତାଣ୍ଡି, ସମ୍ବଲପୁର ସଭାପତି ଅନୀଲ ନାଏକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ଫାର୍ମାସିଷ୍ଟ, ୨ ଷ୍ଟାଫନର୍ସଙ୍କ ବଦଳି

**ରୋଗୀଙ୍କୁ ଏକ୍ସପାଏରୀ ସାଲାଇନ ଦେବା ଘଟଣା**

**ଲୋଇସିଂହା,୩୧।୮(ଡି.ଏନ.ଏ.):** ବଳାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ଚିକିତ୍ସିତ ଜଣେ ରୋଗୀଙ୍କୁ ଏକ୍ସପାରୀ ଡି ୫ ସାଲାଇନ ଦେବା ପରେ ଗୁରୁତର ହୋଇ ପଡିଥିଲେ। ଅଭିଯୋଗ ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭୀମସେନ ସାହୁ ଘଟଣାର ତଦନ୍ତ କରିଥିଲେ। ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରିଥିବା ଫାର୍ମାଶିଷ୍ଟ ଓ ୨ଜଣ ଷ୍ଟାଫନର୍ସଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସିଡିଏମଓଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୯୦୩/ତା ୨୮।୮।୨୧ରିଖ ଅନୁଯାୟୀ ଫାର୍ମାଶିଷ୍ଟ ମହାଦେବ ରଣାଙ୍କୁ ଟିଟିଲାଗଡ ଏସ୍‌ଡିଏଚକୁ ବଦଳି ହୋଇଛି । ସେହପରି ପତ୍ର ସଂଖ୍ୟା ୪୮୯୯/୨୮।୮।୨୧ରିଖଅନୁଯାୟୀ ଷ୍ଟାଫନର୍ସ ବୀଣାପାଣି ସେଠଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବି .ନିବେଦିତାଙ୍କୁ ସଇଁତଳା ସିଏଚସିକୁ ବଦଳି ହୋଇଛି। ପୀଡିତାଙ୍କ ବଡଭାଇ ମୁକୁନ୍ଦ ପଧାନ ଏଥିରେ ଆମେ ସନ୍ତୁଷ୍ଟ ନୁହେଁ ବୋଲି କହିଛନ୍ତି। ବଦଳି ନୁହେଁ, ରୋଗୀଙ୍କ ଜୀବନ ସହ ଖେଳ ଖେଳିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦରକାର ବୋଲି କହିଛନ୍ତି। ପ୍ରକାଶ ଯେ, କନ୍ଧାକୁରୀ ଗ୍ରାମର ସନ୍ତୋଷିନୀ ପଧାନ(୧୯)ଙ୍କୁ ଜ୍ୱର ହେଉଥିବାରୁ ପରିବାର ଲୋକେ ତାଙ୍କୁ ଗତ ୨୨ ତାରିଖରେ ଲୋଇସିଂହା ସିଏଚ୍‌ସିରେ ଭର୍ତ୍ତି କରିଥିଲେ। ୨୩ ତାରିଖ ସନ୍ଧ୍ୟାରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସାଲାଇନ ଦିଆଯାଇଥିଲା। ପରେ ଏହା ମାର୍ଚ୍ଚ ୨୦୨୧ରୁ ଏକ୍ସପାଏରୀ ହୋଇଥିବା ଜଣାପଡିବା ପରେ ଆଲୋଡନ ସୃଷ୍ଟି ହୋଇଥିଲା।

# ମରୁଡ଼ି ଘୋଷଣା ଦାବିରେ ଦାବିପତ୍ର



ତହସିଲଦାରଙ୍କୁ ବ୍ଲକ କଂଗ୍ରେସ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଲୋଇସିଂହା,୩୧।୮(ଡି.ଏନ.ଏ):** ବଳାଙ୍ଗୀର ଜିଲା ଆଗଲପୁର ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ପାଇଁ ମଙ୍ଗଳବାର ବ୍ଲକ କଂଗ୍ରେସ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଏକ ଦାବିପତ୍ର ତହସିଲଦାର ସୁଚିତା ପୁଷ୍ପାଙ୍କୁ ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ତଥା ଉପାଧ୍ୟକ୍ଷ ମନମୋହନ ପଟେଲଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ରାଲିରେ ଆଗଲପୁର ବସ୍ତି ଦେଇ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭାରେ ପଟେଲ ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ ଯେ ଶ୍ରାବଣ ଯାଇ ଭାଦ୍ରବ ମାସ ଆସିଲା। କିଛିଦିନ ପରେ ନୂଆଖାଇ। ହେଲେ ଚାଷ ଉପଯୋଗୀ ବର୍ଷାନାହିଁ । ଏଭଳି ସ୍ଥିତିରେ ବ୍ଲକରେ ଆସନ୍ନ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ବ୍ଲକର ୨୦ଟିଯାକ ପଞ୍ଚାୟତକୁ ଶୀଘ୍ର ମରୁଡି ଘୋଷଣା କରିବାକୁ ସେ ଦାବି କରିଥିଲେ । ଜିଲା ସଭାପତି ଦିଲୀପ କୁମାର ବେହେରା, ପୁରନ୍ଦର ଦାସ, ସରପଞ୍ଚ ଗଣେଶ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୃଷିଋଣ ଛାଡ, ରବିଚାଷ ପାଇଁ ଚାଷୀଙ୍କୁ କୃଷି ଇନପୁଟ ସହାୟତା ଆଦି ପ୍ରମୁଖ ଦାବି ମଧ୍ୟରେ ରହିଛି।

**IFFCO-TOKIO GENERAL INSURANCE COMPANY LIMITED**
IFFCO-TOKIO General Insurance Muskurate Raho
**Notice for Change of Address**

Notice is hereby given to all Policyholders serviced by **Rourkela Branch** of IFFCO-Tokio General Insurance Company Limited, that for servicing our Policyholders in much better manner, we are moving our current office from **Sukra Minz Building, Kacheri Road, Udit Nagar, Rourkela, Odisha-769012** to the new location **Sumitra Heights, Opp. New Court Building, Panposh Road, Rourkela, Odisha-769012** with effect from 1st November 2021

**Our new contact details and phone numbers will be as under**
**IFFCO-TOKIO GENERAL INSURANCE COMPANY LIMITED**
Sumitra Heights, Opp. New Court Building, Panposh Road, Rourkela, Odisha - 769012
**Ph:** Ranjit Khatua +91-8448008262, Arun Barik +91-8448008263

Soliciting your kind cooperation & support.

*Note – Till relocation, all services/requests related to your policies shall be provided/ accepted at our Old Address.

**ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଭୁବନେଶ୍ୱର ସୁନ୍ଦରପୁର ମୌଜା ସ୍ଥିତ ହାଲ୍ ପ୍ଲଟ ନଂ - ୧୭୯, ୧୮୦, ୧୮୦/୩୪୭୦, ୧୮୧, ୧୮୪, ୧୯୨, ୧୯୩, ୧୯୪ ଓ ୨୦୪ ରେ ଆମର ଏକ ବାସଗୃହ ପ୍ରକଳ୍ପ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ଲାଭ କରିଅଛି । ଏ ସମ୍ପର୍କିତ ଚିଠିର ନକଲ ଗୁଡ଼ିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରେ ଉପଲବ୍ଧ ଅଛି । ଏତଦ୍ ବ୍ୟତିତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୱେବ୍‌ସାଇଟ୍ http://www.envfor.nic.in ରେ ମଧ ଉପଲବ୍ଧ ।

ଆମ ଠିକଣା
ଡି.ଏନ୍. ହୋମସ୍ (ପ୍ରା) ଲିଃ., ପ୍ଲଟ୍ ନଂ-୧୫, ଭିଆଇପି କଲୋନି, ନୂଆପଲ୍ଲି, ଭୁବନେଶ୍ୱର - ୭୫୧୦୧୫, ଫୋନ୍ ନଂ - ୦୬୭୪ - ୨୫୫୧୩୦୩

**ଓଡ଼ିଶା ସାହିତ୍ୟ ଏକାଡେମୀ**
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧ ୦୧୪

ଓଡ଼ିଶା ସାହିତ୍ୟ ଏକାଡେମୀର ବିଭିନ୍ନ ପୁସ୍ତକ ପ୍ରକାଶନ ନିମନ୍ତେ ଆଗ୍ରହୀ ପ୍ରତିଷ୍ଠିତ ମୁଦ୍ରଣ ସଂସ୍ଥାଙ୍କଠାରୁ ବିଭିନ୍ନ ଆକୃତିର ଭିନ୍ନ ଭିନ୍ନ ପଦ୍ଧତିରେ ମୁଦ୍ରଣ, ବନ୍ଧେଇ ଓ କାଗଜ ଯୋଗାଣ ନିମନ୍ତେ ଦର ତାଲିକା ଆହ୍ୱାନ କରୁଛନ୍ତି। ଇଚ୍ଛୁକ ମୁଦ୍ରଣ ସଂସ୍ଥାର ସତ୍ତ୍ୱାଧିକାରୀମାନେ www.odishasahityaakademi.orgକୁ ପରିଦର୍ଶନ କରି ପୁସ୍ତକ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ତଥ୍ୟ ଅବଗତ ହୋଇପାରିବେ। ଦରତାଲିକା ଦାଖଲର ଶେଷ ତାରିଖ ତା ୧୫ ସେପ୍ଟେମ୍ବର ୨୦୨୧ ଧାର୍ଯ୍ୟ କରାଯାଇଛି।

ସଚିବ
ଓଡ଼ିଶା ସାହିତ୍ୟ ଏକାଡେମୀ

**TENDER NOTICE**

**STATE INSTITUTE OF HOTEL MANAGEMENT**
**TITILAGARH ROAD, BALANGIR - 767001 (ODISHA)**

No. 295/SIHM/2021-22/TENDER Date: 31/08/2021

Sealed quotations are invited from the reputed business houses dealing with Hotel Management student Uniform.

Interested parties may kindly send their details to O/o Principal, State Institute of Hotel Management, Titilagarh Road, Balangir - 767001 (Odisha) by Speed Post / Courier on or before 15.09.2021 till 2.00 p.m.

For further details kindly visit our website **www.sihmbalangir.org**

Sd/-
Principal

**ସମ୍ବଲପୁରୀ ବସ୍ତ୍ରାଳୟ**
SBC

**ମେଗା କ୍ଲିୟରେନ୍ସ ସେଲ୍**
ସ୍ଥାନ: ୧. କଲ୍ୟାଣ ମଣ୍ଡପ, ବରଗଡ଼, ୨. ଖଣ୍ଡାଡ଼ିପ ଛକ, ରେଢ଼ାଖୋଲ, ୩. ଅଗ୍ନିଶିଖା ପ୍ରେସ୍, ଗେଟିରୋଡ୍, ସମ୍ବଲପୁର
ସରକାରୀ ରିହାତି
**20%+20%**
ଏହି ରିହାତି କେତେକ ସ୍ୱତନ୍ତ୍ର ଲୁଗା ଉପରେ ଉପଲବ୍ଧ ଅଟେ ।
ଅବଧି
ତା୦୧।୦୯।୨୦୨୧ ରୁ ତା୦୮।୦୯।୨୦୨୧ ପର୍ଯ୍ୟନ୍ତ
ଏତଦ୍ ବ୍ୟତୀତ ସମିତିର ସମସ୍ତ ବିକ୍ରୟ କେନ୍ଦ୍ରମାନଙ୍କରେ
**10%+20%**
ସରକାରୀ ରିହାତିର ସୁଯୋଗ ନିଅନ୍ତୁ ।
ଅନ୍‌ଲାଇନ ବିକ୍ରୟ ନିମ୍ନୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଟେ ।
**www.sambalpuribastralaya.com**

**RAVENSHAW UNIVERSITY**
(State University, Accredited with NAAC's 'A' Grade)
CUTTACK - 753003, ODISHA

**U.G. ADMISSION ANNOUNCEMENT 2021-22**

No. CAD-1045: Online Applications are invited for admission into the following **Under Graduate Programmes** for the session 2021-22: Botany, Zoology, Physics, Chemistry, Computer Science, Geography (Science & Arts), Geology, Economics (Science & Arts), Mathematics (Science & Arts), Statistics (Science & Arts), Commerce, Education, English, Hindi, History, Odia, Philosophy, Political Science, Psychology, Sanskrit, Sociology, Business Administration, Information Science & Telecommunication, Information Technology Management, Data Science Management and Journalism & Mass Communication.

**Integrated B.A. B.Ed. and B.Sc. B.Ed. Programmes** for the session 2021-22: Education, English, Odia, History, Political Science, Geography, Economics, Physics, Chemistry, Botany, Zoology and Mathematics.

Candidates are advised to visit the University website **"www.ravenshawuniversity.ac.in"** and log on to **'ADMISSION-21'** for complete information and admission prospectus including important dates, deadlines, fees, application procedures, eligibility and selection criteria.

Last date of online submission of application is extended upto 04.09.2021.

**No. 2625/ Dt.31.08.2021** **Chairperson, P.G. Council**
**Ravenshaw University**

**OIPR-11008/11/0005/2122**

## ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର

**ସମ୍ବଲପୁର,(ବ୍ୟୁରୋ):** ସ୍ୱଭାବ କବି ଗଙ୍ଗାଧର ମେହେର ଏକ ବିଚାର ଥିଲେ। ତାଙ୍କ ସାହିତ୍ୟରେ ଜୀବନଚର୍ଯ୍ୟା ପ୍ରତିଫଳିତ ହେଉଥିଲା। ତେଣୁ ତାଙ୍କୁ ମାନବବାଦର ଉତ୍କୃଷ୍ଟ ଶିକ୍ଷକ ଭାବେ ଅଭିହିତ କରାଯାଇଥାଏ। ସମ୍ବଲପୁର ସରକାରୀ ମହିଳା କଲେଜ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଏହି ମତପ୍ରକାଶ ପାଇଥିଲା। କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଅଧକ୍ଷ ଡ. ଶ୍ୟାମ ଭୋଇ ମୁଖ୍ୟଅତିଥି ଓ ପ୍ରଫେସର ଜୟନ୍ତ କୁମାର କରଶର୍ମା ଆଲୋଚକ ଭାବେ ଯୋଗ ଦେଇଥିଲେ। ସଭାକୁ ଡ. ନୌବିହାରୀ ପ୍ରଧାନ ସଂଯୋଜନା କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ବିଭିନ୍ନ ଦାବିରେ ବାଲିବନ୍ଧା ଅଞ୍ଚଳବାସୀଙ୍କ ରାସ୍ତାରୋକୋ, ବାଲିବନ୍ଧା ମହାତ୍ମା ଗାନ୍ଧୀ ମାର୍ଗ, ସମୟ-ପୂର୍ବାହ୍ନ ୧୧ଟା।
- ମାରୱାଡି ମହିଳା ସମିତି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ କ୍ରୀଷ୍ଟା ନଗର, କ୍ଷେତରାଜପୁର, ସମୟ-ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରତାରଣା କରି ଯୁବକ ଗିରଫ



**ଝାରସୁଗୁଡ଼ା ଅଫିସ,୩୧।୮:** ଝାରସୁଗୁଡା ଜିଲା ବଡମାଲ ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବକ ତାଙ୍କଠାରୁ ଅଢେଇ ଲକ୍ଷ ଟଙ୍କା ଲୁଟ୍‌କରି ଫେରାର ହୋଇଯାଇଥିଲେ। ଏ ନେଇ ଯୁବତୀ ଜଣକ ଗତ ମେ ମାସରେ ବଡମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (ନଂ୮୬/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ୪ମାସ ପରେ ପୋଲିସ୍ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୁନ୍ଦରଗଡ ଜିଲା ଦର୍ଲିପାଲିରୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଦୀପକ ଦେହୁରି (୩୨)। ଦୀପକଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଅମିତାଭ ପଣ୍ଡା କହିଛନ୍ତି। ପୋଲିସ୍ ତଦନ୍ତରୁ ଜଣାପଡିଛି ଦୀପକ ପୂର୍ବରୁ ବିବାହିତ। ସେ ଅବିବାହିତ କହି ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୧୫ଦିନଧରି ପାଖରେ ରଖିଥିଲେ। ଏହି ସମୟରେ ସେ ଯୁବତୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅଢେଇ ଲକ୍ଷ ଟଙ୍କା ଠକିନେଇଥିଲେ। ଦୀପକ ବିବାହିତ ଜାଣିବା ପରେ ଯୁବତୀ ଜଣଙ୍କ ତାଙ୍କୁ ଛାଡି ଆସି ପୋଲିସରେ ଅଭିଯୋଗ କରିଥିଲେ। ଦୀପକ କେତେବେଳେ ଘର ରାଉରକେଲା ତ ଆଉ କେତେବେଳେ ତାଳଚେର କହୁଛନ୍ତି। ପୁଣି ନିଜକୁ ଜଣେ ଖବରଦାତା ବୋଲି ପରିଚୟ ଦେଉଛନ୍ତି। ପୋଲିସ ଏହା ଉପରେ ଅଧିକ ତଦନ୍ତ ଚଳାଇଛି।

### ବାଇକ୍ ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍

**ଝାରସୁଗୁଡ଼ା ଅଫିସ,୩୧।୮:** ଏମ୍‌ସିଏଲ୍‌ର ଜଣେ କର୍ମଚାରୀଙ୍କ ବାଇକ୍ ଡିକିଭାଙ୍ଗି ଲୁଟେରାମାନେ ୧ଲକ୍ଷ ୬୦ହଜାର ଟଙ୍କା ଲୁଟିନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଏମ୍‌ସିଏଲ୍ କର୍ମଚାରୀ ମୀନକେତନ ତନ୍ତୀ ମଙ୍ଗଳବାର ବ୍ରଜରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ୨୩୫/୨୧) ରୁଜୁକରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ମୀନକେତନ ରାମପୁର କୁତାବଗାରେ ରହୁଥିବାବେଳେ ଲମଟିବାହାଲ ଏସ୍‌ବିଆଇ ବ୍ୟାଙ୍କରୁ ମଙ୍ଗଳବାର ମଧ୍ୟାହ୍ନରେ ଟଙ୍କା ଉଠାଇ ବାଇକ୍‌ରେ ଘରକୁ ଯାଉଥିଲେ। ବସ୍‌ଷ୍ଟାଣ୍ଡ ନିକଟ ଗୁରୁନାନକ ଛକରେ ବାଇକ୍ ଅଟକାଇ ସେ ପରିସ୍ରା କରୁଥିବାବେଳେ ଦୁର୍ବୃତ୍ତମାନେ ଆସି ବାଇକ୍ ଡିକିଭାଙ୍ଗି ଟଙ୍କା ଲୁଟ୍‌କରି ଫେରାର ହୋଇଯାଇଥିଲେ।

### ଗାୟତ୍ରୀ ପରିବାର ପକ୍ଷରୁ ସଚେତନତା

**ସମ୍ବଲପୁର,୩୧।୮(ବ୍ୟୁରୋ):** ସମ୍ବଲପୁର ଜିଲା ଗାୟତ୍ରୀ ପରିବାର ପକ୍ଷରୁ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଓ ଜିଲା ସ୍କୁଲ ପ୍ରଧାନ ଶିକ୍ଷକ ସୋରେନ କୁମାର ପ୍ରଧାନ, ମାନଭଞ୍ଜନ ପାଣିଗ୍ରାହୀ, ସଞ୍ଜୟ ପଟ୍ଟନାୟକ, ପ୍ରତାପ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଗାୟତ୍ରୀ ପରିବାରର ଦିନ ଦୟାଲ ଅଗ୍ରୱାଲ, ତୁଷାର ପଟ୍ଟନାୟକ, ରାଜନ ପଟେଲ. କାର୍ତ୍ତିକେଶ୍ୱର ବଡପଣ୍ଡା, ମଦନ ମୋହନ ପାତ୍ର, ବାନାମ୍ବର ଶର ପ୍ରମୁଖ ଉପସ୍ଥିତ ଥିଲେ। ଗଙ୍ଗାଧର ମେହେର ବିଦ୍ୟାଳୟ ଏନ୍‌ଏସ୍‌ଏସ୍ ସଦସ୍ୟ ସହଯୋଗ କରିଥିଲେ।

### ବର୍ଷା ପାଇଁ ହୋମଯଜ୍ଞ

**ଅମରପାଲି,୩୧।୮(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ମହଦା ପଞ୍ଚାୟତ ଅଧିନ ପାଲିଗାଁ ଗ୍ରାମରେ ମଙ୍ଗଳବାର ଇନ୍ଦ୍ରପୂଜା ଅନୁଷ୍ଠିତ ହୋଇଯାଇଛି। ଇନ୍ଦ୍ରଦେବଙ୍କ ନିକଟରେ ବର୍ଷା ପାଇଁ କାମନା କରି ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ସଂକୀର୍ତ୍ତନ ଦଳ ଏବଂ ପାର୍ବତୀପୁରର ଦଣ୍ଡ କଳାକାରମାନେ କଳା ପରିବେଷଣ କରିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍ ଅଫିସ ଘେରିଲା ଭାଜପା

- ମନଇଚ୍ଛା ବିଦ୍ୟୁତ୍ କାଟର ପ୍ରତିବାଦ
- ଠିକ୍ ସମୟରେ ବିଲ୍ ନ ଦେଇ ଟଙ୍କା ଆଦାୟ

**ସମ୍ବଲପୁର,୩୧।୮(ବ୍ୟୁରୋ)**

ଟାଟା ପାୱାର ହାତରେ ବିଦ୍ୟୁତ୍ ବିଭାଗକୁ ବିକ୍ରି କରି ରାଜ୍ୟ ସରକାର ଜନସାଧାରଣଙ୍କ ଉପରେ ଦାଉ ସାଧୁଛନ୍ତି। ପଶ୍ଚିମ ଓଡ଼ିଶା ଶାଖାରେ ମଧ ଗ୍ରାହକମାନଙ୍କୁ କମ୍ପାନୀ ହଇରାଣ କରୁଛି। ମନଇଚ୍ଛା ବିଦ୍ୟୁତ୍ କାଟ କରିବା ସହ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ନ ଦେଇ ଟଙ୍କା ଆଦାୟ କରୁଛି। ଆଗାମୀ ଦିନରେ କମ୍ପାନୀ ନିୟମରେ ପରିବର୍ତ୍ତନ ନ କଲେ ଭାଜପା ଆଇନ ହାତକୁ ନେବାକୁ ପଛାଇବ ନାହିଁ ବୋଲି ମଙ୍ଗଳବାର ଅଇଁଠାପାଲିସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ ଅଫିସ ଘେରାଉ କରି କର୍ମକର୍ତ୍ତାମାନେ କମ୍ପାନୀ ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ନିର୍ବାହୀଯନ୍ତ୍ରୀ ଡମ୍ବରୁଧର ଓଝାଙ୍କ ସହ ଆଲୋଚନା କରିଥିଲେ। ସେମାନେ ଦର୍ଶାଇଥିଲେ, ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ଦିଆଯାଉ ନାହିଁ। ପୂର୍ବରୁ ପ୍ରତି ମାସ କିମ୍ବା ଦୁଇ ମାସରେ ବିଲ୍ ଦିଆଯାଉଥିଲା। ଏବେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନାରେ ମିଟର ଲଗାଯାଇଥିଲେ ବି ବିଦ୍ୟୁତ୍ ସଂଯୋଗ ଦିଆଯାଉ ନାହିଁ। କମ୍ପାନୀ ସ୍ଥାୟୀ ନିଯୁକ୍ତି ଦେଉ ନାହିଁ। ଖୁଣ୍ଟ ଚଢିବା ପାଇଁ କେତେଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି। ହେଲେ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଅନ୍ୟ ପଦପଦବୀରେ ନିଯୁକ୍ତି ନାହିଁ। ବିଲ୍ ଦେବା ଓ ଟଙ୍କା ସଂଗ୍ରହ ପାଇଁ ବାହାର ଠିକାଦାରଙ୍କୁ ନିଯୁକ୍ତ କରାଯାଉଛି। ଗତ ୬ ମାସ ହେବ ବିଦ୍ୟୁତ୍ ବିଲ୍ ନିୟମିତ ଦିଆଯାଉ ନାହିଁ। ଗ୍ରାହକଙ୍କୁ ମନଇଚ୍ଛା ବିଲ୍ ଦେଇ ଟଙ୍କା ଦେବାକୁ ବାଧ କରାଯାଉଛି। ବିଲ୍ ନ ଦେଲେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଉଛି। ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ଅଭିଯୋଗ କଲେ ମରାମତି କରିବା ଆଳ ଦେଖାଉଛନ୍ତି। ସନ୍ଧ୍ୟା ସମୟରେ ପାଣିପାଗ ସ୍ୱାଭାବିକ ଥିଲେ ମଧ ସଂଯୋଗ କାଟିଦିଆଯାଉଛି। ଏହାର ସମାଧାନ ନ ହେଲେ ଦଳ ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ମହାପାତ୍ର, ସୀମାଞ୍ଚଳ ଖଟେଇ, ରାମଚନ୍ଦ୍ର ମେହେର, ରାଧେଶ୍ୟାମ ବାରିକ, ବେଣୁଧର ଦାସ, ଦାମୋଦର କର, କର୍ନେଲ ପ୍ରଭାତ ପଣ୍ଡା, ଅନୀଳ ବେହେରା, ଅନ୍ନପୂର୍ଣ୍ଣା ବାରିକ, ସୁଷମା ସାହୁ, ଫଣି ଭୂଷଣ ମିଶ୍ର, ଅରବିନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଅଇଁଠାପାଲି ଅଫିସ ଘେରାଉ ଅବସରରେ ଭାଜପା କର୍ମକର୍ତ୍ତା।

# ଏସ୍‌ଏମ୍‌ସିରେ ସ୍ୱାୟତ୍ତ ଶାସନ ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀ।

**ସମ୍ବଲପୁର,୩୧।୮(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)ରେ ମଙ୍ଗଳବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। କମିଶନର ଅନିରୁଦ୍ଧ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଦାୟିତ୍ୱରେ ଥିବା ଡିଆର୍‌ଡିଏ ପିଡି ସୁକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି ଉପସ୍ଥିତ ଥିଲେ। ଅତିଥିମାନେ ସ୍ୱାୟତ୍ତ ଶାସନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଇଞ୍ଜିନିୟର, ସ୍ୱଚ୍ଛସାଥୀ ଓ ସୁପରଭାଇଜର, ୱାର୍ଡ ଅଫିସର, ଟ୍ୟାକ୍ସ ସଂଗ୍ରହକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଶନପୁର ବର୍ଯ୍ୟବସ୍ତୁ ପରିଚାଳନା ଦାୟିତ୍ୱରେ ଥିବା ମିଶନ ଶକ୍ତି ଗ୍ରୁପ ଓ ବୁର୍ଲା ପଠାନବନ୍ଧ ସାମୂହିକ ଶୌଚାଳୟ ପରିଚାଳନା ଦାୟିତ୍ୱରେ ଥିବା ମିଶନ ଶକ୍ତି ଗ୍ରୁପର ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା।

# ରାଜପଥରେ ଗର୍ତ୍ତ, ବାହାରିପଡ଼ିଛି ପୋଲର ଛଡ଼

**ଜମନକିରା, ୩୧।୮(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଦେଇ ଯାଇଥିବା ୫୩ନଂ. ରାଜପଥରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିସହ ପିଠାମାରେନ ପୋଲ ମଝିରେ ଗର୍ତ୍ତ ହୋଇ ପୋଲରେ ଲାଗିଥିବା ଛଡ଼ ବାହାରକୁ ବାହାରି ପଡ଼ିଛି। ଫଳରେ ଏହି ରାସ୍ତାରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡିଛି।

ପ୍ରକାଶ ଯେ, ରାଜପଥର କୁଲୁଣ୍ଡି ଛକଠାରୁ ବଡ଼ରମା ବନଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୬ କି.ମି., ବଡ଼ରମା ଗାଁଠାରୁ କୁରେଇବାହାଲ ଛକ ୪କି.ମି. ଓ ବନ୍ଧାଭୂଇଁ ଛକଠାରୁ କଲେଜ ଛକ ପର୍ଯ୍ୟନ୍ତ ପ୍ରାୟ ୪କି.ମି. ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଏହି ରାସ୍ତା ମଝିରେ ୪ଟି ପୋଲ ଥିବାବେଳେ କେତେକ ପୋଲର ଛଡ଼ ଉପରକୁ ଉଠି ରହିଛି। ବଡ଼ ବଡ଼ ଗର୍ତ୍ତ ହୋଇଥିବାରୁ ଚାରିଚକିଆ ଯାନ ଓ ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ସମୟରେ ଲୋକେ ବାଇକରୁ ପଡ଼ି ଗୁରୁତର ଆହତ ହେଉଛନ୍ତି। ଏପରି କି ଚାରିଚକିଆ ଯାନର ଚାମ୍ବର ଓ ଇଞ୍ଜିନ୍‌ରେ ପିଟି ହୋଇ ଗାଡ଼ିଗୁଡ଼ିକ ଅଚଳ ହୋଇପଡୁଛି। ଏନ୍‌ଏଚ୍‌ଏଆଇ ପକ୍ଷରୁ ଖୁବ୍‌ଶୀଘ୍ର ମରାମତି କରା ନ ଗଲେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ସମ୍ବଲପୁର ମ୍ୟାନେଜର ନିତିନ ଗୁପ୍ତାଙ୍କୁ ପଚାରିବାରୁ ଶୀଘ୍ର ଉକ୍ତ ରାସ୍ତାର ମରାମତି କାମ କରାଯିବ ବୋଲି କହିଥିଲେ।



ରାଜପଥର ଏକ ପୋଲ ଉପରେ ଗର୍ତ୍ତ ସୃଷ୍ଟି ହୋଇ ଛଡ ଦେଖାଯାଉଛି।

# ଏଏପି ପକ୍ଷରୁ ବିକ୍ଷୋଭ

**ସମ୍ବଲପୁର,୩୧।୮(ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ମଙ୍ଗଳବାର ଆମ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟର ପ୍ରତ୍ୟେକ ପରିବାରକୁ ୨ ଶହ ୟୁନିଟ୍ ମାଗଣା ବିଜୁଳି ଦେବା ସହ ପରବର୍ତ୍ତୀ ୨ ଶହ ୟୁନିଟ୍ ପିଛା ୧ ଟଙ୍କା ବିଲ୍ ଆଦାୟ କରାଯାଉ ବୋଲି ଦଳ ଦାବି କରିଥିଲା। ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ସତ୍ତ୍ୱେ ଜନସାଧାରଣଙ୍କୁ ବିଲ୍ ବୋଝ ହେଉଛି। ଅନ୍ୟ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ କମ୍ ରହିଛି। ତେଣୁ ସରକାର ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି କର୍ମକର୍ତ୍ତା ଦାବି କରିଥିଲେ। ଆପର ଜିଲା ସମ୍ପାଦକ ଭୂପେନ୍ଦ୍ର ସାହୁ, ବିରେନ୍ଦ୍ର କୁମାର ପାଣିଗ୍ରାହୀ, ମହମ୍ମଦ ଫାରୁକ, କାହ୍ନୁ ସାନବଡ, ଏ. ଲୁଗୁନ, ଏସ୍ ଶିବକୁମାର, ବିଶ୍ୱନାଥ ଶୈରୀ, ମହମ୍ମଦ ଆଲାଉଦ୍ଦିନ ସିଦ୍ଦିକି, ଲକ୍ଷ୍ମଣୀ ଲୁଗୁନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ସହର ଉନ୍ନତି ପାଇଁ ସହଯୋଗ ଲୋଡ଼ା



ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୋଗୀଙ୍କୁ ଫଳ ବଣ୍ଟନ କରୁଛନ୍ତି।

**ରେଢ଼ାଖୋଲ,୩୧।୮(ଡି.ଏନ.ଏ.)**

ରେଢ଼ାଖୋଲ ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ କୋଭିଡ୍ ନିୟମ ଅନୁଯାୟୀ ପାଳିତ ହୋଇଛି। ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଉପଜିଲାପାଳ ପବିତ୍ର ବେହେରା ଜାତୀୟ ପତାକା ଉତ୍ତୋଳନ କରି ରେଢାଖୋଲ ସହର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ପରେ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏନ୍‌ଏସି କର୍ମଚାରୀଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହିତ ସାପ୍ତାହିକ ବଜାରରେ ସାମୂହିକ ସଫେଇ ଅନୁଷ୍ଠିତ ହୋଇଥିଲା। ବିଜୁ କଲ୍ୟାଣ ମଣ୍ଡପଠାରେ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ସକାଳେ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଆକ୍ରମଣ ଘଟଣାରେ ୩ ଗିରଫ



ଗିରଫ ଅଭିଯୁକ୍ତମାନେ।

**ସମ୍ବଲପୁର,୩୧।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ରାମବଡମାଲ ଗ୍ରାମ ନିକଟରେ କମଳ କୁମାର ମଣ୍ଡଳ (୨୬)ଙ୍କୁ ଆକ୍ରମଣ କରି ଲୁଟ୍ ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଯୁଯୁମୁରା ହରିଜନପଡାର ଆକାଶ ଭୋଇ (୧୯), ଡଙ୍ଗରପଡାର ଓମ୍ ପ୍ରକାଶ ପ୍ରଧାନ (୧୮), ଡଙ୍ଗାପାଲ ଗ୍ରାମର ସୁରଜ ପ୍ରଧାନ (୧୮)। ଏଥିରେ ଅନ୍ୟ ୨ ନାବାଳକଙ୍କ ସମ୍ପୃକ୍ତି ରହିଛି। ଅଭିଯୁକ୍ତଙ୍କଠାରୁ ଲୁଟ୍ ହୋଇଥିବା ୫ ହଜାର ଟଙ୍କା, ମୋବାଇଲ ଫୋନ ଓ ଛୁରି ଜବତ ହୋଇଛି। ଏ ନେଇ ୧୧୬/୨୧ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ୫୫ନଂ. ଜାତୀୟ ରାଜପଥ କାମ ଚାଲିଥିବାବେଳେ କମଳ ପକ୍‌ଲିନ ହେଲପର ଭାବେ କାମ କରୁଥିଲେ। ୨୮ତାରିଖ ରାତିରେ ସେ ପକ୍‌ଲିନ ଓ ଅନ୍ୟ ମେଶିନ ଥିବା ସ୍ଥାନରେ ଶୋଇଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ତାଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ମାଗିଥିଲେ। ବିରୋଧ କରିବାରୁ ସେମାନେ ଆକ୍ରମଣ କରି ତାଙ୍କଠାରୁ ଟଙ୍କା ଓ ମୋବାଇଲ ଫୋନ ନେଇଯାଇଥିଲେ। ଏ ନେଇ ଠିକା କମ୍ପାନୀ କର୍ମଚାରୀ ଫାଲଗୁନ ରାଓ ଥାନାରେ ଅଭିଯୋଗ କରିଥିଲେ। ଆହତ କମଳ ଏବେ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ବାଲିଶଯ୍ୟା ନିଲାମ ଜନଶୁଣାଣିକୁ ବିରୋଧ

- ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁମୁହିଁ
- ବୋର୍ଡ ଯାହା ନିଷ୍ପତ୍ତି ନେବ: ଅଧିକାରୀ

**ଝାରସୁଗୁଡ଼ା ଅଫିସ,୩୧।୮**

ଝାରସୁଗୁଡା ଜିଲା ଲଖନପୁର ତହସିଲ ଭିକମପାଲି ଆର୍‌ଆଇ ସର୍କଲ ଅନ୍ତର୍ଗତ କେଲୋ ନଦୀ ବାଲିଶଯ୍ୟା ନିଲାମକୁ ନେଇ ମଙ୍ଗଳବାର ଛୁଇଁପାଲି ଗ୍ରାମରେ ଜିଲା ପ୍ରଶାସନ ତରଫରୁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହିରଣ୍ୟ କୁମାର ନାୟକ, ତହସିଲଦାର ବିଶ୍ୱକେଶନ ପାଣ୍ଡେ ଓ ଏସ୍‌ଡିପିଓ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ବାଲିଶଯ୍ୟା ନିଲାମ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସବିଶେଷ ସୂଚନା ଦିଆଯାଇଥିଲା। ପରେ ଲୋକଙ୍କୁ ନିଜର ମତଦେବା ପାଇଁ କୁହାଯାଇଥିଲା। ପ୍ରଥମେ କେତେଜଣ ନିଲାମ ସପକ୍ଷରେ କହିଥିଲେ। ପରେ ଅଧିକାଂଶ ଲୋକ ବିରୋଧକରି କମ୍ପାନୀ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ହୋହଲ୍ଲା କରିଥିଲେ। ଫଳରେ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଥିଲା। ଉତ୍ତେଜନା ଦେଖାଦେଇଥିବାବେଳେ ପୋଲିସ ଲୋକଙ୍କୁ ବୁଝାଶୁଝା କରିଥିଲା।

ବିରୋଧୀ ଅଭିଯୋଗ କରିଥିଲେ, ଏଠାରେ ଅହରହ ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ ହେଲେ ବାୟୁ ଓ ଶବ୍ଦ ପ୍ରଦୂଷଣ ହେବ। ଏହାର ପ୍ରଭାବ ନିକଟସ୍ଥ ଛେଳିଆପାହାଡ଼ ଉପରେ ପଡିବ। ହାଇୱାରେ ବାଲି ପରିବହନ ହେଲେ ଆର୍‌ଡି, ପିଡବ୍ଲ୍ୟୁଡି ଓ ପଞ୍ଚାୟତ ରାସ୍ତା ଶୋଚନୀୟ ହୋଇଯିବ। ବାଲିଶଯ୍ୟା ନିଲାମ କରାଗଲେ ସ୍ଥାନୀୟ ଲୋକେ ନିଜ ବ୍ୟବହାର ପାଇଁ ବାଲି ପାଇପାରିବେ ନାହିଁ। ସେମାନଙ୍କୁ ମହାନଦୀ ଓ ଛତିଶଗଡ ଉପରେ ନିର୍ଭର କରିବାକୁ ପଡିବ। ଏସବୁକୁ ନେଇ ଲୋକେ ବିରୋଧ କରିଥିଲେ। ସପକ୍ଷବାଦୀ ଦର୍ଶାଇଥିଲେ ଏଠାରେ ବାଲିଶଯ୍ୟା ହେଲେ ଅଞ୍ଚଳର ବିକାଶ ହେବ। ଲୋକେ ଏଥିରେ ନିଯୁକ୍ତି ପାଇବେ। ବିପକ୍ଷବାଦୀଙ୍କ ମଧ୍ୟରେ ଭିକମପାଲି ସରପଞ୍ଚ କୃଷ୍ଣ କାଲୋ, ସମିତିସଭ୍ୟ ସୁନ୍ଦରଲାଲ୍ ସେଠ୍, ମଟିଦା ସରପଞ୍ଚ ଜିତେନ୍ ସେଠ୍, ନରେଶ ଖମାରୀ, ଦୁତୀୟ ଭୋଇ, ଓମ୍ ପ୍ରକାଶ ମିଶ୍ର, କୁନ୍ଦନ ସିଂହଦେଓ, ଦେବଦତ୍ତ ନାଥ, ପରିତୋଷ ମିଶ୍ର, କିଶୋର ଧୁରୁଆ, ଖୁଃସିରାମ ପ୍ରଧାନ, ବିବେକ ବେହେରା, ଭୃଷବ ପାପ୍ ପ୍ରମୁଖ ରହିଥିଲେ। ସପକ୍ଷବାଦୀଙ୍କ ମଧ୍ୟରେ ଦିଲୀପ ପଟେଲ, ଅଶ୍ୱିନୀ ପୂଜାରୀ, ବିକ୍ରମ ପୂଜାରୀ, ନିରଞ୍ଜନ ପ୍ରଧାନ ପ୍ରମୁଖ ରହିଥିଲେ। ଏ ନେଇ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ନାୟକ କହିଛନ୍ତି, ବାଲିଶଯ୍ୟା ନିଲାମକୁ ନେଇ ଜନଶୁଣାଣିରେ ଲୋକେ ବିରୋଧ କରିଛନ୍ତି। କେତେକ ଲୋକ ସପକ୍ଷରେ ମଧ୍ୟ କହିଥିଲେ। ଜନଶୁଣାଣି ସଂଗୃହୀତ ରିପୋର୍ଟକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପଠାଇ ଦିଆଯିବ। ଏ ସମ୍ପର୍କରେ ବୋର୍ଡ ଯାହା ନିଷ୍ପତ୍ତି ନେବ। ସୂଚନାଯୋଗ୍ୟ ମେସର୍ସ ଶ୍ରୀ ବାଲାଜୀ ଇଞ୍ଜିକନ୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ୫ବର୍ଷ ପାଇଁ ବାଲିଶଯ୍ୟା ଲିଜ୍ ମିଳିଛି। ଏହି କମ୍ପାନୀ ୫.୯୦ହେକ୍ଟର ପରିମିତ ଅଞ୍ଚଳରୁ ବାର୍ଷିକ ୧୩ହଜାର ୬୫୯ ଘନ ମିଟର ବାଲି ଉତ୍ତୋଳନ କରିବ ବୋଲି ରାଜସ୍ୱ ବିଭାଗ ତରଫରୁ ଦର୍ଶାଯାଇଛି।



ଜନଶୁଣାଣିକୁ ଅଞ୍ଚଳବାସୀ ବିରୋଧ କରୁଛନ୍ତି।

## ଫଟୋରେ ଖବର





ସମ୍ବଲପୁର ଆରଣ୍ୟକ ମଞ୍ଚଠାରେ ନୂଆଖାଇ ଲଗ୍ନ ଧାର୍ଯ୍ୟ କରାଯାଉଛି(ବାମ)। ଜନ୍ମାଷ୍ଟମୀ ତିଥିରେ ସମ୍ବଲପୁର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରେ ବାଳିକା ବାଳକମାନେ ରାଧାକୃଷ୍ଣ ବେଶ ହୋଇ ଦୋଳିରେ ବସିଛନ୍ତି।

## ସଂକ୍ଷେପରେ

### ଓଡ଼ିଶା କୁଡ୍ମି ସେନା ସୁନ୍ଦରଗଡ଼ ଶାଖା ପକ୍ଷରୁ ପ୍ରସ୍ତୁତି ବୈଠକ

ଲହୁଣୀପଡ଼ା,୩୧।୮(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ଥେଣ୍ଟେଇପୋଷ ଗ୍ରାମରେ ମଙ୍ଗଳବାର ଓଡିଶା କୁଡୁମୀ ସେନା ସୁନ୍ଦରଗଡ଼ ଜିଲା ଶାଖା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲା ଓଡ଼ିଶା କୁଡୁମୀ ସେନା ସଭାପତି ଝସକେତନ ମାହାନ୍ତ ଯୋଗଦେଇ କହିଥିଲେ ଯେ, ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖରେ କେନ୍ଦ୍ର ସରକାର କୁଡୁମି ଜାତିକୁ ଆଦିବାସୀ ତାଲିକାରୁ ବାଦ ଦେଇଥିଲେ। ଫଳରେ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଆମ ଜାତି ନିଜ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି । କୁଡୁମି ଜାତିକୁ ପୁନଃ ଆଦିବାସୀ ତାଲିକାଭୁକ୍ତ କରିବା ଦାବିରେ ଆସନ୍ତା ୬ ତାରିଖରେ ରାଜଭବନ ସମ୍ମୁଖରେ ହେବାକୁ ଥିବା ଗଣଧାରଣାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା କୁଡୁମି ସେନାର ଉପ ସଭାପତି, ସମ୍ପାଦକଙ୍କ ସମେତ ସମାଜର ଅନେକ ମହିଳା ପୁରୁଷ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଇଶର ମାହାନ୍ତ, ମୋତିଲାଲ ମାହାନ୍ତି, ଲୋକନାଥ ମାହାନ୍ତ, ଦୋଳାନନ୍ଦ ମାହାନ୍ତ, ମନୋରଞ୍ଜନ ମାହାନ୍ତ, ନବୀନ ମାହାନ୍ତ ସୁରେଶ ମାହାନ୍ତେ, ଦିତିୟା ମାହାନ୍ତ, ରଶ୍ମିବାଳା ମାହାନ୍ତ, ସରୋଜିନୀ ମାହାନ୍ତ, ମୀନା ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

### ମଙ୍ଗଳାଙ୍କ ଆଶୁ ଆରୋଗ୍ୟ କାମନା କଲେ ଜୁଏଲ



କୁତ୍ରା,୩୧।୮(ଡି.ଏନ.ଏ.)ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଖତକୁରବାହାଲ ନିକଟରେ ଘଟିଥିବା ସଡକ ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ମଙ୍ଗଳା କିଷାନ। ଏହି ଖବର ପ୍ରଚାରିତ ହେବା ପରେ ମଙ୍ଗଳବାର ଏମ୍‌ପି ଜୁଏଲ ଓରାମ ସ୍ଥାନୀୟ ରାଏବାହାଲସ୍ଥିତ ମଙ୍ଗଳାଙ୍କ ବାସଭବନକୁ ଯାଇ ତାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରକାଶଥାଉ କି , ଗତ ରବିବାର ଦିନ କିଷାନ ରାଜଗାଙ୍ଗପୁର ବ୍ଲକର ଲାଇଙ୍ଗକୁ ଯାଇ ଏକ ଫୁଟବଲ ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେଠାରୁ କାର୍ଯ୍ୟକ୍ରମ ସାରି ନିଜର ସହଯୋଗୀଙ୍କ ସହିତ କାରରେ ନିଜ ଘରକୁ ଫେରୁଥିବା ବେଳେ ଖତକୁରବାହାଲ ନିକଟରେ ତାଙ୍କ କାରକୁ ଏକ ଟିପ୍ପର ଧକ୍କା ଦେଇଥିଲା । ଫଳରେ କିଷାନ ଆହତ ହୋଇଥିଲେ । ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଯାଇଥିଲେ ।

### କୋଭିଡ଼ ଟିକା ନେବା ପାଇଁ ରାତି ଅନିଦ୍ରା

କୁତ୍ରା,୩୧।୮(ଡି.ଏନ.ଏ.): ପ୍ରଥମେ ପ୍ରଥମେ କୋଭିଡ ଟିକା ନେବାକୁ ଲୋକେ ଡରୁଥିଲେ । ମାତ୍ର ଏବେ ଗୁଜବ ଡର ନାହିଁ। ଗାଁ ଗହଳିର ଲୋକ ରାତି ଅନିଦ୍ରା ହୋଇ ଟିକା ନେବା ପାଇଁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରବଳ ଭିଡ଼ ଜମାଉଛନ୍ତି। ତୃତୀୟ ଲହର ଲୋକଙ୍କ ମନରେ ଭୟ ସୃଷ୍ଟି କଲାଣି । ରାତି ଗୋଟାଏ ଦୁଇଟାରୁ ଡାକ୍ତରଖାନା ପରିସର ଚଳଚଞ୍ଚଳ ହୋଇପଡୁଛି। ଲୋକେ ଟିକା ନେବା ପାଇଁ ୧୦ କିଲୋମିଟର ଦୂରରୁ ରାତ୍ରିରୁ ଆସୁଛନ୍ତି। ପ୍ରତିଦିନ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ ଟିକା ନେବା ପାଇଁ ଟୋକାନ ନେବାକୁ ବିଳମ୍ବିତ ରାତିରୁ ସକାଳ ହେବା ପର୍ଯ୍ୟନ୍ତ ଲୋକଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳୁଛି। ଲୋକେ ୩ ଚକିଆ ୪ ଚକିଆ ଯାନବାହାନ ଭଡା କରି ଆସୁଥିବା ବେଳେ ଦୁଇଚକିଆ ବାହନ, ସାଇକେଲ କିମ୍ବା ପାଦରେ ଚାଲି ଚାଲି ଡାକ୍ତରଖାନାରେ ରୁଣ୍ଡ ହେଉଥିବାର ଦୃଶ୍ୟ ନିତିଦିନିଆ ଘଟଣା ହୋଇଛି । କେତେକ ଖାଦ୍ୟ ସହିତ ପାନୀୟ ଜଳ ଧରି ବାରଣ୍ଡାରେ ବସି ରହୁଛନ୍ତି। ପ୍ରତିଦିନ କେତେ ଡୋଜ ଦିଆଯିବ ସେ ସମ୍ପର୍କିତ ନିଶ୍ଚିତ ଗାଇଡ଼ଲାଇନ ଦିଆଯାଉ ନ ଥିବାରୁ ଲୋକେ ବିଭ୍ରାନ୍ତ ହେଉଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର କିମ୍ବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଗଲେ ଅଞ୍ଚଳବାସୀ ଉପକୃତ ହୁଅନ୍ତେ।

# ପୌରାଞ୍ଚଳବାସୀଙ୍କୁ ମୌଳିକ ସେବା ପ୍ରଦାନ ଉପରେ ଗୁରୁତ୍ୱ

## ସୁନ୍ଦରଗଡ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

ସୁନ୍ଦରଗଡ଼, ୩୧।୮(ଡି.ଏନ୍.ଏ.)

ସୁନ୍ଦରଗଡ ପୌରପାଳିକା ତରଫରୁ କୋଭିଡ ନିୟମ ଅନୁଯାୟୀ ୫୯ତମ ଅଖିଳ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ପୌରପାଳିକା କାର୍ଯ୍ୟାଳୟ ପରିସରରେ ସକାଳ ୮ଟା ସମୟରେ ପୌର ନିର୍ବାହୀ ଅଧିକାରୀ ଡ. ପ୍ରଦୀପ କୁମାର ଶାହା ଜାତୀୟ ପତାକା ଉତ୍ତୋଳନ କରି ନିଷ୍ଠାପର ଭାବେ କର୍ତ୍ତବ୍ୟ ସଂପାଦନ ପାଇଁ କର୍ମଚାରୀମାନଙ୍କୁ ଶପଥପାଠ କରାଇଥିଲେ । ପରେ ଆୟୋଜିତ ବିଭିନ୍ନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୯୫୨ ମସିହାରୁ ଗଠିତ ହୋଇଥିବା ସୁନ୍ଦରଗଡ ପୌରପାଳିକାର ପରିସୀମା ବୃଦ୍ଧି ପାଇଥିବା ବେଳେ ସେହି ଅନୁସାରେ ପୌରାଞ୍ଚଳବାସୀଙ୍କୁ ମୌଳିକ ସେବା ପ୍ରଦାନ ଦିଗରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ପୌରପାଳିକାର ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ଏହି ଅବସରରେ ପୌରପାଳିକାର ନୂତନ ସଭାଗୃହ ଗାନ୍ଧୀନଗରଠାରେ ନବନିର୍ମିତ ଜିମ୍‌କୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ । ଏଥିସହିତ ଅମଲିପାଲି ଓ ଲୁହୁରାଡିପା ଠାରେ ଜୈବିକ ଖତ ପ୍ରସ୍ତୁତି ଉତ୍ପାଦନ କେନ୍ଦ୍ର ଏବଂ ଶଙ୍କରା ପୋଲିସ ଲାଇନ୍ ଠାରେ ନବନିର୍ମିତ ଶୌଚାଳୟକୁ ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌର କର୍ମଚାରୀ ସଂଘର ସଭାପତି ଅଶୋକ କୁମାର ଦାଶ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୌର କର୍ମଚାରୀ ଅଶୋକ ପଟେଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ ।



ଅନ୍ୟମାନଙ୍କ ଗହଣରେ ପୌର ନିର୍ବାହୀ ଅଧିକାରୀ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି ।

# ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ଦେଖି ବିଷ ପିଇଲେ ସ୍ତ୍ରୀ

- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ଥାନାରେ ହତ୍ୟା ଅଭିଯୋଗ କଲେ ମୃତକଙ୍କ ପିତା

ଦେବଗଡ଼/ରିଆମାଳ, ୩୧।୮(ଡି.ଏନ.ଏ)

ଗଛରେ ଝୁଲୁଥିଲା ସ୍ୱାମୀଙ୍କ ମୃତଦେହ। ଏହାକୁ ଦେଖି ଦୁଃଖରେ ମ୍ରିୟମାଣ ହୋଇପଡିଲେ ସ୍ତ୍ରୀ। ସେ ଭାରସାମ୍ୟ ହରାଇ ପିଇ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କଲେ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ଅନ୍ତର୍ଗତ କରଡାଖମଣ ଗ୍ରାମରେ। ଏବେ ସମ୍ପୃକ୍ତା ମହିଳା ରଶ୍ମିତା ପେଣ୍ଟେଇ ସଙ୍କଟାପନ୍ନ ଅବସ୍ଥାରେ ଛେଣ୍ଡିପଦା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ ଅନୁଗୋଳ ଜିଲା ଏନଟିପିସି(କଣିହାଁ)ରେ ଟ୍ରକ ଚଳାଉଥିବା ପାଲଲହଡା ଥାନା ସିଆରିମାଳିଆ ଗ୍ରାମର ହେମନ୍ତ ପେଂଠେଇ (୩୫)ଗତ ରଥଯାତ୍ରା ଦିନ ଦେବଗଡ ଜିଲା କୁଣ୍ଢେଇଗୋଳା ଥାନା(ଖଇରପାଲି ଫାଣ୍ଡି) କରଡାଖମଣ ଗ୍ରାମର ରଶ୍ମିତା ବେହେରାଙ୍କୁ ବିବାହ କରିଥିଲେ। କିଛିଦିନ ତଳେ ରଶ୍ମିତା ବାପଘରକୁ ଅସିଥିଲେ। ସୋମବାର ରାତି ପ୍ରାୟ ୮ ଟାରେ ହେମନ୍ତ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ଉଭୟଙ୍କ ମଧ୍ୟରେ ବଚସା ପରେ ହେମନ୍ତ ସେଠାରୁ ଚାଲିଯାଇଥିଲେ । ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ରାସ୍ତାକଡରେ ଥିବା ଏକ ଲିମ୍ବ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖି ରଶ୍ମିତାଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇ ରଶ୍ମିତା ସେଠାରେ ପହଞ୍ଚିବା ଦୁଃଖରେ ଭାଙ୍ଗିପଡି ବିଷପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଅନୁଗୋଳ ଜିଲା ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏବେ ସେ ସେଠାରେ ଚିକିତ୍ସାଧିନ ଅଛନ୍ତି। ସୂଚନା ପାଇ ମୃତ ହେମନ୍ତଙ୍କ ପିତା ମୋହନ କୁଣ୍ଢେଇଗୋଳା ଥାନାରେ ପହଞ୍ଚି ତାଙ୍କ ପୁଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ହେମନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି । ତଦନ୍ତ ପରେ ମୃତ୍ୟୁର କାରଣସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ରାଧାଗୋବିନ୍ଦ ମନ୍ଦିରରେ ଦଶାବତାର ପ୍ରତିମୂର୍ତ୍ତି ଅନାବରଣ

କୁଆଁରମୁଣ୍ଡା,୩୧।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ସିଟି ସ୍କୁଲ ରୋଡରେ ଥିବା ରାଧାଗୋବିନ୍ଦ ମନ୍ଦିର ପରିସରରେ ନୂତନ ଭାବେ ନିର୍ମିତ ଦଶ ଅବତାର ସହିତ ବିଭିନ୍ନ ଦେବାଦେବୀଙ୍କର ମୂର୍ତ୍ତି ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ସାରଦା ପ୍ରସାଦ ନାୟକ ମଙ୍ଗଳବାର ଅନାବରଣ କରଛନ୍ତି। ଏଥିସହିତ ମନ୍ଦିରର କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରିଥିଲେ । ଉଦଘାଟନୀ ଉତ୍ସବରେ କୁଆଁରମୁଣ୍ଡା ବିଡିଓ ବିକାଶ ଚନ୍ଦ୍ର ସାହୁ, ଏବିଡିଓ ଭବାନୀଶଙ୍କର ପାଢୀ, ସହକାରୀ ନିର୍ବାହୀ ଅଧିକାରୀ ଅଜୟ କୁମାର ହୋତା, ଟିସି ଭରତ ସାହୁ, କୁଆଁରମୁଣ୍ଡା ସରପଞ୍ଚ ସୁଷମାକାନ୍ତି କିଣ୍ଡୋ, ଶରତ ତନ୍ତୀ, ରାଜେଶ ଖାଲଖୋ, ଢୁମେରଯୋର ସମିତି ସଭ୍ୟ ତଥା ବରିଷ୍ଠ ବିଜେଡ଼ି ନେତା ରାଜେନ୍ଦ୍ର କୁଜୁର, ବିଜେଡ଼ି ବ୍ଲକ ସଭାପତି ରାଜେଶ ହାସଦା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ସୁନିତା ଅହିର, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ନିମନ୍ତୀ ଲୁଗୁନ୍, ଶୈଳେଶ ତିୱାରୀ, ଘନଶ୍ୟାମ ଦେବତା, ଟ୍ରଷ୍ଟି ସଭାପତି ଦେବବ୍ରତ ଦାଶ, ସଭ୍ୟ ଗୌରାଙ୍ଗ ଚରଣ ସାହୁ, ମହେଶ୍ୱର ମିଶ୍ର, ଶିବ ନାରାୟଣ ସାହୁ, ରବୀନ୍ଦ୍ର ସାହ ଉପସ୍ଥିତ ଥିଲେ । କୁଆଁରମୁଣ୍ଡା ଫୁଟବଲ ଆସୋସିଏଶନର ସମସ୍ତ ଖେଳାଳି ଓ କର୍ମକର୍ତ୍ତା, ଭଜନମଣ୍ଡଳୀର ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ବିଧାୟକ ନାୟକଙ୍କୁ ସମ୍ବର୍ଦ୍ଧନା କରିବା ସହ ମନ୍ଦିରକୁ ପାଛୋଟି ନେଇଥିଲେ। ଏହି ଅବସରରେ ବିଧାୟକ ନାୟକ ରାଧାଗୋବିନ୍ଦ ମନ୍ଦିରର ସଂସ୍ଥାପକ ତଥା ବରିଷ୍ଠ ନାଗରିକ କୁଆଁରମୁଣ୍ଡାର ଶୀତଳ ପ୍ରସାଦ ଦାଶଙ୍କର ରାଧାଗୋବିନ୍ଦଙ୍କ ପ୍ରତି ଥିବା ଭକ୍ତି ଭାବନା ଓ ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳରେ କୃଷ୍ଣ ଚେତନାର ଅଭିବୃଦ୍ଧି ନିମନ୍ତେ ନିଜର ବହୁମୂଲ୍ୟ ସମ୍ପତ୍ତି ଏହି ଟ୍ରଷ୍ଟକୁ ଦାନ କରିବା ଏକ ଅନନ୍ୟ ଉଦାହରଣ ବୋଲି କହିଥିଲେ ।



ରାଧାଗୋବିନ୍ଦ ମନ୍ଦିରର ଦଶ ଅବତାର ଓ ଅନ୍ୟାନ୍ୟ ଦେବଦେବୀଙ୍କ ପ୍ରତିମୂର୍ତ୍ତି ଅନାବରଣ ଅବସରରେ ବିଧାୟକ ଓ ଅନ୍ୟମାନେ ।

# ନବରଙ୍ଗପୁର-ରାଣୀବଗିଚା ପୋଲ ଉଦ୍‌ଘାଟିତ

ସୁନ୍ଦରଗଡ,୩୧।୮(ଡି.ଏନ.ଏ.)

ତଳସରା ନିର୍ବାଚନମଣ୍ଡଳୀ ସୁବଳୟା ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗଡ ସହର ଉପକଣ୍ଠ ନବରଙ୍ଗପୁର-ରାଣୀବଗିଚା ବାଇପାସ ବିଜୁ ପଟ୍ଟନାୟକ ରୋଡକୁ ସଂଯୋଗ କରିଥିବା ନୂତନ ପୋଲର ଉଦ୍‌ଘାଟନ ସୁନ୍ଦରଗଡ ଏମ୍‌ପି ତଥା ସଂସଦୀୟ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଜୁଏଲ ଓରାମ ଓ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। । ଫଳରେ ଏହି ପୋଲ ଦ୍ୱାରା ନବରଙ୍ଗପୁର ଓ ସୁନ୍ଦରଗଡ ସହରକୁ ସଂଯୋଗ ରାସ୍ତା ୬ କିଲୋମିଟର ପରିବର୍ତ୍ତେ ବ୍ୟବଧାନ ମାତ୍ର ୧୦୦ ମିଟର ହୋଇଛି । ଅଞ୍ଚଳବାସୀଙ୍କ ବହୁ ଦିନର ଦାବି ପରେ ଏହି ପୋଲ ହୋଇଛି । ସୋମବାର ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ଜିଲା ସାଧାରଣ ସଂପାଦକ ଯଶବନ୍ତ ନାଏକ, ସୁଖଲାଲ ମୁଣ୍ଡା, ମଣ୍ଡଳ ସଭାପତି ତପସିଲ ପ୍ରଧାନ, ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ପଟେଲ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ମେମ୍ବର ଶ୍ୟାମସୁନ୍ଦର ଭୋଇ, ଜିଲା କୃଷକ ମୋର୍ଚ୍ଚା ସଭାପତି ରବିଚନ୍ଦ୍ର ପଟେଲ, ନଗର ମଣ୍ଡଳ ସଭାପତି ଅଶୋକ ସାହୁ, ଜିଲା ଯୁବ ମୋର୍ଚ୍ଚା ସଭାପତି ଅମୀୟ କୁମାର ପଟ୍ଟନାୟକ, ମନୋଜ ପୁରୋହିତ, ମନୀଷ ପଟେଲ, ସ୍ଥାନୀୟ ସରପଞ୍ଚ, ବହୁ ଭାଜପା କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆନ୍ତଃ ବ୍ଲକ ଚାମ୍ପିୟନ ଟିମ୍ ମଧ୍ୟରେ ମ୍ୟାଚ୍

ବଡ଼ଗାଁ,୩୧।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ମିନି ଷ୍ଟାଡ଼ିୟମଠାରେ ମଙ୍ଗଳବାର ଆନ୍ତଃ ବ୍ଲକର ଚାମ୍ପିୟନ ଟିମ୍ ମଧ୍ୟରେ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। କୁତ୍ରା ବ୍ଲକର ରଜାବସା, ବଡ଼ଗାଁ ବ୍ଲକର ତୁଡ଼ାଲଗା, ସବଡେଗା ବ୍ଲକର ଯମୁନା, ରାଜଗାଙ୍ଗପୁର ବ୍ଲକର ଲାଇଙ୍ଗ ମଧ୍ୟରେ ହୋଇଥିଲା। ଏଥିରେ ସେମିଫାଇନାଲ ମ୍ୟାଚ ରଜାବସା ଓ ଯମୁନା ମଧ୍ୟରେ ହୋଇଛି। ଯମୁନା ବିଜୟୀ ହୋଇଛି। ସୁନ୍ଦରଗଡ଼ ସବ୍‌ଡିଭିଜନ ଜୋନର ସେମିଫାଇନାଲ ମ୍ୟାଚ୍‌ରେ ଯମୁନା ଟିମ୍ ଫାଇନାଲକୁ ଉନ୍ନୀତ ହୋଇଛି ।

# ଜିଲାସ୍ତରୀୟ ଆନ୍ତଃ କ୍ଲବ ଫୁଟ୍‌ବଲ ଚାମ୍ପିୟନଶିପ୍

ସୁନ୍ଦରଗଡ, ୩୧।୮ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଜିଲାସ୍ତରୀୟ ଆନ୍ତଃ କ୍ଲବ ଫୁଟବଲ ଚମ୍ପିୟନଶିପର ପ୍ରଥମ ପର୍ଯ୍ୟାୟରେ ସଦର ସବ୍‌ଡିଭିଜନର ୯ଟି ବ୍ଲକରେ ଏହି ମ୍ୟାଚ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୯ଟି ବ୍ଲକର ୨୫୬ଟି ଫୁଟବଲ କ୍ଲବ ଭାଗ ନେଇଥିଲେ । ସଦର ବ୍ଲକ କିଂଜିର୍ମା ମିନି ଷ୍ଟାଡିୟମରେ ଭବାନୀପୁର ଫୁଟବଲ କ୍ଲବ ୫-୪ ଗୋଲରେ ଗାଇଯୋରକୁ ହରାଇ ବ୍ଲକ ଚମ୍ପିୟନ ହୋଇଛି । ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟଅତିଥି, ଓଡିଶା ରେଫରି ମୁଖ୍ୟ ଦୁର୍ଗାମାଧବ ନାଏକ, ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସବଡେଗା ବ୍ଲକ ଗାଇବିରା ମିନି ଷ୍ଟାଡିୟମରେ ଯମୁନା ଫୁଟବଲ କ୍ଲବ ୩-୧ ଗୋଲରେ କର୍ଲାଘାଟୀକୁ ହରାଇ ବ୍ଲକ ଚମ୍ପିୟନ ହୋଇଛି । ଏଠାରେ ବରିଷ୍ଠ ଆଇନଜୀବୀ ଦୁଷ୍ମନ୍ତ କୁମାର ନାଏକ , ଜିଲା କ୍ରୀଡା ସଂସଦର ସାଧାରଣ ସଂପାଦକ ପ୍ରଭାତ କୁମାର ଭୋଳ ,ଅନିଲ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ବାଲିଶଙ୍କରା ବ୍ଲକ ବନ୍ଧବାହାଲ ମିନି ଷ୍ଟାଡିୟମଠାରେ ସାପଡଗର ସଂଘର୍ଷ କ୍ଲବ ୨-୧ ଗୋଲରେ କିଂଜିରିକେଲା ଏନ୍ ଜି କ୍ଲବକୁ ହରାଇ ବ୍ଲକ ଚମ୍ପିୟନ ହୋଇଛି। ଏଠାରେ ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ ମାଝୀ ,ବ୍ଲକ ଅଧକ୍ଷା ତ୍ରିବେଣୀ ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। ଟାଙ୍ଗରପାଲି ବ୍ଲକର ତସଲାଡିହି ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ମ୍ୟାଚରେ ଫୁଲଧୂଡି ଜୟ ଜଗନ୍ନାଥ କ୍ଲବ ୧-୦ ଗୋଲରେ ଖୁଣ୍ଟଗାଁ କ୍ରିଷ୍ଣା କ୍ଲବକୁ ହରାଇ ବ୍ଲକ ଚମ୍ପିୟନ ହୋଇଛି। ଲେଫ୍ରିପଡା ବ୍ଲକର ସୁର୍ଗୁଡା ରାମଦେବ ପଡିଆରେ ଶ୍ରୀଭୁବନପୁର ଫିଫଟିନଷ୍ଟାର କ୍ଲବ ୩-୦ଗୋଲରେ ହୁଁମେଇ ଫୁଟବଲ କ୍ଲବକୁ ହରାଇ ବ୍ଲକ ଚମ୍ପିୟନ ହୋଇଛି। ହେମଗିର କ୍ଲବର ଡୁରୁବଗା ମିନି ଷ୍ଟାଡିୟମରେ ବାଙ୍ଗୁରକେଲା ବୀର ସୁରେନ୍ଦ୍ର ସାଏ କ୍ଲବ ୧-୦ ଗୋଲରେ କିରିପସିରା ଫୁଟବଲ କ୍ଲବକୁ ହରାଇ ବ୍ଲକ ଚମ୍ପିୟନ ହୋଇଛି। ବଡଗାଁ ବ୍ଲକ ମିନି ଷ୍ଟାଡିୟମରେ ତୁଡାଲଗା ଶ୍ରୀରାମ କ୍ଲବ ୨-୦ଗୋଲରେ ଗେଡୁବାହାଲକୁ ହରାଇ ବ୍ଲକ ଚମ୍ପିୟାନ ହୋଇଛି । କୁତ୍ରା ବ୍ଲକର ରାଜାବସା ମିନିଷ୍ଟାଡିୟମରେ ରାଜାବସା ଫୁଟବଲ କ୍ଲବ ୩-୦ ଗୋଲରେ ଲକ୍ଷ୍ମୀପୋଷକୁ ହରାଇ ବ୍ଲକ ଚମ୍ପିୟନ ହୋଇଛି। ରାଜଗାଙ୍ଗପୁର ବ୍ଲକ ଡାଇଙ୍ଗ ମିନି ଷ୍ଟାଡିୟମ ଠାରେ ଓେଲଫେୟାର ୟୁଥ କ୍ଲବ ଲାଇଙ୍ଗ ୨-୦ ଗୋଲରେ ଠୁଙ୍କୁଟୋଲକୁ ହରାଇ ବ୍ଲକ ଚମ୍ପିୟନ ହୋଇଛି । ଆସନ୍ତା ୧ ତାରିଖରୁ ପାନପୋଷ ଓ ବଣାଇଁ ସବଡିଭିଜନର ଖେଳ ଆରମ୍ଭ ହେବ ବୋଲି ଜିଲା କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।



ସବଡେଗା ବ୍ଲକ ଗାଇବିରା ମିନି ଷ୍ଟାଡିୟମରେ ଅନୁଷ୍ଠିତ ଫୁଟବଲ ମ୍ୟାଚରେ ଅତିଥିମାନଙ୍କ ସହ ଖେଳାଳି ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
1. Diploma / B.Tech Civil (Fresh/Exp.) - 4 Nos.
2. Graduate - 40 Nos.
CONTACT
8917209279
7873563668

WANTED
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି (ଭଲ ବେତନ, ଭଲ ସୁବିଧା । ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସ୍‌ମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିବା ପାଇଁ 10th/+2, ITI Diploma Qualification ଥିବା Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
For Apply Contact
7894509327

RMC PVT. LTD.
A well established construction company in Bhubaneswar urgently requires.
1. ACCOUNTS MANAGER (B.Com.): 3-5 years experience.
2. ACCOUNTANT (B.Com.): 2-5 years experience.
3. DEGREE ENGINEER (Civil): 12 years experience.
4. DEGREE ENGINEER (Electrical): 5-10 years experience.
5. DIPLOMA ENGINEER: 5-10 years experience.
6. MARKETING MANAGER (MBA): 5-10 years experience.
7. SUPERVISOR:5-10 years exp.
Contact: 9337469627 6371761144
E-mail: rmcpl.hr@gmail.com

URGENT REQUIRED
ନିଜ ଜିଲ୍ଲାରେ Office Job, ରହିବା, ଖାଇବା ଦିଆଯିବ। Salary 27,000/-, Qua.- 7th to 10th & above.
Contact:
8144204606

ADMIN HEAD, PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, RECOVERY AGENT, SUPERVISOR, TELE-CALLER, DRIVER
FOR PRE-CAST MANUFACTURING UNIT
TWO-WHEELER MUST; ALL ODISHA
CONTACT: 8328824805/7008189146

APPOINTMENT
We are a leading Organization in the field of Import Export Business requires the below professionals urgently.
1. Sales Executive. (Male)
Qualification – Graduate in any discipline.
Experience – 02 years experience in retail sales with computer knowledge. Candidate having knowledge in four wheeler driving will be preferred.
2. Office boy-cum-Driver. (Male)
Qualification - +2 in any discipline & above.
Experience – 02 year experience in similar field.
3. Care taker. (Female) (In MD's Residence at Bhubaneswar)
Qualification - +2 in any discipline or Diploma in Hotel Management (Housekeeping).
Experience/ Training in similar field will be preferred.
Accommodation will provide for Post No.1 & 2.
Contact us before dt.03/09/2021 :
E-mail: paradipexports2020@gmail.com
Mobile 7608869899

ZILLA SWASTHYA SAMITI, NUAPADA
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA, DPMU, NHM
E-mail: nhmnupada@gmail.com, Phone: (06678) 223346
Adv. No. 4896/DPMU/NHM/21 Date: 27.08.2021
WALK IN INTERVIEW FOR IN HOUSE REPOSITIONING
No. E-384: Walk in Interview will be conducted for the Contractual Employee of NHM working in the same post under the OSH & FW society in other district to fill up the different vacant posts under NHM. Interested eligible candidates can download the detailed of post wise vacancy & application format from www.nuapada.nic.in and may attend in the Office of the CDM & PHO, Nuapada on dated 07.09.2021 from 10.30 A.M. to 12.30 P.M. along with all required documents. No application will be received beyond the schduled time. The undersigned reserves the right to cancel any or all the applications/positions at any stage without assigning any reason thereof. The advertisement No. 4354/DPMU/NHM/2021 Dated 30.07.21 for in-house repositioning is hereby cancelled due to unavoidable circumstances.
Sd./- Chief District Medical & Public Health Officer-cum-District Mission Director, NHM, Nuapada
OIPR-10055/11/0015/2122





ବିଧାନସଭା ମୌସୁମୀ ଅଧିବେଶନ ପୂର୍ବରୁ ମଙ୍ଗଳବାର ଅନୁଷ୍ଠିତ ବିଜେଡି, ଭାଜପା ଓ କଂଗ୍ରେସ ବିଧାୟକ ଦଳ ବୈଠକ।

# ମରୁଡ଼ି ପ୍ରସଙ୍ଗରୁ ଶାସକ ଦଳକୁ ଘେରିବ ଭାଜପା

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ରାଜ୍ୟର ସାମ୍ପ୍ରତିକ ପରିସ୍ଥିତି ସମେତ କିଛି ମୁଖ୍ୟ ପ୍ରସଙ୍ଗକୁ ନେଇ ଭାଜପା ବିଧାନସଭା ମୌସୁମୀ ଅଧିବେଶନରେ ଶାସକ ଦଳକୁ ଘେରିବାକୁ ଯୋଜନା କରିଛି। ଅଧିବେଶନରେ ଭାଜପା ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଉପରେ ସରକାରଙ୍କୁ ପ୍ରଶ୍ନ କରିବ। ବିଶେଷକରି ରାଜ୍ୟରେ ଆସନ୍ନ ମରୁଡ଼ି ପ୍ରସଙ୍ଗ ନେଇ ଭାଜପା ପ୍ରଥମେ ବିଧାନସଭାରେ ଶାସକ ଦଳକୁ ଘେରିବା ଆରମ୍ଭ କରିବ। ଏହାପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ପ୍ରସଙ୍ଗ କଥାକୁ ଲିଙ୍କ୍ କରି ଆଇନ ଶୃଙ୍ଖଳା ପରିସ୍ଥିତି ଆଡ଼କୁ ଯିବ ବୋଲି ଜଣାପଡିଛି। ସେହିପରି ମଣ୍ଡି ସମସ୍ୟା, ୟୁରିଆ ସାର ସମସ୍ୟା, ଜଳସେଚନ ସମସ୍ୟା, ମାହାଙ୍ଗା ଡବଲ ମର୍ଡର ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ଷ୍ଟାଫ୍ ସିଲେକ୍ସନ କମିଶନରେ ଦୁର୍ନୀତି, ସୀମା ବିବାଦ, ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି, ଓବିସି/ଏସ୍ଇବିସି ସଂରକ୍ଷଣ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ମହିଳା ସୁରକ୍ଷା, ବେରୋଜଗାର, ଖଣି ଦୁର୍ନୀତି, ବିଦ୍ୟୁତ୍ ଶୁଳ୍କ ବୋଝ ଆଦି ମୁଖ୍ୟ ଆଲୋଚନାର ପ୍ରସଙ୍ଗ ହେବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ସୂଚନା ଦେଇ କହିଛନ୍ତି।

ଭାଜପା ବିଧାୟକ ଦଳ ବୈଠକ ମଙ୍ଗଳବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହାପରେ ଖବରଦାତା ସମ୍ମିଳନୀ ଜରିଆରେ ମୋହନ ମାଝି କହିଛନ୍ତି, ଆସନ୍ନ ମରୁଡ଼ି ପରିସ୍ଥିତିକୁ ମୁକାବିଲା ପାଇଁ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି। ରାଜ୍ୟ ସରକାରଙ୍କ ପୂର୍ବ ଘୋଷିତ ଜଳସେଚନ ପ୍ରକଳ୍ପ କେବଳ କାଗଜକଲମରେ ରହିଯାଇଛି। ଭାଜପା ୪ଟି ଟିମ୍ ଗଠନ କରି ରାଜ୍ୟର ସମସ୍ତ ମରୁଡ଼ି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି। ଏହି ଟିମ୍‌ର ରିପୋର୍ଟ ହସ୍ତଗତ ହେବାପରେ ବିଧାନସଭାରେ ଏନେଇ ମଧ୍ୟ ଆଲୋଚନା କରାଯିବ। ଦିନ ଦ୍ୱିପ୍ରହରରେ ରାସ୍ତାରେ ହତ୍ୟା, ରାହାଜାନି ଏବଂ ଏହି ଘଟଣାରେ ଶାସକ ଦଳ ମନ୍ତ୍ରୀ, ନେତା ଓ କର୍ମୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହୁଛି। ଏହିସବୁ ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ପଦାରେ ପକାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାରଙ୍କ ପଛୁଆ ଓ ଆର୍ଥିକ ଅନଗ୍ରସର ସଂରକ୍ଷଣ କ୍ଷେତ୍ରରେ ପଛଘୁଞ୍ଚା ଦେବା ପ୍ରସଙ୍ଗରେ ଭାଜପା ପ୍ରଶ୍ନ କରିବ। ରାଜ୍ୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, କେନ୍ଦ୍ରୀୟ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ନ କରିବା, ରାଜ୍ୟବାସୀ ଆୟୁଷ୍ମାନ ଭାରତ ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେବା ପ୍ରସଙ୍ଗ ଗୃହରେ ଉଠାଯିବ ବୋଲି ସେ କହିଛନ୍ତି।

# କଂଗ୍ରେସ ଉଠାଇବ ଚାଷୀ ସମସ୍ୟା

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ବିଧାନସଭାର ମୌସୁମୀ ଅଧିବେଶନ ବୁଧବାର ଠାରୁ ଆରମ୍ଭ ହେଉଥିବା ବେଳେ ବିଭିନ୍ନ ପ୍ରସଙ୍ଗକୁ ନେଇ ଶାସକ ଦଳକୁ ଘେରିବାକୁ ରଣନୀତି କରିଛି କଂଗ୍ରେସ। ଚାଷୀ ସମସ୍ୟାକୁ କଂଗ୍ରେସ ଗୃହରେ ତୀବ୍ର କରିବ ବୋଲି ଜଣାପଡ଼ିଛି। ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦଳ ମଧ୍ୟ ଅନ୍ୟତମ ପ୍ରସଙ୍ଗ କରିବ ବୋଲି କହିଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପ୍ରଭାରୀ ଏ ଚେଲାକୁମାର ଉପସ୍ଥିତ ଥିଲେ। ଚାଷୀ ସମସ୍ୟା ସହ ୩ରୁ ୪ଟି ପ୍ରମୁଖ ପ୍ରସଙ୍ଗରେ କଂଗ୍ରେସ ଶାସକ ଦଳ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଲକ୍ଷ୍ୟ ରଖିଥିବା ବେଳେ ମରୁଡିକୁ ନେଇ ପ୍ରଥମେ ଘେରିବ। ଏହାଛଡ଼ା ଷ୍ଟାଫସିଲେକ୍ସନ କମିଶନରେ ଦୁର୍ନୀତି, ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା କଥାକୁ ଉଠାଇବ। ସେହିପରି କେନ୍ଦ୍ରୀୟ ଅବହେଳା, ସରକାରୀ ଯୋଜନା ବାଟମାରଣା କଥାକୁ ମଧ୍ୟ କଂଗ୍ରେସ ଗୁରୁତ୍ୱ ଦେବ। ଏହାଛଡ଼ା ବିଜୁଳି ଦର ବୃଦ୍ଧି, ଏସ୍‌ସିଏଫ ସୌମ୍ୟ ରଞ୍ଜନଙ୍କ ମୃତ୍ୟୁ, ମାନବବାଦ ସଙ୍ଗଠନ ବିରୋଧରେ ସରକାରୀ ଦଳକୁ ଘେରିବାକୁ ଯୋଜନା କଂଗ୍ରେସ ପ୍ରସ୍ତୁତ କରିଥିବା ବିଧାୟକ ମହମ୍ମଦ ମୋକିମ ସୂଚନା ଦେଇଛନ୍ତି। ମୋକିମ ଆହୁରି କହିଛନ୍ତି ଯେ, ଏହା ମଧ୍ୟରୁ ୨ରୁ ୩ଟି ପ୍ରସଙ୍ଗ ମୁଖ୍ୟତଃ ରଖାଯାଇଥିବା ବେଳେ ବୁଧବାର ଗୃହ ଆରମ୍ଭ ହେବା ପୂର୍ବରୁ ଚୂଡାନ୍ତ ନିଷ୍ପତ୍ତି ହେବ ବୋଲି ସେ କହିଛନ୍ତି।

# ବିରୋଧୀଙ୍କ ମୁକାବିଲା ଲାଗି ପ୍ରସ୍ତୁତ: ବିଜେଡି

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ବିଧାନସଭା ମୌସୁମୀ ଅଧିବେଶନ ଲାଗି ବିରୋଧୀ ଭାଜପା ଏବଂ କଂଗ୍ରେସ ଶାସକ ଦଳକୁ ଘେରିବା ଲାଗି ରଣନୀତି ସମ୍ପୂର୍ଣ୍ଣ ପ୍ରସ୍ତୁତ କରିସାରିଛନ୍ତି। ତେବେ ଏହାର ମୁକାବିଲା କରିବା ସକାଶେ ବିଜେଡି ମଧ୍ୟ ନିଜର ରଣକୌଶଳ ପ୍ରସ୍ତୁତ କରିଥିବା କହିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବିଧାୟକ ଦଳ ବୈଠକ ବସିଥିଲା। ଏଥିରେ ଦଳ ପକ୍ଷରୁ କେଉଁ ସବୁ ପ୍ରସଙ୍ଗରେ ବିରୋଧୀଙ୍କ ମୁହଁ ବନ୍ଦ କରିହେବ ସେନେଇ ଆଲୋଚନା ହୋଇଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ କହିଛନ୍ତି, ବିରୋଧୀ ଦଳର ସଦସ୍ୟମାନେ ଯେଉଁସବୁ ପ୍ରସଙ୍ଗ ଆଣିବେ ତାର ମୁକାବିଲା କରାଯିବ। କେନ୍ଦ୍ରୀୟ ଅବହେଳା ନେଇ ଅନେକ ପ୍ରସଙ୍ଗ ଶାସକ ଦଳ ପାଖରେ ଅଛି। ସେସବୁ ପ୍ରସଙ୍ଗକୁ ଗୃହରେ ଉପସ୍ଥାପନା କରାଯିବ। ମାନସ ଦାସଙ୍କ ମାନବବାଦ ସଙ୍ଗଠନ ପ୍ରସଙ୍ଗ ବିଧାନସଭାରେ ଉଠିଲେ ତା'ର ଜବାବ୍ ଦିଆଯିବ। ପୁଲିସ ଏହି ପ୍ରସଙ୍ଗରେ ତାର କାମ କରୁଛି। ସରକାର ଚୁପ୍ ହୋଇ ବସିନାହାନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି, ଗ୍ରାମାଞ୍ଚଳ ଆବାସ ଯୋଜନା ଓ ଏମ୍‌ଏସପି ପ୍ରସଙ୍ଗ ସମେତ ସ୍ୱାମୀନାଥନ କମିଟି ସୁପାରିସ ଲାଗୁ କରିବା ପ୍ରସଙ୍ଗ ବିଜେଡି ଗୃହରେ ଉତ୍ଥାପନ କରିବ। ବିଜେଡି ପକ୍ଷରୁ ବୁଧବାର କେନ୍ଦ୍ର ସରକାର ସାର ଯେତିକି ଆବଶ୍ୟକ ସେତିକି ନ ଦେବା ନେଇ ଅଭିଯୋଗ ଉଠାଇଛି। ଅନ୍ୟପଟେ ଏହି ପ୍ରସଙ୍ଗକୁ ନେଇ ବିଜେଡି ବୁଧବାର ରାସ୍ତାକୁ ଓହ୍ଲାଇବା ସହିତ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

**କେନ୍ଦୁଝର,୩୧।୮ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଅତିରିକ୍ତ ତଥା ସ୍ୱତନ୍ତ୍ର ବିଚାରପତି ଲୋକନାଥ ସାହୁ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ବଟ ମୁଣ୍ଡାଙ୍କୁ ୧୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟେ ହେଲେ ଅଧିକ ୩ମାସ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ବଟଙ୍କ ଘର ଝାଡ଼ଖଣ୍ଡ ତରମ୍ବା ଗ୍ରାମରେ। ସେ ୨୦୧୮ ଜାନୁୟାରୀ ୧୪ରେ ବାମେବାରୀ ଥାନା ଅଞ୍ଚଳର ଜଣେ ୧୩ ବର୍ଷର ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଜାନୁୟାରୀ ୨୮ରେ ବାମେବାରୀ ଥାନାରେ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ପୋଲିସ ଉକ୍ତ ଦିନ ବଟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ପ୍ରତିଭା ମଞ୍ଜରୀ ସାହୁ ଏହି ଘଟଣାର ତଦନ୍ତ କରି ପୋକ୍‌ସୋ ଆଇନ୍‌ରେ ଏକ ମାମଲା (ନଂ.୧୭/୧୮) ରୁଜୁ କରିଥିଲେ। ମୋଟ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଏଡିଜେ ତଥା ସ୍ପେଶାଲ ଜଜ୍ ସାହୁ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ପୀଡ଼ିତାଙ୍କୁ ଦିଆଯିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ନାବାଳିକାଙ୍କୁ ଅନୁକମ୍ପାମୂଳକ ସହାୟତା ରାଶିଭାବେ ଜିଲା ଆଇନ ସେବା ପ୍ରାଧୀକରଣ ୧ଲକ୍ଷ ଟଙ୍କା ଦେବା ପାଇଁ ରାୟ ଦେଇଥିବା ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଗୋବିନ୍ଦା



ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ଅଭିନେତା ଗୋବିନ୍ଦା।

**ପୁରୀ ଅଫିସ,୩୧।୮**

ବଲିଉଡ ଅଭିନେତା ଗୋବିନ୍ଦା ମଙ୍ଗଳବାର ପୁରୀ ଆସି ଶ୍ରୀମନ୍ଦିରରେ ରତ୍ନସିଂହାସନସ୍ଥିତ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଛନ୍ତି। ଅପରାହ୍ନ ପ୍ରାୟ ୧ଟାରେ ସେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ଏସ୍‌ଓପି ମାନି ବାଇଶ ପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ ମା' ବିମଳା, ମା' ମହାଲକ୍ଷ୍ମୀ ଓ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ ଭିତରଚ୍ଛ ଭବାନୀ ଶଙ୍କର ମହାପାତ୍ର, ବରିଷ୍ଠ ସେବାୟତ ମହାବୀର ପ୍ରତିହାରୀ ଓ ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେ ଶ୍ରୀମନ୍ଦିରରେ ୩୦ ମିନିଟରୁ ଅଧିକ ସମୟ ରହି ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ମହାପ୍ରସାଦ, ପତିତପାବନ ବାନା ଏବଂ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିରରୁ ଫେରି ଗୋବିନ୍ଦା ଗଣମାଧ୍ୟମ ଆଗରେ କହିଥିଲେ, ମହାପ୍ରଭୁଙ୍କର ସେ ଜଣେ ବଡ଼ ଭକ୍ତ। ତେଣୁ ତାଙ୍କ ଡାକରାରେ ପୁରୀ ଆସି ଠାକୁରଙ୍କ ଦର୍ଶନ କରିବାର ସୌଭାଗ୍ୟ ପାଇଛନ୍ତି। ସେହିପରି କୋଭିଡ୍ ସମୟରେ ଦର୍ଶନ ବ୍ୟବସ୍ଥା ଅତ୍ୟନ୍ତ ଶୃଙ୍ଖଳିତ ହୋଇଥିବାରୁ ମନ୍ଦିର ପ୍ରଶାସନ ଓ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଜୀବନରେ ଜଟିଳ ପରିସ୍ଥିତି ଦେଇ ଗୋବିନ୍ଦା ଗତି କରୁଥିବାବେଳେ ଏକଦା ସମୟରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସେସବୁ ଅନେକାଂଶରେ ଦୂର ହୋଇଥିଲା। ଏବେ ପୁଣି ମହାପ୍ରଭୁଙ୍କ ଦର୍ଶନ କରିବା ପରେ ତାଙ୍କ ଜୀବନ ଶାନ୍ତି ଓ ଖୁସିମୟ ହେବ ବୋଲି ଗୋବିନ୍ଦା କହିଥିଲେ। ଏହି ଅବସରରେ ଶ୍ରୀମନ୍ଦିରରେ ନିୟୋଜିତ ଥିବା ସେବାୟତ, କର୍ମଚାରୀ, ପୋଲିସ ଏବଂ ସୁରକ୍ଷା ବାହିନୀଙ୍କୁ ତାଙ୍କର ଶୃଙ୍ଖଳିତ କାର୍ଯ୍ୟପାଇଁ ଧନ୍ୟବାଦ ଜଣାଇଥିଲେ।

# ବିଦ୍ୟାଭାରତୀଙ୍କୁ ଜେରା କରିବ କ୍ରାଇମବ୍ରାଞ୍ଚ: ଏଡିଜି

**କଟକ ଅଫିସ,୩୧।୮**

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିବା କ୍ରାଇମବ୍ରାଞ୍ଚ ବୁଧବାର ସୌମ୍ୟରଞ୍ଜନଙ୍କ ପରିବାରବର୍ଗଙ୍କ ବୟାନ ରେକର୍ଡ କରିବେ। ଏହାପରେ ବିଦ୍ୟାଭାରତୀଙ୍କୁ ଜେରା କରାଯିବ। ଜେରାବେଳେ ମହିଳାଙ୍କ ବିରୋଧରେ ଅପରାଧ(କ୍ରାଇମ୍ ଏଗେନଷ୍ଟ ୱିମେନ) ୱିଙ୍ଗର ୨ଜଣ ମହିଳା ଅଧିକାରୀ ଉପସ୍ଥିତ ରହି ସହାୟତା କରିବେ। ତଦନ୍ତକାରୀ ଦଳ ବିସ୍ତୃତଭାବେ ଜେରା କରିବାପାଇଁ ଏକ ପ୍ରଶ୍ନପୁଞ୍ଜ ପ୍ରସ୍ତୁତ କରିସାରିଥିବା କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ମଙ୍ଗଳବାର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ଜୁଲାଇ ୧୨ ରାତିରେ ଏସିଏଫ୍ ସୌମ୍ୟରଞ୍ଜନ ପୋଡ଼ି ହୋଇଯାଇଥିଲେ। ତାଙ୍କ ଶରୀରର ୯୫% ପୋଡ଼ିହୋଇଯାଇଥିବାରୁ ଗୁରୁତର ଅବସ୍ଥାରେ ପ୍ରଥମେ ପାରଳାଖେମୁଣ୍ଡି ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୧୩ତାରିଖ ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ତାଙ୍କ ସ୍ତ୍ରୀ ବିଦ୍ୟାଭାରତୀ ଓ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କୁ ଦାୟୀ କରି ପାରଳାଖେମୁଣ୍ଡି ଥାନାରେ ଏତଲା ଦେଇଥିଲେ। ଉକ୍ତ ମାମଲାରେ ପୋଲିସ ତଦନ୍ତ କରି ଉଭୟ ଡିଏଫ୍‌ଓ ଓ ରୋଷେୟାଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା। ଯାହାକୁ ବିରୋଧ କରି ପରିବାର ଲୋକେ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବି କରିଥିଲେ। ଗତ ୧୩ତାରିଖରେ କ୍ରାଇମ୍‌ବ୍ରାଞ୍ଚ ଉକ୍ତ ଘଟଣାର ତଦନ୍ତ ଭାର ନେଇଥିଲା। ୧୪ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଜ୍ଞାନରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ପାରଳାଖେମୁଣ୍ଡି ଗସ୍ତକରି ୧୪ଜଣ ସାକ୍ଷୀଙ୍କୁ ଜେରା କରିଥିଲେ। ସାକ୍ଷୀମାନଙ୍କ ବୟାନ, ବିଭିନ୍ନ ଡକ୍ୟୁମେଣ୍ଟର ସ୍କ୍ରୁଟିନି, କଲ୍ ରେକର୍ଡ ରିପୋର୍ଟ(ସିଡିଆର୍) ଆନାଲିସିସ୍, ଗଜପତି ପୋଲିସର ତଦନ୍ତ ରିପୋର୍ଟ ଆଦିର ବିସ୍ତୃତ ଆନାଲିସିସ୍ କରାଯାଇଛି।

**ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ଘଟଣା**



■ ଅଭିଯୋଗକାରୀଙ୍କ ବୟାନ ରେକର୍ଡ ଆଜି

# ୨ ପୂର୍ବତନ ବିଧାୟକଙ୍କ ସମେତ ୧୪୦ ଜଣଙ୍କୁ ଆଗୁଆ ଜାମିନ

**ଖରସ୍ରୋତା ନଦୀ ଜଳ ବିବାଦ ମାମଲା**

**କଟକ ଅଫିସ,୩୧।୮**

କେନ୍ଦ୍ରାପଡ଼ା ଜିଲାର ଖରସ୍ରୋତା ନଦୀ ଜଳ ବିବାଦ ମାମଲାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥଶର୍ମା ଓ ଦୋଳଗୋବିନ୍ଦ ନାୟକଙ୍କ ସମେତ ୧୪୦ଜଣଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ଜଷ୍ଟିସ ଏସ୍. ପୂଜାହାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରି ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଖରସ୍ରୋତା ନଦୀ ଜଳ ବିବାଦ ମାମଲାରେ ପୋଲିସ ଉପରୋକ୍ତ ୧୪୦ଜଣଙ୍କ ବିରୋଧରେ ବିଭିନ୍ନ ଦଫା ଲଗାଇ ମାମଲା ରୁଜୁ କରିଥିଲା। ସମ୍ଭାବ୍ୟ ଗିରଫଦାରିକୁ ଏଡ଼ାଇବା ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସମସ୍ତଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଛନ୍ତି।

# ଓଡ଼ିଶା ପାଇଲା ୫୦୦ କୋଟି

**ପାନୀୟ ଜଳ, ପରିମଳ**

**ନୂଆଦିଲ୍ଲୀ,୩୧।୮**

ଓଡ଼ିଶାର ଗ୍ରାମାଞ୍ଚଳରେ ପାନୀୟ ଜଳ ଏବଂ ପରିମଳ ଭଳି କ୍ଷେତ୍ରର ଉନ୍ନତୀକରଣ ଲାଗି କେନ୍ଦ୍ର ସରକାର ମଙ୍ଗଳବାର ୫୦୦.୭ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ଓଡିଶା ଅଦ୍ୟାବଧି ଏହି ବାବଦକୁ ୮୩୪.୫୦ କୋଟି ଟଙ୍କାର ଅନୁଦାନ ଲାଭ କରିଛି। ସାରା ଦେଶରେ ସରକାର ଏହି ବାବଦକୁ ୧୩,୩୮୫.୭୦ କୋଟି ଟଙ୍କା ପ୍ରଦାନ କରିଛି। ଚଳିତ ଆର୍ଥିକ ବର୍ଷରେ ୨୫,୧୨୯.୯୮ କୋଟି ଏହି ଅର୍ଥରେ ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟ ଅଧିନ ବ୍ୟୟ ବିଭାଗ ପକ୍ଷରୁ ୨୫ ରାଜ୍ୟକୁ ଉକ୍ତ ଅନୁଦାନ ରାଶି ପ୍ରଦାନ କରାଯାଇଛି। ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିଶ ଆଧାରରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଗ୍ରାମାଞ୍ଚଳରେ ପାନୀୟ ଜଳ, ପରିମଳ ବ୍ୟବସ୍ଥା ସୁଧାରିବା ଏବଂ ବାହ୍ୟ ମଳ ତ୍ୟାଗ ମୁକ୍ତ ଷ୍ଟାଟସ କ୍ଷେତ୍ରରେ ଅର୍ଥ ବିନିଯୋଗ ଲାଗି ଲକ୍ଷ୍ୟ ରଖାଯାଇଛି। ସେହିଭଳି ଜଳ ସଂରକ୍ଷଣ, ଜଳ ପରିଚାଳନା ଭଳି ବିଭିନ୍ନ ଯୋଜନା ଏହା ଦ୍ୱାରା କାର୍ଯ୍ୟକାରୀ ହେବ। ପଞ୍ଚାୟତ ରାଜ ସଂସ୍ଥାଗୁଡିକୁ ପ୍ରଦାନ କରାଯାଉଥିବା ଅନୁଦାନ ରାଶି ମଧ୍ୟରୁ ପ୍ରାୟ ୬୦% ଟାଏଡ୍ ଗ୍ରାଣ୍ଟ ବୋଲି ଜଣାପଡିଛି। ଅନ୍ୟ ୪୦% ଅନଟାଏଡ ଗ୍ରାଣ୍ଟ ବୋଲି ଜଣାପଡିଛି। କେନ୍ଦ୍ର ପ୍ରାୟୋଜିତ ଯୋଜନା ଅନ୍ତର୍ଗତ ପାନୀୟ ଜଳ ଏବଂ ପରିମଳ ଭଳି କ୍ଷେତ୍ରରେ ଟାଏଡ୍ ଗ୍ରାଣ୍ଟ ଖର୍ଚ୍ଚ କରିବାର ନିୟମ ରହିଛି। ୧୦ ଦିନ ମଧ୍ୟରେ ରାଜ୍ୟଗୁଡିକ ଗ୍ରାମ ପଞ୍ଚାୟତ ସ୍ତରକୁ ଅର୍ଥ ସ୍ଥାନାନ୍ତର କରିବାର ନିୟମ ମଧ୍ୟ ରହିଛି। ଧାର୍ଯ୍ୟ ସମୟରେ ଅର୍ଥ ପ୍ରଦାନ ନ କଲେ ରାଜ୍ୟଗୁଡିକୁ ସୁଧ ଦେବାକୁ ପଡିବ।

# ତ୍ରିସ୍ତରୀୟ ସୁରକ୍ଷାବଳୟରେ ବିଧାନସଭା

**ଭୁବନେଶ୍ୱର,୩୧।୮ (ବ୍ୟୁରୋ)**

ବିଧାନସଭାରେ ବୁଧବାରଠାରୁ ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏଥିପାଇଁ କମିଶନରେଟ ପୋଲିସ ଓ ଗୋଇନ୍ଦା ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ବିଧାନସଭା ଚାରିପଟେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ, ଗୋଇନ୍ଦା ବିଭାଗ ଡିଆଇଜି ଅନୁପ ସାହୁ ଏବଂ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବିଧାନସଭା ପରିସର ବୁଲି ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ସେହିଭଳି ବୋମା ନିଷ୍କ୍ରିୟକାରୀ ଟିମ୍ ଏବଂ ସନ୍ଧାନୀ କୁକୁର ଦ୍ୱାରା ବିଧାନସଭା ଭିତରେ ଓ ବାହାରେ ଯାଞ୍ଚ କରାଯାଇଛି।

ସୂଚନା ଅନୁଯାୟୀ, ସ୍ପେଶାଲ ଇଣ୍ଟେଲିଜେନ୍ସ ଉଇଙ୍ଗ ଏଥର ସ୍ପେଶାଲ ବ୍ରାଞ୍ଚ ସହ ମିଳିତ ଭାବେ ସୁରକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖିବା ସହ ଗୋଇନ୍ଦା ସୂଚନାକୁ ଗୁରୁତ୍ୱ ଦେବ। ସୁରକ୍ଷା ପାଇଁ ବିଧାନସଭା ବାହାରେ ଓ ଭିତରେ ଏବଂ ଲୋୟର ପିଏମ୍‌ଜିରେ ୫ଟି କଣ୍ଟ୍ରୋଲ ରୁମ୍ କରାଯାଇଛି। ମୋଟ ୩୫ ପ୍ଲାଟୁନ୍ ଫୋର୍ସ ଓ ୧୨୦ ଅଫିସର ଦାୟିତ୍ୱରେ ରହିବେ। ଏଥିସହ ୨ ସ୍ପେଶାଲ ଟାକ୍ଟିକାଲ ୟୁନିଟ, ଷ୍ଟ୍ରାଇକିଂ ଫୋର୍ସ ଏବଂ କ୍ୟୁଆର୍‌ଟି ମୁତୟନ ହେବେ। ରୁଫ୍ ଟପ୍ ସିକ୍ୟୁରିଟି ଓ ବନ୍ଧୁକଧାରୀ ସୁରକ୍ଷା କର୍ମଚାରୀଙ୍କ ସହ ବିଭିନ୍ନ ସ୍ଥାନରେ ସାଦା ପୋଷାକଧାରୀ ପୋଲିସ ପୂରା ସ୍ଥିତି ଉପରେ ନଜର ରଖିବେ। ବିଧାନସଭା ଭିତର, ପରିସର ଏବଂ ପିଏମ୍‌ଜି ସମ୍ପୂର୍ଣ୍ଣ ସ୍ଥାନକୁ ସିଲ୍ କରାଯିବ। ବିଧାନସଭା ଚାରିପଟେ ରହିଥିବା ସର୍ବସାଧାରଣ ରାସ୍ତାରେ ଜନସାଧାରଣଙ୍କ ଯାତାୟାତକୁ ନିଷେଧ କରାଯାଇଛି। କେବଳ ଲୋକସେବା ଭବନ କର୍ମଚାରୀ ଓ ବିଧାନସଭା କର୍ମଚାରୀଙ୍କ ସହ ଅନୁମତି ଥିବା କର୍ମଚାରୀ ପରିଚୟପତ୍ର ଦେଖାଇ ଯାଇପାରିବେ। ତେବେ କରୋନା କଟକଣା ଥିବାରୁ ଏଥର କୌଣସି ବିକ୍ଷୋଭ ଓ ଧାରଣା ପାଇଁ ଅନୁମତି ଦିଆଯାଇନାହିଁ। ଯେଉଁମାନେ ନିୟମ ଭାଙ୍ଗିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।



ପୋଲିସ ମହାନିର୍ଦ୍ଦେଶକ ଅଭୟ, ଗୋଇନ୍ଦା ବିଭାଗ ଡିଆଇଜି ଅନୁପ ସାହୁ ଏବଂ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବିଧାନସଭା ପରିସରରେ ସୁରକ୍ଷା ସ୍ଥିତି ଅନୁଧ୍ୟାନ କରୁଛନ୍ତି।

■ ୩୫ ପ୍ଲାଟୁନ ଫୋର୍ସ ମୁତୟନ, ଦାୟିତ୍ୱରେ ୧୨୦ ଅଫିସର

■ ସମୀକ୍ଷା କଲେ ପୋଲିସ ଡିଜି, ଗୋଇନ୍ଦା ଡିଆଇଜି

# ସୂର୍ଯ୍ୟମୁଖୀର ଯତ୍ନ



ଜଳସେଚିତ ଫସଲ ବୁଣିବାର ୨୫-୩୦ଦିନର ହୋଇଥିଲେ ଜମିକୁ କୋଡାଖୁସା କରି ଘାସ ଓ ଅନାବନା ଗଛ ବାଛି ଦିଅନ୍ତୁ। ଯେଉଁ ଜାଗାରେ ଦୁଇଟି ଗଛ ଉଠିଥାଏ ସେଠାରେ ସୁସ୍ଥ ଓ ନୀରୋଗ ଗଛ ରଖି ଅନ୍ୟଟି ଉପାଡି ଦିଅନ୍ତୁ। ଏକର ପ୍ରତି ୩କି.ଗ୍ରା. ଯବକ୍ଷାରଜାନ ଓ ସଙ୍କର ଜାତୀୟରେ ୬କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ସାରକୁ ଗଛ ମୂଳଠାରୁ ୩-୪ଇଞ୍ଚ ଛଡାରେ ଏବଂ ୨-୩ଇଞ୍ଚ ଗଭୀରରେ ପ୍ରୟୋଗ କରନ୍ତୁ। ବୁଣା ହୋଇ ନ ଥିଲେ ନଭେମ୍ବର ଶେଷ ସୁଦ୍ଧା ସୂର୍ଯ୍ୟମୁଖୀ ଲଗାଇବା କାମ ଶେଷ କରନ୍ତୁ।

# ପ୍ରତିଷେଧକ ଟିକା ଦେଉଥିଲେ...



ଗୋରୁଙ୍କୁ ସାହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବାପାଇଁ ସେମାନଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ । ଟିକା ଦେବାର ୧୫-୨୦ ଦିନ ଆଗରୁ ଗୋରୁଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଅନ୍ତୁ। ବର୍ଷାଦିନେ ଗୋରୁଙ୍କୁ ଅଢ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁ ହୋଇଥାଏ । ଏହାଦ୍ୱାରା ଶରୀର ଉତ୍ତାପ ୧୦୩ ରୁ ୧୦୭ ଡିଗ୍ରୀ ଫାରେନ୍‌ହାଇଟ୍‌ହୋଇଥାଏ।ଏହାଦ୍ୱାରା ସେମାନଙ୍କର ନାକ, ଆଖି ଓ ପାଟିରୁ ପାଣି ବାହାରେ । ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ। ଏହାର ପ୍ରତିକାର ପାଇଁ ଗୁହାଳରେ ଝୁଣା କିମ୍ବା ଲିମ୍ବପତ୍ର ଧୂଆଁ ସନ୍ଧ୍ୟା ସମୟରେ ଦିଅନ୍ତୁ। ଗୁହାଳର ଚାରିପଟ ପରିଷ୍କାର ରଖନ୍ତୁ। ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ। ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।

# କପା ଚାଷରେ କୋଡ଼ାଖୁସା

କପା ଚାଷ କରୁଥିଲେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ଚାରି ଲିଟର ପାଣିରେ ୧ ମି.ଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ ।



# ପ୍ରେରଣା ଦେଇଛି ପନିପରିବା ଚାଷ

କେନ୍ଦୁଝର ଜିଲାର ନୂଆଗାଁ ପଞ୍ଚାୟତ ଅଧୀନସ୍ଥ ନରସିଂହପୁର ଗ୍ରାମ। ଏହି ଗ୍ରାମର ରଘୁନାଥ ଲାଗୁରୀ ସ୍ଥାନୀୟ ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବରେ ପରିଗଣିତ ହେଉଛନ୍ତି । ତାଙ୍କର ବୟସ ହେବ ପାଖାପାଖି ୪୨ । ଯୁକ୍ତ ଦୁଇ ପାଠ ପଢ଼ିଛନ୍ତି। ୧୫ ବର୍ଷ ହେଲା ଚାଷ କାର୍ଯ୍ୟ କରିଆସୁଥିବା ରଘୁନାଥ ଗତ ୬ ବର୍ଷ ହେଲା ନୂତନ ଜ୍ଞାନ କୌଶଳ ଓ ଉନ୍ନତ ପ୍ରଣାଳୀରେ ପନିପରିବା ଚାଷ କରୁଛନ୍ତି। ଏ ସମ୍ପର୍କରେ ରଘୁନାଥ କହନ୍ତି, ‘‘ଖରା ଦିନରେ ପାଖାପାଖି ୭ ଏକର



**ସଫଳ ଚାଷୀ**
ରଘୁନାଥ ଲାଗୁରୀ

ଜମିରେ ଏବଂ ବର୍ଷା ଦିନରେ ପ୍ରାୟ ୨ ଏକର ଜମିରେ ପନିପରିବା ଆଦି ଚାଷ କରିଆସୁଛି। ବୋର ୱେଲରୁ ପାଣି ଉଠାଇ ଖରା ଦିନରେ ଚାଷ କରେ। କଲରା, ଜହ୍ନି, ଲାଉ, ରୁମା, ଲଙ୍କା, ବାଇଗଣ, ବିଲାତି, ଭେଣ୍ଡି ଆଦି ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଛି। ପରିବା ଚାଷରୁ ଉପାର୍ଜିତ ଟଙ୍କାକୁ ନିଜ ପରିବାର ଚଳାଇବା ସହ ଚାଷ ଲାଗି ବିନିଯୋଗ କରୁଛି।’’ ରଘୁନାଥଙ୍କ ପତ୍ନୀ ବାସନ୍ତୀ ତାଙ୍କୁ ଅନେକ ସମୟରେ ଚାଷ କାର୍ଯ୍ୟରେ ସହାୟତା କରିଥାନ୍ତି। ଉତ୍ପାଦିତ ପରିବାକୁ ନିକଟସ୍ଥ ବିଭିନ୍ନ ହାଟ ବଜାରରେ ବିକ୍ରି କରିଥାନ୍ତି । ଅନେକ ସମୟରେ ବେପାରୀମାନେ ଆସି ପନିପରିବା କିଣି ନେଇଥାନ୍ତି।

ମାତ୍ର ଛଅ ମାସ ବୟସରେ ବାପାଙ୍କୁ ହରାଇଥିବା ରଘୁନାଥ ତାଙ୍କ ମା’ ଓ ଭାଇଙ୍କ ସହିତ ପିଲା ଦିନରୁ କଷ୍ଟ କରି ବଢ଼ିଥିବା କହନ୍ତି। ବଡ ଭାଇ କନକ କିଶୋର ଲାଗୁରୀ ଜଣେ ଲୁଗା ବ୍ୟବସାୟୀ । ଯୁକ୍ତ ୨ ପାଠ ପଢ଼ିବା ସମୟରେ ଚାଷ ପ୍ରତି ମନ ବଳାଇ ପରେ ପାଠ ଛାଡି ଚାଷ କାର୍ଯ୍ୟରେ ପୂର୍ଣ୍ଣ ମନୋନିବେଶ କରିଆସୁଛନ୍ତି ରଘୁନାଥ। ସରକାର ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେଲେ ବହୁ ଆଗକୁ ଯାଇପାରନ୍ତେ ବୋଲି କହିଛନ୍ତି ରଘୁନାଥ।

ଚାଷ ସମ୍ପର୍କରେ ସେ କହନ୍ତି, ‘‘ତଳେ ଜରି ଓ ଉପରେ ଭାଡା ଦେଇ ପନିପରିବା ଚାଷ କରିଆସୁଛି। ଏକ ଘରୋଇ ବିହନ ଯୋଗାଣକାରୀ ସଂସ୍ଥା ନିକଟରୁ ନୂତନ ଚାଷ କୌଶଳ ବିଷୟରେ ପ୍ରଶିକ୍ଷଣ ନେଇଛି। ଚାଷରେ ପ୍ରକୃତ ଆନନ୍ଦ ରହିଛି। କେବଳ ଧାନ ନୁହେଁ, ତା’ ସହିତ ପନିପରିବା, ଡାଲି ଜାତୀୟ, ତୈଳଜାତୀୟ ଚାଷ କଲେ ସମସ୍ତେ ଭଲ ଭାବରେ ଲାଭ କରିପାରିବେ। ମୋର ଏପରି ଚାଷ ଦେଖି ତାହାକୁ ଶିଖିବାକୁ ଅନ୍ୟ ଅଞ୍ଚଳରୁ ଚାଷୀମାନେ ଏଠାକୁ ଆସନ୍ତି।’’

**-ନରେଶ ଚନ୍ଦ୍ର ପଟ୍ଟନାୟକ,** କେନ୍ଦୁଝର

# ଶୀତଦିନିଆ ପନିପରିବା ଲାଗି ଚାରା ପ୍ରସ୍ତୁତି

ଶୀତଦିନିଆ ପନିପରିବା ଚାଷ କରିବା ପାଇଁ ଚାରା ପକାଇବା ଆରମ୍ଭ କରନ୍ତୁ । ଏକ ଏକର ଜମିରେ ପରିବା ଚାଷ କରିବା ପାଇଁ ୫୦ ବର୍ଗମିଟର ଜାଗାରେ ୧ ମିଟର ଓସାର ଓ ୩ ମିଟର ଲମ୍ବର ମାଟି ପତନଠାରୁ ୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ। ତଳିଘରା ମଧ୍ୟରେ ୫୦ ସେ.ମି. ବ୍ୟବଧାନରେ ନାଳି ରଖନ୍ତୁ । ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନରେ ୨ ଗ୍ରାମ୍ ଭିଟାଭାକ୍ସ ପାୱାର୍ କିମ୍ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରନ୍ତୁ । ତଳିଘରାରେ ମଧ୍ୟ କ୍ୟାପ୍‌ଟାନ୍ (୦.୨%) ସିଞ୍ଚନ କରନ୍ତୁ ।



ତଳିଘରାରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ । ସଅଳ ଶୀତଦିନିଆ ଉନ୍ନତ ପନିପରିବାର କିସମଗୁଡ଼ିକ ହେଲା – **ମୂଳା:** ପୁଷା ଚେତକି, ପୁଷା ରଶ୍ମି, ପୁଷା ହିମାନୀ । **ଫୁଲକୋବି :** ପୁଷା ଦୀପାଳି, ପୁଷା କୁଆଁରୀ, ପୁଷା କାଟକୀ, ଅର୍ଲି ସିନ୍ଥେଟିକ୍ । **ବନ୍ଧାକୋବି :** ପ୍ରାଇଡ୍ ଅଫ୍ ଇଣ୍ଡିଆ, ଗୋଲ୍‌ଡେନ୍ ଏକର, ଗ୍ରୀନ୍ ବଲ୍, ପ୍ରିୟା । **ଗୁଆଁର :** ପୁଷା ସଦାବାହାର, ପୁଷା ନୌବାହାର । **ଟମାଟୋ :** ଉତ୍କଳ ଦୀପ୍ତି, ଉତ୍କଳ କୁମାରୀ, ଉତ୍କଳ ଶ୍ରାବଣୀ । **ବିନ୍ :** ଆର୍କାକୋମଲ, ଆର୍କାସୁବିଧା।

ବଜାରରେ ମିଳୁଥିବା ସଙ୍କର କିସମ ବିହନ ମଧ୍ୟ ଚାଷ କରାଯାଇପାରିବ। ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ । ବାଇଗଣରେ କାଙ୍କଡ଼ିଆ ପୋକର ଦମନ ପାଇଁ ୧ ଲିଟର ପାଣିରେ ଟ୍ରାଇଆଜୋଫସ୍ ୫୦ ଇ.ସି. ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ। ଏକର ପିଛା ୨୦୦ ଲିଟର ଦ୍ରବଣ ସିଞ୍ଚନ କରିବା ଆବଶ୍ୟକ।

# ଢିପ ଜମିରେ ଧାନ ଅମଳ




ଢିପଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆ ଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ । ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟା କରନ୍ତୁ। ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଟ୍ରାୟାଜୋଫସ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ ଔଷଧ ପକାଇ ବିଷ ବଳୟ ତିଆରି କରନ୍ତୁ। ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲୁ.ପି. ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୨ ମି.ଲି.)କୁ ଗୋଳାଇ ସିଞ୍ଚନ କରନ୍ତୁ । ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ଧାନ ଯଥା – ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ପଦ୍ମିନୀ, ସହଭାଗୀ ଧାନ ରୁଅନ୍ତୁ ।

**ମାଣ୍ଡିଆ :** ମାଣ୍ଡିଆ କିଆରିରେ ଠିଆ ପାଣି ରଖନ୍ତୁ ନାହିଁ । ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ମକା :** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ । କିଆରିରେ ଠିଆପାଣି ଜମି ରହିଲେ କାଣ୍ଡଶଢ଼ା ରୋଗ ଦେଖାଯାଏ । ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ଡାଲି ଜାତୀୟ ଫସଲ :** ଢିପଜମିରେ ମୁଗ, ବିରି, କୋଳଥ ଆଦି ଡାଲି ଜାତୀୟ ଫସଲ ଚାଷ କରନ୍ତୁ । ମୁଗର ଉନ୍ନତ କିସମ ହେଲା, ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା, ଧଉଳି, ଆଇ.ପି.ଏମ୍.-୨-୩ ଓ ଆଇ.ପି.ଏମ୍.-୨-୧୪। ଅନ୍ୟପକ୍ଷରେ ବିରିର ଉନ୍ନତ କିସମ ମଧ୍ୟରେ ରହିଛି ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଶେଖର-୨, ସାରଳା ଏବଂ ଉଜ୍ଜ୍ୱଳା। ଏହାବ୍ୟତୀତ ଉର୍ମୀ, ଡି.ଏ.ଏସ୍. ୧-୨-୨, ଡି.ଏ.ଏସ୍. ୧-୨, ସି.ଇ.-୧, ପାୟେର-୨ ଆଦିକୁ କୋଳଥର ଉନ୍ନତ କିସମ ଭାବରେ ଚୟନ କରିପାରନ୍ତି।

**ତୈଳବୀଜ :** ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ ଜାତୀୟ ସୋରିଷ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ତୋରିଆ କିସମ ଯଥା- ଅନୁରାଧା, ପାର୍ବତୀ, ସୁଶ୍ରୀ ସଂଗ୍ରହ କରନ୍ତୁ ଓ ସେପ୍ଟେମ୍ବର ଦ୍ୱିତୀୟାର୍ଦ୍ଧରେ ବୁଣନ୍ତୁ। ଅଣ ଜଳସେଚିତ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ୩୦ କି.ଗ୍ରା. ଯବକ୍ଷାରଜାନ, ୧୫ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।

**କପା:** ହେଲିକୋଭର୍ପା ବା ଆମେରିକୀୟ ବକରା ପୋକ ଆକ୍ରମଣ ଆରମ୍ଭ ହେଲେ ଏହି ପୋକ ପର୍ଯ୍ୟବେକ୍ଷଣ ନିମନ୍ତେ ଏକର ପ୍ରତି ଦୁଇଗୋଟି ଫେରୋମନ୍ ବା ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ । ଏହି ପୋକ ଅଣ୍ଡା ପ୍ରଥମ ବା ଦ୍ୱିତୀୟ ଶୁକ ଅବସ୍ଥା ହେଲେ ଥାୟୋମେଥୋକ୍‌ଜାମ୍ - ୧ ଗ୍ରାମ୍, ୪ ଲିଟର ପାଣିରେ ଗୋଳାଇ ହେକ୍ଟର ପିଛା ୫୦୦ ଲିଟର ଦ୍ରବଣ ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ ।

**ଫୁଲଚାଷ:** ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ । ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର୍ ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଂ ଷ୍ଟାର୍, ସୁପର ଜ୍ୟାଣ୍ଟ୍ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।



ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

## ଆଖୁରେ ଅଗବିନ୍ଧା ପୋକ ଦମନ

ଆଖୁ ଚାଷରେ ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଳିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ । ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



## ଚାଷୀଙ୍କ ପାଇଁ...

ଧାନ ଫସଲରୁ ଉପଯୁକ୍ତ ଅମଳ ପାଇବା ଲାଗି ଠିକ୍ ସମୟରେ ସାର ପ୍ରୟୋଗ, ଅନିଷ୍ଟକାରୀ ପୋକ ନିୟନ୍ତ୍ରଣ ବା ଦମନ ସହିତ ଜଳସେଚନ ଓ ଜଳ ନିଷ୍କାସନର ସୁପରିଚାଳନା ନିହାତି ଆବଶ୍ୟକ। ରୁଆ ଧାନରେ ବାଲୁଙ୍ଗା ଦମନ ପାଇଁ ବେନ୍‌ସଲଫ୍ୟୁରାନ୍ ଇଥାଇଲ ସହିତ ପ୍ରେଟିଲାକ୍ଲୋର, ଯାହାକି ଲୋଣ୍ଡେକ୍ସ ପାୱାର କିମ୍ବା ଇରେଜ ଷ୍ଟ୍ରଙ୍ଗ ନାମରେ ଉପଲବ୍ଧ, ଏକରକୁ ୪ କିଗ୍ରା ହିସାବରେ ସମାନ ପରିମାଣର ବାଲି ସହ ମିଶାଇ ରୋଇବାର ୩-୭ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୧୨୦ ମିଲି ବିସ୍‌ପାଇରିବାକ୍ ସୋଡିୟମ ୧୦ ଏସ.ସି., ଯାହା କି ନୋମିନିଗୋଲ୍ଡ ନାମରେ ବଜାରରେ ଉପଲବ୍ଧ, ୧୪୦ ଲିଟର ପାଣିରେ ମିଶାଇ ରୋଇବାର ୧୦-୧୨ଦିନ ପରେ ସିଞ୍ଚନ କରନ୍ତୁ। ଧାନ ବୁଦା ପ୍ରତି ଯଦି ଦୁଇଟି ମୋଡା ପତ୍ର ଦେଖାଯାଏ, ତେବେ ପତ୍ରମୋଡ଼ା ପୋକର ନିୟନ୍ତ୍ରଣ ଲାଗି ଫ୍ଲୁବେନଡିମାଇଡ୍ ୨୦ ଡବ୍ଲୁ.ଜି. ଏକର ପ୍ରତି ୫୦ ଗ୍ରାମ କିମ୍ବା ୬୪୦ ମିଲି କୁଇନାଲଫସ୍ ୨୫ ଇସି ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପତ୍ରପୋଡ଼ା କିମ୍ବା ପତ୍ର ରେଖା ରୋଗର ନିୟନ୍ତ୍ରଣ ପାଇଁ ପ୍ଲାଣ୍ଟୋମାଇସିନ୍ ଏକ ଗ୍ରାମ ସହିତ କପର ଅକ୍ସିକ୍ଲୋରାଇଡ୍ ଏକ ଗ୍ରାମ ପ୍ରତି ଲିଟର ପାଣିରେ ବ୍ୟବହାର କରନ୍ତୁ। ଏକର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରନ୍ତୁ। ସିଧା ଛଟା ବୁଣା ଧାନ ଜମିରେ ପତ୍ରଚିତା ରୋଗ ଦେଖାଯିବାର ଆଶଙ୍କା ଅଧିକ ରହିଛି। ଏହାର ଦମନ ଲାଗି କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି. ୨ ଗ୍ରାମ ଏକ ଲିଟର ପାଣିରେ ମିଶାଇ କିମ୍ବା ମ୍ୟାଙ୍କୋଜେବ୍ ୭୫ ଡବ୍ଲୁ.ପି. ୨ ଗ୍ରାମ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ମାଟିଆ ଗୁଣ୍ଡିପୋକ ଦ୍ୱାରା ଶାରଦ ଧାନ ଅଧିକ



କ୍ଷତିଗ୍ରସ୍ତ ହୋଇଥାଏ। ବୁଦା ପ୍ରତି ୫-୧୦ଟି ପୋକ ଦେଖାଗଲେ ଏହା ଦମନ ପାଇଁ ନିମ୍ବ ଆଧାରିତ କୀଟନାଶକ ଆଜାଡିରାକ୍ଟିନ୍ ଏକର ପ୍ରତି ୮୦୦ ମିଲି କିମ୍ବା ପାଇମେଟ୍ରୋଜେନ୍ ୫୦ ଡବ୍ଲୁ.ଜି. ଏକର ପିଛା ୧୨୦ ଗ୍ରାମ ପ୍ରୟୋଗ କରିବା ଆବଶ୍ୟକ। ଅଧିକ ପ୍ରାଦୁର୍ଭାବ ଦେଖାଦେଲେ କୀଟନାଶକ ପ୍ରୟୋଗର ୧୦ଦିନ ପରେ ଆଉ ଥରେ କୀଟନାଶକ ପ୍ରୟୋଗ କରିବା ଜରୁରୀ। ଚାଷୀଭାଇମାନେ ଧାନ ସମ୍ପର୍କରେ ଅଧିକ ସୂଚନା ପାଇଁ କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ସହ ଯୋଗାଯୋଗ କରିପାରିବେ।

## ସଂକ୍ଷେପରେ

### ଚାନ୍ଦିପୁର ବେଳାଭୂମିରେ ଡଲଫିନ୍ ସହ ସେଲ୍‌ଫି



**ବାଲେଶ୍ୱର ଅଫିସ, ୩୧।୮:** ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମିର ୯-ମାଇଲ୍‌ଠାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ବେଳେ ଏକ ଡଲଫିନ୍ ଦେଖିବାକୁ ମିଳିଥିଲା। ସମୁଦ୍ର କୂଳରେ ଡଲଫିନ୍‌କୁ ଦେଖି ସ୍ଥାନୀୟ ଅଞ୍ଚଳର ପିଲାମାନେ ଭିଡ ଜମାଇଥିଲେ। ସେମାନେ ଏକାଠି ହୋଇ ଡଲଫିନ୍ ସହ ଖେଳିବା ସହ ସେଲ୍‌ଫି ମଧ ଉଠାଇଥିଲେ। ପରେ ଉକ୍ତ ଡଲଫିନ୍‌କୁ ଅକ୍ଷତ ଭାବେ ଠେଲି ଠେଲି ନେଇ ସମୁଦ୍ର ଭିତରେ ଛାଡ଼ି ଦେଇଥିଲେ। ଏ ସମ୍ପର୍କରେ ଚାନ୍ଦିପୁର ସାମୁଦ୍ରିକ ଥାନା ପୋଲିସ ଖବରପାଇ ପହଞ୍ଚିବା ପୂର୍ବରୁ ପିଲାମାନେ ଡଲଫିନ୍‌କୁ ସମୁଦ୍ର ଭିତରେ ଛାଡ଼ି ଦେଇଥିବା ପ୍ରକାଶ କରିଥିଲେ।

### ରାଇଘରରେ ମାଓବାଦୀଙ୍କ ଲିଫ୍‌ଲେଟ୍

**ରାଇଘର, ୩୧।୮(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ରାଇଘର ବ୍ଲକ କାର୍ଯ୍ୟାଳୟରୁ କୁନ୍ଦେଇ ରାସ୍ତାର ଧଡ଼ରାପାରା ପର୍ଯ୍ୟନ୍ତ ମଙ୍ଗଳବାର ସକାଳୁ ମାଓବାଦୀଙ୍କ ଲିଫ୍‌ଲେଟ୍ ପଡ଼ିଥିବା ଦେଖିବାକୁ ମିଳିଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଉଦନ୍ତି ଏରିଆ କମିଟି ପକ୍ଷରୁ ପକାଯାଇଥିବା ଏହି ପୋଷ୍ଟରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପକୁ ବିରୋଧ କରାଯାଇଛି। ଏଥିସହ ବିଦ୍ୟୁତ୍ ସେବା ଯୋଗାଇବାରେ ଟାଟା ପାୱାର ବିଫଳ ବୋଲି ଉଲ୍ଲେଖ ରହିଛି। ରାଇଘରର ଉପାନ୍ତ ଅଞ୍ଚଳରେ ମାଓବାଦୀ ପୋଷ୍ଟର ବ୍ୟାନର ପୂର୍ବରୁ ଲଗାଯାଏ। କିନ୍ତୁ ସଦର ମହକୁମାରେ ପ୍ରଥମଥର ପାଇଁ ଏପରି ଲିଫ୍‌ଲେଟ୍ ପକାଇ ମାଓବାଦୀମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ଏବେ ଭୟ ଦେଖାଯାଇଛି। ଉକ୍ତ ଲିଫ୍‌ଲେଟ୍‌ରେ ମାଓବାଦୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ନବରଙ୍ଗପୁର ଏମ୍‌ପି ରମେଶ ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝିଙ୍କୁ ବିରୋଧ କରୁଥିବା ଉଲ୍ଲେଖ ରହିଛି। ତେଲ ନଦୀ ଉପରେ ବିଦ୍ୟୁତ୍ ବନ୍ଧକୁ ବିରୋଧ କରିବା ସହ ଭାଜପା ଓ ନବୀନ ସରକାରଙ୍କ ବିରୋଧରେ ଆନ୍ଦୋଳନ କର ବୋଲି ଉକ୍ତ ଲିଫ୍‌ଲେଟ୍‌ରେ ଲେଖାଯାଇଛି। ଜୀବନ ଦେବୁ କିନ୍ତୁ ଜଳ ଜଙ୍ଗଲ ଓ ଜମି ଛାଡ଼ିବୁ ନାହିଁ, ଦଲାଲ, ପୁଞ୍ଜିପତିଙ୍କ ବିରୋଧରେ ଆନ୍ଦୋଳନ ତୀବ୍ର କରିବାକୁ ଲିଫ୍‌ଲେଟ୍‌ରେ ଉଲ୍ଲେଖ କରାଯାଇଛି।

### ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

**ଭଦ୍ରକ ଅଫିସ, ୩୧।୮:** ଭଦ୍ରକ ଜିଲାରେ ମଙ୍ଗଳବାର ମଧ୍ୟାହ୍ନରେ ବଜ୍ରପାତ ଘଟି ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ନାଥ ଜେନା(୫୫)। ତାଙ୍କ ଘର କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ କାନପୁର ଅଞ୍ଚଳରେ। ଗୁରୁତର ବ୍ୟକ୍ତି ଜଣକ ହେଲେ ବିଶ୍ୱନାଥ ଦାସ। ଦୁହେଁ ବିଲରେ କାମ କରୁଥିବାବେଳେ ବଜ୍ରପାତ ଘଟିଥିଲା।

# ସୁପ୍ରିମକୋର୍ଟଙ୍କ ପରାମର୍ଶ କାର୍ଯ୍ୟକାରୀ ହେଉ

## କୋଟିଆ ସୀମା ବିବାଦ ମାମଲା

**କୋରାପୁଟ(ସ୍ୱ.ପ୍ର)/ପଟ୍ଟାଙ୍ଗୀ (ଡି.ଏନ୍.ଏ.),୩୧।୮**

କୋରାପୁଟ ଜିଲାର କୋଟିଆ ସୀମା ବିବାଦ ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ଶୁଣାଣି କରି ଉଭୟ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ୬ସପ୍ତାହ ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ଉଭୟ ପକ୍ଷ ରାଜନୈତିକସ୍ତରରେ ଆଲୋଚନା କରି ମାମଲାର ସମାଧାନ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରଦେଶ ଗଠନ ହେବା ପରଠାରୁ କୋଟିଆ ଓଡ଼ିଶାରେ ହିଁ ରହିଆସିଛି। ପୂର୍ବରୁ ସୁପ୍ରିମକୋର୍ଟ ମଧ ଏନେଇ ସ୍ଥିତାବସ୍ଥା ଜାରି କରିଛନ୍ତି। ହେଲେ ଆନ୍ଧ୍ର ସରକାର ଏହାକୁ ଅବମାନନା କରି କୋଟିଆର ୩ଗ୍ରାମ ଗଞ୍ଜେଇପଦର, ଫାଗୁସେନେରି ଓ ଫଗୁଣସେନେରିକୁ ନିଜର ବୋଲି ଦର୍ଶାଇ ସେଠାରେ ପଞ୍ଚାୟତ ନିର୍ବାଚନ କରିବାକୁ ଚେଷ୍ଟା କରିଛନ୍ତି। ଏପରି କି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ସତ୍ତ୍ୱେ ସେଠାକାର ବିଭିନ୍ନ ପଦାଧିକାରୀ ଏଠାକୁ ଆସି ତେଲଗୁ ଭାଷାରେ ଫଳକ ଲଗାଇବାକୁ ଚେଷ୍ଟା କରୁଛନ୍ତି, ଯାହାକି ବେଆଇନ। ଏବେ ସୁପ୍ରିମକୋର୍ଟ ଯେଉଁ ପରାମର୍ଶ ଦେଇଛନ୍ତି ତାକୁ ଫଳପ୍ରଦ କରାଇବାକୁ ଆନ୍ଧ୍ର ସରକାର ଓଡ଼ିଶା ସରକାରଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବାକୁ ଚେଷ୍ଟା କରିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

### ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ମିଳିତ ବୈଠକ ହେଉ



"କୋଟିଆ ପଞ୍ଚାୟତକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଲାଗି ରହିଥିବା ବିବାଦର ସ୍ଥାୟୀ ସମାଧାନ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ବର୍ତ୍ତମାନ ସୁପ୍ରିମକୋର୍ଟ ୬ ସପ୍ତାହ ଭିତରେ ଦୁଇ ରାଜ୍ୟର ରାଜନୈତିକ ସ୍ତରରେ ଆଲୋଚନା କରି ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ପ୍ରଥମେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ମିଳିତ ବୈଠକ କରି ସୀମା ନିର୍ଦ୍ଧାରଣ କରିବା ନିହାତି ଆବଶ୍ୟକ।

- ଜଗତଜ୍ୟୋତି ପାଙ୍ଗୀ, ବ୍ଲକ ଅଧ୍ୟକ୍ଷ ପଟ୍ଟାଙ୍ଗୀ

### ବିବାଦ ଆହୁରି ଘନେଇବ



"କୋଟିଆ ପଞ୍ଚାୟତକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଲାଗିଥିବା ସୀମା ବିବାଦ ଉପରେ ଦୁଇ ରାଜ୍ୟର ରାଜନୈତିକ ଦଳ ମଧ୍ୟରେ କୌଣସି ସମାଧାନ ବାଟ ନ ବାହାରିବା ଯୋଗୁ ଉକ୍ତ ସମସ୍ୟା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସୁପ୍ରିମକୋର୍ଟ ୬ ସପ୍ତାହ ଭିତରେ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଯେଉଁ ରାୟ ଶୁଣାଇଛନ୍ତି ତା'ଦ୍ୱାରା କୌଣସି ବାଟ ବାହାରିବ ନାହିଁ ବରଂ ବିବାଦ ଆହୁରି ଘନେଇବ। ତେଣୁ ଏହି ସମସ୍ୟା କେନ୍ଦ୍ର ହସ୍ତକ୍ଷେପ ମାଧ୍ୟମରେ ହିଁ ସମାଧାନ ହୋଇପାରିବ।

- ଜୟରାମ ପାଙ୍ଗୀ, ପୂର୍ବତନ ଏମ୍‌ପି

### ଆନ୍ଧ୍ର କୋଟିଆ ଭିତରେ ପଶିବା କଥା ନୁହେଁ



"କୋଟିଆ ପଞ୍ଚାୟତ ଆମର ହୋଇ ରହିଛି, ରହିବ ମଧ। ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ହେବା ପରଠାରୁ କୋଟିଆରେ ଓଡ଼ିଶା ସମସ୍ତ ପ୍ରକାର କାର୍ଯ୍ୟକ୍ରମ କରି ସେସ୍ ଆଦାୟଠାରୁ ଆରମ୍ଭ କରି ନିର୍ବାଚନ ପର୍ଯ୍ୟନ୍ତ କରିଆସୁଛି। ଆମ ରାଜ୍ୟ କଥା ଆମେ ବୁଝୁଛୁ, ଆନ୍ଧ୍ର କୋଟିଆ ଭିତରେ ପଶିବା କଥା ନୁହେଁ। ମାନ୍ୟବର ସୁପ୍ରିମକୋର୍ଟ ମଙ୍ଗଳବାର ଦେଇଥିବା ରାୟ ଅନୁସାରେ ଯଦି ଆଲୋଚନା ପାଇଁ ପରିବେଶ ସୃଷ୍ଟି ହେବ ତା' ହେଲେ ଆଲୋଚନା ହୋଇପାରିବ।

- ରଘୁରାମ ପଡ଼ାଲ, ବିଧାୟକ, କୋରାପୁଟ

### ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବୁ



"ସୁପ୍ରିମକୋର୍ଟଙ୍କ ରାୟ ସମ୍ପର୍କରେ ଅବଗତ ଅଛି। ଏ ଦିଗରେ ଅଗ୍ରସର ହେବାକୁ ଆମେ ଏକ ସର୍ବଦଳୀୟ କମିଟି ଗଠନ କରି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବୁ। ଓଡ଼ିଶାର ଯେଉଁ ଯେଉଁ ସ୍ଥାନରେ ସୀମାକୁ ନେଇ ବିବାଦ ରହିଛି ସେସବୁର ଯେପରି ପୂର୍ଣ୍ଣଚ୍ଛେଦ ପଡିବ ସେଥିପ୍ରତି ଗୁରୁତ୍ୱ ଦେବୁ। କୋଟିଆ ବିବାଦ କେନ୍ଦ୍ର ସରକାର ଚାହିଁଥିଲେ ଉଭୟ ରାଜ୍ୟ ମଧ୍ୟରେ କମିଟି ଗଠନ କରି ଆଲୋଚନା ମାଧ୍ୟମରେ ଏହାକୁ ସମାଧାନ କରାଯାଇପାରିଥାନ୍ତା। ଏହା ହୋଇଥିଲେ ଓଡ଼ିଶାକୁ ଆଜି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡି ନ ଥାନ୍ତା।

- ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ବିଜେଡି ସଭାପତି

## ଲାଞ୍ଚ ମାମଲା: ୨ ଜଣଙ୍କୁ ୩ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୩୧।୮**

ଏକ ଲାଞ୍ଚ ମାମଲାର ବିଚାରକରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଶୁଭଦର୍ଶୀ ପଟ୍ଟନାୟକ ୨ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପୂର୍ବତନ କିରାଣି ପ୍ରଦୀପ କୁମାର ଦଳବେହେରା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦଣ୍ଡଧର ଦେହୁରୀ। ୨୦୧୭ ମସିହାରେ ପଞ୍ଚାନନ ଦୀପଙ୍କ ବାପାଙ୍କର ବାକିଥିବା ଇପିଏଫ୍ ଟଙ୍କା କରାଇ ଦେବା ପାଇଁ କିରାଣି ପ୍ରଦୀପ ୨ ହଜାର ଲାଞ୍ଚ ମାଗିଥିଲେ। ଏ ନେଇ ପଞ୍ଚାନନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ୨୦୧୭ ମାର୍ଚ୍ଚ ୬ ତାରିଖରେ ପଞ୍ଚାନନ ଟଙ୍କା ଦେବାକୁ ଯାଇଥିବା ବେଳେ କିରାଣି ନିଜେ ନ ନେଇ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦଣ୍ଡଧରଙ୍କୁ ଦେବାକୁ କହିଥିଲେ। ପଞ୍ଚାନନ ଟଙ୍କା ଦେଇ ଆସିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀମାନେ ପ୍ରଦୀପ ଓ ଦଣ୍ଡଧରଙ୍କୁ କାବୁ କରିବା ସହ ରଙ୍ଗବୋଳା ଟଙ୍କା ଜବତ କରି ଗିରଫ କରିଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

## ବଷ୍ଟର୍ ଫିଲ୍ମ ଫେଷ୍ଟିଭାଲ ପାଇଁ 'ବିଶ୍ୱ' ମନୋନୀତ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ ନୂଆ ଶିଶୁ ଚଳଚ୍ଚିତ୍ର 'ବିଶ୍ୱ' ପ୍ରତିଷ୍ଠିତ ବଷ୍ଟର୍ ଫିଲ୍ମ ଫେଷ୍ଟିଭାଲ (କୋପେନ୍‌ହାଗେନ୍, ଡେନ୍‌ମାର୍କ) ଏବଂ ଡାଏଟିଆଟୋ ଚିଲ୍‌ଡ୍ରେନ୍ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶନ ହେବ। ନୀଳମାଧବ ତାଙ୍କର ଏକ ପ୍ରକଳ୍ପକୁ ନେଇ ଉତ୍ସାହିତ ଅଛନ୍ତି। ଉକ୍ତ ଚଳଚ୍ଚିତ୍ରରେ ଜଣେ ଶିଶୁଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ଏଭଳି କାହାଣୀ ନେଇ ନୀଳମାଧବ କହିଛନ୍ତି, ଭାରତ ହେଉଛି ଏକ ରାଷ୍ଟ୍ର ଯେଉଁଠାରେ ପିଲାଙ୍କ ସଂଖ୍ୟା ୨୮.୬%। ତଥାପି ଆମ ପାଖରେ ଶିଶୁ କୈନ୍ଦ୍ରିକ କିମ୍ବା ସେମାନଙ୍କ ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରୁଥିବା ଖୁବ୍ କମ୍ ଚଳଚ୍ଚିତ୍ର ରହିଛି। 'ବିଶ୍ୱ' ଜଣେ ଦୃଷ୍ଟିହୀନ ବାଳକ ଓ ସେ କିପରି ଚିଲିକା ହ୍ରଦ କୂଳରେ ଥିବା ଏକ ଗ୍ରାମର ହିରୋ ହୋଇପାରୁଛନ୍ତି, ତାହାକୁ ନେଇ ଏହି ଚଳଚ୍ଚିତ୍ର ପର୍ଯ୍ୟବେସିତ। ଏହି ଚଳଚ୍ଚିତ୍ରରେ ନିର୍ଦ୍ଦେଶକ ଅନୁଜ ତ୍ୟାଗୀ ଡେବ୍ୟୁ କରିବେ ଏବଂ ଲୋକପ୍ରିୟ ଅଭିନେତା ବିନୟ ପାଠକ୍, ଯଗ୍ୟ ଭାସିନ୍, ସାରିବ୍ ହାସ୍‌ମି (ଫ୍ୟାମିଲି ମ୍ୟାନ୍ ଫେମ୍) ଏବଂ ଜାତୀୟ ପୁରସ୍କାର ବିଜେତା ଅଭିନେତ୍ରୀ ଉଷା ଯାଦବ ପ୍ରମୁଖ ଭୂମିକାରେ ନଜର ଆସିବେ। ଲକ୍‌ଡାଉନ୍ ଆରମ୍ଭ ହେବା ପୂର୍ବରୁ ଓଡ଼ିଶାର ସୌନ୍ଦର୍ଯ୍ୟ ପରିବେଶ ମଧ୍ୟରେ 'ବିଶ୍ୱ' ଚଳଚ୍ଚିତ୍ରର ସୁଟିଂ କରାଯାଇଛି। ଏଥିରେ ଚିଲିକା ହ୍ରଦ, ଭୁବନେଶ୍ୱର ଓ




ପୁରୀର ସୌନ୍ଦର୍ଯ୍ୟ ପ୍ରଦର୍ଶିତ ହୋଇଛି। ନୀଳମାଧବ କହିଛନ୍ତି, ପିଲାଙ୍କ ପ୍ରସଙ୍ଗ ଉପରେ ଚଳଚ୍ଚିତ୍ର ସବୁବେଳେ ତାଙ୍କ କ୍ୟାରିୟରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ରହିଆସିଛି। ସେହିପରି ନିଜର ଡେବ୍ୟୁ ଫିଲ୍ମ ସମ୍ପର୍କରେ ନିର୍ଦ୍ଦେଶକ ଅନୁଜ ତ୍ୟାଗୀ କହିଛନ୍ତି, 'ବିଶ୍ୱ' ହେଉଛି ଜଣେ ଛୋଟ ବାଳକର କାହାଣୀ ଯିଏ ଦୃଷ୍ଟିହୀନ ହୋଇ ମଧ ହିରୋ ହୋଇପାରିଛନ୍ତି। ଏହି ବିଷୟବସ୍ତୁ ଖୁବ୍ ନୂଆ ହୋଇଥିବା ବେଳେ ଆମେ ଶୁଟିଂ କରିଥିବା ସ୍ଥାନଗୁଡ଼ିକ ମଧ ଖୁବ୍ ସୁନ୍ଦର ରହିଛି। ଆମେ ଭାଗ୍ୟଶାଳୀ ଯେ, ଲକ୍‌ଡାଉନ୍‌ର ଠିକ୍ ଦିନକ ପୂର୍ବରୁ ଆମ ପ୍ରକଳ୍ପ ଶେଷ କରିପାରିଥିଲୁ। ଏହି ଫିଲ୍ମ ବଷ୍ଟର ଫିଲ୍ମ ଫେଷ୍ଟିଭାଲ ପାଇଁ ଚୟନ ହୋଇଥିବାରୁ ମୁଁ ଓ ମୋର ସମସ୍ତ ଟିମ୍ ପାଇଁ ଏହା ଏକ ଗୌରବର ବିଷୟ ବୋଲି ଅନୁଜ ପ୍ରକାଶ କରିଛନ୍ତି।

## ପତରାଜପୁର ଜିଆର୍‌ଏସ୍‌ଙ୍କ ଆତ୍ମହତ୍ୟା

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୩୧।୮(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ପତରାଜପୁର ପଞ୍ଚାୟତରେ ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍)ଭାବେ କାର୍ଯ୍ୟ କରୁଥିବା ରଶ୍ମିରଞ୍ଜିତା ପାଢ଼ୀ(୩୨) ମଙ୍ଗଳବାର ଚଣ୍ଡିଖୋଲସ୍ଥିତ ଭଡ଼ାଘରେ ବେକରେ ଓଢ଼ଣି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ବାଲିଚନ୍ଦ୍ରପୁର ଥାନା ଅଧୀନ ଗୋପଳପୁର ଗ୍ରାମର କୁଞ୍ଜବିହାରୀ ପାଢ଼ୀଙ୍କ ଝିଅ ରଶ୍ମିରଞ୍ଜିତା ଏହି ଥାନା ଅନ୍ତର୍ଗତ ବରଦା ଗ୍ରାମର ରତ୍ନାକର ପତିଙ୍କ ପୁଅ ଦେବାଶିଷ ପତିଙ୍କୁ ୬ ବର୍ଷ ତଳେ ବିବାହ କରିଥିଲେ। ତେବେ ସେ ବଡ଼ଚଣା ବ୍ଲକ ଅଧୀନରେ ଚାକିରି କରିଥିବାରୁ ଚଣ୍ଡିଖୋଲଠାରେ ଜଣେ ଡାକ୍ତରଙ୍କ ଘରେ ଭଡ଼ାସୂତ୍ରରେ ରହୁଥିଲେ। ସ୍ୱାମୀ ଝାରସୁଗୁଡ଼ାରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିବାରୁ ରଶ୍ମିରଞ୍ଜିତା ନିଜ ପିଉସୀଙ୍କ ସହ ଭଡ଼ାଘରେ ରହୁଥିଲେ। ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ରଶ୍ମିରଞ୍ଜିତା ତାଙ୍କ ଝିଅକୁ ପିଉସୀଙ୍କୁ ଦେଇ ଘରଭିତରକୁ ଖାଇବାକୁ ଯାଇଥିଲେ। ତେବେ ଘର ଭିତରୁ ନ ବାହାରିବାରୁ କିଛି ସମୟପରେ ପିଉସୀ ଡାକିଡ଼ାକି ଘରଭିତରକୁ ପଶିଥିଲେ। ସେଠାରେ ସେ ରଶ୍ମିରଞ୍ଜିତାଙ୍କୁ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ଦର୍ପଣ ତହସିଲଦାର ପ୍ରଦୀପ ସେଠୀଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏହାପରେ ପୋଲିସ ନଂ.୧୦/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ରଶ୍ମିରଞ୍ଜିତାଙ୍କ ମୋବାଇଲ ଫୋନ୍ ଏବଂ ଓଢ଼ଣି ଜବତ କରିଛି।

## 'କଲ୍ୟାଣ ସିଂହ ପ୍ରେରଣା ହୋଇ ରହିବେ'

**ଭୁବନେଶ୍ୱର, ୩୧।୮(ବ୍ୟୁରୋ):** ପ୍ରଭୁ ଶ୍ରୀରାମଙ୍କ ଭବ୍ୟମନ୍ଦିର ପାଇଁ କ୍ଷମତାକୁ ତ୍ୟାଗ କରିଥିବା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂହଙ୍କ ଆଦର୍ଶ, ତାଙ୍କ ଜୀବନ ମୂଲ୍ୟବୋଧ ଏବଂ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇରହିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଙ୍ଗଳବାର ଉତ୍ତରପ୍ରଦେଶର ଆଲିଗଡ଼ସ୍ଥିତ ବାସଭବନରେ ସ୍ୱର୍ଗତ କଲ୍ୟାଣ ସିଂହଙ୍କ ସ୍ମୃତିରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଧର୍ମେନ୍ଦ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଥିଲେ, ଦେଶର ରାଜନୈତିକ ଦୃଶ୍ୟପଟକୁ ଆଲୋକିତ କରୁଥିବା କଲ୍ୟାଣ ସିଂଙ୍କ ପରଲୋକ ଭାରତୀୟ ରାଜନୀତିରେ ଏକ ଯୁଗର ଅନ୍ତ ଘଟାଇଛି। କଲ୍ୟାଣ ସିଂହ ଗରିବ, ଶୋଷିତ, ପଛୁଆବର୍ଗ ଏବଂ ସାମାଜିକ ନ୍ୟାୟର ଆଦର୍ଶ ହେବା ବ୍ୟତୀତ ଭାଜପା ସଙ୍ଗଠନ ପାଇଁ ଜଣେ ବିଶାଳ ବଟବୃକ୍ଷ ମଧ ଥିଲେ। ତାଙ୍କ ଛାୟାରେ ଅସଂଖ୍ୟ କାର୍ଯ୍ୟକର୍ତ୍ତା ଯୋଡ଼ିହୋଇ ରହିଥିଲେ। ଜନସେବା ପାଇଁ ସମର୍ପିତ ସିଂହ ନିଜର ରାଜନୈତିକ କୌଶଳ ଏବଂ ସଚ୍ଚୋଟ ଭାବେ ସର୍ବଦା ସାମ୍ବିଧାନିକ ପଦର ଗରିମା ବଢ଼ାଇଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଲୁଟେରା ଗ୍ୟାଙ୍ଗ୍ ଠାବ: ୮ ଗିରଫ





ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍, ସ୍କୁଟି।

- ୩୨ ବାଇକ୍, ସ୍କୁଟି ଜବତ
- ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପଠାଗଲା

**କଟକ ଅଫିସ,୩୧।୮**

ମାଲଗୋଦାମ ପୋଲିସ ଏକ ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଏହି ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପ୍ରତାପୁରର ଗୋପୀନାଥ ବେହେରା, ବେଲଗୁଣ୍ଠାର ରବୀନ୍ଦ୍ର ବେହେରା, ଅନୁଗୋଳ ଜିଲା ଖମାର ଗାଁର ନିରଞ୍ଜନ ନାୟକ, କଟକ ଜିଲା ଆଠଗଡ଼ ଖୁଣ୍ଟାକଟାର ସୁନୀଲ ପରିଡା, ଖୋର୍ଦ୍ଧା ଜିଲା ଟାଙ୍ଗୀ ବଡଡିହର ପବିତ୍ର ପ୍ରଧାନ, ଦୀପକ ପ୍ରଧାନ, ନୟାଗଡ଼ ଜିଲା ଓଡଗାଁ କୁରାଳର ବିଜନ କୁମାର ଓରଫ ବିଜୁ ଓ କନ୍ଧମାଳ ଜିଲା ଦାରିଙ୍ଗବାଡି ସଡକିଆର ମନୋଜ କୁମାର ନାୟକ। ଏହି ଘଟଣାରେ ସମ୍ପୃକ୍ତ ଗଞ୍ଜାମ ଜିଲା ଖଲ୍ଲିକୋଟ ମାଟିଆ ସାହିର ଜଣେ ନାବାଳକଙ୍କୁ କାବୁ କରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇ ଦିଆଯାଇଛି। ସେମାନଙ୍କଠାରୁ ପୋଲିସ ୩୨ଟି ବାଇକ୍ ଓ ସ୍କୁଟି ଜବତ କରିଥିବା କଟକ ଡିସିପିଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ଅଭିଯୋଗ ମୁତାବକ, ଗତ ୨୯ ତାରିଖ ସନ୍ଧ୍ୟାରେ ମାଲଗୋଦାମ ଥାନା ଜୋବ୍ରା ରୋଡ୍ ଅଞ୍ଚଳର ସ୍ମୃତିରଞ୍ଜନ ବେଉରା(୩୫) ଏକ ସ୍କୁଟିରେ ମହାନଦୀ ବିହାରରୁ ଘରକୁ ଫେରୁଥିଲେ। ଜୋବ୍ରାସ୍ଥିତ କମଳାକାନ୍ତ ବିଦ୍ୟାପୀଠ ନିକଟରେ ପଛପଟୁ ଗୋଟିଏ ସ୍କୁଟିରେ ୨ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଓହ୍ଲାଇ ତାଙ୍କୁ ହତ୍ୟା ଧମକ ଦେବା ସହ ତାଙ୍କ ସ୍କୁଟି ଛଡାଇନେଇ ଶିଖରପୁର ଆଡେ ଚାଲିଯାଇଥିଲେ। ଏ ନେଇ ସ୍ମୃତିରଞ୍ଜନ ମାଲଗୋଦାମ ଥାନାରେ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା(ନଂ. ୧୭୮/୨୧) ରୁଜୁ କରିଥିଲା। ତଦନ୍ତବେଳେ ନିରଞ୍ଜନ ଓ ରବୀନ୍ଦ୍ରଙ୍କୁ ପୋଲିସ କାବୁ କରିବା ସହ ଚୋରି ସ୍କୁଟି ଜବତ କରିଥିଲା। ଉଭୟଙ୍କୁ ପଚରାଉଚୁରା କରାଯିବାରୁ ସେମାନେ ଏକ ବାଇକ ଲୁଟେରା ଗ୍ୟାଙ୍ଗ୍ ପାଇଁ କାମ କରୁଥିବା ସ୍ୱୀକାର କରିଥିଲେ। ଏଥିସହ ତାଙ୍କ ଗ୍ୟାଙ୍ଗ୍ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁର, ଗଞ୍ଜାମ, ପୁରୀ, ଓ ଅନୁଗୋଳ ଅଞ୍ଚଳରେ ସକ୍ରିୟ ରହିଥିବା ଜେରାବେଳେ ଜଣାପଡିଥିଲା। ଏହି ତଥ୍ୟ ଆଧାରରେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଧରିଥିଲା। ଭୁବନେଶ୍ୱର ବାଣୀବିହାର ଓ ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳରେ ବାଇକ ଗ୍ୟାରେଜ ଚଳାଇଥିବା ପବିତ୍ର ଏବଂ ଦୀପକ ଚୋରା ଗାଡିର ନମ୍ବର ଓ ଇଞ୍ଜିନ ନମ୍ବରକୁ ଟ୍ୟାମ୍ପରିଂ କରି ବିକ୍ରି କରୁଥିଲେ। ପରେ ଏହି ଚୋରା ବାଇକ କିଣିଥିବା ୫ଜଣଙ୍କୁ ବିଭିନ୍ନ ସ୍ଥାନରୁ ପୋଲିସ କାବୁ କରିଥିଲା।

# ୧୦,୭୭୩ ବଢ଼ିଲେ ଦେଶୀୟ ପକ୍ଷୀ

## ଭିତରକନିକାରେ ପକ୍ଷୀ ଗଣନା ଶେଷ

**ରାଜନଗର, ୩୧।୮(ଡି.ଏନ.ଏ.)**

ବିଶ୍ୱ ପ୍ରସିଦ୍ଧ ଭିତରକନିକାକୁ ଆସିଥିବା ଦେଶୀୟ ପକ୍ଷୀଙ୍କ ଗଣନା ଶେଷ ହୋଇଛି। ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକାରେ ୯୭,୮୬୬ ଦେଶୀୟ ପକ୍ଷୀ ଭିଡ ଜମାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧,୦୮,୬୩୯ରେ ପହଞ୍ଚିଛି। ଚଳିତବର୍ଷ ୧୦,୭୭୩ ଅଧିକ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ମଙ୍ଗଳବାର ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତିଙ୍କ ସୂଚନା ମୁତାବକ ଚଳିତମାସ ୨୩ରୁ ୨୯ ତାରିଖ ଯାଏ ଭିତରକନିକାର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆରେ ପକ୍ଷୀ ଗଣନା କରାଯାଇଥିଲା। ବନ ବିଭାଗର ୨ଟି ଟିମ୍ ପକ୍ଷୀ ଗଣନା କରିଥିଲେ। ମଠଆଡିଆରେ ୧୨,୫୧୩ଟି ବସାରେ ୨୫,୦୨୬ଟି ବଡ ଓ ୩୬,୦୮୧ଟି ଛୁଆ ପକ୍ଷୀ ମୋଟ ୬୧,୧୦୭ ପକ୍ଷୀ ଚିହ୍ନଟ କରାଯାଇଛି। ଲକ୍ଷ୍ମୀପ୍ରସାଦଡିଆରେ ୮,୧୪୦ଟି ବସାରେ ୧୦,୮୮୦ ବଡପକ୍ଷୀ ଚିହ୍ନଟ ହୋଇଥିବା ବେଳେ ୩୦,୪୫୮ ଛୁଆ ପକ୍ଷୀ ମୋଟ



୪୧,୩୩୮ ପକ୍ଷୀ ଚିହ୍ନଟ କରାଯାଇଛି। ସେହିପରି ଦୁର୍ଗାପ୍ରସାଦଡିଆରେ ୧,୩୭୫ ଦେଶୀୟ ପକ୍ଷୀ ବସା ବାନ୍ଧିଛନ୍ତି। ୨,୭୫୦ ବଡ ପକ୍ଷୀ ଚିହ୍ନଟ ହୋଇଥିବା ବେଳେ ୩,୪୪୪ ଛୁଆ ପକ୍ଷୀ ମୋଟରେ ୬,୧୯୪ଟି ପକ୍ଷୀ ଗଣନା କରାଯାଇଛି। ଚଳିତ ବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ପକ୍ଷୀଗୁଡ଼ିକ ମଧ୍ୟରେ ଗେଣ୍ଡାଳିଆ ସର୍ବାଧିକ ୭୩,୬୨୭ଟି, ରାଣୀବଗ ୫,୨୫୯, ମଝିଆ ବଗ ୩,୮୯୬, ଛୋଟ ବଗ ୨,୩୭୫, ଖଇରା ବଗ ୩,୦୭୬, ମାଟିଆ ବଗ ୩,୧୪୯, ପାଣିକୁଆ ୯,୬୭୭, ଅନ୍ଧାରିଆ ବଗ ୧୬୩୭, ଦାବେଣ୍ଟିଆ ୪,୪୨୬, କାପରଖାଇ ୧୫୧୭ ପକ୍ଷୀ ଚିହ୍ନଟ ହୋଇଛନ୍ତି। ଗତ ୩ ବର୍ଷ ହେଲା ଦେଶୀୟ ପକ୍ଷୀମାନେ ଲକ୍ଷ୍ମୀପ୍ରସାଦଡିଆ ଓ ଦୁର୍ଗାପ୍ରସାଦଡିଆକୁ ନୂଆ ଠିକଣା ବାଛିଛନ୍ତି।

ଚଳିତବର୍ଷ ପାଗ ପ୍ରତିକୂଳ ସତ୍ତ୍ୱେ ଦେଶୀୟ ପକ୍ଷୀମାନେ ଜାତୀୟ ଉଦ୍ୟାନର ସେମାନଙ୍କ ନୂତନ ଠିକଣା ଦୁର୍ଗାପ୍ରସାଦଡିଆ ସମେତ ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆରେ ବସା ବାନ୍ଧିବା ସହ ଛୁଆ ଫୁଟାଇଛନ୍ତି। ଜୁନ୍ ପ୍ରଥମ ସପ୍ତାହରେ ଏହି ଦେଶୀୟ ପକ୍ଷୀମାନେ ସେମାନଙ୍କ ସବୁଠୁ ନିରାପଦ ସ୍ଥାନ ଭିତରକନିକା ଜାତୀୟ ଉଦ୍ୟାନରେ ସମାଗମ ହୋଇଥିଲେ। ପୁରୁଷ ପକ୍ଷୀମାନେ ଜାତୀୟ ଉଦ୍ୟାନର ଗୁଆଁ, କେରୁଆଁ, ବନି, ରାଇ, ସିନ୍ଧୁକା ଆଦି ଗଛରେ ବସା ବାନ୍ଧିବା ପରେ ମାଈ ପକ୍ଷୀମାନେ ଅଣ୍ଡା ଦେଇ ଛୁଆ ଫୁଟାଇଛନ୍ତି। ଅପରପକ୍ଷରେ ଏହି ଦେଶୀୟ ପକ୍ଷୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବନ କର୍ମଚାରୀମାନଙ୍କୁ ନିଯୁକ୍ତ କରାଯାଇଛି।

# ଡାକ୍ତରଖାନାକୁ ପଶି ମାରପିଟ

**ବରଗଡ଼ ଅଫିସ୍,୩୧।୮**

- ଘଟଣାସ୍ଥଳରୁ ଗିରଫ ହେଲେ ୨ଦୁର୍ବୃତ୍ତ
- ଡାକ୍ତର, ରୋଗୀ ସମ୍ପର୍କୀୟଙ୍କୁ ଆକ୍ରମଣ
- କାର୍, ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କଲେ



ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା) ଅସୁରକ୍ଷିତ ହୋଇ ପଡ଼ିଛି। ସ୍ଥାନୀୟ ଟାଉନ ଥାନାର ଅନତିଦୂରରେ ଥିବା ଏହି ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା ଢ଼ିଲା ଯୋଗୁ ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ମଙ୍ଗଳବାର ଭୋର୍ ୪ଟାରେ ୨ଜଣ ଦୁର୍ବୃତ୍ତ ଡାକ୍ତରଖାନାକୁ ଭିତରକୁ ପଶି ରୋଗୀଙ୍କ ସମ୍ପର୍କୀୟ, ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣ କରିଛନ୍ତି। ଏହାସହିତ ସେମାନେ ଡାକ୍ତରଖାନା କବାଟ, ବିଭିନ୍ନ ସାମଗ୍ରୀ ଏବଂ ୨ଟି କାର୍‌କୁ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଆକ୍ରମଣର ଶିକାର ହୋଇଥିବା ଡା. ସୁଧୀର କୁମାର ମେହେର ଏବଂ ରୋଗୀଙ୍କ ସମ୍ପର୍କୀୟ ନିମାଇଁ ପ୍ରଧାନଙ୍କ ଏତଲାକୁ ଭିତ୍ତି କରି ପୋଲିସ ପୃଥକ୍ ୨ଟି ମାମଲା (ନଂ.୩୯୧/୨୧ ଓ ନଂ.୩୯୨/୨୨) ରୁଜୁ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତ୍ରିରେ ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ ନିବାସୀ ନିମାଇଁ ଏବଂ ତାଙ୍କ ୨ଭାଇ ଜଣେ ଆସନ୍ନ ପ୍ରସବାଙ୍କୁ ଏକ କାର୍ ଯୋଗେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ଡାକ୍ତରଖାନା ଆସିବା ବାଟରେ କାର୍ ଭିତରେ ଶିଶୁ ଜନ୍ମ ହୋଇଥିଲା। ମା' ଶିଶୁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରି ସେମାନେ ଡାକ୍ତରଖାନାରେ ଥିଲେ। ମଙ୍ଗଳବାର ଭୋର୍ ସାଢ଼େ ୪ଟାରେ ଦୁଇଜଣ ଦୁର୍ବୃତ୍ତ ଡାକ୍ତରଖାନା ଭିତରକୁ ପଶି ନିମାଇଙ୍କୁ ଟଙ୍କା ଦେବାକୁ କହିଥିଲେ। ନିମାଇଁ କିଛି କହିବା ପୂର୍ବରୁ ଅଭିଯୁକ୍ତମାନେ ତାଙ୍କୁ ଠେଙ୍ଗାରେ ମାଡ଼ପିଟ୍ କରିଥିଲେ। ଅନ୍ୟ ଦୁଇ ସମ୍ପର୍କୀୟ ପ୍ରତିରୋଧ କରିବାରୁ ସେମାନଙ୍କୁ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ସେଠାକୁ ଡା. ମେହେର ପହଞ୍ଚିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ ଠେଲାପେଲା କରିଥିଲେ। ସେମାନେ ଡାକ୍ତରଖାନା ପରିସରରେ ଥିବା ଡା. ମେହେରଙ୍କ କାର୍ (ନଂ.ଓଡ଼ି୧୫ଡି/୮୭୬୯) ଏବଂ ପ୍ରସୂତୀଙ୍କୁ ଡାକ୍ତରଖାନା ଅଣାଯାଇଥିବା କାର୍ (ନଂ.ଓଡ଼ି୧୭କ୍ୟୁ/୨୮୧୭)କୁ ଭଙ୍ଗାରୁଜା କରିଥିଲେ। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚିଥିଲା ଏବଂ ସେଠାରୁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅନ୍ୟପଟେ ଘଟଣା ପରେ ଡାକ୍ତରଖାନାର କାର୍ଯ୍ୟରତ ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ଭୟଭୀତ ହୋଇ ୪ଘଣ୍ଟା ଧରି କାମ ବନ୍ଦ ରଖିଥିଲେ। ଫଳରେ ଆଶୁ ଚିକିତ୍ସା କେନ୍ଦ୍ର, ଡ୍ରେସିଂ ସେଣ୍ଟରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ସେହିପରି ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ଡାକ୍ତରଖାନା ବାହାରେ ବସିଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ୨୬ ହଜାର କୋଟି କ୍ଷତି ସହିପାରେ ବିମାନଶିଳ୍ପ

**ମୁମ୍ବାଇ,୩୧ା୮:** କରୋନା ମହାମାରୀ ସାରା ବିଶ୍ୱର ବିମାନ ଚଳାଚଳ କ୍ଷେତ୍ରକୁ ସଙ୍କଟ ମଧ୍ୟକୁ ଠେଲିଦେଇଛି। ଏହି କ୍ଷେତ୍ର ବର୍ତ୍ତମାନ ସମସ୍ୟା ଦେଇ ଗତି କରୁଥିବା ବେଳେ ନେଟ୍ ୨୫ରୁ ୨୬ ହଜାର କୋଟି ଟଙ୍କା କ୍ଷତି ସହିପାରେ। ଚଳିତ ଆର୍ଥିକ ବର୍ଷରେ ବିମାନ ଚଳାଚଳ କ୍ଷେତ୍ରରେ ଋଣ ଭାର ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିବ ବୋଲି ରେଟିଂ ଏଜେନ୍ସି ଇକ୍ରା ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଆର୍ଥିକ ବର୍ଷ ୨୦୨୧-୨୨ ଏବଂ ୨୦୨୩-୨୪ ଲାଗି ଏହି କ୍ଷେତ୍ର ୪୫ରୁ ୪୭ ହଜାର କୋଟି ଟଙ୍କାର ପୁଞ୍ଜି ଆବଶ୍ୟକ କରୁଥିବା ରିପୋର୍ଟରେ କୁହାଯାଇଛି। ଏଭଳି ସ୍ଥିତିରେ ଋଣ ବୋଝ ନ କମିବା ଯାଏ ବିମାନ କମ୍ପାନୀଗୁଡ଼ିକର ବାଲାନ୍ସ ଶିଟ୍ ଚାପଗ୍ରସ୍ତ ହୋଇ ରହିବ ବୋଲି ଅନୁମାନ କରାଯାଇଛି।

### ଟେସ୍‌ଲାର ଭାରତ ପ୍ରବେଶ ରାସ୍ତା ଖୋଲିଲା

**ନୂଆଦିଲ୍ଲୀ,୩୧ା୮:** ଆମେରିକାଭିତ୍ତିକ ପ୍ରମୁଖ ଇ-କାର୍ ନିର୍ମାତା ଟେସ୍‌ଲା ଲାଗି ଭାରତ ପ୍ରବେଶ ରାସ୍ତା ଖୋଲିଛି। ଭାରତରେ ଏହି କମ୍ପାନୀର ୪ ମଡେଲକୁ ଭାରତରେ ପ୍ରସ୍ତୁତ କରିବା କିମ୍ବା ଆମଦାନୀ କରିବା ଲାଗି କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ଭାରତୀୟ ସଡ଼କରେ ଚାଲିବା ଲାଗି କମ୍ପାନୀକୁ ପ୍ରମାଣପତ୍ର ମିଳିଥିବା ଜଣାପଡ଼ିଛି। କେନ୍ଦ୍ର ସଡ଼କ ଏବଂ ପରିବହନ ମନ୍ତ୍ରଣାଳୟ ୱେବ୍‌ସାଇଟରେ ଏ ନେଇ ଉଲ୍ଲେଖ ରହିଛି। କେନ୍ଦ୍ର ସରକାର ଟେସ୍‌ଲାକୁ ଆମଦାନୀ ଟିକସ କ୍ଷେତ୍ରରେ ଆଂଶିକ ରିହାତି ପ୍ରଦାନ କରିପାରନ୍ତି। ଭାରତରେ ଯଦି କମ୍ପାନୀ କିଛି ନିବେଶ କରିବା ନେଇ ଯୋଜନା କରିଥାଏ ତେବେ ଏ କ୍ଷେତ୍ରରେ କିଛି ସୁବିଧା ପାଇପାରିବ। ଏ ନେଇ କେନ୍ଦ୍ର ସରକାର ବର୍ତ୍ତମାନ ଟେସ୍‌ଲାର ଯୋଜନା ସମ୍ପର୍କରେ ଜାଣିବା ଲାଗି ଚାହିଁଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। କମ୍ପାନୀର ଚୂଡ଼ାନ୍ତ ଯୋଜନା ପରେ ହିଁ ସରକାର ଏ ନେଇ ନିଷ୍ପତ୍ତି ଗ୍ରହଣ କରିପାରିବେ। ଉଲ୍ଲେଖଯୋଗ୍ୟ, ଟେସ୍‌ଲାର ସବୁଠାରୁ ଶସ୍ତା ଇ-ଯାନ ମଡେଲ ୩ ହୋଇଥିବା ବେଳେ ଏହାର ଦାମ ୪୦ ହଜାର ଡଲାର ରହିଛି।

# ଆଲୁମିନିୟମ ଶିଳ୍ପରେ କୋଇଲା ସଙ୍କଟ

**ନୂଆଦିଲ୍ଲୀ,୩୧ା୮**



କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ (ସିପିପି) ପାଇଁ କୋଇଲା ଯୋଗାଣ ଏବଂ ରେଳପଥ ରେକ୍ ଯଥେଷ୍ଟ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ଭାରତୀୟ ଆଲୁମିନିୟମ ଶିଳ୍ପ ପାଇଁ କୋଇଲା ସଙ୍କଟ ସୃଷ୍ଟି ହୋଇଛି। ଆଲୁମିନିୟମ ସ୍ମେଲଟିଂ ପାଇଁ ନିରବଚ୍ଛିନ୍ନ ଏବଂ ଉଚ୍ଚଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଆବଶ୍ୟକ ହୋଇଥାଏ। ଏହା କେବଳ ଇନ୍ ହାଉସ୍ ସିପିପି ମାଧ୍ୟମରେ ପୂରଣ ହୋଇଥାଏ। କୋଇଲା ଯୋଗାଣର ଏଭଳି କଠୋର ନିଷ୍ପତ୍ତି, ବିନା କୌଣସି ଆଗୁଆ ସୂଚନା ଯୋଗୁ ଶିଳ୍ପ କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହେବା ଆଶଙ୍କା ଉପୁଜିଛି।

ଦୀର୍ଘସ୍ଥାୟୀ କାର୍ଯ୍ୟ ଜାରି ରଖିବା କ୍ଷେତ୍ରରେ ଏଭଳି ନିଷ୍ପତ୍ତି ନକାରାତ୍ମକ ପ୍ରଭାବ ପକାଇବ ବୋଲି ଶିଳ୍ପ ପକ୍ଷରୁ କୁହାଯାଇଛି। ସେହିପରି ଆମଦାନୀ ଦୃଷ୍ଟିକୋଣରୁ ସ୍ୱଳ୍ପ ବିଜ୍ଞପ୍ତି ଗ୍ରହଣୀୟ ମଧ୍ୟ ନୁହେଁ। ଦୀର୍ଘକାଳୀନ କୋଇଲା ଯୋଗାଣ ପାଇଁ ଆଲୁମିନିୟମ ଶିଳ୍ପ ସିପିପିଗୁଡ଼ିକ ପକ୍ଷରୁ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀ ସହିତ ଏଫ୍‌ଏସ୍‌ଏ (ଇନ୍ଧନ ଯୋଗାଣ ଚୁକ୍ତି) ସ୍ୱାକ୍ଷର କରାଯାଇଛି। ସୁରକ୍ଷିତ କୋଇଲା ଯୋଗାଣକୁ

### ସହାୟତା ଲାଗି ଶିଳ୍ପର ନିବେଦନ

କୌଣସି ପ୍ରକାରେ ହଠାତ୍ ବନ୍ଦ କରିବା ଦ୍ୱାରା ଶିଳ୍ପକୁ ଏକ ଗ୍ରାଇଣ୍ଡିଂ ହଲ୍ଟ ମିଳିବା ଆଶଙ୍କା ରହିଛି। ଏହାଦ୍ୱାରା ଡାଉନ୍ ଷ୍ଟ୍ରିମ୍ ସେକ୍ଟର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ ବୋଲି କୁହାଯାଉଛି। ଫଳରେ ଫିନିଶଡ୍ ଉତ୍ପାଦର ମୂଲ୍ୟ ବୃଦ୍ଧି ହେବା ସହିତ ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ ପଡ଼ିବା ସ୍ଥିତି ଉପୁଜିଛି।

ବିଭିନ୍ନ ଦିଗକୁ ବିଚାରକରି ଆଲୁମିନିୟମ ଆସୋସିଏଶନ ଅଫ୍ ଇଣ୍ଡିଆ କୋଇଲା ଇଣ୍ଡିଆଠାରୁ ନିରନ୍ତର କାର୍ଯ୍ୟ ଜାରି ରଖିବା ଏବଂ ପାୱାର ଗ୍ରୀଡ୍ ଉପରେ ଭାର ହ୍ରାସ କରିବା ପାଇଁ ବିଭିନ୍ନ ସହାୟତା ଲୋଡ଼ାଯାଇଛି। ସ୍ଥାୟୀ ଶିଳ୍ପ କାର୍ଯ୍ୟ ପାଇଁ ସୁରକ୍ଷିତ ଲିଙ୍କେଜ ମାଧ୍ୟମରେ ପର୍ଯ୍ୟାପ୍ତ କୋଇଲା ଯୋଗାଣ ପୁଣି ଆରମ୍ଭ କରିବା, ଆଲୁମିନିୟମ ଶିଳ୍ପକୁ କୋଇଲା ପଠାଇବା ପାଇଁ ରେଳ ରେକ୍‌ରେ ପ୍ରାଥମିକତା ପ୍ରଦାନ, ନିଲାମ ଲିଙ୍କେଜ ପାଇଁ ଏମ୍‌ଓସି ସର୍କୁଲାର ଅନୁଯାୟୀ, ୭୫% (ଶକ୍ତି) ଏବଂ ୨୫% (ଅଣ-ଶକ୍ତି) ଅନୁପାତରେ କୋଇଲା ରେକ୍ ମାଧ୍ୟମରେ ପଠାଇବାକୁ ଶିଳ୍ପ ପକ୍ଷରୁ ନିବେଦନ କରାଯାଇଛି। ସେହିଭଳି ସୁରକ୍ଷିତ କୋଇଲା ଯୋଗାଣ ବନ୍ଦ କିମ୍ବା କମାଇବା ପାଇଁ କୌଣସି ଅସ୍ଥାୟୀ ନିଷ୍ପତ୍ତି ଗ୍ରହଣ କରାଯିବା ଉଚିତ ନୁହେଁ। ସିପିପି ଭିତ୍ତିକ ଶିଳ୍ପକୁ ୨ ରୁ ୩ମାସ ପୂର୍ବରୁ କୋଇଲା କିମ୍ବା ବିଦ୍ୟୁତ୍ ଆମଦାନୀ ଯୋଜନା ସମ୍ପର୍କିତ ନୋଟିସ ଦେବା ଉଚିତ ବୋଲି ଶିଳ୍ପ ପକ୍ଷରୁ କୁହାଯାଇଛି।

# ଗୁଗ୍‌ନାନିର ପ୍ରିମିୟମ ବାଇକ୍ ଶୋ' ରୁମ୍



**ଭୁବନେଶ୍ୱର,୩୧ା୮**

ଗୁଗ୍‌ନାନି ମୋଟର୍ସ ପକ୍ଷରୁ ଭୁବନେଶ୍ୱରରେ ଏହାର ପ୍ରଥମ ଏକ୍ସକ୍ଲୁସିଭ୍ ପ୍ରିମିୟମ ବାଇକ୍ ଶୋ' ରୁମ 'ହୋଣ୍ଡା ବିଗ୍ ୱିଙ୍ଗ' ସ୍ଥାନୀୟ ପଟିଆ ଛକଠାରେ ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଭାରତୀୟ ହକି ଦଳର ଅଧିନାୟକ ଦିଲୀପ ତିର୍କୀ ଏବଂ ଟୋକିଓ ଅଲିମ୍ପିକ୍ସ-୨୦୨୦ର ବ୍ରୋଞ୍ଜ ପଦକ ବିଜେତା ଅଲିମ୍ପିଆନ ଅମିତ୍ ରୋହିଦାସ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଚ୍‌ଏମ୍‌ଏସ୍‌ଆଇର ଜୋନାଲ ମୁଖ୍ୟ ଅଜିତ ପଣ୍ଡା, କମ୍ପାନୀର ଜୋନାଲ ଇନ୍‌ଚାର୍ଜ ସର୍ଭିସ୍ ଶିବପ୍ରତାପ ସିଂହ ଏବଂ ହୋଣ୍ଡା ବିଗ୍‌ୱିଙ୍ଗର ଡିଲର ଡେଭଲପମେଣ୍ଟ ହ୍ରିଶଭ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ହୋଣ୍ଡାର ଆଡ୍‌ଭେଞ୍ଚର ବାଇକ୍ '୫୦୦ଏକ୍ସ'ର ଉନ୍ମୋଚନ କରାଯାଇଥିଲା। ଏ ସମ୍ପର୍କରେ ଗୁଗ୍‌ନାନି ମୋଟର୍ସ ପ୍ରିମିୟମ ବାଇକ୍ ଡିଲରଶିପର ଏମ୍‌ଡି ଯସ୍‌ନିତ୍ ଗୁଗ୍‌ନାନି କହିଛନ୍ତି, ସମୟ ଓ ଯୁବବର୍ଗଙ୍କ ଚାହିଦାକୁ ଆଖି ଆଗରେ ରଖି ଏହି ଡିଲରଶିପ୍‌ର ଶୁଭାରମ୍ଭ କରାଯାଇଛି। କମ୍ପାନୀର ଏହି ବାଇକଗୁଡିକ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ୩୫୦ସିସିରୁ ଊର୍ଦ୍ଧ୍ୱ ୩ଟି ଭିନ୍ନ ଭିନ୍ନ ଭାରିଆଣ୍ଟ ଓ ରଙ୍ଗରେ ଉପଲବ୍ଧ ହେବ। ଏହି ଡିଲରଶିପ୍ ଜରିଆରେ କମ୍ପାନୀ ଓଡ଼ିଶାରେ ଏହାର ବିକ୍ରୟ, ସେବା ଏବଂ ସ୍ପେୟାର ଆଦି ଯୋଗାଇବ। ହୋଣ୍ଡା ହାଇନେସ୍ ସିବି ୩୫୦ ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୧.୯୦ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ପରିଶେଷରେ ଗୁଗ୍‌ନାନି ପରିବାରବର୍ଗ ଏବଂ ସତ୍‌ପାଲ ଓ ରାଜନ ଗୁଗ୍‌ନାନି ଉପସ୍ଥିତ ଅତିଥି ଓ ଗ୍ରାହକଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଏଲ୍‌ଆଇସି: ପ୍ରତିବଦ୍ଧତା, ବିଶ୍ୱାସର ୬୫ ବର୍ଷ

**ନୂଆଦିଲ୍ଲୀ,୩୧ା୮**

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ୬୫ ବର୍ଷ ପୂର୍ତ୍ତି ପାଳନ କରୁଛି। ଏକ ପ୍ରମୁଖ କମ୍ପାନୀ ଭାବେ ଏହା ବର୍ତ୍ତମାନ ୧୪ଟି ଦେଶରେ ନିଜର ଉପସ୍ଥିତି ଜାହିର କରିପାରିଛି। ସେପ୍ଟେମ୍ବର ପହିଲାରେ ଏଲ୍‌ଆଇସି ୬୬ ବର୍ଷରେ ପଦାର୍ପଣ କରିଛି। ଜୀବନ ବୀମା ସେବା ଲାଭ କରି ନ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ସହ ସୁଲଭରେ ସେବା ଯୋଗାଇବାକୁ ଏହା ଉଦ୍ୟମ ଜାରି ରଖିଛି। ୫ କୋଟି ଟଙ୍କାର ପ୍ରାରମ୍ଭିକ ପୁଞ୍ଜିରେ ୧୯୫୬ରେ ଏହି କମ୍ପାନୀ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏଲ୍‌ଆଇସିର ସମ୍ପତ୍ତି ୩୮.୦୪ ଲକ୍ଷ ଟଙ୍କା ଛୁଇଁଛି। ୩୪.୩୬ ଲକ୍ଷ କୋଟି ଟଙ୍କାର ଲାଇଫ ଫଣ୍ଡ କମ୍ପାନୀ ନିକଟରେ ରହିଛି। ବ୍ରାଣ୍ଡ ଫାଇନାନ୍ସ ଇନ୍ସ୍ୟୁରାନ୍ସ ୧୦୦ ପକ୍ଷରୁ ଜାରି କରାଯାଇଥିବା ସର୍ଭେ ରିପୋର୍ଟ ମୁତାବକ, ସାରା ବିଶ୍ୱରେ ଏଲ୍‌ଆଇସି ତୃତୀୟ ଶକ୍ତିଶାଳୀ ଏବଂ ୧୦ତମ ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡ ଭାବେ ଉଭା ହୋଇଛି।

ଏଲ୍‌ଆଇସି ବର୍ତ୍ତମାନ ବଜାର ଲିଡର ସ୍ଥାନ ଅବ୍ୟାହତ ରଖିଛି। ପ୍ରଥମ ବର୍ଷ ପ୍ରିମିୟମ ଆୟରେ ଏହାର ଅଂଶ ୬୬.୧୮% ରହିଥିବା ବେଳେ ପଲିସି ସଂଖ୍ୟା ମଧ୍ୟରୁ ୭୪.୫୮% ଅଂଶ ହାସଲ କରିଛି। ଆର୍ଥିକ ବର୍ଷ ୨୦୨୦-୨୧ରେ କମ୍ପାନୀ ୨.୧୦ କୋଟି ପଲିସି ବିକ୍ରି କରିବାକୁ ସକ୍ଷମ ହୋଇଛି। ନୂଆ ବାଣିଜ୍ୟ ଅଭିବୃଦ୍ଧି ୩.୪୮% ରହିଛି। ଏହା ୧.୮୪ ଲକ୍ଷ କୋଟି ଟଙ୍କାର ପ୍ରଥମ ବର୍ଷ ପ୍ରିମିୟମ ହାସଲ କରିବାକୁ ସକ୍ଷମ ହୋଇଛି। ପେନ୍‌ସନ ଏବଂ ଗ୍ରୁପ୍ ସୁପରଆନୁଏଶନ ବିଜ୍‌ନେସ ଭର୍ଟିକାଲ ଗତ ୨ ବର୍ଷ ହେବ ଏକ ଲକ୍ଷ କୋଟି ଟଙ୍କା ଟପୁଛି। ଏହି ବର୍ଗରେ କମ୍ପାନୀ ୧.୨୭ ଲକ୍ଷ କୋଟି ଟଙ୍କାର ପ୍ରିମିୟମ ଆୟ କରିଛି।

୮ ଜୋନସ୍ତରୀୟ କାର୍ଯ୍ୟାଳୟ, ୧୧୩ ଡିଭିଜନ କାର୍ଯ୍ୟାଳୟ, ୭୪ କଷ୍ଟମର ଜୋନ, ୨୦୪୮ ଶାଖା କାର୍ଯ୍ୟାଳୟ, ୧୫୪୬ ସାଟେଲାଇଟ ଅଫିସ, ୪୨ ହଜାର ପ୍ରିମିୟମ ପଏଣ୍ଟ ଏବଂ ଲାଇଫ ପ୍ଲସ୍ ଅଫିସ, ୧ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ, ୧୩.୫୩ ଲକ୍ଷ ଏଜେଣ୍ଟ ଦ୍ୱାରା ଏହା ସେବା ଯୋଗାଉଛି। ଏଲ୍‌ଆଇସି ୮ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହ ସହଯୋଗିତା କରିଛି। ସେହିଭଳି ୬ ଘରୋଇ କ୍ଷେତ୍ର ବ୍ୟାଙ୍କ, ୧୩ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ, ୪୧ ସମବାୟ ବ୍ୟାଙ୍କ ଏବଂ ୧ ବିଦେଶୀ ବ୍ୟାଙ୍କ ସହ ଏହା ଯୋଡ଼ି ହୋଇ ସେବା ଯୋଗାଣ କରୁଛି। କମ୍ପାନୀ ବିଭିନ୍ନ ବର୍ଗରେ ୩୨ ପ୍ଲାନ୍ ପ୍ରଦାନ କରୁଛି। ଗତ ଆର୍ଥିକ ବର୍ଷରେ ଏହା ୧.୪୭ ଲକ୍ଷ କୋଟି ଟଙ୍କା ମୂଲ୍ୟର କ୍ଲେମ୍ ସେଟେଲ କରିଛି। ପରିବର୍ତ୍ତିତ ସମୟ ସହ ଖାପ ଖୁଆଇ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଏହା ଏବେ ସେବା ପ୍ରଦାନ କରୁଥିବା ସୂଚନା ଦେଇଛି।

### ଦ୍ୱିତୀୟ ଦିନ ଲାଗି ବଢ଼ିଲା ପୁଞ୍ଜି ବଜାର

**ନୂଆଦିଲ୍ଲୀ,୩୧ା୮**

ଲଗାତର ଦ୍ୱିତୀୟ ଦିନ ଲାଗି ଦେଶର ପୁଞ୍ଜିବଜାରରେ କାରବାର ଧାରା ଅବ୍ୟାହତ ରହିଛି। ପ୍ରଥମଥର ଲାଗି ସେନ୍‌ସେକ୍ସ ୫୭,୬୦୦ ପଏଣ୍ଟ ଏବଂ ନିଫ୍ଟି ୧୭,୧୦୦ ପଏଣ୍ଟ ଟପିବାକୁ ସକ୍ଷମ ହୋଇଛି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୨୪୯ ଲକ୍ଷ କୋଟି ଟଙ୍କା ଟପିଛି। ସେହିଭଳି ଭାରତୀ ଏୟାରଟେଲର ଶେୟାର ୫୨ ସପ୍ତାହର ସବୁଠାରୁ ଉଚ୍ଚ ସ୍ତର ଛୁଇଁଛି। ମଙ୍ଗଳବାର ସେନ୍‌ସେକ୍ସ ୬୫୨ ପଏଣ୍ଟ ବଢ଼ିଥିବା ବେଳେ ନିଫ୍ଟି ୨୦୧ ପଏଣ୍ଟ ଊର୍ଦ୍ଧ୍ୱରେ ରହିଛି। ଏହା ପୂର୍ବରୁ ସେନ୍‌ସେକ୍ସ ୫୬,୯୯୫ ଏବଂ ନିଫ୍ଟି ୧୬,୯୪୭ ପଏଣ୍ଟ ସ୍ତରରେ ରହିଥିଲା। ପୁଞ୍ଜିବଜାରରେ ଶେୟାର କାରବାର ଲଗାତର ବୃଦ୍ଧି ଦେଖାଯାଇଛି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ମଧ୍ୟରୁ ୨୬ଟି ଶେୟାର କାରବାର ଉନ୍ନତ ରହିଛି। ୪ଟି ଶେୟାରରେ ହ୍ରାସ ଦେଖାଯାଇଛି।

# ରାଜ୍ୟ ସରକାରଙ୍କୁ ଓଏସ୍‌ଏଲ୍‌ର ଶୁଭେଚ୍ଛା

**ଭୁବନେଶ୍ୱର,୩୧ା୮**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍) ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ଓଡ଼ିଶା ସରକାରଙ୍କୁ ଶୁଭେଚ୍ଛା ଜଣାଯାଇଛି। ଓଡ଼ିଶା ସରକାର ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ଅବଧିକୁ ଆଉ ୧୦ ବର୍ଷ ବୃଦ୍ଧି ପାଇଁ ନେଇଥିବା ନିଷ୍ପତ୍ତିକୁ ଓଏସ୍‌ଏଲ୍ ପକ୍ଷରୁ ପ୍ରଶଂସା କରାଯାଇଛି। ଓଡ଼ିଶା ସରକାର ଆସନ୍ତା ୧୦ ବର୍ଷ ଅର୍ଥାତ୍ ୨୦୩୩ ପର୍ଯ୍ୟନ୍ତ ଉଭୟ ହକି ଦଳର ପ୍ରାୟୋଜକ ରହିବ ଯାହା ଓଡ଼ିଶା ପାଇଁ ଗର୍ବ। ହକି ଦଳର ମୁଖ୍ୟ ପ୍ରାୟୋଜକ ଭାବେ ଓଡ଼ିଶା ଗତ ତିନିବର୍ଷ ଧରି ଉଭୟ ପୁରୁଷ ଓ ମହିଳା ହକି ଖେଳାଳିଙ୍କୁ ସମର୍ଥନ କରିଆସୁଛି। ଏ ସମ୍ପର୍କରେ ଓଏସ୍‌ଏଲ୍ ଗ୍ରୁପ୍‌ର ଅଧ୍ୟକ୍ଷ ମହିମାନନ୍ଦ ମିଶ୍ର କହିଛନ୍ତି, ଓଡ଼ିଶା ଦେଶରେ ହକିର ରାଜଧାନୀ ବୋଲି ସାରା ବିଶ୍ୱ ଜାଣିଛି। ମୁଖ୍ୟମନ୍ତ୍ରୀଙ୍କ ହକିକୁ ସମର୍ଥନ ନିଷ୍ପତ୍ତି ଦେଶର ଅତୀତ ଗୌରବ ଫେରାଇ ଆଣିବା ପାଇଁ ଏକ ଠିକ୍ ପଦକ୍ଷେପ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଫୁର୍‌ସତ୍

# ସାଇକେଲ ଚଳାଇ ବିଶ୍ୱ ରେକର୍ଡ

**ଚେନ୍ନାଇ:** ଏକାଥରକେ ୧୦୦ କିମି ସାଇକେଲ ଚଳାଇ ୱାର୍ଲଡ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି ୬ ବର୍ଷୀୟ ରିୟାନ କୁମାର। ଚେନ୍ନାଇରେ ରହୁଥିବା ରିୟାନ ଲଗାତର ୫ ଘଣ୍ଟା ୧୭ ମିନିଟ୍ ୬ ସେକେଣ୍ଡରେ ୧୦୮.୦୯ କିଲୋମିଟର ଅତିକ୍ରମ କରିଛନ୍ତି। ଏପରି ରେକର୍ଡ କରିବାରେ ରିୟାନ ସର୍ବକନିଷ୍ଠ। ରିୟାନଙ୍କ ବାପା ଓ ମାଆ ଉଭୟ ଭାରତୀୟ ନୌସେନାରେ ଚାକିରି କରିଛନ୍ତି। ସାଇକେଲ ଚଳାଇବା ପାଇଁ



ରିୟାନଙ୍କର ଛୋଟବେଳରୁ ପ୍ରବଳ ଆକର୍ଷଣ ଥିଲା। ସେଥିପାଇଁ ସେ ସାଇକେଲ୍ ଚଳାଇବା ଅଭ୍ୟାସ ଜାରି ରଖିଥିଲେ। ରିୟାନଙ୍କର ସାଇକେଲ ଚଳାଇବା ସଉକ ଦେଖି ତାଙ୍କ ମାଆ ତାଙ୍କୁ ଉତ୍ସାହିତ କରୁଥିଲେ ବୋଲି ସେ କହିଛନ୍ତି। ଫ୍ରାନ୍ସରେ ହେଉଥିବା ବାର୍ଷିକ ସାଇକେଲ ରେସ୍‌ରେ ଭାଗନେବାକୁ ସେ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ତଦେଜ୍ ପେଗାକର, ଜୁଲିୟନ୍ ଅଲାଫିଲିପ୍ ଏବଂ ମାର୍କ କୈବୋଡିସ୍‌ଙ୍କ ଭଳି ପ୍ରତିଷ୍ଠିତ ସାଇକେଲ୍ ଚାଳକଙ୍କୁ ସେ ଅନୁସରଣ କରନ୍ତି ବୋଲି ରିୟାନ୍ କହିଛନ୍ତି।

# ଆଇଏସ୍‌ଆଇ ନଜରରେ ଅସ୍ତ୍ର ଯୋଗାଣ ଶୃଙ୍ଖଳ

**ନୂଆଦିଲ୍ଲୀ/କାବୁଲ:** ଦୀର୍ଘ ଦୁଇ ଦଶନ୍ଧି ପରେ ଆଫ୍‌ଗାନିସ୍ତାନ ମାଟିରୁ ବିଦାୟ ନେଇଛି ଆମେରିକା। ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ଆରମ୍ଭ ହୋଇଥିବା ଅଭିଯାନର ପରିସମାପ୍ତି ତ ଘଟିଲାନି, ଓଲଟି ସାଢ଼େ ୩ କୋଟିରୁ ଊର୍ଦ୍ଧ୍ୱ ଆଫ୍‌ଗାନ ନାଗରିକଙ୍କ ଭବିଷ୍ୟତ ଚାଲିଗଲା ଅନ୍ଧକାର ମଧ୍ୟକୁ। କେବଳ ଏତିକି ନୁହେଁ, ଆଫଗାନିସ୍ତାନରେ ଗଣତନ୍ତ୍ରର ସ୍ୱପ୍ନ ଦେଖୁଥିବା ଭାରତ ଭଳି ଅନେକ ଦେଶକୁ ଲାଗିଲା ଶକ୍ତ ଆଘାତ। ଇତିମଧ୍ୟରେ ଆଫଗାନିସ୍ତାନ ଜାତୀୟ ସୁରକ୍ଷା ନିର୍ଦ୍ଦେଶାଳୟ (ଏନ୍‌ଡିଏସ୍)ର ଜଣେ ଶୀର୍ଷସ୍ତରୀୟ ଅଧିକାରୀ ଯେଉଁ ତଥ୍ୟ ଦେଇଛନ୍ତି, ତାହା ଭାରତୀୟ ସୁରକ୍ଷା ବ୍ୟବସ୍ଥା ପାଇଁ ଚିନ୍ତାଜନକ ହୋଇଛି। ଏକ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ପାକିସ୍ତାନର ଗୋଇନ୍ଦା ଏଜେନ୍ସି ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଆତଙ୍କବାଦୀଙ୍କୁ ତାଲିମ ଦେଉଛି। ଏପଟେ



ନିଜର ଛବି ସୁଧାରିବାକୁ ବିଶ୍ୱ ସମ୍ମୁଖରେ ତାଲିବାନ ଗୋଷ୍ଠୀ ବିଭ୍ରାନ୍ତିକର ତଥ୍ୟ ଦେବାରେ ଲାଗି ପଡ଼ିଛନ୍ତି। ଆଗାମୀ ଦିନରେ ସେମାନେ ନିଜର ପ୍ରକୃତ ରୂପ ଦେଖାଇବେ। ଆଇଏସ୍‌ଆଇ ସହାୟତାରେ ନିଜର ମନୋଭାବକୁ ପରିବ୍ୟାପ୍ତ କରିବାକୁ ସେମାନେ ସୁଯୋଗ ଖୋଜୁଛନ୍ତି। କେବଳ ଭାରତ ନୁହେଁ, ମଧ୍ୟପ୍ରାଚ୍ୟ, ଦକ୍ଷିଣ ଏସିଆ, ୟୁରୋପୀୟ ରାଷ୍ଟ୍ର ମଧ୍ୟ ଏଥିରେ ପ୍ରଭାବିତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଇଣ୍ଡିଆନ ମିଲିଟାରି ଏକାଡେମୀରେ ପ୍ରଶିକ୍ଷଣ ନେଇଥିବା ଆଫ୍‌ଗାନ ସୈନିକଙ୍କୁ ମଧ୍ୟ ସେମାନେ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି।

କାବୁଲ ଦଖଲ ପରେ ତାଲିବାନ୍ ଆତଙ୍କାବାଦୀ ଗୋଷ୍ଠୀ ସଡ଼କରେ ଚେକ୍‌ପୋଷ୍ଟ ଲଗାଇଛି। ଏନ୍‌ଡିଏସ୍‌ର ସମସ୍ତ ଯାନବାହନ, ଅଧିକାରୀଙ୍କୁ ଯାଞ୍ଚ କରାଯାଉଛି। ଆଇଏସ୍‌ଆଇ ଏବଂ ତାଲିବାନ ନଜରରୁ ଜୀବନ ବଞ୍ଚାଇ ମରୁଭୂମି ରାସ୍ତାରେ ଇରାନ୍ ପଳାୟନ କରୁଥିବା ସୈନିକ ଏବଂ ସେମାନଙ୍କ ପରିବାରକୁ ଅଟକ ରଖାଯାଉଛି। ତାଲିବାନ ନିଜ ବିରୋଧୀଙ୍କ ଏକ ହିଟ୍ ଲିଷ୍ଟ ପ୍ରସ୍ତୁତ କରିଛି। ଆମେରିକାର ସହଯୋଗୀ ଅଧିକାରୀ, ସାଧାରଣ ଲୋକ ଏହି ତାଲିକାରେ ରହିଛନ୍ତି। ତାଲିକାଭୁକ୍ତମାନେ ଆତ୍ମସମର୍ପଣ ନ କଲେ ସେମାନଙ୍କ ପରିବାରକୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଉଛି। ଆମେରିକା ଏବଂ ନାଟୋ ସେନାକୁ ସହଯୋଗ କରୁଥିବା ଆଫଗାନ୍‌ଙ୍କୁ ଘରେ ଘରେ ଆତଙ୍କବାଦୀ ଖୋଜୁଛନ୍ତି। ଅସ୍ତ୍ରଶସ୍ତ୍ର ଯୋଗାଣ ଶୃଙ୍ଖଳ ସମ୍ପର୍କରେ ସୂଚନା ମିଳିବା ପରେ ଆଇଏସ୍‌ଆଇ ସହାୟତାରେ ତାଲିବାନ୍ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ନେଇପାରେ। ତେଣୁ ଆଫ୍‌ଗାନିସ୍ତାନର ସହଯୋଗୀ ରାଷ୍ଟ୍ର ସମୂହ ସଜାଗ ରହିବା ଉଚିତ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।

# ଜଣେ ଝିଅ ପାଇଁ ମାଡ଼ ଖାଇଥିଲେ




**ମୁମ୍ବାଇ:** ଅଭିନେତା ରାଜକୁମାର ରାଓ ବଲିଉଡର ଜଣେ ଜଣାଶୁଣା ଚେହେରା। ସେ ୩୧ ଅଗଷ୍ଟ ୧୯୮୪ରେ ହରିୟାଣାର ଗୁରୁଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ରାଗିଣୀ ଏମ୍‌ଏମ୍‌ଏସ୍, ଶୈତାନ, କାଇ ପୋ ଚେ, ଶାହିଦ ଭଳି ଚଳଚ୍ଚିତ୍ର ସହିତ ବଲିଉଡରେ ନିଜର ଏକ ପରିଚୟ ସୃଷ୍ଟି କରିଛନ୍ତି। ପିଲାଦିନରୁ ରାଜକୁମାର ରାଓ ଅଭିନୟ ପ୍ରତି ଆଗ୍ରହୀ ଥିଲେ। ରାଜକୁମାର କଲେଜରେ ପଢୁଥିବାବେଳେ ଏକ ରୋଚକ ଘଟଣା ଘଟିଥିଲା। ସେ ଏମିତି ଜଣେ ଝିଅକୁ ଭଲ ପାଇ ବସିଥିଲେ, ଯାହାର ପୂର୍ବରୁ ପ୍ରେମିକ ଥିଲେ। ଏହି କାରଣରୁ ଦିନେ ତାଙ୍କୁ କଲେଜରେ ୨୫ ପୁଅ ଏକାଠି ହୋଇ ପିଟିଥିଲେ। ସେତେବେଳେ ବି ଅଭିନୟର ନିଶା ତାଙ୍କ ଠାରେ ଏମିତି ଥିଲା ସେ କହିଥିଲେ, ମୋ ମୁହଁକୁ ମାରିବ ନାହିଁ, ମୋତେ ଅଭିନେତା ହେବାର ଅଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open 2021-22 Session
B.SC NURSING
Approved by Govt. of Odisha & affiliated to Utkal University
ADMISSION ELIGIBILITY
+2 Science Pass
45% of mark in PCB for Gen. Category
40% of mark in PCB for SC & ST Category
SRI BALADEVJEW COLLEGE OF NURSING
Email : srigurudevtrust2020@gmail.com
Kajala, Kendrapara
7008513605, 9439927471

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨0000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ ୨୨୨/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476
9953557897


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱନିର୍ମଳା ମହାନ୍ତି
LB-328, Baragada Brit Colony, Bhubaneswar
ଆବିର୍ଭାବ: ୨୦।୦୭।୧୯୩୭, ତିରୋଧାନ: ୨୨।୦୮।୨୦୨୧
ଅନିର୍ଦ୍ଦିଷ୍ଟ ଜୀବନର ଦୂରତ୍ୱ ଯେ ବିଧାତାର ଇଚ୍ଛାରେ ବିଧି ନିର୍ଦ୍ଦିଷ୍ଟ ଥିଲା। ଏକ ସୁଖ ଆଉ ଦୁଃଖର ସମୟ ସାଥୀରେ ସଂସାର ତରୀକୁ ତୁମେ ଚଳାଇ ନେଉଥିଲ। ହଠାତ୍ ଈଶ୍ୱର ତୁମକୁ ଆମ ପାଖରୁ ଛଡ଼ାଇ ନେଇଯିବେ, ଏହା ଆମ ଆଶାର ବାହାରେ ଥିଲା, ବୋଧେ ତୁମେ ପୁଣ୍ୟାତ୍ମା ଥିଲ । ହେ ପୁଣ୍ୟାତ୍ମା! ଆଜି ତୁମେ କାହିଁ କେତେ ଯୋଜନ ଦୂରରେ, ତୁମ ମହାପ୍ରୟାଣର ଆଜି ଏକାଦଶ ଦିବସ। ତୁମେ ଏବଂ ତୁମ ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ଲାଗି ଏକ ପ୍ରେରଣାର ଉତ୍ସ ହୋଇ ରହିବ। ତୁମ ସ୍ମୃତିଚାରଣ ଛଡ଼ା ଆଉ କିଛି ଉପାୟ ନାହିଁ ଆମ ପାଖରେ। ପ୍ରାର୍ଥନା ତୁମ ଅମର ଆତ୍ମାର ସଦ୍‌ଗତି ପ୍ରାପ୍ତ ହେଉ। ଶୋକସନ୍ତପ୍ତ: ସ୍ୱାମୀ: ଅଲେଖ ଚନ୍ଦ୍ର ମହାନ୍ତି, ପୁତ୍ର: ନିଲୁ, ଇଲୁ, ବୋହୂ: ବିଜୁ, ରିନି, ଝିଅ: ମାମି, ମାନସୀ, ମିତସୀ, ଜ୍ୱାଇଁ: ବୁଲୁ, ସଞ୍ଜୁ, ଜ୍ୟୋତି, ନାତି: ପିନ୍ଟୁ, ସାନ୍ଟୁ, ସୋମ୍, ଓମ୍, ନାତୁଣୀ: ମାମାଲି, ପୁପୁଲି, ଗୁଡେଇ, ସୌମ୍ୟା, ଶ୍ରେୟା, ଗେଲି ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୨୧୪୮୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱଅର୍ଜୁନ ଚରଣ ଚୌଧୁରୀ
ସ୍ଥାନ: ଡଗରା ସାହି, ଚରମ୍ପା, ଭଦ୍ରକ
ଆବିର୍ଭାବ: ୧୨।୦୨।୧୯୫୦
ତିରୋଧାନ:୦୧।୦୯।୨୦୨୦
ଚାହୁଁ ଚାହୁଁ ବର୍ଷଟିଏ ହୋଇଗଲା। ହଠାତ୍ ତୁମର ଆକସ୍ମିକ ବିୟୋଗର ଅନୁପସ୍ଥିତି ଆମକୁ ବିବ୍ରତ କରୁଛି। ତୁମର ସେ ଅନାବିଳ ସ୍ନେହ, ଶ୍ରଦ୍ଧା ଆଉ ମଜାଳିଆ କଥା ଏବଂ ପରୋପକାରିତା ଏବେବି ଆମ ମାନସପଟରେ ପ୍ରତିଧ୍ୱନିତ କରୁଛି। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବରେ ତୁମେ ସର୍ବଦା ସମ୍ମାନନୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
:ଶୋକସନ୍ତପ୍ତ:
ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୨୧୫୦୬



ଟୋକିଓ ପାରାଲିମ୍ପିକ୍ସ ହାଇଜମ୍ପ ଟି୬୩ ଫାଇନାଲରେ ଭାଗ ନେବା ଅବସରରେ ଭାରତର ବରୁଣ ସିଂ ଭଟି।

# ସୁଯୋଗ ପାଇଲେ ଆଫଗାନିସ୍ତାନର ରାସୋଲି

ଟୋକିଓ, ୩୧।୮ (ଏପି)




ଆଫଗାନିସ୍ତାନ ଆଥ୍‌ଲେଟ ହୋସେନ ରାସୋଲି ଶେଷରେ ପାରାଲିମ୍ପିକ୍ସରେ ଅଂଶଗ୍ରହଣ ସୁଯୋଗ ପାଇଲେ। ରାସୋଲି ଓ ତାଙ୍କ ଟିମ୍‌ମେଟ ଜାକିଆ ଖୁଦାଦାଦି କାବୁଲରୁ ଆସି ଶନିବାର ଟୋକିଓରେ ପହଞ୍ଚିଲେ। ସେମାନେ ଏକ ସପ୍ତାହ ବିଳମ୍ବରେ ଆସିଥିଲେ। ସୁରକ୍ଷା ଦୃଷ୍ଟିରୁ ପାରାଲିମ୍ପିକ୍ସରେ ସେମାନଙ୍କ ରହଣିରେ ଗୋପନୀୟତା ରକ୍ଷା କରାଯାଇଥିଲା। ଇଭେଣ୍ଟ ଆରମ୍ଭ ପୂର୍ବରୁ ଅବା ପରେ ତାଙ୍କୁ ଗଣମାଧ୍ୟମରୁ ଦୂରେଇ ରଖାଯାଇଥିଲା। ହୋସେନ ପ୍ରକୃତରେ ହେଉଛନ୍ତି ଜଣେ ସ୍ପ୍ରିଣ୍ଟର। ବିଳମ୍ବରେ ପହଞ୍ଚିବାରୁ ସେ ଏହି ଇଭେଣ୍ଟରେ ଭାଗ ନେଇପାରିଲେ ନାହିଁ। ତେଣୁ ସେ ଲଙ୍ଗଜମ୍ପ ଟି୪୭ କ୍ଲାସ୍‌ରେ ଚେଷ୍ଟା କରିଥିଲେ। ଚଳିତ ଗେମ୍ସରେ ତାଙ୍କର ଏହା ଥିଲା ଏକମାତ୍ର ଇଭେଣ୍ଟ। ୧୩ ଜଣଙ୍କୁ ନେଇ ଏହି ପ୍ରତିଯୋଗିତାରେ ସେ ୪.୪୬ ମିଟର ଜମ୍ପ କରି ଅନ୍ତିମ ସ୍ଥାନରେ ରହିଥିଲେ। କ୍ୟୁବାର ରୋବିଲ୍ ୟାନକିଲ୍ ସୋଲ୍ ସେର୍‌ଭାଣ୍ଟିସ୍ (୭.୪୬ ମିଟର) ଇଭେଣ୍ଟ ଜିତିଥିଲେ। ଅନ୍ତର୍ଜାତୀୟ ପାରାଲିମ୍ପିକ୍ କମିଟି ମୁଖପାତ୍ର କ୍ରେଗ୍ ସ୍ପେନ୍ସ କହିଛନ୍ତି, ସୋମବାର ସେ ରାସୋଲିଙ୍କୁ ଭେଟିଥିଲେ। ତେବେ ତାଙ୍କ ସହ ସେ ବିଶେଷ କଥା ହୋଇ ନ ଥିବା ପ୍ରକାଶ କରିଥିଲେ। ରାସୋଲି ପୂର୍ବରୁ ଲଙ୍ଗଜମ୍ପ କରିଥିଲେ। ମାତ୍ର କୌଣସି ପ୍ରମୁଖ ପ୍ରତିଯୋଗିତାରେ ସେ ପ୍ରଥମ ଥର ଭାଗନେବା ଏହା ପ୍ରଥମ। ଅନ୍ୟପକ୍ଷରେ ଖୁଦାଦାଦି ୨୦୦୪ ପରଠାରୁ ପାରାଲିମ୍ପିକ୍ସରେ ଭାଗ ନେବାରେ ପ୍ରଥମ ମହିଳା ଆଥ୍‌ଲେଟ। ଗୁରୁବାର ସେ ମହିଳା ଟାଏକୋଣ୍ଡାରେ ୪୪-୪୯ କିଲୋଗ୍ରାମ୍ ଓଜନ କାଟେଗୋରିରେ ଚ୍ୟାଲେଞ୍ଜ କରିବେ। ଅନ୍ତର୍ଜାତୀୟ ପାରାଲିମ୍ପିକ କମିଟି (ଆଇପିସି) ସଭାପତି ଆଣ୍ଡ୍ର୍ୟୁ ପାର୍ସନ୍ସ ଗତ ରବିବାର ଟୋକିଓସ୍ଥିତ ପାରାଲିମ୍ପିକ୍ସ ଭିଲେଜରେ ଆଫଗାନ ଆଥ୍‌ଲେଟ ଦ୍ୱୟଙ୍କୁ ଭେଟିଥିଲେ।

# ଭାରତୀୟ ମହିଳା ଦଳ କ୍ୱାର୍ଟରରେ ହାରିଲା

ଟୋକିଓ,୩୧।୮

ଟୋକିଓ ପାରାଲିମ୍ପିକ୍ସରେ ଭାରତୀୟ ମହିଳା ଟେବୁଲ ଟେନିସ (ଟିଟି) ଦଳ କ୍ୱାର୍ଟର ଫାଇନାଲରେ ଚାଇନାଠାରୁ ପରାସ୍ତ ହୋଇ ବିଦାୟ ନେଇଛି। ଚାଇନା ୦-୨ରେ ଭାରତକୁ ହରାଇ ସେମିରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ଲାସ୍ ୪-୫ କ୍ୱାର୍ଟର ଫାଇନାଲରେ ଭାରତୀୟ ଦଳର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା।

ଭାରତୀୟ ଦଳରେ ଭାବିନା ପଟେଲ ମଧ୍ୟ ସାମିଲ ରହିଥିଲେ। ରବିବାର ଭାବିନା ସିଙ୍ଗଲ୍ସ ଇଭେଣ୍ଟରେ ଐତିହାସିକ ରୌପ୍ୟ ପଦକ ହାସଲ କରିଥିଲେ। ସେ ଟିଟି ଫାଇନାଲରେ ଚାଇନାର ୟିଙ୍ଗ୍ ଝୌଉଙ୍କଠାରୁ ୦-୩ରେ ପରାସ୍ତ ହୋଇ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଥିଲେ। ଡବଲ୍ସରେ ଭାରତର ସୋନାଲ ପଟେଲ ଓ ଭାବିନା ଚାଇନାର ୟିଙ୍ଗ୍ ଓ ଝାଙ୍ଗ ବିୟାନଙ୍କଠାରୁ ସିଧାସଳଖ ଗେମ୍‌ରେ ୨-୧୧, ୪-୧୧, ୨-୧୧ରେ ମାତ୍ର ୧୩ ମିନିଟ୍‌ରେ ପରାସ୍ତ ହୋଇଥିଲେ।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ୧. ଚାଇନା | ୬୨ | ୩୮ | ୩୨ | ୧୩୨ |
| ୨. ଗ୍ରେଟ୍ ବ୍ରିଟେନ | ୨୯ | ୨୩ | ୨୮ | ୮୦ |
| ୩.ଆର୍‌ପିସି | ୨୫ | ୧୬ | ୩୩ | ୭୪ |
| ୪.ୟୁଏସ୍‌ଏ | ୨୪ | ୨୩ | ୧୫ | ୬୩ |
| ୫.ୟୁକ୍ରେନ୍ | ୧୫ | ୩୩ | ୧୯ | ୬୭ |
| ୬.ବ୍ରାଜିଲ | ୧୪ | ୧୧ | ୧୭ | ୪୨ |
| ୭.ନେଦରଲାଣ୍ଡ୍ସ | ୧୪ | ୯ | ୯ | ୩୨ |
| ୮. ଅଷ୍ଟ୍ରେଲିଆ | ୧୩ | ୨୧ | ୨୦ | ୫୪ |
| ୯.ଇଟାଲୀ | ୧୧ | ୧୮ | ୧୪ | ୪୩ |
| ୩୦. ଭାରତ | ୨ | ୫ | ୩ | ୧୦ |

# ନିରାଶ କଲେ ରୁବିନା

**ଟୋକିଓ,୩୧।୮:** ଭାରତୀୟ ଶୁଟର ଦିପେନ୍ଦର ସିଂ ଦଶମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ସେହିପରି ମହିଳା ଶୁଟର ରୁବିନା ଫ୍ରାନ୍ସିସ୍ ୧୦ ମିଟର ଏୟାର ପିସ୍ତଲ ଏସ୍‌ଏଚ୍‌ଆଇ ଫାଇନାଲରେ ସପ୍ତମ ସ୍ଥାନରେ ରହିଯାଇଛନ୍ତି। ଆକାଶ ଶୁଟିଂ ରେଞ୍ଜରେ ରୁବିନା ୧୨୮.୧ ପଏଣ୍ଟ ସ୍କୋର କରି ଏଲିମିନେଟ ହୋଇଥିଲେ। ଦମ୍‌ଦାର ପ୍ରଦର୍ଶନ କରି ସେ ଫାଇନାଲରେ ପ୍ରବେଶ କରିଥିଲେ ଓ ପଦକ ହାସଲ କରିବେ ବୋଲି ଆଶା କରାଯାଉଥିଲା। କ୍ୱାଲିଫିକେଶନ ରାଉଣ୍ଡରେ ୫୬୦ ଅଙ୍କ ସ୍କୋର କରିଥିଲେ। ସେ ଫାଇନାଲରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲା। ଫାଇନାଲ ପୂର୍ବରୁ ଏଲିମିନେଶନ ରାଉଣ୍ଡରେ ସେ ୧୧୦.୫ ଅଙ୍କ ସ୍କୋର କରି ଷଷ୍ଠ ସ୍ଥାନରେ ରହିଥିଲେ।




ପୁରୁଷ ବ୍ୟକ୍ତିଗତ କମ୍ପାଉଣ୍ଡ ଓପନ ଏଲିମିନେଶନରେ ଅଂଶଗ୍ରହଣ ଅବସରରେ ଯୁକ୍ତରାଷ୍ଟ୍ର ଆମେରିକାର ମ୍ୟାଟ୍ ଷ୍ଟୁଜମ୍ୟାନ।

# ମାରିୟାପ୍ପାନଙ୍କୁ ରୌପ୍ୟ, ଶରଦଙ୍କୁ ବ୍ରୋଞ୍ଜ

ଟୋକିଓ,୩୧।୮

ଟୋକିଓ ପାରାଲିମ୍ପିକ୍ସରେ ମଙ୍ଗଳବାର ଭାରତକୁ ହାଇଜମ୍ପରେ ୨ଟି ପଦକ ମିଳିଛି। ହାଇଜମ୍ପ ଟି୪୨ ଇଭେଣ୍ଟରେ ଅଭିଜ୍ଞ ମାରିୟାପ୍ପାନ ଥଙ୍ଗାଭେଲୁ ରୌପ୍ୟ ପଦକ ହାସଲ କରିଥିବା ବେଳେ ଶରଦ କୁମାର ବ୍ରୋଞ୍ଜ ଜିତିଛନ୍ତି। ଫଳରେ ଭାରତର ପଦକ ସଂଖ୍ୟା ପ୍ରଥମଥର ପାଇଁ ଦୁଇଅଙ୍କ ସ୍ପର୍ଶ କରିଛି। ଭାରତ ଏ ପର୍ଯ୍ୟନ୍ତ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ସହ ମୋଟ ୧୦ଟି ପଦକ ହାସଲ କରିଛି।

**ଟୋକିଓ ପାରାଲିମ୍ପିକ୍ସ**




ବାମରୁ ମାରିୟାପ୍ପାନ ଥଙ୍ଗାଭେଲୁ, ସାମ୍ ଗ୍ରେୱେ ଓ ଶରଦ କୁମାର।

ମାରିୟାପ୍ପାନ ୧.୮୬ ମିଟର ଉଚ୍ଚତା ଡେଇଁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଥିବା ବେଳେ ଆମେରିକାର ସାମ୍ ଗ୍ରେୱେ ୧.୮୮ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟତମ ଭାରତୀୟ ହାଇଜମ୍ପର ଶରଦ କୁମାର ୧.୮୩ ମିଟର ଡେଇଁ ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଦୁଇଜଣ ଭାରତୀୟ ଏହି ଇଭେଣ୍ଟରେ ପୋଡିୟମ ଫିନିଶ କରି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ତେବେ ୨୦୧୬ ରିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଅନ୍ୟତମ ଭାରତୀୟ ହାଇଜମ୍ପର ବରୁଣ ସିଂ ଭଟ୍ଟି ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଫାଇନାଲ୍ସରେ ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରୁଣ ୧.୭୬ ମିଟର ଡେଇଁବାରେ ବିଫଳ ହୋଇଥିଲେ।

ଯେଉଁମାନଙ୍କର ଗୋଡ଼ରେ ସମସ୍ୟା ଥିବ ସେହି ଆଥ୍‌ଲେଟମାନେ ଟି୪୨ ଇଭେଣ୍ଟରେ ଭାଗ ନେଇଥାନ୍ତି। ଦୁଇ ଗୋଡ଼ ଲମ୍ବରେ ଅସମାନତା, ମାଂସପେଶୀରେ ଦୁର୍ବଳତା, ଗୋଡରେ ଅକ୍ଷମତା ଥିବା ଆଥଲେଟମାନେ ଏହି ଇଭେଣ୍ଟରେ ଭାଗ ନେଇଥାନ୍ତି। ଷ୍ଟାଣ୍ଡିଂ ପୋଜିଶନରେ ଆଥ୍‌ଲେଟମାନେ ଏହି ଇଭେଣ୍ଟରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥାନ୍ତି।

୫ ବର୍ଷ ତଳେ ତାମିଲନାଡୁର ଏହି ୨୬ ବର୍ଷୀୟ ଆଥ୍‌ଲେଟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମାରିୟାପ୍ପାନ ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଫଳରେ ସେ ଏହି ପାରାଲିମ୍ପିକ୍ସରେ ପଦକ ହାସଲ କରିବା ନିଶ୍ଚିତ ମନେହେଉଥିଲା। ସେ ମଧ୍ୟ ଏହି ଆଶା ପୂରଣ କରିଛନ୍ତି। କିନ୍ତୁ ଏଥର ତାଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡିଛି। ମାରିୟାପ୍ପାନଙ୍କୁ ୫ ବର୍ଷ ହୋଇଥିବା ବେଳେ ଏକ ବସ୍ ତଳେ ଚାପି ହୋଇଯାଇଥିଲେ। ଫଳରେ ତାଙ୍କର ଡାହାଣ ଗୋଡ ସବୁଦିନ ପାଇଁ ଅକ୍ଷମ ହୋଇଯାଇଥିଲା। ପିତା ତାଙ୍କ ପରିବାରକୁ ତ୍ୟାଗ କରିଥିଲେ। ଫଳରେ ମା' ତାଙ୍କୁ ପାଳିପୋଷି ବଡ଼ କରିଥିଲେ। ମା' ତାଙ୍କର ଦିନମଜୁରିଆ ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଏକ ପରିବା ଦୋକାନ କରିଥିଲେ। ଅଭାବ ଅନଟନରେ ମାରିୟାପ୍ପାନ ସଂଘର୍ଷ କରି ଆସିଥିଲେ। ସେହିପରି ବ୍ରୋଞ୍ଜ ପଦକ ହାସଲ କରିଥିବା ଶରଦ ବିହାରର ପାଟଣାରୁ ଆସିଛନ୍ତି। ତାଙ୍କୁ ଦୁଇ ବର୍ଷ ହୋଇଥିବା ବେଳେ ତାଙ୍କ ବାମ ଗୋଡ ପାରାଲିସିସ୍‌ର ଶିକାର ହୋଇଥିଲା। ପୋଲିଓ ଟିକା ନେବା ପରେ ସେ ଏହି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ସେ ଏହାପୂର୍ବରୁ ୨ଥର ଏସିଆନ ପାରା ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସୋମବାର ଭାରତ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସହ ୫ ପଦକ ହାସଲ କରିଥିଲା। ମଙ୍ଗଳବାର ଶଟ୍‌ପୁଟ, ତୀରନ୍ଦାଜୀରେ ଭାରତୀୟ ଆଥ୍‌ଲେଟମାନେ ନିରାଶ କରିଛନ୍ତି।

# ପଦାର୍ପଣରେ ବ୍ରୋଞ୍ଜ ଜିତିଲେ ସିଂହରାଜ

ଟୋକିଓ,୩୧।୮

ଟୋକିଓ ପାରାଲିମ୍ପିକ୍ସର ସପ୍ତମ ଦିବସରେ ଭାରତକୁ ଆଉ ଏକ ପଦକ ମିଳିଛି। ଶୁଟର ସିଂହରାଜ ଆଦାନା ମଙ୍ଗଳବାର ପି୧ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଏସ୍‌ଏଚ୍‌ଆଇ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମାତ୍ର ୪ ବର୍ଷ ତଳେ ଆଦାନା ଶୁଟିଂରେ ପ୍ରବେଶ କରିଥିଲେ।

୩୯ ବର୍ଷୀୟ ଆଦାନା ପୋଲିଓରେ ଆକ୍ରାନ୍ତ ହୋଇ ଦିବ୍ୟାଙ୍ଗ ବନିଯାଇଥିଲେ। ଟୋକିଓରେ ସେ ପାରାଲିମ୍ପିକ୍ସରେ ପଦାର୍ପଣ କରିଥିଲେ। ସେ ମୋଟ ଉପରେ ୨୧୬.୮ ପଏଣ୍ଟ ସ୍କୋର କରି ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଷଷ୍ଠ ଶ୍ରେଷ୍ଠ ଶୁଟର ଭାବେ ସେ ଅନ୍ୟ ୭ଜଣଙ୍କ ସହ ଫାଇନାଲରେ ପ୍ରବେଶ କରିଥିଲେ। ଏହି ଇଭେଣ୍ଟରେ ଚାଇନା ଶୁଟରଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା। ୨୩୭.୯ ସ୍କୋର କରି ରେକର୍ଡ କରିବା ସହ ଚାଇନାର ଚାଓ ୟଙ୍ଗ ସ୍ୱର୍ଣ୍ଣ ପଦକ ହାସ କରିଥିଲେ। ସେହିପରି ଅନ୍ୟତମ ଚାଇନା ଶୁଟର ହାଙ୍ଗ ଜିଙ୍ଗ୍ ୨୩୭.୫ ଅଙ୍କ ହାସଲ କରି ଏହି ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି।

ତେବେ କ୍ୱାଲିଫିକେଶନ ରାଉଣ୍ଡରେ ୫୭୫ ସ୍କୋର କରି ଶୀର୍ଷରେ ରହିଥିବା ମନୀଷ ନରୱାଲ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ତେଣୁ ଏହା ଭାରତ ପାଇଁ ଏକ ବଡ଼ ଝଟକା ବୋଲି ବିବେଚନା କରାଯାଉଛି। ଶୁଟିଂରେ ଭାରତ ପାଇଁ ଆଦାନା ଦ୍ୱିତୀୟ ପଦକ ହାସଲ କରିଛନ୍ତି। ପୂର୍ବରୁ ସୋମବାର ଅବନୀ ଲେଖରା ମହିଳା ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଫାଇନାଲ୍ସ (ଏସ୍‌ଏଚ୍ ୧)ରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ।

ହରିୟାଣାର ବାହାଦୁରଗଡ଼ ଜିଲାରୁ ଆସିଥିବା ଆଦାନା ଫରିଦାବାଦର ସୈନିକ ସ୍କୁଲରେ ଚେୟାରମ୍ୟାନ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ଜେଜେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟିଶ ଇଣ୍ଡିଆନ ଆର୍ମିରେ କାର୍ଯ୍ୟ କରିଥିଲେ। ୧୯ତମ ଶଟ୍‌ରେ ଭଲ ପ୍ରଦର୍ଶନ ନ କରିପାରିବାରୁ ସେ ପଦକରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ସେ ପ୍ରତ୍ୟାବର୍ତ୍ତନ କରି ୨୦ତମ ଶଟ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ଏହାପୂର୍ବରୁ ଆଦାନା ୟୁଏଇର ଅଲ ଅଇନ୍‌ରେ ଅନୁଷ୍ଠିତ ୨୦୨୧ ପାରା ସ୍ପୋର୍ଟ୍ସ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ୨୦୧୬ ରିଓ ପାରାଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ସର୍ଭର ଇବ୍ରାଗିମୋଭଙ୍କୁ ୨.୮ ପଏଣ୍ଟରେ ପଛରେ ପକାଇ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଯେଉଁ ଶୁଟରଙ୍କ ଗୋଟିଏ ହାତ କିମ୍ବା ଗୋଡ ଅକ୍ଷମ ହୋଇଥିବ ସେମାନେ ଏସ୍‌ଏଚ୍ ବର୍ଗରେ ଗୋଟିଏ ହାତରେ ପିସ୍ତଲ ଧରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥାନ୍ତି। ସେହିପରି ମେରୁଦଣ୍ଡରେ ସମସ୍ୟା କାରଣରୁ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥାନ୍ତି। ନୂଆ ନିୟମ ଅନୁସାରେ କେତେକ ପ୍ରତିଯୋଗୀ ଠିଆ ହୋଇ ଓ ଆଉ କେତେକ ବସିରହି ପ୍ରତିଯୋଗିତାରେ ଭାଗ ନେଇଥାନ୍ତି।



ବ୍ରୋଞ୍ଜ ପଦକ ସହ ସିଂହରାଜ ଆଦାନା।

# ଘରେ ଶୁଟିଂ ରେଞ୍ଜ ନିର୍ମାଣ କରିଥିଲେ

**ଟୋକିଓ, ୩୧।୮:** ଟୋକିଓ ପାରାଲିମ୍ପିକ୍ସରେ ଶୁଟିଂରେ ମଙ୍ଗଳବାର ଭାରତ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଥିବା ସିଂହରାଜ ଆଦାନାଙ୍କ ସଂଘର୍ଷର କାହାଣୀ ମଧ୍ୟ କମ୍ ରୋଚକ ନୁହେଁ। ପାରାଲିମ୍ପିକ୍ସ ପୂର୍ବରୁ ସେ ଅଭ୍ୟାସ ତଥା ଟ୍ରେନିଂ ପାଇଁ ନିଜ ଘରେ ଏକ ଶୁଟିଂ ରେଞ୍ଜ ନିର୍ମାଣ କରିଥିଲେ। କୋଭିଡ୍-୧୯ ପାଇଁ ବିଭିନ୍ନ କଟକଣା ଜାରି ହୋଇଥିବାରୁ ସେ ଏଭଳି ପ୍ରୟାସ କରିଥିଲେ।

ତାଙ୍କ ଶୁଟିଂର ସ୍ୱପ୍ନ ପୂରଣ କରିବାକୁ ସ୍ତ୍ରୀ ନିଜର ସୁନାଗହଣା ବିକ୍ରି କରିଥିଲେ। ତାଙ୍କ ମା' ମଧ୍ୟ ଏଭଳି ପଦକ୍ଷେପ ନେଇଥିଲେ। ସେ ଭଲଭାବେ ଜାଣିଥିଲେ ଯେ, ଏହା ଏକ ଗ୍ୟାମ୍ବଲ୍ ବା ଜୁଆ। କରୋନାଜନିତ ଲକ୍‌ଡାଉନ ଜାରିହେବା ଫଳରେ ସେ ଟ୍ରେନିଂ କରିପାରି ନ ଥିଲେ। ଫଳରେ ରାତିରେ ତାଙ୍କୁ ନିଦ ହୋଇ ନ ଥିଲା। ଯେହେତୁ ଟ୍ରେନିଂ କରିପାରି ନ ଥିଲି ମୋର ପାରାଲିମ୍ପିକ ପଦକ ଜିତିବା ଆଶା ଅଧୁରା ରହିଯିବ ବୋଲି ଆଶଙ୍କାରେ ରହିଥିଲି। ଏତିକି ବେଳେ ମୋ କୋଚ୍ ଘରେ ଏକ ଶୁଟିଂ ରେଞ୍ଜ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କଥା ଘର ଲୋକଙ୍କୁ କହିଥିଲି। ସେମାନେ ଏହା ଶୁଣି ସ୍ତବ୍ଧ ହୋଇଯାଇଥିଲେ। ଆମେ କେବଳ ଖାଇବାକୁ ସମର୍ଥ ଓ ଏସବୁ ପାଇଁ ବହୁତ ଅର୍ଥର ଆବଶ୍ୟକତା ରହିଛି ବୋଲି ମା' କହିଥିଲେ। ତେବେ ପରିବାର ଲୋକେ ସମର୍ଥନ କରିଥିଲେ। ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ), ଏନ୍‌ଆରଏଆଇ ଓ କୋଚ୍‌ଙ୍କ ସହାୟତାରେ ଘରେ ଶୁଟିଂ ରେଞ୍ଜ ନିର୍ମାଣ କରିଥିଲୁ। ତେବେ ଏହି ରେଞ୍ଜକୁ ଅନ୍ତର୍ଜାତୀୟସ୍ତରର କରିବାକୁ କୋଚ୍ ପରାମର୍ଶ ଦେଇଥିଲେ। କେବଳ ଟୋକିଓ ନୁହେଁ ପ୍ୟାରିସ୍ ଗେମ୍ସ ପାଇଁ ମଧ୍ୟ ଏହା କାମରେ ଆସିବ ବୋଲି ସେ କହିଥିଲେ। ଏହି ରେଞ୍ଜ ପାଇଁ ଆଜି ପାରାଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୧/୨୦୨୧ Sambalpur, Wednesday, September 1/ 2021

# ଖୋର୍ଦ୍ଧା, ସୁନ୍ଦରଗଡ଼, ରାଉରକେଲା, ଓଡ଼ିଶା ବ୍ଲୁ, ପିଙ୍କ୍ ବିଜୟୀ


ଆଦିତ୍ୟ କେ ବାସା


କେ.ଜି. କ୍ରିଷ୍ଣା


ସତ୍ୟଜିତ ସିଂଦେଓ


ବ୍ୟାସଦେବ ବେହେରା


ସିଦ୍ଧାନ୍ତ ଜେନା


ୱାଲ୍ଟର ଟପ୍ପୋ

**ଭୁବନେଶ୍ୱର,୩୧।୮**
**(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ ସୁପର ଲିଗ (ଟି୨୦ ଫର୍ମାଟ)ରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ଗୁଡିକରେ ଖୋର୍ଦ୍ଧା, ସୁନ୍ଦରଗଡ଼, ଓଡ଼ିଶା ବ୍ଲୁ, ରାଉରକେଲା, ଓଡ଼ିଶା ଭାଓଲେଟ ଓ ଓଡ଼ିଶା ପିଙ୍କ୍ ଦଳ ବିଜୟ ହାସଲ କରିଛନ୍ତି। ସନସାଇନ ଗ୍ରାଉଣ୍ଡରେ ଖୋର୍ଦ୍ଧା ୩୮ ରନରେ ଇକୋର୍ସାକୁ ହରାଇଛି। ଟସ୍ ହାରି ଖୋର୍ଦ୍ଧା ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସିଦ୍ଧାନ୍ତ କୁମାର ଜେନା ୬୧, ରଞ୍ଜିତ ପାଇକରାୟ ୫୪, ରାକେଶ ଶର୍ମା ୧୯ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଇକୋର୍ସା ତରଫରୁ ଅଙ୍କିତ ଯାଦବ ୨, ଲଗ୍ନଜିତ ସାମଲ ଓ ଜୟନ୍ତ ବେହେରା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଇକୋର୍ସା ୮ ଉଇକେଟ ହରାଇ ୧୨୪ ରନରେ ସୀମିତ ରହିବା ସହ ପରାସ୍ତ ହୋଇଥିଲା। ଦଳର ସୁଜିତ ଲେଙ୍କା ୩୭ ରନ କରିଥିବା ବେଳେ ଖୋର୍ଦ୍ଧାର ସୁମିତ ମହାରଣା ଓ ସୁଧକର ଜାନୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ୱାଲଟରଙ୍କ ଅଲରାଉଣ୍ଡ ପ୍ରଦର୍ଶନ**

ନିମପୁର ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୧୩ ରନରେ ଓଡ଼ିଶା ଗ୍ରୀନ୍‌କୁ ହରାଇଛି। ଟସ ହାରି ସୁନ୍ଦରଗଡ଼ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ୱାଲଟର ଟପ୍ପୋ ୬୭ ଓ ସଞ୍ଜୟ ଦାସ ୨୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ଗ୍ରୀନ୍ ତରଫରୁ ରଶ୍ମିରଞ୍ଜନ ସାହୁ ୩, ହର୍ଷିତ ରାଠୋର ୨, ଦେବବ୍ରତ ପ୍ରଧାନ ୨ ଉଇକେଟ ନେଇଥିଲେ। ଜବାବରେ ଗ୍ରୀନ୍ ୧୯.୨ ଓଭରରେ ୯୯ ରନରେ ଅଲଆଉଟ ହୋଇଥିଲା। ଦଳ ତରଫରୁ ଅଂଶୁମାନ ରଥ ୨୯, ପ୍ରତୀକ ଦାସ ୨୬, ରାକେଶ ବିଶ୍ୱାଳ ୧୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ସୁନ୍ଦରଗଡ଼ର ୱାଲଟର ସର୍ବାଧିକ ୪, ଅମିତ ଦାସ ଓ ସୌଭାଗ୍ୟ ରାଉତ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ଓଡ଼ିଶା ୟେଲୋ ହାରିଲା**

ରେଭେନ୍ସା ଗ୍ରାଉଣ୍ଡରେ ଓଡ଼ିଶା ବ୍ଲୁ ୬ ଉଇକେଟରେ ୟେଲୋକୁ ହରାଇଛି। ଟସ୍ ଜିତି ୟେଲୋ ପ୍ରଥମେ ବ୍ୟାଟିଂ କରି ୧୬.୪ ଓଭରରେ ୬୫ ରନରେ ଅଲ୍‌ଆଉଟ ହୋଇଥିଲା। ଆୟୁଷରାଜ ଚୌଧୁରୀ ୧୫, ସୌରଭ ସ୍ୱୟଂପ୍ରକାଶ ୧୨ ରନ କରିଥିବା ବେଳେ ବୋଲିଂରେ ବ୍ଲୁ ତରଫରୁ କେ.ଜି. କ୍ରିଷ୍ଣା ୪, ଲେଲିନ ବଳ ଓ ନିଲୁ ପ୍ରଧାନ ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ବ୍ଲୁ ୧୪.୧ ଓଭରରେ ୪ ଉଇକେଟ ହରାଇ ୬୬ ରନକରି ବିଜୟୀ ହୋଇଥିଲା। ସୁକେଶ ବେହେରା ୧୯, ସନ୍ଦୀପ ପଟ୍ଟନାୟକ ୧୬, ସୌରଭ ଗୌଡ଼ା ୧୫ ରନ ସଂଗ୍ରହ କରିଥିଲେ। ୟେଲୋର ନୀତୀଶ ନିରଞ୍ଜନ ସାମନ୍ତରାୟ ୪ ଉଇକେଟ ନେଇଥିଲେ।

## କଳାହାଣ୍ଡି କପ୍ କ୍ରିକେଟ

**ଝାରସୁଗୁଡ଼ା ୧ ରନରେ ପରାସ୍ତ**

ରେଭେନ୍ସା ଗ୍ରାଉଣ୍ଡ ୨ରେ ରାଉରକେଲା ୧ ରନରେ ଝାରସୁଗୁଡାକୁ ହରାଇଛି। ଟସ୍ ହାରି ରାଉରକେଲା ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା। ଦଳର ବ୍ୟାସଦେବ ବେହେରା ୫୫, ସ୍ୱସ୍ତିକ ସାମଲ ୫୦ ରନ କରିଥିବା ବେଳେ ଝାରସୁଗୁଡାର ଅଙ୍କିତକର ଜୟସ୍ୱାଲ ୨, ଗୋବିନ୍ଦ ତାଣ୍ଡିଆ ଓ ଅୟସକାନ୍ତ ସାହୁ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଝାରସୁଗୁଡା ୭ ଉଇକେଟ ହରାଇ ୧୫୪ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦଳ ତରଫରୁ ସାଗର ରାଉତ ୪୬, ପୁଷ୍କର ରାଜ ୨୩, ପ୍ରତୀକ ଯାଦବ ୨୩, ମହମ୍ମଦ କ୍ୟୁରେସି ୨୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଜୟସ୍ୱାଲ ୨, ତାଣ୍ଡିଆ ଓ ଅୟସକାନ୍ତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ଅଦିତ୍ୟଙ୍କୁ ୫ ଉଇକେଟ: କଟକ ଏ'ର ବୃହତ୍ ପରାଜୟ**

ବିଡ଼ାନାସୀ ଗ୍ରାଉଣ୍ଡରେ ଓଡ଼ିଶା ଭାଓଲେଟ ୧୪୪ ରନରେ କଟକ ଏ'କୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଭାଓଲେଟ ୫ ଉଇକେଟ ହରାଇ ୨୧୪ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଆଦିତ୍ୟ ରାଉତ ୮୭, ସର୍ବେଶ୍ୱର ମହାନ୍ତ ୬୨, ଶାନ୍ତନୁ ମିଶ୍ର ୪୫ ରନ କରିଥିବା ବେଳେ କଟକ ତରଫରୁ ଅଭିଷେକ ରାଉତ ୨, ଜାମଳା ମହାପାତ୍ର ଓ ଶିବାଶିଷ ସାହୁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଜବାବରେ କଟକ ଏ' ୧୫.୫ ଓଭରରେ ମାତ୍ର ୭୦ ରନକରି ଅଲ୍‌ଆଉଟ ହୋଇଥିଲା। ଆଦିତ୍ୟ କେ. ବାସା ୫, ପପୁ ରାଏ ୨, ଶାନ୍ତନୁ ଗୋଟିଏ ଉଇକେଟ ନେଇଥିଲେ।

**ଓଡ଼ିଶା ରେଡ ପରାସ୍ତ**

ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ଓଡ଼ିଶା ରେଡ୍ ୧୭ ରନରେ ପିଙ୍କ୍‌ଠାରୁ ହାରିଛି। ଟସ୍ ଜିତି ପିଙ୍କ୍ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ବିଶ୍ୱଭୂଷଣ ବିହାରି ୪୯, ଅବିନାଶ ନାୟକ ୨୨ ରନକରି ଆଉଟ ହୋଇଥିବା ବେଳେ ପିଙ୍କ୍ ତରଫରୁ ଧୀରଜ ସିଂ ୩, ବିକାଶ ରାଉତ ୨ ଉଇକେଟ ନେଇଥିଲେ। ଜବାବରେ ରେଡ୍ ୮ ଉଇକେଟ ହରାଇ ୧୧୧ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦଳ ତରଫରୁ ଅନୁରାଗ ଷଡଙ୍ଗୀ ୩୪, ବିକାଶ ରାଉତ ୨୩ ରନ କରିଥିବା ବେଳେ ବୋଲିଂରେ ପିଙ୍କ୍ ତରଫରୁ ସତ୍ୟଜିତ ସିଂଦେଓ ଓ ନୌତମ ଭଞ୍ଜ ୩ଟି ଲେଖାଏ ଉଇକେଟ ନେଇଥିଲେ।

# ଡେଲ୍ ଷ୍ଟେଇନଙ୍କ ଅବସର

**ଜୋହାନ୍ସବର୍ଗ, ୩୧।୮ (ପି.ଟି.)**

ଦକ୍ଷିଣ ଆଫ୍ରିକା ଫାଷ୍ଟ ବୋଲର ଡେଲ୍ ଷ୍ଟେଇନ ମଙ୍ଗଳବାର କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ତାଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ତାଙ୍କ ସମୟର କେତେଜଣ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କ ସହ ମୁହାଁମୁହିଁ ହୋଇଛନ୍ତି। ୩୮ ବର୍ଷୀୟ ଏହି ବୋଲର ଟୁଇଟର ପେଜ୍‌ରେ ତାଙ୍କ ଅବସର ଘୋଷଣା କରିଛନ୍ତି। ଷ୍ଟେଇନ ତାଙ୍କ ୧୭ବର୍ଷ କ୍ୟାରିୟରରେ ଦକ୍ଷିଣ ଆଫ୍ରିକା ତରଫରୁ ୯୩ ଟେଷ୍ଟ, ୧୨୫ ଅନ୍ତର୍ଜାତୀୟ ଦିନିକିଆ ଓ ୪୭ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଷ୍ଟେଇନ ପୂର୍ବରୁ ୨୦୧୯ରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ପ୍ରଦର୍ଶନ କରିଥିଲେ। ସେ ୩୯ ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିଲେ। ୨୦୦୭ରେ ଷ୍ଟେଇନ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ସେ ତାଙ୍କ ଦ୍ୱିତୀୟ ଗେମ୍ ଖେଳିଥିଲେ। ଏଥିରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ଫିଗର ରହିଥିଲା ୩-୦-୯-୪। ସେ ତାଙ୍କ ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ ୨୦୧୯ରେ ଶ୍ରୀଲଙ୍କା ବିପକ୍ଷରେ ଏବଂ ଶେଷ ଟି୨୦ ଗତବର୍ଷ ଫେବୃୟାରୀରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଷ୍ଟେଇନ ତାଙ୍କ କ୍ୟାରିୟରରେ ଅନେକ ଥର ଆହତଜନିତ ସମସ୍ୟାରେ ରହିଥିଲେ। ୨୦୧୫ ଡିସେମ୍ବରରେ




ଦକ୍ଷିଣଆଫ୍ରିକୀୟ ପେସ୍ ବୋଲର ଅବସର ଘୋଷଣା ବେଳେ ସେ କହିଛନ୍ତି ଯେଉଁ ଖେଳକୁ ସେ ଖୁବ୍ ଭଲ ପାଆନ୍ତି ମଙ୍ଗଳବାର ସେଥିରୁ ବିଧିବଦ୍ଧ ଅବସର ନେଉଛନ୍ତି। ଷ୍ଟେଇନ ୨୦୦୫ରେ ସେଞ୍ଚୁରିଅନଠାରେ ଏସିଆ ଏକାଦଶ ବିପକ୍ଷରେ ଦକ୍ଷିଣ ଆଫ୍ରିକା ଏକାଦଶ ତରଫରୁ ଖେଳି ତାଙ୍କ ଅନ୍ତର୍ଜାତୀୟ ଦିନିକିଆ ପଦାର୍ପଣ କରିଥିଲେ। ୨୦୧୩ରେ ପୋର୍ଟ ଏଲିଜାବେଥ୍‌ଠାରେ ପାକିସ୍ତାନ ବିପକ୍ଷରେ ସେ ତାଙ୍କ ଶ୍ରେଷ୍ଠ ବୋଲିଂ ଇଂଲଣ୍ଡ ବିପକ୍ଷ ଡର୍ବାନ ଟେଷ୍ଟରେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଫଳରେ ସେ ସିରିଜର ଅବଶିଷ୍ଟ ମ୍ୟାଚ ଖେଳି ପାରି ନ ଥିଲେ। ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ୨୦୧୬ରେ ଅଷ୍ଟ୍ରେଲିଆ ବିପକ୍ଷ ପର୍ଥ ଟେଷ୍ଟରେ ସେ ପୁଣି ଆଘାତପ୍ରାପ୍ତ ହୋଇଥିଲେ।। ୨୦୧୮ରେ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ସେ ପୁଣି କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର କେପ୍ ଟାଉନ୍‌ଠାରେ ତାଙ୍କ ପାଦ ଆଘାତପ୍ରାପ୍ତ ହୋଇଥିଲା।

# ଅତିରିକ୍ତ ୫ ହଜାର କୋଟି ଆୟ କରିବ ବିସିସିଆଇ

**ନୂଆଦିଲ୍ଲୀ,୩୧।୮ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୨୨ ସଂସ୍କରଣରେ ଦୁଇଟି ନୂଆ ଫ୍ରାଞ୍ଚାଇଜର ଯୋଗଦାନ ଦ୍ୱାରା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅତିରିକ୍ତ ୫ ହଜାର କୋଟି ଟଙ୍କା ଆୟ କରିବ। ଆଇପିଏଲ ବର୍ତ୍ତମାନ ୮ଟି ଦଳକୁ ନେଇ ଆୟୋଜିତ ହେଉଛି। ଆସନ୍ତାବର୍ଷ ଦଳ ସଂଖ୍ୟା ୧୦କୁ ବୃଦ୍ଧି ପାଇବ। ନିକଟରେ ଗଭର୍ନିଂ କାଉନ୍‌ସିଲ ବୈଠକରେ ବିଡିଂ ପ୍ରକ୍ରିୟା ନେଇ ନିଷ୍ପତ୍ତି ନିଆଯାଇଥିଲା। ବିସିସିଆଇ ମଙ୍ଗଳବାର ଏକ ଫ୍ରାଞ୍ଚାଇଜର ମାଲିକାନା ପାଇଁ ବିଡ୍ ଆହ୍ୱାନ କରିଛି। ଟେଣ୍ଡରପତ୍ର ଅକ୍ଟୋବର ୫ ପର୍ଯ୍ୟନ୍ତ ଉପଲବ୍ଧ ହେବ। ୧୦ ଲକ୍ଷ ଟଙ୍କା ଜମାକରି ଯେ କୌଣସି କମ୍ପାନୀ ବିଡ୍ ଡକୁମେଣ୍ଟ କ୍ରୟ କରିପାରିବ। ନୂଆ ଟିମ୍‌ର ବେସ୍ ପ୍ରାଇସ୍ ପ୍ରଥମେ ୧୭୦୦ କୋଟି ରଖାଯାଇଥିଲା। କିନ୍ତୁ ପରେ ଏହାର ପରିମାଣ ୨୦୦୦ କୋଟିକୁ ବୃଦ୍ଧି କରାଯାଇଥିଲା ବୋଲି ବିସିସିଆଇର ଜଣେ ଉଚ୍ଚ ପଦାଧିକାରୀ ଭିତିରି ସୂଚନା ଦେଇଛନ୍ତି। ଯୋଜନା ମୁତାବକ ଯଦି ସବୁ ଠିକ୍‌ଠାକ୍ ଚାଲେ ତେବେ ଅତିକମ୍‌ରେ ୫,୦୦୦ କୋଟି ଟଙ୍କା ଅତିରିକ୍ତ ଆୟ ହେବ ବୋଲି ବିସିସିଆଇର ଆର୍ଥିକ ବ୍ୟାପାର ବୁଝାଶୁଝା କରୁଥିବା ଜଣେ ଅଧିକାରୀ କହିଛନ୍ତି। ଆସନ୍ତା ସିଜନରେ ଆଇପିଏଲ ମ୍ୟାଚ ସଂଖ୍ୟା ୭୪ ହେବ। ଏହା ପ୍ରତ୍ୟେକ ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିବ।

# ମୁରେ ପରାସ୍ତ, ଓସାକା ବିଜୟୀ

**ନ୍ୟୁୟର୍କ, ୩୧।୮:** ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ସୋମବାରଠାରୁ ଆରମ୍ଭ ହୋଇଛି। ପୁରୁଷ ସିଙ୍ଗଲ୍ସରେ ଗ୍ରେଟ୍ ବ୍ରିଟେନର ଆଣ୍ଡି ମୁରେ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ଏକ ମାରାଥନ ମ୍ୟାଚରେ ସେ ତାଙ୍କଠାରୁ କମ୍ ବୟସର ଖେଳାଳି ତୃତୀୟ ସିଡ୍ ଷ୍ଟିଫାନସ ସିତ୍‌ସିପାସଙ୍କଠାରୁ ୨-୬, ୭-୬ (୭), ୩-୬, ୬-୩, ୬-୪ ସେଟ୍‌ରେ ହାରିଯାଇଛନ୍ତି। ମ୍ୟାଚ ପରେ ମୁରେ କହିଛନ୍ତି ସିତ୍‌ସିପାସ୍ ତାଙ୍କୁ ଠକିଛନ୍ତି। ୫ମ ସେଟ୍ ଖେଳ ପୂର୍ବରୁ ଗ୍ରୀକ୍ ଖେଳାଳି ଜଣକ ଟଏଲେଟ ପାଇଁ ୮ ମିନିଟ୍ ସମୟ ନେଇଥିଲେ, ଯାହାକି ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷରେ ଗତଥରର ମହିଳା ସିଙ୍ଗଲ୍ସ ଚାମ୍ପିୟନ




ନାଓମି ଓସାକା ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ତୃତୀୟ ସିଡ୍ ତଥା ଜାପାନର ଏହି ୨୩ ବର୍ଷୀୟା ଖେଳାଳି ୬-୪, ୬-୧ ସେଟ୍‌ରେ ବିଶ୍ୱର ୮୭ ନମ୍ବର ମାନ୍ୟତାପ୍ରାପ୍ତ ତଥା ଚେକ୍ ରିପବ୍ଲିକର ବୋଜକୋଭାଙ୍କୁ ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ବିଶ୍ୱର ୧୪୫ ର୍‍ୟାଙ୍କିଂପ୍ରାପ୍ତ ଓଲଗା ସର୍ବିୟାର ଡାନିଲୋଭିକ୍‌ଙ୍କୁ ଭେଟିବେ। ମାନସିକ ସ୍ୱାସ୍ଥ୍ୟ ଭଲ ନ ଥିବା ଦର୍ଶାଇ ଓସାକା ଗତ ମେ' ମାସରେ ରୋଲାଣ୍ଡ ଗ୍ୟାରୋସରୁ ଓହରିଯାଇଥିଲେ। ଦ୍ୱିତୀୟ ସିଡ୍ ରୁଷିଆର ଡାନିଲ ମେଡଭେଡେଭ ଫ୍ରେଞ୍ଚ୍ ଖେଳାଳି ରିଚାର୍ଡ ଗାସ୍କେଟ ବିପକ୍ଷରେ ୬-୪, ୬-୩, ୬-୧ ସେଟ୍‌ରେ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଶ୍ୱର ୨ ନମ୍ବର ଖେଳାଳି ମେଡଭେଡେଭ ଗୋଟିଏ ହେଲେ ଗ୍ରାଣ୍ଡସ୍ଲାମ ଜିତିପାରି ନାହାନ୍ତି। ସେ ୨୦୧୯ ୟୁଏସ୍ ଓପନ ଫାଇନାଲ ଏବଂ ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ପରାଜିତ ହୋଇଛନ୍ତି।

# ରେଳପଥ ମହିଳା କବାଡ଼ି ଦଳର ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର,୩୧।୮:** ଚଳିତବର୍ଷ ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ସିନିୟର ନ୍ୟାଶନାଲ କବାଡି ଚାମ୍ପିୟନଶିପକୁ ଦୃଷ୍ଟିରେ ରଖି ରେଲୱେ ମହିଳା କବାଡି ଦଳ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛି। ଭାରତୀୟ ରେଳକ୍ରୀଡା ପ୍ରୋତ୍ସାହନ ବୋର୍ଡ (ଆଇ ଆର ଏସପିବି) ପକ୍ଷରୁ ଭୁବନେଶ୍ୱରର ପୂର୍ବତଟ ରେଳପଥ ଇନଡୋର ଷ୍ଟାଡିୟମରେ ମହିଳା କବାଡି ଦଳ ପାଇଁ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯିବ। ଏହି ଶିବିର ୧୩ ସେପ୍ଟେମ୍ବରରୁ ୧୩ ଅକ୍ଟୋବର ପର୍ଯ୍ୟନ୍ତ ଜାରି ରହିବ। ଭୁବନେଶ୍ୱରର ଏହି ପ୍ରଶିକ୍ଷଣ ଶିବିରରେ କବାଡି ଖେଳାଳି, କୋଚ୍, ଅଧିକାରୀ ଏବଂ ସହାୟକ କର୍ମଚାରୀଙ୍କ ସମେତ ପ୍ରାୟ ୩୦ଜଣ ଅଂଶଗ୍ରହଣ କରିବେ। ପ୍ରଶିକ୍ଷଣ ତଥା ସମ୍ପୂର୍ଣ୍ଣ ଶିବିରରେ ବରିଷ୍ଠ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର କବାଡି ଖେଳାଳିଙ୍କୁ ମଧ୍ୟ ଦେଖିବାକୁ ମିଳିବ ବୋଲି ଜଣାପଡିଛି।

# ଭାରତକୁ ୬ ସ୍ୱର୍ଣ୍ଣ ପଦକ



ଫାଇନାଲ ମ୍ୟାଚ ଜିତିବା ପରେ ଭାରତୀୟ ବକ୍ସର ସ୍ନେହ କୁମାରୀ (ଡାହାଣ)।

**ନୂଆଦିଲ୍ଲୀ, ୩୧।୮ (ପି.ଟି.)**

ଏସିଆନ ୟୁଥ୍ ଚାମ୍ପିୟନଶିପରେ ଭାରତୀୟ ବକ୍ସରମାନେ ପ୍ରାଧାନ୍ୟ ବିସ୍ତାର କରି ୬ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏହାଛଡ଼ା ସେମାନେ ୯ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। କୋଭିଡଜନିତ ଗସ୍ତ କଟକଣା ଯୋଗୁ ବହୁ ଦେଶ କମ୍ ସଂଖ୍ୟାରେ ପ୍ରତିଯୋଗୀ ପଠାଇଥିଲେ। ଏହାର ସୁଯୋଗରେ ଭାରତର ପ୍ରୀତି ଦହିୟା (୬୦କେଜି), ସ୍ନେହ କୁମାରୀ (୬୬କେଜି) ଓ ନେହା (୫୪କେଜି) ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଡ୍ର'ର ଆକାର ଛୋଟ ରହିଥିବାରୁ ଆକାରର ଭାରତର ୧୦ ମହିଳା ଫାଇନାଲିଷ୍ଟଙ୍କ ମଧ୍ୟରୁ ୬ଜଣ ସିଧାସଳଖ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଦହିୟା କାଜାଖସ୍ତାନର ଜୁଲଡିଜ୍ ଶାୟାକମେତୋଭାଙ୍କୁ ୩-୨ରେ ପରାସ୍ତ କରିଥିଲେ। ସ୍ନେହ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ରାହାମ ଖାଲଫାନ୍ ଅଲ୍ ମୁର୍ଶିଦିଙ୍କୁ ସହଜରେ ହରାଇ ଦେଇଥିଲେ। ଖୁସୀ କାଜଖସ୍ତାନର ଦାନା ଡିଡେଙ୍କୁ ୩-୦ରେ ପରାସ୍ତ କରିଥିଲେ। ୱାର୍ଲ୍ଡ ୟୁଥ ବ୍ରୋଞ୍ଜ ବିଜୟୀ ବିଶ୍ୱାମିତ୍ର ଚୋଙ୍ଗଥାମ (୫୧କେଜି) ଓ ବିଶାଲ (୮୦କେଜି) ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ମହିଳା ବିଭାଗରେ ରୌପ୍ୟ ଜିତିଥିବା ପ୍ରତିଯୋଗୀମାନେ ହେଲେ ପ୍ରୀତି (୫୭କେଜି), ଖୁସୀ (୬୩କେଜି), ତନିଶା ସାନ୍ଧୁ (୮୧କେଜି), ନିବେଦିତା (୪୮କେଜି), ତମନ୍ନା (୫୦କେଜି) ଓ ସିମ୍‌ରନ (୫୨କେଜି)। ସେହିପରି ପୁରୁଷ ବିଭାଗରେ ବିଶ୍ୱନାଥ ସୁରେଶ (୪୮କେଜି), ବଂଶଜ (୬୩.୫କେଜି) ଓ ଜୟଦୀପ ରାଉତ ପ୍ରମୁଖ ରୌପ୍ୟ ପଦକ ଲାଭ କରିଥିଲେ।

# କିଙ୍ଗ୍ ଅଫ୍ ମାଉଣ୍ଟେନ ବାଇକିଂ

ମାଉଣ୍ଟେନ ବାଇକିଂ ଏକ ସାହସିକ କ୍ରୀଡ଼ା ରୂପେ ସାରା ବିଶ୍ୱରେ ପରିଚିତ। ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ସାଇକେଲରେ ରେସରମାନେ ଅସମତଳ ତଥା ଆବଡ଼ାଖାବଡ଼ା ଭୂମି ଉପରେ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥାନ୍ତି। ଏହା ସାଧାରଣ ସାଇକ୍ଲିଂଠାରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ। ଏହି କ୍ରୀଡ଼ାରେ ପ୍ରତିଯୋଗୀମାନଙ୍କୁ ଧୈର୍ଯ୍ୟ, ସାହସ, ଗତି, ସନ୍ତୁଳନ ଓ ଟେକ୍‌ନିକାଲ ସ୍କିଲ୍‌ର ଯଥେଷ୍ଟ ଆବଶ୍ୟକତା ହୋଇଥାଏ।

ମାଉଣ୍ଟେନ ବାଇକିଂର ରାଜା ରୂପେ ଜଣାଥିବା ସୁଇଜରଲାଣ୍ଡର ନିନୋ ଶର୍ଟର ନିକଟରେ ନବମ କ୍ରସ୍‌କଣ୍ଟ୍ରି ଟାଇଟଲ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ଶନିବାର ସେ ଇଟାଲୀ ଭାଲ ଡି ଶୋଲରେ ଅନୁଷ୍ଠିତ ୟୁସିଆଇ ମାଉଣ୍ଟେନ ବାଇକ୍ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ବାଜି ମାରି ନିଜ ଦକ୍ଷତା ଓ ପ୍ରତିଭାର ପୁଣି ପ୍ରମାଣ ଦେଇଛନ୍ତି। ମାତ୍ର ୨୨ ବର୍ଷରେ ନିନୋ ପ୍ରଥମ ବିଶ୍ୱ ଟାଇଟଲ ହାସଲ କରିଥିଲେ। ଦୀର୍ଘ ୧୩ ବର୍ଷ ପରେ ସେ ଏବେ ଏହି ସଫଳତାକୁ ଦୋହରାଇଛନ୍ତି। ସେ ୩୫ ବର୍ଷରେ ମଧ୍ୟ ବିଶ୍ୱ ଟାଇଟଲ ଜିତିବାକୁ ସକ୍ଷମ ବୋଲି ପ୍ରମାଣ କରିଛନ୍ତି। ସେ ଏହି ଟାଇଟଲ ଜିତିବାରେ ସର୍ବକନିଷ୍ଠ ଓ ବୟୋଜ୍ୟେଷ୍ଠ ସାବ୍ୟସ୍ତ ହୋଇଛନ୍ତି। ମାଉଣ୍ଟେନ ବାଇକିଂରେ ଜଣେ ଲିଜେଣ୍ଡ ଭାବେ ପରିଚିତ ନିନୋ ନବମ ବିଶ୍ୱ ଟାଇଟଲ ଜିତିବା ପରେ ଖୁସି ଜାହିର କରିଛନ୍ତି। ଗତ କିଛି ବର୍ଷ ହେବ ତାଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିବା ବେଳେ ସେ ଆତ୍ମବିଶ୍ୱାସ ହରାଇବା କଥା ସ୍ୱୀକାର କରିଛନ୍ତି। ନିଜର ଦକ୍ଷତା ନେଇ ସେ ସନ୍ଦେହରେ ଥିଲେ ଓ ପୁଣି ଥରେ ରେସ୍ ଜିତିପାରିବେ ବୋଲି ଆଶଙ୍କାରେ ଥିଲେ। ତେବେ ସେ ନବମ ବିଶ୍ୱ ଟାଇଟଲ ଜିତିବା ପରେ ନିଜର ଆଶଙ୍କାକୁ ଭୁଲ ବୋଲି ପ୍ରମାଣିତ କରିଛନ୍ତି।

ସଦ୍ୟ ସମାପ୍ତ ଟୋକିଓ ଅଲିମ୍ପିକ୍ସରେ ସେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ତେବେ ସେ ଆଗାମୀ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା କଥାକୁ ଅସ୍ୱୀକାର କରିନାହାନ୍ତି। ଗତଥରର ଚାମ୍ପିୟନ ନିନୋ ଏଥର ଅଲିମ୍ପିକ୍ସରେ ସାମାନ୍ୟ ତ୍ରୁଟି ଯୋଗୁ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହେବା ସହ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଏହାପୂର୍ବରୁ ସେ ୨୦୧୬ ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ, ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ ଓ ୨୦୦୯ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ପୁରୁଷ କ୍ରସ୍‌କଣ୍ଟ୍ରି ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ବିଭିନ୍ନ ବର୍ଗରେ ୧୨ଥର ସ୍ୱର୍ଣ୍ଣ, ୪ଥର ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୟୁସିଆଇ ବିଶ୍ୱକପ୍‌ରେ ସେ ଦ୍ୱିତୀୟ ପୁରୁଷ ପ୍ରତିଯୋଗୀ ଭାବେ ୭ଥର ସ୍ୱର୍ଣ୍ଣ ଓ ୩ଥର ରୌପ୍ୟ ପଦକ ଜିତିଛନ୍ତି। ସେହିପରି ସୁଇସ୍ ଜାତୀୟ ଚାମ୍ପିୟନଶିପ୍‌ରେ ସେ ୪ଥର ଟାଇଟଲ ହାସଲ କରିଛନ୍ତି। ୟୁରୋପିଆନ ଗେମ୍ସରେ ମଧ୍ୟ ସେ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପାଖାପାଖି ଦେଢ ଦଶନ୍ଧିର କ୍ୟାରିୟରରେ ସେ ସବୁପ୍ରକାର ସଫଳତାକୁ ବାରମ୍ବାର ଦୋହରାଇଛନ୍ତି। ଏବେ ବୟସ ଅଧିକ ହୋଇଥିବାରୁ ସେ ଅବଶ୍ୟ ସେତେଟା ପ୍ରଭାବୀ ପ୍ରଦର୍ଶନ କରିପାରିନାହାନ୍ତି। କିନ୍ତୁ ସେ ଆଗାମୀ ଇଭେଣ୍ଟଗୁଡ଼ିକରେ ଅଂଶଗ୍ରହଣ କରିବାକୁ ପଛଘୁଞ୍ଚା ଦେବେ ନାହିଁ ବୋଲି ସୂଚନା ଦେଇଛନ୍ତି। ତାଙ୍କର ଏହିପ୍ରୟାସ ସଫଳ ହେବ ଓ ଅବସର ଘୋଷଣା କରିବା ପୂର୍ବରୁ ସେ ତାଙ୍କ ଲୋକପ୍ରିୟତାକୁ ଆହୁରି ଶୀର୍ଷକୁ ନେବେ ବୋଲି ଆଶା କରାଯାଉଛି।



ସୁଇଜରଲାଣ୍ଡର ନିନୋ ଶର୍ଟର।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ମିନି ଷ୍ଟାଡିୟମରେ ଦୌଡ଼କୁଦ ପ୍ରତିଯୋଗିତା

ଅମରପାଲି,(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବକ୍ସିଂ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କଳାପଥର ମହାବିଦ୍ୟାଳୟ ଅଧାପକ କିଶୋର କୁମାର ସାହୁ ମୁଖ୍ୟଅତିଥି ଏବଂ ଶିକ୍ଷକ ଗିରିଜା ଶଙ୍କର ପଣ୍ଡା, ଶିକ୍ଷକ ରାଜେଶ ମେଣ୍ଡିଲି ଓ ସାମାଜିକ କର୍ମୀ ରଞ୍ଜିତ ଚାନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ବାଳଗୋପାଳ ପଣ୍ଡା ଓ କାର୍ଯ୍ୟକାରୀ ସମ୍ପାଦକ କୃତିବାସ ଶତପଥୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୨ ପରିବାର ମଧ୍ୟରେ ମାରପିଟ, ଥାନାରେ ମାମଲା

ବେଲପଡା,୩୧।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା ହଟକଟ ଗ୍ରାମର ଜଣେ ବ୍ୟକ୍ତିଙ୍କ କପା କିଆରିରୁ କପା ଗଛ ଉପାଡିବାକୁ କେନ୍ଦ୍ର କରି ୨ପରିବାର ମଧ୍ୟରେ ମାରପିଟ ହୋଇଛି। ଦେବାର୍ଚ୍ଚନ ସୁନାଙ୍କ ପୁଅ ତାଙ୍କ ଜମିରୁ କପାଗଛ ଉପାଡି ଦେଇଥିବା ଅଭିଯୋଗ କରିଥିଲେ ପବିତ୍ର ବାଗ। ପରେ ପବିତ୍ର ଓ ତାଙ୍କ ପୁଅମାନେ ଦେବାର୍ଚ୍ଚନଙ୍କ ଘରକୁ ଯାଇ ପାଟିତୁଣ୍ଡ କରିଥିଲେ। ଦେବାର୍ଚ୍ଚନଙ୍କ ପୁଅକୁ ଗାଁ ମଝିକୁ ଟାଣି ନେଇ ମାଡ ମାରିଥିଲେ। ପ୍ରତିବାଦ କରିବାରୁ ଦେବାର୍ଚ୍ଚନ, ତାଙ୍କ ସ୍ତ୍ରୀ ଓ ଝିଅକୁ ସେମାନେ କୁଆଡେ ମାରପିଟ କରିଥିଲେ। ଗାଁ ଛାଡି ନ ପଳାଇଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିବା ଦେବାର୍ଚ୍ଚନ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଅଭିଯୋଗ ମିଳିଛି, ଘଟଣାର ତଦନ୍ତ ଚାଲିଥିବା ଆଆଇସି ବୁଲୁ ମୁଣ୍ଡା କହିଛନ୍ତି।

### ଅତିରିକ୍ତ ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ଗୁଡ଼ଭେଲା,୩୧।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଜମ୍ଭେଲ କଲୋନୀପଡାର ଅତିରିକ୍ତ ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଆଶାୟୀ ପ୍ରାର୍ଥୀ ଜୟନ୍ତୀ ନାଗ ଏ ନେଇ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅଗ୍ରାଧିକାର ଭିତ୍ତିରେ ଭିନ୍ନକ୍ଷମ, ସ୍ୱାମୀ ପରିତ୍ୟକ୍ତା, ୩୫ ବର୍ଷର ଉର୍ଦ୍ଧ୍ୱ ଥିବା ମହିଳାଙ୍କୁ ନିଯୁକ୍ତି ହେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ଏହାକୁ ଅଣଦେଖା କରି ଜଣେ ୨୫ବର୍ଷୀୟ ବିବାହିତା ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି। ଘଟଣାର ତଦନ୍ତ କରି ଉପଯୁକ୍ତ ପ୍ରାର୍ଥୀ ନିଯୁକ୍ତି କରିବାକୁ ସେ ଦାବି କରିଛନ୍ତି। ଏନେଇ ଗୁଡଭେଲା ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପ୍ରତିମା ଚୋପଦାରଙ୍କ ମୋବାଇଲ ନମ୍ବର ୭୦୦୮୧୧୦୨୭୬ ସହ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେଉଥିଲେ ହେଁ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ବର୍ଷା ପାଇଁ ହୋମଯଜ୍ଞ

ଅମରପାଲି,୩୧।୮(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ମହଦା ପଞ୍ଚାୟତ ଅଧିନ ପାଲିଗାଁ ଗ୍ରାମରେ ମଙ୍ଗଳବାର ଇନ୍ଦ୍ରପୂଜା ଅନୁଷ୍ଠିତ ହୋଇଯାଇଛି। ଇନ୍ଦ୍ରଦେବଙ୍କ ନିକଟରେ ବର୍ଷା ପାଇଁ କାମନା କରି ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ସଂକୀର୍ତ୍ତନ ଦଳ ଏବଂ ପାର୍ବତୀପୁରର ଦଣ୍ଡ କଳାକାରମାନେ କଳା ପରିବେଷଣ କରିଥିଲେ।

### ମରୁଡ଼ି ଅଞ୍ଚଳ ପରିଦର୍ଶନ

ବରଗଡ଼ ଅଫିସ୍,୩୧।୮: ବରଗଡ଼ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ମଙ୍ଗଳବାର ପଦ୍ମପୁର ଉପଖଣ୍ଡର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ ଗସ୍ତ କରିଛନ୍ତି। ସେ ପାଇକମାଳ ବ୍ଲକ ଅନ୍ତର୍ଗତ ବରଡୁଣ୍ଡା, ଚେରଙ୍ଗାଝାଞ୍ଜି, ଜାମସେଠ, ଭରୁଆମୁଣ୍ଡା, ଡୁଡକିଟିରିଆ, ଝାରବନ୍ଧ, ଲୁହୁରେନ, ବାହାଲି, ଗଞ୍ଜାଡାଦର, ମେନକାମୁଣ୍ଡା ଆଦି ଗ୍ରାମକୁ ଯାଇ ମରୁଡ଼ିଗ୍ରସ୍ତ ଫସଲ ପରିଦର୍ଶନ କରିଥିଲେ। ଏହି ସମୟରେ ୯୦ ପ୍ରତିଶତ ଫସଲ ନଷ୍ଟ ହୋଇ ସାରିଥିବା ଦେଖିବାକୁ ମିଳିଥିଲା ବୋଲି ପୁରୋହିତ କହିଛନ୍ତି। ସେହିପରି ୟୁରିଆ ସାର କଳାବଜାର ନେଇ ଚାଷୀମାନେ ପୁରୋହିତଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ମଣ୍ଡଳ ସଭାପତି କୈଳାଶ ଦିଶ୍ରୀ, ସଞ୍ଜୟ ବେହେରା, ବିରଞ୍ଚି ବେହେରା, ମଦନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ହସ୍ପିଟାଲ ସୁରକ୍ଷା ଦାବିରେ ଧାରଣା

ବରଗଡ଼ ଅଫିସ୍,୩୧।୮: ବରଗଡ଼ ଜିଲା ପୁରୁଣା ମୁଖ୍ୟ ଡାକ୍ତରଖାନା (ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର)ରେ ଦୁର୍ବୃତ୍ତମାନେ ତୁମୁଳକାଣ୍ଡ ଭିଆଉଥିବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଉକ୍ତ ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ହସ୍ପିଟାଲ ବଞ୍ଚାଅ ଅଭିଯାନ ଦାବି କରିଛି। ଏହି ଦାବି ନେଇ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଧାରଣା ଦିଆଯାଇଥିଲା। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଧାରଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିଲେ। ଫଳରେ ଧାରଣାକୁ ସ୍ଥଗିତ ରଖାଯାଇଛି। ବୁଧବାର ପୂର୍ବାହ୍ନ ୧୦ଟାରୁ ପୁଣି ଧାରଣା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ହସ୍ପିଟାଲ ବଞ୍ଚାଅ ଅଭିଯାନର ରମେଶ ମହାପାତ୍ର, ଭବାନୀ ପ୍ରସାଦ ସାହୁ, ଶିବାନନ୍ଦ ମଟାରୀ, ଅମିତାଭ ପାତ୍ର, ଅସିତ୍ ସାହୁ, ମେରିୟମ ବାର୍ଲା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ସେହିପରି ଭାଜପାର ଅକ୍ରୂର ମଲିକ, ସୀମା ସିଂ, ପ୍ରେମଶିଳା ଭେସ୍ରା, ସମ୍ବିଧାନ ସୁରକ୍ଷା ମଞ୍ଚର ପବିତ୍ର ବେହେରା ପ୍ରମୁଖ ଧାରଣାକୁ ସମର୍ଥନ କରିଥିଲେ।

# ଉତ୍କର୍ଷ ଶିକ୍ଷାନୁଷ୍ଠାନ ଗଢ଼ିବା ପ୍ରୟାସ କରାଯିବ

**ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ**

■ଏମ୍‌ପି-କୁଳପତି-ପୁରାତନ ଛାତ୍ର ପ୍ରତିନିଧିଙ୍କ ଆଲୋଚନା

ବଲାଙ୍ଗୀର ଅଫିସ, ୩୧।୮

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ ଉତ୍କର୍ଷ ଶିକ୍ଷାନୁଷ୍ଠାନ ଗଢ଼ିବା ଦିଗରେ ପ୍ରୟାସ କରାଯିବ। ଏହି ଶିକ୍ଷାନୁଷ୍ଠାନର ଯାହାବି ସମସ୍ୟା ରହିଛି ତାର ସମାଧାନ କରାଯିବ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ଏମ୍‌ପି-କୁଳପତି ଓ ପୁରାତନ ଛାତ୍ର ସଙ୍ଗଠନ ପ୍ରତିନିଧି ମଣ୍ଡଳୀ ବୈଠକରେ ଏହି ମତପ୍ରକାଶ ପାଇଛି। ମଙ୍ଗଳବାର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେଠାରେ ବିଶ୍ୱବିଦ୍ୟାଳୟର ଜମିପଟ୍ଟା ଓ ଭିତ୍ତିଭୂମିକୁ ନେଇ କୁଳପତି ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ର ଓ ପୁରାତନ ଛାତ୍ର ସଙ୍ଗଠନ ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା କରିଥିଲେ। ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଥିଲେ ମଧ ଗୁରୁତ୍ୱପୂର୍ଣ୍ଣ ୟୁଜିସି ଅଧିନିୟମ ୧୯୫୬ ଧାରା ୧୨ (ବି) ସ୍ୱୀକୃତି ଏଯାଏଁ ମିଳିନାହିଁ। ଏହି ସର୍ତ୍ତବଳୀ ପୂରଣ କରିବା ଦିଗରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ କୁଳପତି-ସାଂସଦ ଓ ପୁରାତନ ଛାତ୍ର ପ୍ରତିନିଧି ମଣ୍ଡଳୀର ଆଲୋଚନା ହୋଇଥିଲା। ଛାତ୍ର ପ୍ରତିନିଧି ମଣ୍ଡଳୀରେ ଅସୀମ ପଟ୍ଟନାୟକ, ଆଡଭୋକେଟ୍ ଭବାନୀ ଶଙ୍କର ଶତପଥି, ଜିଲା ଓକିଲ ସଂଘ ସଭାପତି ପ୍ରବୀଣ ମିଶ୍ର, ଅଧ୍ୟାପିକା ସୁରାଲି ମହାନ୍ତି, ପ୍ରଭାସ ପାଣିଗ୍ରାହୀ, ରତନ ମହାରଣା ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମିପଟ୍ଟା, ଆବଶ୍ୟକ ଜମି ଓ ଭିତ୍ତିଭୂମି ବିକାଶ ସହ ଷ୍ଟାଫ୍ ନିଯୁକ୍ତି ଉପରେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟ ଜମିରେ ଥିବା ଜବରଦଖଲ ଉଚ୍ଛେଦ ପ୍ରସଙ୍ଗରେ ମଧ ଆଲୋଚନା ହୋଇଥିଲା। ଦଖଲଭୁକ୍ତ ଜମିର ପଟ୍ଟା ପ୍ରଦାନ ଦିଗରେ ତତ୍ପରତା ପ୍ରକାଶ କରିବାକୁ ଅନୁରୋଧ କରାଯାଇଥିଲା। ଏହା ସହିତ ଏହି ଶିକ୍ଷାନୁଷ୍ଠାନକୁ ଏକ ଉତ୍କର୍ଷ ଶିକ୍ଷାନୁଷ୍ଠାନରେ ପରିଣତ କରିବା ଦିଗରେ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଏମ୍‌ପି ସିଂଦେଓ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଆବଶ୍ୟକ ଜମି ଯୋଗାଇଦେଲେ ୟୁଜିସି ଅଧିନିୟମ ୧୯୫୬ ଧାରା ୧୨ (ବି) ଅନୁମୋଦନ ପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ। ଏଡି ଶିକ୍ଷାନୁଷ୍ଠାନରେ ଏକ ଆଇଟି ହବ୍, ଇ-ଲାଇବ୍ରେରୀ ଖୋଲିବା ଦିଗରେ କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଏମ୍‌ପିଙ୍କୁ ଅନୁରୋଧ କରାଯାଇଥିଲା। ଏହି ଆଲୋଚନା ସମୟରେ ରେଜିଷ୍ଟ୍ରାର ପ୍ରଫେସର ଦୁର୍ଗାପ୍ରସନ୍ନ ମହାପାତ୍ର ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ପାଇଁ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ଏମ୍‌ପି କୁଳପତିଙ୍କୁ ପରାମର୍ଶ ଦେଇଥିଲେ।



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଏମ୍‌ପି, କୁଳପତି ଓ ପୁରାତନ ଛାତ୍ର ପ୍ରତିନିଧି ମଣ୍ଡଳୀ ଆଲୋଚନା କରୁଛନ୍ତି।

## ପଞ୍ଚାୟତି ଧର୍ମଶାଳା ଭାଙ୍ଗିଲା ଏନ୍‌ଏସି




ବିପଦପୂର୍ଣ୍ଣ ଅବସ୍ଥାରେ ଥଇବା ଧର୍ମଶାଳାକୁ ଜେସିବି ଲଗାଇ ଭଙ୍ଗାଯାଉଛି।

ଗୁଡ଼ଭେଲା,୩୧।୮(ଡି.ଏନ.ଏ.)

ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବଲାଙ୍ଗୀର ଜିଲା ତୁଷୁରା ଶିବମନ୍ଦିର ପାଖରେ ଥିବା ଦୁଇମହଲା ବିଶିଷ୍ଟ ପଞ୍ଚାୟତି ଧର୍ମଶାଳାକୁ ମଙ୍ଗଳବାର ଭାଙ୍ଗିଛି ସ୍ଥାନୀୟ ଏନଏସି ପ୍ରଶାସନ। ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗ ମାଜିଷ୍ଟ୍ରେଟଭାବେ ଉପସ୍ଥିତ ଥଇଲେ। ଆଇନଶୃଙ୍ଖଳା ପାଇଁ ତୁଷୁରା ଥାନାଧିକାରୀ ସୁରେଶ ପ୍ରଧାନ ଏକ ପ୍ଲାଟୁନ ପୋଲିସ ସହ ସଜାଗ ଥିଲେ।

**ବିପଦପୂର୍ଣ୍ଣ ଅବସ୍ଥାରେ ଥିଲା**

ଏହି ସ୍ଥାନରେ ଏକ ଶିଶୁ ପାର୍କ ଅଥବା ଟାଉନ ହଲ ନିର୍ମାଣର ଯୋଜନା ରହିଥିବା ଏନଏସି କାର୍ଯନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ କହିଛନ୍ତି। ପୂର୍ତ୍ତ(ରାସ୍ତା ଓ କୋଠା) ବିଭାଗ ସର୍ଭେ ଅନୁସାରେ ୨୪ଡିସମିଲ ଜମି ଉପରେ ଥିବା ୭୦ବର୍ଷର ପୁରୁଣା ଏହି ଧର୍ମଶାଳା ରକ୍ଷଣାବେକ୍ଷଣା ଅଭାବରୁ ବିପଦପୂର୍ଣ୍ଣ ହୋଇଯାଇଥିଲା।

## କଲଚିକଚାରକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି

ବେଲପଡା, ୩୧।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁମାଭଟା ପଞ୍ଚାୟତ କଲଚିକଚାରକୁ ରାଜସ୍ୱ ଗ୍ରାମ୍ୟ ମାନ୍ୟତା ଦେବାକୁ ଦାବି ହୋଇଛି। ଏ ନେଇ ମଙ୍ଗଳବାର କଲଚିକଚାରର ଜନସାଧାରଣ ବେଲପଡା ତହସିଲଦାର ପ୍ରଶାନ୍ତି ପଧାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରର ନକଲ ବିଡିଓ, ପାଟଣାଗଡ ଉପଜିଲାପାଳ, ଜିଲା ଯୋଜନା ଅଧିକାରୀ, ଜିଲାପାଳ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଦାବି ଅନୁସାରେ ୯୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ଗ୍ରାମ ବାହା ୩ କିମି ଦୂର ଏକ ପଡାରେ କଲଚିକଚାର ୧୦୮ ପରିବାର ବାସ କରୁଛନ୍ତି। ଗ୍ରାମର ଜନସଂଖ୍ୟା ୪୯୮। ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ଓ ଆଙ୍ଗନୱାଡି କେନ୍ଦ୍ର ରହିଛି। ଏକ ରାଜସ୍ୱ ଗ୍ରାମ ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ଦାବିପତ୍ର ପ୍ରଦାନ ବେଳେ ଜନ ରାଉତ, ଦାରାସିଂ ବୁଡେକ, ତୀର୍ଥ ରାଉତ, ନିଳାଦ୍ରି ଠାକୁର, ଶିବ ଠାକୁର, ଜୟ ଗୋପାଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।




ଦାବିପତ୍ର ଦେବାକୁ ବେଲପଡା ତହସିଲ ଅଫିସକୁ ଆସିଥିବା ଗ୍ରାମବାସୀ।

## ନବାନ୍ନ ଭକ୍ଷଣ ଲଗ୍ନ ନିରୂପଣ

ଅମରପାଲି, ୩୧।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ରରୁ ମଙ୍ଗଳବାର ନବାନ୍ନ ଭକ୍ଷଣ ପାଇଁ ଲଗ୍ନ ନିରୂପଣ କରାଯାଇଛି। ବରିଷ୍ଠ ପଣ୍ଡିତଙ୍କ ଦ୍ୱାରା ପାତାଳି ମଣ୍ଡପରେ ଲଗ୍ନସ୍ଥିର କାର୍ଯ୍ୟକ୍ରମରେ ଉଲୁଣ୍ଡା ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ, ଟୁରିଷ୍ଟ ଅଫିସର ବିଜୟାନନ୍ଦ ଦଲେଇ, ସହଦେବ ମେହେର ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଚତୁର୍ଦ୍ଧା ବିଗ୍ରହଙ୍କ ଆଜ୍ଞାମାଳ ଅଣାଯାଇଥିଲା। ନୂଆଁଖାଇ ନବାନ୍ନ ଭକ୍ଷଣ ପାଇଁ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ଶନିବାର ତା ୧୧।୯।୨୧ ପୂର୍ବାହ୍ନ ୧୦.୧୮ମିନିଟ ଗତେ ୧୦.୨୯ ମିନିଟ ମଧ୍ୟେ ପ୍ରଶସ୍ତ ତୁଳା ଲଗ୍ନେ ଅମୃତ ସମୟେ ପଶ୍ଚିମ ଓଡିଶାର ସମସ୍ତ ଦେବାଦେବୀ ମନ୍ଦିର ଓ ଗୃହ ଦେବଦେବୀଙ୍କଠାରେ ନବାନ୍ନ ଭୋଗ ଅର୍ପଣ କରାଯିବ ଓ ନବାନ୍ନ ଭକ୍ଷଣ ପାଇଁ ଲଗ୍ନ ସ୍ଥିର ହୋଇଛି। ସୁବର୍ଣ୍ଣପୁର ଜିଲାର ଜ୍ୟୋର୍ତିବିଦ୍ୟା ବାଚସ୍ପତି ମେଡେନ କୁମାର ବିଶି, ଯୋଗେନ୍ଦ୍ର ହୋତା, ଗୁଣ ସାଗର ପଣ୍ଡା, ଦେବାର୍ଚ୍ଚନ ଦାସ, ରାମକୃଷ୍ଣ ପଣ୍ଡା, ମନୋରଞ୍ଜନ ପାଢୀ, ଚିତ୍ତରଞ୍ଜନ ପାଢୀ, ଭବାନୀ ଶଙ୍କର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପାଢୀ ଉପସ୍ଥିତ ରହି ଲଗ୍ନ ନିରୂପଣ କରିଥିଲେ।

## ସୁବର୍ଣ୍ଣପୁରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ

ସୋନପୁର,୩୧।୮(ନି.ପ୍ର.)

ଗଡଜାତ ପରମ୍ପରା ଅନୁସାରେ ନୂଆଁଖାଇ ଲଗ୍ନ ମଙ୍ଗଳବାର ସନ୍ଧ୍ୟାରେ ସୋନପୁର ଗଡଭିତର ଜଗନ୍ନାଥ ମନ୍ଦିର ପରିସରରେ ଧାର୍ଯ୍ୟ ହୋଇଛି। ଆସନ୍ତା ୧୧ ତାରିଖ ଶୁକ୍ଳପକ୍ଷ ଋଷି ପଞ୍ଚମୀ ଶନିବାର ସମଲେଇ ମନ୍ଦିରରୁ ସ୍ୱତନ୍ତ୍ରଭାବେ ପାହୁର ଶୋଭାଯାତ୍ରା ସକାଳ ୯ଟାରୁ ୯ଟା ୪୫ମିନିଟ୍ ମଧରେ ବାହାରିବ। ଏହା ଅଷ୍ଟଚଣ୍ଡୀ ଓ ବଡ ହନୁମାନଙ୍କ ପୀଠକୁ ଯିବ। ସକାଳ ୧୦ଟା ୧୮ମିନିଟ୍‌ରୁ ୧୦ଟା ୩୦ମିନିଟ୍ ମଧ୍ୟେ ତୁଳା ନକ୍ଷତ୍ର ଲଗ୍ନ ଅମୃତ ସମୟରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କଠାରେ ନବାନ୍ନ ଭୋଗ ଲାଗିବ। ଏହାପରେ ଜିଲାବାସୀ ତଥା ପୁରାତନ ଗଡଜାତ ସୋନପୁରବାସୀ ନବାହ୍ନ ଭକ୍ଷଣ କରିବେ। ପଣ୍ଡିତମାନେ ସମବେତ ହୋଇ ଏହି ଲଗ୍ନ ଧାର୍ଯ୍ୟ କରିଛନ୍ତି। ସମସ୍ତଙ୍କ ସମ୍ମତି ହେବା ପରେ ପଣ୍ଡିତଙ୍କ ଦ୍ୱାରା ବିଶେଷ ପୂଜାର୍ଚ୍ଚନା ହୋଇଥିଲା। ପଣ୍ଡିତ ମହାସଭାରେ ଜ୍ୟୋତିର୍ବିଦ୍ ସିତାଂଶୁ ଶେଖର ପାଣିଗ୍ରାହୀ, ରାଜେନ୍ଦ୍ର କୁମାର ମହାପାତ୍ର, ଗୌରିଶଙ୍କର ରଥ, ରାମଗୋପାଳ ପୂଜାହାରୀ ଓ ଅଚ୍ୟୁତ ପୂଜାହାରୀଙ୍କ ସମେତ ବହୁ ପଣ୍ଡିତ ଲଗ୍ନଧାର୍ଯ୍ୟରେ ସାମିଲ ଥିଲେ। ଏଥିରେ ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ଗଦାଧର ବାରିକ, ଶଶାଙ୍କ ଶେଖର ସିଂଦେଓ, ଶିବରାମ ସାହୁ ଓ ବାଳମୁକୁନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରମ୍ପରା ଅନୁଯାୟୀ ଭାଦ୍ରବ କୃଷ୍ଣପକ୍ଷ ନନ୍ଦୋତ୍ସବ ତିଥିରେ ସୁବର୍ଣ୍ଣପୁରରେ ନୂଆଁଖାଇ ଲଗ୍ନଧାର୍ଯ୍ୟ ହୋଇଥାଏ।

**ପ୍ରଶାସନ ଦାୟିତ୍ୱ ନେଲାନି**

ଦେବୋତ୍ତର ବିଭାଗ ମ୍ୟୁନିସିପାଲିଟିକୁ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ପୂର୍ବରୁ ଦାୟିତ୍ୱ ନ୍ୟସ୍ତ କରିଛି। କିନ୍ତୁ ଚଳିତ ଥର ପରମ୍ପରା ଭଙ୍ଗ କରି ଦେବୋତ୍ତର ବିଭାଗ କି ମ୍ୟୁନିସିପାଲିଟି ପଣ୍ଡିତ ମହାସଭା ଡକାଇ ନ ଥିଲେ। ନୂଆଁଖାଇ ଓ ପାହୁର ଯାତ୍ରା ସହିତ ପ୍ରସିଦ୍ଧ ସୋନପୁର ବଳିଯାତ୍ରାର ସମ୍ପର୍କ ଥିବାରୁ ରୀତିନୀତି ବିଭ୍ରାଟ ହେବା ଜାଣି କିଛି ସାମାଜିକକର୍ମୀ ଓ ଜନସାଧାରଣ ବେସରକାରୀ ଭାବେ ଏହା ଆୟୋଜନ କରିଥିଲେ।



ପଣ୍ଡିତମାନେ ମଙ୍ଗଳବାର ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରୁଛନ୍ତି।

## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ

# ସହଭାଗିତା ହିଁ ସ୍ୱାୟତ୍ତତାର ପରିପ୍ରକାଶ



ବିନିକା ଏନଏସି ସଭାଗୃହରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।



**କେସିଙ୍ଗା:** ସ୍ୱାୟତ୍ତ ଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଅଫିସ, ୩୧।୮

ବଲାଙ୍ଗୀର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ତଥା ପୌର ପ୍ରଶାସକ ଚଞ୍ଚଳ ରାଣା ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଅତିଥିଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ କବି ବିଜୟ କୁମାର ତ୍ରିପାଠୀ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଜିଲାପାଳ ରାଣା ଜାତୀୟ ପତାକ ଉତ୍ତୋଳନ କରିଥିଲେ। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସ୍ୱାୟତ୍ତ ଶାସନର ଅର୍ଥ ଲୋକଙ୍କ ସହଭାଗିତା। କୌଣସି ଏକ ନିଷ୍ପତ୍ତିରେ ଲୋକଙ୍କ ସହମତି ଓ ସହଭାଗିତା ରହିଲେ ଏହା ନିଶ୍ଚୟ ସଫଳ ହେବ ବୋଲି କହିଥିଲେ। ସଫେଇ ଓ ସ୍ୱଚ୍ଛତା ପାଇଁ ପୂର୍ବରୁ ଠିକାସଂସ୍ଥାକୁ ଯେଉଁ ଟଙ୍କା ଚାଲିଯାଉଥିଲା ଏବେ ସେହି ଟଙ୍କା ନିଜେ ପୌର ପରିଷଦ ଖର୍ଚ୍ଚ କରୁଛି। ଏଥିରେ କିନ୍ନର ଓ ମହିଳା, ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ ଭାବେ ଯୋଗଦାନ କରି ଲାଭାନ୍ୱିତ ହେଉଛନ୍ତି ବୋଲି ସେ କହିଥିଲେ। ନିର୍ବାହୀ ଅଧିକାରୀ ଦୀପ ତାଙ୍କ ବକ୍ତବ୍ୟରେ କରୋନା ମହାମାରୀ ସମୟରେ ପୌର କର୍ମଚାରୀଙ୍କ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତାକୁ ପ୍ରଶଂସା କରିଥିଲେ। ସହରରେ ଅନେକ ପାର୍କ, ଭେଣ୍ଡିଂ ଜୋନ୍, ରାସ୍ତା, ଡ୍ରେନ୍ ନିର୍ମାଣ କରାଯାଇ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରାଯାଉଛି ବୋଲି କହିଥିଲେ। ଏହି ଅବସରରେ ସଫେଇ କର୍ମଚାରୀ ଲବ ବାରିକ, ରେଙ୍ଗୁ କୁମ୍ଭାର, ରାଜେନ୍ଦ୍ର ବାଗ, ଗଣେଶ ଦୀପ, ଦୁର୍ଗା ବାରିକ, କମଳ ସୁନା, ବ୍ରହ୍ମା ସାଗର, ରାଧାକାନ୍ତ ମୁଗ୍ରୀ, ଜଗନ୍ନାଥ ମୁଖୀ ଓ ଟିଙ୍କୁ ସୁନା, ଜମାଦାର ଭରତ ମୁଖୀ, ଚୈତନ୍ୟ ଭରାସାଗର, ଗୋପାଳ ପାଇକ, ଡ୍ରାଇଭର ଅଶୋକ ସେଠ୍, ସ୍ୱଚ୍ଛସାଥୀ ମାଧୁରୀ ସ୍ୱାଇଁ, ସହକାରୀ ଯନ୍ତ୍ରୀ ରୋଜାଲିସା ରାଉତ୍, ଟିକସ ଦାରୋଗା ସଞ୍ଜୟ ନାଗ, ଅମିନ୍ ଶ୍ୱେତ ତ୍ରିପାଠୀ, ଭୀଷ୍ମ ସାହୁ, ସୁଟ୍ ମୁହୁରୀ ଭକ୍ତବନ୍ଧୁ ଦାଶ, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍ ସଭାପତି ସୋମନାଥ ମିଶ୍ର, କର୍ତ୍ତବ୍ୟ ଫାଉଣ୍ଡେସନ୍‌ର କାହ୍ନା ଶତପଥୀଙ୍କୁ ଜିଲାପାଳ ରାଣା ସମ୍ମାନିତ କରିଥିଲେ। ଏହି ଅବସରରେ ସମସ୍ତ ପୌର କର୍ମଚାରୀ, ସହରର ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦାନ କରିଥିଲେ। ପରେ ଜିଲାପାଳ ରାଣା ରାଜେନ୍ଦ୍ର ପାର୍କ ପରିଦର୍ଶନ କରି ଆଗାମୀ ୧୫ଦିନ ମଧ୍ୟରେ ପୁନରୁଦ୍ଧାର କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ପୌର କର୍ମଚାରୀଙ୍କୁ ସମ୍ମାନିତ କରୁଛନ୍ତି।

**କେସିଙ୍ଗା,(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ଏନଏସି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଉପଜିଲାପାଳ ଡାକ୍ତର ବିଶ୍ୱଜିତ ଦାଶ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସ ଉପରେ ଆଲୋକପାତ କରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ନିର୍ବାହୀ ଅଧିକାରୀ ଏନ୍‌ଏସିର ବିବରଣୀ ପାଠ କରିଥିଲେ। କେସିଙ୍ଗା ଏସଡିପିଓ ଏସ.ସୁଶ୍ରୀ, କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ତହସିଲଦାର ଜ୍ୟୋର୍ତିମୟ କର ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ନଗରପାଳ ରାମ କୁମାର ଜୈନ, ରାମଜି ମାତଖଣ୍ଡିଆ, ସରିତା ସିନ୍ଧୁର ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ କର୍ମଠ ସଫେଇ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କେସିଙ୍ଗା ସହରରେ ଥିବା ଏନିମଲ ୱେଲଫେୟାର ଅର୍ଗାନାଇଜେସନକୁ ପୁରୁସ୍କୃତ କରାଯାଇଥିଲା।

**ବିନିକା,(ଡି.ଏନ୍.ଏ):** ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଶାସକ ତଥା ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥଙ୍କ ତତ୍ତ୍ୱାବଧାନରେ ଏନ୍‌ଏସି ସଭାଗୃହରେ ଆନୁଷ୍ଠିତ ସଭାରେ ସମ୍ମାନୀତ ଅତିଥିଭାବେ ବିନିକା ଆଇଆଇସି ପବିତ୍ର କୁମାର ସାହୁ, ମୁଖ୍ୟବକ୍ତାଭାବେ ସିଦ୍ଧାର୍ଥ ଜୁନିୟର କଲେଜର୍ ଅଧକ୍ଷା ରେଖା ସାଲମା ଯୋଗଦେଇଥିଲେ। ଉପଜିଲାପାଳ ଭୋଇ ବିନିକାର ବିକାଶ ପାଇଁ ଏନ୍‌ଏସି କର୍ମଚାରୀ ଓ ଜନସାଧାରଣ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

**ଟିଟିଲାଗଡ଼,(ଡି.ଏନ.ଏ):** ଟିଟିଲାଗଡ ରାଜେନ୍ଦ୍ର ପାର୍କ ପରିସରରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ଉତ୍ସବରେ ଉପଜିଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ସତ୍ୟବାନ ମହାଜନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ପତକା ଉତ୍ତୋଳନ ସହ ଦିବସ ପାଳନ ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ପୌର କର୍ମଚାରୀଙ୍କୁ ସଚେତନ ସହ ନାଗରିକଙ୍କ ସମସ୍ୟା ପ୍ରତି ଦାୟିତ୍ୱବୋଧ ସହ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପୌର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ପୌର ସ୍ୱାସ୍ଥ୍ୟ ଅଧିକାରୀ ଡା. ଶିଶିରକାନ୍ତ ସାହୁ, ଯନ୍ତ୍ରୀ ନୀଳକଣ୍ଠ କିଷାନ, ସିଇଓ ଶୁଭଶ୍ରୀ ସାହୁ, ପରିମଳ ଅଧିକାରୀ ଶୁଭସ୍ମିତା ଧଳ ତଥା ସମସ୍ତ ପୌର କର୍ମଚାରୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧ ସେପ୍ଟେମ୍ବର, ୨୦୨୧



## ଭତ୍ତା ବଣ୍ଟନ ମେଳା

ଖପ୍ରାଖୋଲ,(ଡି.ଏନ.ଏ): ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ନୂତନ ମଞ୍ଜୁର ୨୪୩ ଭତ୍ତା ମଧ୍ୟରୁ ୫୦ ଜଣଙ୍କୁ ଭତ୍ତା, ୧୫ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ବିଡିଓ ରଶ୍ମିରଞ୍ଜନ ରାଉତ, ଉପାଧକ୍ଷ୍ୟ ପ୍ରକାଶ ମେହେର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ପାଣିଗ୍ରାହୀ, ସ୍ମୃତିରେଖା ସାହୁ, ବାହୁବଳେନ୍ଦ୍ର ପୁରୋହିତ, ତପନ ମେହେର, ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ ।

# ୧୫୭୦ ଭୁଞ୍ଜିଆ ପରିବାରକୁ ସାମିଲ କର

## ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା

■ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ନୂଆପଡ଼ା ଅଫିସ,୩୧।୮

ନୂଆପଡା ଜିଲା ଖଡିଆଳ, ବୋଡେନ ଓ ସିନାପାଲି ବ୍ଲକର ୮୦ଟି ଗାଁରେ ୧୫୭୦ ପରିବାର ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟ ଲୋକେ ବାସ କରୁଛନ୍ତି। କିନ୍ତୁ ସେମାନଙ୍କୁ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥାରେ ସାମିଲ କରାଯାଇ ନ ଥିବାରୁ ବିକାଶ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହି ସଂସ୍ଥାରେ ସାମିଲ କରିବା ପାଇଁ ମଙ୍ଗଳବାର ନୂଆପଡା ଆସି ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ତଦନ୍ତ କରି ଶୀଘ୍ର ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥାରେ ସାମିଲ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୧୯୯୩ ଏପ୍ରିଲରୁ ଭୁଞ୍ଜିଆମାନଙ୍କ ସାମଗ୍ରିକ ବିକାଶ ପାଇଁ ଓଡିଶା ସରକାର ସୁନାବେଡାଠାରେ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା (ସିବିଡିଏ) ନାମରେ ଏକ ସରକାରୀ ସଂସ୍ଥା, ଓଡିଶା ସରକାରଙ୍କ ଆଦିବାସୀ ଗ୍ରାମ



ଭୁଞ୍ଜିଆମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଛନ୍ତି।

ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାପିତ କରାଯାଇ କାମ କରାଯାଉଛ। ଏହି ସଂସ୍ଥା ତରବରିଆ ଭାବ ସ୍ଥାପନ ହେଲା ଏବଂ ସମ୍ପୂର୍ଣ୍ଣ ଭୁଞ୍ଜିଆ ଅଞ୍ଚଳ ସର୍ଭେ କରା ନ ଯାଇ କେବଳ ସୁନାବେଡା ଅଞ୍ଚଳର ଭୁଞ୍ଜିଆମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ସାମିଲ କରାଗଲା। ପରବର୍ତ୍ତି ପର୍ଯ୍ୟାୟରେ ନୂଆପଡା ସଦର ବ୍ଲକ ଅନ୍ତର୍ଗତ ୨୧ଟି ଗ୍ରାମରେ ବାସ କରୁଥିବା ଭୁଞ୍ଜିଆମାନଙ୍କୁ ସଂସ୍ଥାରେ ସାମିଲ କରାଯାଇଛି। ତୃତୀୟ ପର୍ଯ୍ୟାୟରେ କୋମନା ବ୍ଲକର ରଜନା, ଦେଓଦର୍ହା, କୁଞ୍ଜିଲପଡା ଗାଁର ୨୧୦ ଓ ଖୋଲିଭିତର ଗାଁର ୩୭୦ ଭୁଞ୍ଜିଆ ପରିବାରଙ୍କୁ ସାମିଲ ପାଇଁ ଭୁଞ୍ଜିଆମାନେ ଦାବି କରିଥିଲେ। କିନ୍ତୁ ଖଡିଆଳ, ବୋଡେନ, ସିନାପାଲି ବ୍ଲକରେ ବାସ କରୁଥିବା ୮୦ଟି ଗାଁର ୧୫୭୦ ଭୁଞ୍ଜିଆ ପରିବାରକୁ ଏଥିରେ ସାମିଲ କରା ନ ଯିବାରୁ ବିଭିନ୍ନ ବିକାଶ ଯୋଜନାରୁ ବଞ୍ଚିତ ହୋଇ ରହିଛୁ। ଆମକୁ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥାରେ ସାମିଲ କରିବା ପାଇଁ ଖଡିଆଳ, ବୋଡେନ, ସିନାପାଲି ବ୍ଲକ ଭୁଞ୍ଜିଆ ସମ୍ପ୍ରଦାୟର ଲୋକେ ଦାବି କରିଛନ୍ତି । ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଶାସନ ସଚିବ ଅନୁସୂଚିତ ଜାତି ଓ ଜନଜାତି ମଙ୍ଗଳ ବିଭାଗ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ଅବଗତି କରାଯାଇଛି। ସୁନାନବେଡା ସରପଞ୍ଚ ତିଲସିଂ ଝାଙ୍କର, ଅନନ୍ତ ରାମ ଚିନ୍ଦା, ହେରାମ ସିଂ ପୂଝାରୀ, ପ୍ରେମ ଲାଲ ଚିନ୍ଦା, ଉମ୍ବରୁଧର ଚିନ୍ଦା, ଘନଶ୍ୟାମ ମାଝି, ଶଙ୍କର ଚିନ୍ଦା, ବିରବାଲ ଚିନ୍ଦା, ତୁଳାରାମ ଚିନ୍ଦା, ପ୍ରଭାସ ଚିନ୍ଦା, ବିହାରି ଲାଲ ଚିନ୍ଦା, ସହଦେବ ଚିନ୍ଦା ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

# ଦେଓଗାଁ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ କଂଗ୍ରେସ କର୍ମୀମାନେ।

## ବ୍ଲକ କଂଗ୍ରେସ ପକ୍ଷରୁ ତହସିଲ ଅଫିସରେ ଧାରଣା

ଦେଓଗାଁ, ୩୧।୮(ଡି.ଏନ.ଏ.)

ଦେଓଗାଁ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ଓ ବେସରକାରୀ ସଂସ୍ଥାକୁ ଫସଲ ବୀମା ଦାୟିତ୍ୱରୁ ହଟାଇବା ଦାବି କରିଛି ବ୍ଲକ କଂଗ୍ରେସ। ମଙ୍ଗଳବାର ଦଳ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସେଠାରେ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧାରଣା ସଭାରେ ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, କିଷାନ ସେଲ ସଭାପତି ପ୍ରଦ୍ୟୁମ୍ନ କିଶୋର ସାହୁ, ଯୁବକଂଗ୍ରେସ ସଭାପତି ସମୀର ସାହୁ, ତାରାକାନ୍ତ ବାଗ, ମନବୋଧ ହରପାଲ, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବ୍ଲକରେ ନିଅଣ୍ଟିଆ ବର୍ଷା ଯୋଗୁଁ ଧାନଚାଷ ନଷ୍ଟହେବାକୁ ବସିଥିବାରୁ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ପାଇଁ ଦାବି କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ସଂକ୍ଷେପରେ

### ବସ ଧକ୍କାରେ ଯବାନ ମୃତ

#### ଆଇଆରବି ୫ମ ବାଟାଲିୟନ କ୍ୟାମ୍ପସରେ ଦୁର୍ଘଟଣା



ବୌଦ୍ଧ,୩୧।୮(ସ୍ୱ.ପ୍ର.): ବୌଦ୍ଧ ସହରର ବଲାସିଙ୍ଗାସ୍ଥିତ ଆଇଆରବି ୫ମ ବାଟାଲିୟନ ପରିସରରେ ବସ ଦୁର୍ଘଟଣାରେ ମଙ୍ଗଳବାର ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ମୃତ ଯବାନ ହେଲେ ଢେଙ୍କାନାଳ ଜିଲାର ସରୋଜ କୁମାର ମାଝୀ। ସୋମବାର ରାତି ପ୍ରାୟ ୧୦ଟାରେ ଅନ୍ୟ ଯବାନଙ୍କ ସହ ସେ ବସ ଯୋଗେ ଡ୍ୟୁଟିରୁ ଫେରିଥିଲେ। ଏହି ସମୟରେ ଡ୍ରାଇଭର ଗାଡି ବ୍ୟାକକରୁଥିବା ବେଳେ ପଛପଟେ ଛିଡା ହୋଇଥିବା ସରୋଜଙ୍କୁ ଧକ୍କା ଦେଇଥିଲା। ଏଥିରେ ସରୋଜ ଗୁରୁତର ହୋଇଥିଲେ। ସାଥୀ ଯବାନମାନେ ତାଙ୍କୁ ତୁରନ୍ତ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଯବାନଙ୍କ ମର ଶରୀର ଆଇଆରବି କ୍ୟାମ୍ପରେ ପହଞ୍ଚିବା ପରେ ଶେଷ ସମ୍ମାନ ପ୍ରଦାନ କରାଯାଇଥିଲା

### ସ୍ୱାମୀ ଗିରଫ, ୩ ସହଯୋଗୀ ଅଟକ

#### ସ୍ତ୍ରୀଙ୍କୁ ଗଳା କାଟି ହତ୍ୟା ଉଦ୍ୟମ ଘଟଣା

କେସିଙ୍ଗା,୩୧।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଧରାମାଲ ଗ୍ରାମରେ ଗତ ରବିବାର ସ୍ତ୍ରୀର ଗଳା କାଟି ସ୍ୱାମୀ ହତ୍ୟା ଉଦ୍ୟମ କରି ଫେରାର ହୋଇଯାଇଥିଲେ। ଫେରାର ସ୍ୱାମୀ ନିହାର ସାହାଣୀଙ୍କୁ କେସିଙ୍ଗା ପୋଲିସ ସମ୍ବଲପୁରରୁ ଗିରଫ କରିଛି। ମଙ୍ଗଳବାର ଏଥିରେ ସମ୍ପୃକ୍ତ ଅନ୍ୟ ୩ ସହଯୋଗୀଙ୍କୁ ପୋଲିସ ଅଟକ ରଖିଛି। ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ୪ଜଣଙ୍କୁ ଧାରାମାଲର ଜଙ୍ଗଲକୁ ନେଇ ତଦନ୍ତ ଜାରି ରଖିଛି।

### ବ୍ଲକ କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ

ଦେଓଗାଁ,୩୧।୮(ଡି.ଏନ.ଏ.): ଦେଓଗାଁ ବ୍ଲକର କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ମୋହନ ମହାଲିଙ୍ଗଙ୍କୁ ଜନୈକ ବ୍ୟକ୍ତି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ମଙ୍ଗଳବାର ବ୍ଲକ କର୍ମଚାରୀ କଲମଛାଡ ଆନ୍ଦୋଳନରେ ବସିଛନ୍ତି। ସହକାରୀ ଯନ୍ତ୍ରୀ ମହାଲିଙ୍ଗଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଆଟ୍ରୋସିଟି ଆକ୍ଟରେ ଏକ ମାମଲା(ନଂ.୧୭୩/୨୧) ରୁଜୁ ହୋଇଛି। ଅପରପକ୍ଷରେ ସମ୍ପୃକ୍ତ ବ୍ୟକ୍ତି ରାମଚନ୍ଦ୍ର ଶତପଥୀ ସହକାରୀ ଯନ୍ତ୍ରୀ ମହାଲିଙ୍ଗଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ.୧୭୪/୨୧) ରୁଜୁ ହୋଇଥିବା ଥାନାଧିକାରୀ ବାମଦେବ ଶଙ୍ଖୁଆଳ କହିଛନ୍ତି। ଗତ ୨୭ ତାରିଖରେ ରାମଚନ୍ଦ୍ର ସହକାରୀ ଯନ୍ତ୍ରୀଙ୍କୁ ବ୍ଲକ ପରିସରରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ବ୍ଲକ କର୍ମଚାରୀ ଧାରଣାରେ ବସିବା ସହ ବିଡିଓ ମୁରଲୀଧର ନାଏକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବିରେ ଦାବିପତ୍ର

ନୂଆପଡ଼ା ଅଫିସ,୩୧।୮: ନୂଆପଡା ଜିଲା କୋମନା ବ୍ଲକ ଜଟଗଡ ପଞ୍ଚାୟତକୁ ମରୁଡି ଘୋଷଣା ଦାବି ତେଜିଛି। ମଙ୍ଗଳବାର ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏ ନେଇ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜଟଗଡ ପଞ୍ଚାୟତରେ ୭ଟି ଗ୍ରାମ ରହିଛି। ଚଳିତବର୍ଷ ସ୍ୱାଭାବିକଠାରୁ କମ ବର୍ଷା ହୋଇଥିବାରୁ ରୁଆ, ବେଉଷଣ କାର୍ଯ୍ୟ ନ ହୋଇ ଧାନ ମରିବାକୁ ବସିଲାଣି । ଜମି ଫାଟି ଆଁ କଲାଣି। ସେହିପରି କପା ଓ ମକା ଚାଷ ରୋଗ ପୋକରେ ନଷ୍ଟ ହେବାରେ ଲାଗିଛି। ଚାଷୀ ଜମିରେ ଗୋରୁ ଛାଡି ଦେଲେଣି। ଚାଷୀଙ୍କଠାରେ କାମଧନ୍ଦା ନ ଥିବାରୁ ଘରେ ବସି ରହିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଜଟଗଡ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ପାଇଁ ଜିଲା ପ୍ରଶାସନଠାରେ ସରପଞ୍ଚ ପ୍ରତିନିଧି ଠାକୁର ଜଗତ, ନରହରି ମାଝି, ଶଙ୍କର ହଂସ, ସୁବୋଧ ସାହୁ, ଘନଶ୍ୟାମ ସାହୁ, ପ୍ରେମାନନ୍ଦ ଗଡତିଆ, ପଦୁ ମାଝି, ଲକ୍ଷ୍ମୀ ମାଝି, ଭୁବନ ମାଝି, ଭଲ ମାଝି, ଘନଶ୍ୟାମ ପ୍ରଧାନ ପ୍ରମୁଖ ଶତାଧିକ ଚାଷୀ ଦାବି କରିଛନ୍ତି।

# ମଦମୁକ୍ତ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

ଭବାନୀପାଟଣା,୩୧।୮(ସ୍ୱ.ପ୍ର.)

ଗ୍ରାମାଞ୍ଚଳରେ ଦିନକୁ ଦିନ ଦେଶୀ ଓ ବିଦେଶୀ ମଦ କାରବାର ବଢିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଗାଁକୁ ମଦମୁକ୍ତ କରିବା ପାଇଁ ଅଣ୍ଟାଭିଡିଛନ୍ତି କଳାହାଣ୍ଡି ଜିଲା ଭବାନୀପାଟଣା ନିକଟ ଲକ୍ଷ୍ମୀପୁର ପଞ୍ଚାୟତ ଶତାଧିକ ମହିଳା। ମଙ୍ଗଳବାର ଗାଁ ମୁଣ୍ଡରେ ଏକ ମଦ ବିରୋଧୀ ସଭା ଆୟୋଜନ କରିବା ସହ ପ୍ରତି ୱାର୍ଡକୁ ଯାଇ ୱାର୍ଡବାସୀଙ୍କୁ ମଦକୁ ଗାଁରେ ନ ପୁରେଇବା ପାଇଁ ସଚେତନ କରିଥିଲେ। ଯଦି ଏହା ପରେ ଗ୍ରାମରେ ମଦ କାରବାର କରାଯାଏ ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ମହିଳା ସଙ୍ଗଠନ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।



ମହିଳାମାନେ ମଦ ବିରୋଧୀରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## କୃଷକ ସଚେତନ ମଞ୍ଚ ବୈଠକ

କୋକସରା,୩୧।୮(ଡି.ଏନ.ଏ.)

କୋକସରା ବ୍ଲକରେ ନିଅାଣ୍ଟିଆ ବର୍ଷା ଯୋଗୁ ଖରିଫ ଧାନ ଚାଷ ପ୍ରଭାବିତ ହୋଇଛି। ବ୍ଲକର ଅନେକ ପଞ୍ଚାୟତରେ ରୁଆ ବେଉଷଣ ଶେଷ ହୋଇନାହିଁ। ମେଗାଲିଫ୍ଟ କେନାଲ କାର୍ଯ୍ୟକ୍ଷମ ହୋଇଥିଲେ ମଧ ବ୍ଲକର ହଜାର ହଜାର ହେକ୍ଟର ଚାଷଜମିରେ ପାଣି ପହଞ୍ଚି ପାରୁନାହିଁ। ବ୍ଲକକୁ ମରୁଡି ଘୋଷଣା ଦାବିରେ ବ୍ଲକ କୃଷକ ସଚେତନ ମଞ୍ଚ ଆବାହକ ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯାଦବ ସମାଜ ସଭାପତି ବିନୋଦ ବିହାରି ରାଉତଙ୍କ ସଭାପତିତ୍ୱରେ ସେପ୍ଟେମ୍ବର ୮ରେ ବ୍ଲକ କୃଷକ ସଚେତନ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୋକସରା ବ୍ଲକକୁ ମରୁଡି ଘୋଷଣା ଦାବିରେ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମିନକେତନ ପ୍ରଧାନୀ, ଜଗବନ୍ଧୁ ମାଝି, ମନୋଜ ନାଏକ, ନାରାୟଣ ପଟ୍ଟନାୟକ, ଧବଳେଶ୍ୱର ନାଗ, ରମେଶ ଦୁର୍ଗା, ଜୟଲଲ ନାଏକ, ଅଶୋକ ଅଗ୍ରୱାଲଙ୍କ ସମେତ ବିଭିନ୍ନ ପଞ୍ଚାୟତର ଚାଷୀ ଉପସ୍ଥିତ ଥିଲେ।

## ପାଉଣା ନ ମିଳିବାରୁ ଧାରଣା

ନୂଆପଡ଼ା ଅଫିସ,୩୧।୮

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି କୋମନା ବ୍ଲକ ପେଣ୍ଡରାବନ ପଞ୍ଚାୟତରେ ଶ୍ରମିକମାନେ ଦୀର୍ଘ ଦିନ ହେଲା ପାଉଣା ପାଇ ନାହାନ୍ତି। ଏଥିନେଇ ମଙ୍ଗଳବାର ସେମାନେ ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ପରେ ବିଡିଓ ସଦାଶିବ ଭତ୍ରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜୟ ମା’ ପରଦେଶେନ ଯୁବକ ସଂଘ ଆହ୍ୱାନକ୍ରମେ ଗରିବ ସେନା ସଙ୍ଗଠନ ସଭାପତି ରବି ମଙ୍ଗରାଜଙ୍କ ନେତୃତ୍ୱରେ ପେଣ୍ଡରାବନ ଗାଁର ବିଦ୍ୟାଳୟଠାରେ ସଭା କରିଥିଲେ। ସେଠାରୁ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଧାରଣାରେ ବସିଥିଲେ। ଧାରଣାସ୍ଥଳକୁ ବିଡିଓ ଆସି ଶ୍ରମିକଙ୍କ ସହ ଆଲୋଚନା କରିଥିଲେ। ନୂଆଁଖାଇ ପୂର୍ବରୁ ପାଉଣା ପ୍ରଦାନ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତି ପୂରଣ ନ ହେଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗରିବ ସେନା ସଭାପତି ମଙ୍ଗରାଜ, ତରୁନ ତାଣ୍ଡି, ମହେନ୍ଦ୍ର ପଟେଲ, ରାଜେଶ ବାଗ, ପରଦେଶେନ ଯୁବକ ସଂଘ ସଭାପତି ହରିଶ୍ଚନ୍ଦ୍ର ମାଝି, ମୁରଲି ପୋଡ, କକୁସଧର ମାଝି, ବଦ୍ରିକା ହଂସ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ମାରଣାସ୍ତ୍ର ଦେଖାଇ ୭ ଲକ୍ଷର କେନ୍ଦୁପତ୍ର ଲୁଟିନେଲ ଦୁର୍ବୃତ୍ତ

କେସିଙ୍ଗା,୩୧।୮(ଡି.ଏନ.ଏ.)

କେସିଙ୍ଗା କେନ୍ଦୁପତ୍ର ବନାଞ୍ଚଳ ହଜାରିପଡା ସେକସନ ଅନ୍ତର୍ଗତ ଏକାତରା କେନ୍ଦୁପତ୍ର ଫଡିରେ ୪୦ ବସ୍ତା କେନ୍ଦୁପତ୍ର ଓ ୩ଟି ବିଡା (ସମୁଦାୟ ୨୪ କୁଇଣ୍ଟାଲ ୧୫ କେଜି)କୁ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଏହାର ମୂଲ୍ୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗୀୟ ଅଧିକାରୀଙ୍କଠାରୁ ପ୍ରକାଶ। ଏ ନେଇ ଏମ୍. ରାମପୁର ଥାନାରେ କେସିଙ୍ଗା ରେଞ୍ଜର ଅଭିଯୋଗ କରିଛନ୍ତି। ୧୨ରୁ ୧୫ଜଣ ଦୁର୍ବୃତ୍ତ ଛୁରୀ, ଖଣ୍ଡା, ପିସ୍ତଲ ଧରି କେନ୍ଦୁପତ୍ର ବାନ୍ଧୁଥିବା ଶ୍ରମିକଙ୍କୁ ଧମକ ଚମକ ଦେଇ ୪୦ ବସ୍ତା ଓ ୩ ବିଡା ଏକ ନମ୍ବର ବିହନ ଟ୍ରକ୍‌ରେ ଲୁଟି ନେଇଥିଲେ। ସେମାନେ ବନ୍ଧେଇ ଶ୍ରମିକଙ୍କଠାରୁ ମୋବାଇଲ ଲୁଟି ନେଇ ସିମ କାଢି ଦେଇଥିଲେ। ଦୁର୍ବୃତ୍ତମାନେ ଚାଲିଯିବା ପରେ ଶ୍ରମିକମାନେ ଫଡିର ମୁନସି କିରଣ ସାହୁଙ୍କ ଘରକୁ ଯାଇ ଫୋନ ମାଧ୍ୟମରେ ଉପରିସ୍ଥ କର୍ମଚାରୀ ଚେକର ଓ ଫରେଷ୍ଟର ଚକ୍ରଧର ଶବରଙ୍କୁ ଜଣାଇଥିଲେ। ଫରେଷ୍ଟର କେସିଙ୍ଗା ବନାଞ୍ଚଳ ଅଧିକାରୀ ଦୈତାରି ନାଏକଙ୍କୁ ଜଣାଇଥିଲେ। କେସିଙ୍ଗା ବନାଞ୍ଚଳ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ମ. ରାମପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଏମ.ରାମପୁର ଥାନାରେ ଏକ ମାମଲା (ନଂ.୧୬୯/୨୧) ରୁଜୁ ହୋଇଛି। ପୋଲିସ ପତ୍ର ବନ୍ଧାଳି ଶ୍ରମିକଙ୍କୁ ପଚରାଉଚୁରା କରିଛି। ସନ୍ଦେହରେ ୨ କେନ୍ଦୁପତ୍ର ବନ୍ଧାଳିଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ମେଗା ଜଳସେଚନ ପ୍ରକଳ୍ପରେ ସାମିଲ ଦାବି

ବାଉଁଶୁଣୀ/ବୌଦ୍ଧ,୩୧।୮ (ଡି.ଏନ.ଏ/ସ୍ୱ.ପ୍ର.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତର ବୁକୁରାମୁଣ୍ଡା ମୌଜାକୁ ମେଗା ଜଳସେଚନ ପ୍ରକଳ୍ପରେ ସାମିଲ ପାଇଁ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଅବସରରେ ସେମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

କଣ୍ଟାମାଳ ବ୍ଲକରେ ଚାରୋଟି ମେଗା ଜଳସେଚନ ପ୍ରକଳ୍ପ ହେବାକୁ ଯାଉଛି। ଅଞ୍ଚଳରେ ମରୁଡି ସମସ୍ୟା ଦୂର ପାଇଁ ଏହି ପ୍ରକଳ୍ପ କାମ ଆରମ୍ଭ ହୋଇଛି। ସେଥିରୁ ଗୋଟିଏ ମେଗା ପ୍ରକଳ୍ପ ଗୁଡ଼ଭେଲିପଦରକକକରେ କରାଯାଉଛି। ଫଳରେ ଏହି ପଞ୍ଚାୟତର ପ୍ରାୟ ସମସ୍ତ ଗ୍ରାମରେ ଜଳସେଚନ ସୁବିଧା ହେବ। କିନ୍ତୁ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ।

ଗୁଡଭେଲିପଦର ପଞ୍ଚାୟତ ବୁକୁରାମୁଣ୍ଡା ଗ୍ରାମବାସୀ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ପାଖ ଗ୍ରାମରେ ପ୍ରକଳ୍ପ ପାଇଁ ପାଇପ ବିଛା ଯାଉଛି। ତେବେ ମରୁଡି ପ୍ରପୀଡ଼ିତ ଗ୍ରାମ ବୁକୁରାମୁଣ୍ଡାକୁ କାହିଁକି ଜଳସେଚନ ସୁବିଧାରୁ ବଞ୍ଚିତ କରାଯିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଗ୍ରାମକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ସେମାନେ ବିଧାୟକ ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଗ୍ରାମକୁ ମେଗା ପ୍ରୋଜେକ୍ଟରେ ସାମିଲ କରା ନ ଯାଏ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟବର୍ଜନ ପାଇଁ ବୁକୁରାମୁଣ୍ଡା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘେରିଲେ ମହିଳା

ବାଉଁଶୁଣୀ,୩୧।୮(ଡି.ଏନ.ଏ.)

ପୋଖରୀ ନିଲାମ କାର୍ଯ୍ୟକୁ ନେଇ ମଙ୍ଗଳବାର ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ପଞ୍ଚାୟତ କାର୍ଯ୍ୟାଳୟଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ବସନ୍ତ କର୍ଣ୍ଣଙ୍କ ଉପରେ ଗ୍ରାମ ପଞ୍ଚାୟତବାସୀଙ୍କ ପୁଞ୍ଜୀଭୂତ ଅସନ୍ତୋଷ ଉଗ୍ର ରୂପ ଧାରଣ କରିଥିଲା। ସ୍ଥାନୀୟ ଜନସାଧାରଣ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବିଭିନ୍ନ ପ୍ରଶ୍ନ ବାଣରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଘାଇଲା କରିବା ସହ ଦୀର୍ଘ ସମୟ ଘେରାଉ କରିଥିବା ଖବର ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚାୟତ



ମହିଳା ଓ ଗ୍ରାମବାସୀ ଇଓଙ୍କୁ ଘେରିଛନ୍ତି ।

ଅନ୍ତର୍ଗତ ପୋଖରୀଗୁଡିକର ନିଲାମ ପାଇଁ କଣ୍ଟାମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ତରଫରୁ ନୋଟିସ ଜାରି କରାଯାଇଥିଲା। ତଦନୁଯାୟୀ ଶୁଣ୍ଠିପଦର ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଭିନ୍ନ ଗ୍ରାମରୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସମେତ ସାଧାରଣ ଜନତା ଉପସ୍ଥିତ ଥିଲେ। ମାତ୍ର ନିଲାମ କାର୍ଯ୍ୟ ଅନ୍ୟତ୍ର କରାଯିବାକୁ ମହିଳାମାନେ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଗତ ୫ ବର୍ଷରେ କୌଣସି ପୋଖରୀର ଉନ୍ନତୀକରଣ ହୋଇନାହିଁ। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ପୋଖରୀଗୁଡିକ ଶୁଖିଲା ଅବସ୍ଥାରେ ରହିଛି। ଏ ସବୁ ସତ୍ତ୍ୱେ କାହିଁକି ପୋଖରୀଗୁଡିକର ନିଲାମ ଧାର୍ଯ୍ୟ ବୃଦ୍ଧି ହେଲା ବୋଲି ପ୍ରଶ୍ନ କରିଥିଲେ। ସେହିପରି ମିଶନ ଶକ୍ତି ଓ କୃଷି କର୍ମଚାରୀଙ୍କ କାର୍ଯ୍ୟାଳୟ ଗୃହ ପଞ୍ଚାୟତ ସଦର ମହକୁମାରେ କରା ନ ଯାଇ ବାରଡୋଲ ଗ୍ରାମରେ କାହା ନିର୍ଦ୍ଦେଶରେ କରାଗଲା ବୋଲି ପ୍ରଶ୍ନ କରିଥିଲେ। ଏଥିସହିତ ବିଭିନ୍ନ ଉନ୍ନୟନ କାମରେ ହୋଇଥିବା ଦୁର୍ନୀତି ଓ ସମସ୍ୟାର ସମାଧାନ ଲାଗି ଉପରିସ୍ଥ ଅଧିକାରୀ ଆସି ଏଠାରେ ଆଲୋଚନା ନ କରିବା ପର୍ଯ୍ୟନ୍ତ ନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ଘେରାଉ କରି ଅଟକ ରଖିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
1. Diploma / B.Tech Civil (Fresh/Exp.) - 4 Nos.
2. Graduate - 40 Nos.
CONTACT
8917209279
7873563668

WANTED
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି (ଭଲ ବେତନ, ଭଲ ସୁବିଧା । ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସ୍‌ମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିବା ପାଇଁ 10th/+2, ITI Diploma Qualification ଥିବା Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
For Apply Contact
7894509327

RMC PVT. LTD.
A well established construction company in Bhubaneswar urgently requires.
1. ACCOUNTS MANAGER (B.Com.): 3-5 years experience.
2. ACCOUNTANT (B.Com.): 2-5 years experience.
3. DEGREE ENGINEER (Civil): 12 years experience.
4. DEGREE ENGINEER (Electrical): 5-10 years experience.
5. DIPLOMA ENGINEER: 5-10 years experience.
6. MARKETING MANAGER (MBA): 5-10 years experience.
7. SUPERVISOR:5-10 years exp.
Contact: 9337469627 6371761144
E-mail: rmcpl.hr@gmail.com

URGENT REQUIRED
ନିଜ ଜିଲ୍ଲାରେ Office Job, ରହିବା, ଖାଇବା ଦିଆଯିବ। Salary 27,000/–, Qua.– 7th to 10th & above.
Contact:
8144204606

ADMIN HEAD, PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, RECOVERY AGENT, SUPERVISOR, TELE-CALLER, DRIVER
FOR PRE-CAST MANUFACTURING UNIT
TWO-WHEELER MUST; ALL ODISHA
CONTACT: 8328824805/7008189146

APPOINTMENT
We are a leading Organization in the field of Import Export Business requires the below professionals urgently.
1. Sales Executive. (Male)
Qualification – Graduate in any discipline.
Experience – 02 years experience in retail sales with computer knowledge. Candidate having knowledge in four wheeler driving will be preferred.
2. Office boy-cum-Driver. (Male)
Qualification - +2 in any discipline & above.
Experience – 02 year experience in similar field.
3. Care taker. (Female) (In MD's Residence at Bhubaneswar)
Qualification - +2 in any discipline or Diploma in Hotel Management (Housekeeping).
Experience/ Training in similar field will be preferred.
Accommodation will provide for Post No.1 & 2.
Contact us before dt.03/09/2021 :
E-mail: paradipexports2020@gmail.com
Mobile 7608869899

ZILLA SWASTHYA SAMITI, NUAPADA
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA, DPMU, NHM
E-mail: nhmnupada@gmail.com, Phone: (06678) 223346
Adv. No. 4896/DPMU/NHM/21 Date: 27.08.2021
WALK IN INTERVIEW FOR IN HOUSE REPOSITIONING
No. E-384: Walk in Interview will be conducted for the Contractual Employee of NHM working in the same post under the OSH & FW society in other district to fill up the different vacant posts under NHM. Interested eligible candidates can download the detailed of post wise vacancy & application format from www.nuapada.nic.in and may attend in the Office of the CDM & PHO, Nuapada on dated 07.09.2021 from 10.30 A.M. to 12.30 P.M. along with all required documents. No application will be received beyond the schduled time. The undersigned reserves the right to cancel any or all the applications/positions at any stage without assigning any reason thereof. The advertisement No. 4354/DPMU/NHM/2021 Dated 30.07.21 for in-house repositioning is hereby cancelled due to unavoidable circumstances.
Sd./- Chief District Medical & Public Health Officer-cum-District Mission Director, NHM, Nuapada
OIPR-10055/11/0015/2122